


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-131 ◆FRIDAY ◆7 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୩୧ ◆ଶୁକ୍ରବାର ◆୭ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ବିହାର ନିର୍ବାଚନ

# ୭୩ ବର୍ଷରେ ସର୍ବାଧିକ ମତଦାନ

### ପ୍ରଥମ ପର୍ଯ୍ୟାୟରେ ୬୪.୬୬ % ଭୋଟ୍



■ **ପାଟନା, ୬।୧୧ (ଏଜେନ୍ସି):** ବିହାର ବିଧାନସଭା ପାଇଁ ପ୍ରଥମ ପର୍ଯ୍ୟାୟ ମତଦାନ ଆଜି ଶେଷ ହୋଇଛି। ୩ କୋଟି ୭୫ ଲକ୍ଷ ମତଦାତାଙ୍କ ମଧ୍ୟରୁ ୬୪.୬୬ ପ୍ରତିଶତ ଭୋଟର ସନ୍ଧ୍ୟା ସୁଦ୍ଧା ମତଦାନ କରିଛନ୍ତି। ଏହା ୨୦୨୦ ନିର୍ବାଚନ ତୁଳନାରେ ୮.୯୮ ପ୍ରତିଶତ ଅଧିକ। ୨୦୨୦ରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ୫୫.୬୮ ପ୍ରତିଶତ ମତଦାନ ହୋଇଥିଲା। ଏହାସହିତ ୨୪୩ ସଭ୍ୟ ବିଶିଷ୍ଟ ରାଜ୍ୟ ବିଧାନସଭାର ୧୨୧ଟି ଆସନରେ ୧୩୧୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଆସନ୍ତା ୧୧ ତାରିଖରେ ହେବ। ଏଥିପାଇଁ ପ୍ରଚାର ଅଭିଯାନ ଜୋରଦାର ଚାଲିଛି।

ନିର୍ବାଚନ କମିସନଙ୍କ ସୂତ୍ରରୁ ପ୍ରକାଶ ଯେ ୬୪.୬୬ ପ୍ରତିଶତ ମତଦାନ ହେଉଛି ବିହାର ନିର୍ବାଚନ ଇତିହାସ(୭୩ବର୍ଷ)ରେ ସର୍ବାଧିକ। ଏହାପୂର୍ବରୁ ୨୦୦୦ରେ ବିଧାନସଭା ନିର୍ବାଚନରେ ସର୍ବାଧିକ ୬୨.୫୭ ପ୍ରତିଶତ ମତଦାନ ହୋଇଥିବା ବେଳେ ୧୯୯୮ ଲୋକସଭା ନିର୍ବାଚନରେ ୬୪.୬ ପ୍ରତିଶତ ମତଦାନ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାବି କରିଛନ୍ତି ଯେ ଏତେ ଅଧିକ ହାରରେ ମତଦାନ ସୂଚାଉଛି ଯେ ଏନ୍‌ଡିଏକୁ ବିପୁଳ ସଫଳତା ମିଳିବ। ଅନ୍ୟପକ୍ଷରେ ପ୍ରଶାନ୍ତ କିଶୋର କହିଛନ୍ତି ଯେ ଅଧିକ ମତଦାନ ସରକାର ପରିବର୍ତ୍ତନର ଆଭାସ ଦେଉଛି। ଏଥର ନିର୍ବାଚନରେ ମହିଳାମାନେ ଅଧିକ ସଂଖ୍ୟାରେ ଭୋଟ୍ ଦେଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଗତ ୨୦୨୦ରେ ହୋଇଥିବା ନିର୍ବାଚନରେ ଏହି ୧୨୧ ଆସନ ମଧ୍ୟରୁ ଆରଜେଡି ମେଣ୍ଟକୁ ୬୩ ଆସନ ମିଳିଥିବା ବେଳେ ବିଜେପି ମେଣ୍ଟକୁ ମିଳିଥିଲା ୫୫ ଆସନ।

ପ୍ରଥମ ପର୍ଯ୍ୟାୟ ମତଦାନରେ ଆଜି ସକାଳୁ ମତଦାନ କେନ୍ଦ୍ରମାନଙ୍କରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଆର୍‌ଜେଡି ନେତା ଲାଲୁ ପ୍ରସାଦ ଯାଦବ, ତେଜସ୍ୱୀ ଯାଦବ, ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏବଂ କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ ପ୍ରମୁଖ ମତଦାନ କେନ୍ଦ୍ର ଯାଇ ଭୋଟ ଦେଇଥିବା 'ଏକ୍ସ'ରେ ସେୟାର କରିଛନ୍ତି। ଆଜିର ମତଦାନ ମୋଟାମୋଟି ରୂପେ ଶାନ୍ତିପୂର୍ଣ୍ଣ ରହିଛି। ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନାଙ୍କ ଗାଡ଼ି ଉପାରେ ଆକ୍ରମଣ ଘଟଣାକୁ ଛାଡ଼ିଦେଲେ କୌଣସି ସ୍ଥାନରେ ବଡ଼ ଧରଣର ହିଂସାକାଣ୍ଡ ଘଟିନାହିଁ।

ରାଜ୍ୟରେ ଏଥର ନିର୍ବାଚନରେ ମୁଖ୍ୟ ମୁକାବିଲା ଏନ୍‌ଡିଏ ଏବଂ ଇଣ୍ଡିଆ ମେଣ୍ଟ ମଧ୍ୟରେ ହେଉଛି। ବେକାରୀ ସମସ୍ୟା, ଦୁର୍ନୀତି, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ ରହିଛି। ବିହାରରେ ବିବାଦୀୟ ଏସ୍‌ଆଇଆର୍ ପରେ ପ୍ରଥମ ଥର ଲାଗି ମତଦାନ ହେଉଛି। ଏହି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ୬୫ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଛି। ଏଥିମଧ୍ୟରେ ଅନେକ ଭୋଟରଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ କେତେକ ଅନ୍ୟ ରାଜ୍ୟକୁ ଚାଲିଯାଇଛନ୍ତି ବୋଲି ନିର୍ବାଚନ କମିସନ କହିଛନ୍ତି। ▶ପୃଷ୍ଠା-୭

# ଘାଟି ଚଢୁଚଢୁ ଜଳିଗଲା ବସ୍

### ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



■ **ପଟାଙ୍ଗି, ୬।୧୧ (ସମିସ):** ଆନ୍ଧ୍ରର ବିଜୟନଗରରୁ ଓଡ଼ିଶା ଆସୁଥିବା ଏକ ଓଏସ୍‌ଆର୍‌ଟିସି ବସ୍‌ରେ ନିଆଁ ଲାଗି ଜଳିଯାଇଛି। ଇଞ୍ଜିନ୍ ନିକଟରେ ସର୍ଟସର୍କିଟ୍ ହୋଇ ଏହି ଅଘଟଣ ଘଟିଛି। ତେବେ ସୌଭାଗ୍ୟକୁ ବସ୍ ଚାଳକ ଗାଡ଼ିକୁ ରାସ୍ତାପାର୍ଶ୍ୱରେ ଅଟକାଇ ଦେବାରୁ ବସ୍‌ରେ ଥିବା ଯାତ୍ରୀମାନଙ୍କ ଜୀବନ ରକ୍ଷା ପାଇଯାଇଛି।


ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୫ଟାରେ ଓଏସ୍‌ଆର୍‌ଟିସିର ଏକ ବସ୍ (ଓଡି ୧୦ ଏସ୍ ୬୭୫୪) ଆନ୍ଧ୍ରପ୍ରଦେଶର ବିଜୟନଗର ଡିପୋରୁ ଯାତ୍ରୀଙ୍କୁ ଧରି ଜୟପୁର ଅଭିମୁଖେ ଆସୁଥିଲା। ସକାଳ ପ୍ରାୟ ସାଢ଼େ ୭ଟାରେ ▶ପୃଷ୍ଠା-୭

## ଓଡ଼ିଆ ଝିଅ ହେଲେ ଝାଡ଼ଖଣ୍ଡ ପୁଲିସ ଡିଜି



■ **ରାଞ୍ଚି, ୬।୧୧ (ଏଜେନ୍ସି):** ଓଡ଼ିଆ ଝିଅ ତଥା ବରିଷ୍ଠ ଆଇପିଏସ୍ ଅଧିକାରୀ ତଦାଶା ମିଶ୍ରଙ୍କୁ ଝାଡ଼ଖଣ୍ଡର ପୁଲିସ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ପୁଲିସ ଡିଜି ପଦରେ ନିଯୁକ୍ତ ହେବାରେ ସେ ହେଉଛନ୍ତି ପ୍ରଥମ ମହିଳା ଅଧିକାରୀ। ଡିଜି ପଦରୁ ଅନୁରାଗ ଗୁପ୍ତା ଇସ୍ତଫା ଦେବାପରେ ତାଙ୍କ ସ୍ଥାନରେ ଶ୍ରୀମତୀ ମିଶ୍ରଙ୍କୁ ଏହି ▶ପୃଷ୍ଠା-୭

# ଆଜି ନୂଆପଡ଼ାରେ ନବୀନ ଶୋ'



**ସକାଳେ ୨ ଏନ୍‌ଏସିରେ ୬ ପଥପ୍ରାନ୍ତ ସଭା**

**ଅପରାହ୍ଣରେ ପାରକୋଡ଼ରେ ଜନସମାବେଶ**

■ **ନୂଆପଡ଼ା, ୬।୧୧ (ସମିସ):** ଆସନ୍ତାକାଲି ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ପ୍ରଚାର ନିମନ୍ତେ ଦ୍ୱିତୀୟବାର ନୂଆପଡ଼ା ଆସିବେ ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ନୂଆପଡ଼ା ନିର୍ବାଚନମଣ୍ଡଳୀର ନୂଆପଡ଼ାରୁ ଖରିଆର୍ ରୋଡ୍ ପର୍ଯ୍ୟନ୍ତ ଏକ ବିଶାଳ ରୋଡ୍ ଶୋ'ରେ ଯୋଗ ଦେବେ ବୋଲି ନିଜେ ନବୀନ ଦିନକ ତଳେ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ଖରିଆର ରୋଡ୍ ଥାନା ନିକଟରେ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ନବୀନ ୧୧ଟା ୪୦ରୁ ରୋଡ୍ ଶୋ' ଆରମ୍ଭ କରିବେ। ଦାଗା ଛକ, ବିଜୁ ପଟ୍ଟନାୟକ ଛକ, ଲଖମାନିଆ ପେଟ୍ରୋଲ ପମ୍ପ ଛକ ନିକଟରେ ଜନସମାବେଶକୁ ଉଦ୍‌ବୋଧନ ଦେବେ। ଏହାପରେ ନୂଆପଡ଼ା ଏନ୍‌ଏସି ଅନ୍ତର୍ଗତ ସୂର୍ଯ୍ୟନଗର ଛକ, ଗାୟତ୍ରୀ ମନ୍ଦିର ଛକ, ଏକତା ଛକରେ ମଧ୍ୟ ଅନୁରୂପ ସମାବେଶରେ ନବୀନ ଉଦ୍‌ବୋଧନ ଦେବେ। ସେହିପରି ଅପରାହ୍ଣରେ ନବୀନ ପାରକୋଡ୍ ନିକଟରେ ଏକ ବିଶାଳ ଜନସମାବେଶକୁ ସମ୍ବୋଧିତ କରିବେ ବୋଲି ତାଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଗତ ୩ ତାରିଖରେ ନବୀନ ନୂଆପଡ଼ା ଗସ୍ତ ସମୟରେ ଶାସକ ଦଳକୁ ଶାଣିତ ଆକ୍ରମଣ କରିଥିଲେ। ରାଜ୍ୟ ସରକାରଙ୍କୁ 'ନେମ୍ ଚେଞ୍ଜର୍' ଓ 'ରଙ୍ଗବଦଳା' ବୋଲି ଉଲ୍ଲେଖ କରି ଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟବାସୀଙ୍କୁ କରାଯାଇଥିବା ପ୍ରତାରଣାକୁ ଗୋଟିଗୋଟି ଗଣିଥିଲେ। ନବୀନଙ୍କ ଏହି ଆକ୍ରମଣାତ୍ମକ ମୁଦ୍ରା ନୂଆପଡ଼ାବାସୀଙ୍କୁ ବେଶ୍ ପ୍ରଭାବିତ କରିଥିବା ବିଜେଡି ମନେକରୁଛି। ନବୀନଙ୍କ ଗସ୍ତ ନୂଆପଡ଼ା ନିର୍ବାଚନରେ ନିର୍ଣ୍ଣାୟକ ହେବ ବୋଲି ମଧ୍ୟ ବିଭିନ୍ନ ରାଜନୈତିକ ସମୀକ୍ଷକମାନେ ମନେକରୁଛନ୍ତି। ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ନବୀନଙ୍କ ଗସ୍ତ ଉପରେ ସମସ୍ତଙ୍କର ନଜର।

# ଉତ୍ତରାଖଣ୍ଡରେ ରାୟଗଡ଼ା ଯୁବତୀଙ୍କୁ ବୀଭତ୍ସ ହତ୍ୟା

### ଘର ମାଲିକ ପୁଅ ଗିରଫ



■ **ରାୟଗଡ଼ା, ୬।୧୧(ସମିସ):** ଉତ୍ତରାଖଣ୍ଡରେ ଓଡ଼ିଆ ଯୁବତୀଙ୍କୁ ବୀଭତ୍ସ ହତ୍ୟା। ମୃତ ଯୁବତୀଜଣଙ୍କ ହେଲେ, ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁର ସହରର ସୃଷ୍ଟି ଶର୍ମା(୨୩)। ପୁଲିସ ସେଠାକାର ଏକ ନଦୀରୁ ତାଙ୍କ ଶବ ଉଦ୍ଧାର କରିଛି। ଏହି ଘଟଣାରେ ପୁଲିସ୍ ସୃଷ୍ଟ ଭଡ଼ାରେ ରହୁଥିବା ଘର ମାଲିକର ପୁଅକୁ ଗିରଫ କରିଛି। ସେ ହେଲା, ଅମିତ ସିଂହ। ସୃଷ୍ଟିଙ୍କୁ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ପାଇଁ ସେ ଶବକୁ ଚାଦରରେ ଗୁଡ଼ାଇ ସେଥିରେ ଇଟା, ପଥର ▶ପୃଷ୍ଠା-୭

## ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ରିପୋର୍ଟ

# ବେତନ ଓ ପେନ୍‌ସନରେ ଯାଉଛି ବଜେଟର ୬୨%


**ବିକାଶ ପ୍ରକଳ୍ପ ପାଇଁ ଖର୍ଚ୍ଚ କରିବାକୁ ପଇସା ନାହିଁ**

**ରାଜ୍ୟର ସ୍ଥିତିକୁ ଦୁର୍ବଳ କରୁଛି ମାଗଣା ସହାୟତା**




■ **ନୂଆଦିଲ୍ଲୀ, ୬।୧୧ (ଏଜେନ୍ସି):** ସମ୍ପ୍ରତି ରାଜ୍ୟଗୁଡ଼ିକ ଏକ ଗମ୍ଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଏହି ଅର୍ଥାଭାବ ସ୍ଥିତି ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ବିକାଶ କାର୍ଯ୍ୟକ୍ରମ ପାଇଁ ପାଣ୍ଠି ଯୋଗାଇବାର କ୍ଷମତାକୁ ପ୍ରଭାବିତ କରିଛି। କେବଳ ଦରମା ଓ ପେନସନ ବାବଦରେ ରାଜ୍ୟଗୁଡ଼ିକ ବଜେଟ୍‌ର ୬୨% ବ୍ୟୟ କରୁଛନ୍ତି। ପିଆର୍‌ଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ପକ୍ଷରୁ ପ୍ରକାଶିତ ଷ୍ଟେଟ୍ ଅଫ୍ ଷ୍ଟେଟ୍ ଫାଇନାନ୍ସ ୨୦୨୫ ଶୀର୍ଷକ ରିପୋର୍ଟରେ ଏହା କୁହାଯାଇଛି।

ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବଜେଟ୍ ଡକ୍ୟୁମେଣ୍ଟ, ଅଡିଟ୍ ଆକାଉଣ୍ଟରୁ ତଥ୍ୟ ଆଧାରରେ ପ୍ରସ୍ତୁତ ଏହି ରିପୋର୍ଟରେ କୁହାଯାଇଛି ଯେ ଆର୍ଥିକବର୍ଷ ୨୦୨୪ରେ ଦେଶର ବିଭିନ୍ନ ରାଜ୍ୟଗୁଡ଼ିକ ରାଜସ୍ୱ ଆୟର ୫୩% ପ୍ରତିଶତ ଅର୍ଥ କେବଳ ଦରମା, ପେନସନ ଏବଂ ସୁଧ ଦେୟ ବାବଦ ଖର୍ଚ୍ଚ ହୋଇଛି। ପଞ୍ଜାବ ଭଳି ରାଜ୍ୟରେ ନିଜସ୍ୱ ରାଜସ୍ୱର ୧୦୭% ଅଧିକ ଖର୍ଚ୍ଚ କେବଳ ଏହି କ୍ଷେତ୍ରରେ ବ୍ୟୟ କରିଛି। ସେହିପରି ହିମାଚଳ ପ୍ରଦେଶ (୮୫ ପ୍ରତିଶତ), ତାମିଲନାଡୁ (୭୭ ପ୍ରତିଶତ), କେରଳ (୭୫ ପ୍ରତିଶତ) ଏବଂ ହରିୟାଣା (୭୧ ପ୍ରତିଶତ) ରହିଛି। ରିପୋର୍ଟରେ ଆହୁରିମଧ କୁହାଯାଇଛି ଯେ ▶ପୃଷ୍ଠା-୭




# ପ୍ରଥମ ପ୍ରୟାସରେ ରିକ୍ସାବାଲାଙ୍କ ପୁଅ ଆଇଏଏସ୍



ନୂଆଦିଲ୍ଲୀ, ୬ ।୧୧(ଏଜେନ୍ସି): ରିକ୍ସାବାଲାଙ୍କ ପୁଅ ହୋଇଥିଲେ ମଧ୍ୟ ପ୍ରଥମ ପ୍ରୟାସରେ ୟୁନିୟନ ପବ୍ଲିକ ସର୍ଭିସ କମିସନ (ୟୁପିଏସ୍‌ସି) ପରୀକ୍ଷାରେ ସଫଳତା ହାସଲ କରି ଆଇଏଏସ୍ ପାଇଛନ୍ତି ଗୋବିନ୍ଦ ଜୟସ୍ୱାଲ। ସେ ଉତ୍ତରପ୍ରଦେଶର ବାରଣାସୀରେ ଅତି ଦରିଦ୍ର ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଦାରିଦ୍ର୍ୟ ତଥା ଆର୍ଥିକ ଅନଟନ ତାଙ୍କ ସ୍ୱପ୍ନକୁ ପୂରଣ କରିବାରେ ବାଧକ ସାଜି ନଥିଲା। ଦୃଢ଼ ଇଚ୍ଛାଶକ୍ତି, ଅଧ୍ୟବସାୟ ଓ କଠିନ ପରିଶ୍ରମ ବଳରେ ମଣିଷ ସବୁକିଛି ହାସଲ କରିପାରିବ ବୋଲି ସେ ପ୍ରମାଣ କରିଥିଲେ। ନିକଟରେ ଏକ ସାକ୍ଷାତକାର ଦେବା ଅବସରରେ ଗୋବିନ୍ଦ ନିଜର ସଂଘର୍ଷ କାହାଣୀ ବଖାଣିଛନ୍ତି। ଯଦି ମୁଁ ଆଇଏଏସ୍ ପାଇଛି, ତେବେ ସମସ୍ତେ ମଧ୍ୟ ପାଇପାରିବେ। କୌଣସି ପ୍ରକାର ସ୍ଥିତିରେ ଖରାପ ପରିସ୍ଥିତିର ଦୋଷ ଦେବା ଉଚିତ୍ ନୁହଁ ବୋଲି ସେ କହିଛନ୍ତି। ଏବେ ସେ ଭାରତ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗରେ ଯୁଗ୍ମ ସଚିବ ପଦରେ କାର୍ଯ୍ୟ କରୁଛନ୍ତି।

ବାପା ନାରାୟଣ ଜୟସ୍ୱାଲ ରିକ୍ସା ଟାଣନ୍ତି। ମା'ଙ୍କ ଚିକିତ୍ସା କାରଣରୁ ପରିବାର ଆର୍ଥିକ ସ୍ଥିତି ଖରାପ ହୋଇଯାଇଥିଲା। ଗୋବିନ୍ଦ ୭ମ ଶ୍ରେଣୀରେ ପଢୁଥିବା ବେଳେ ବ୍ରେନ ହାମରେଜ କାରଣରୁ ମା'ଙ୍କ ଦେହାନ୍ତ ହୋଇଥିଲା। ଫଳରେ ସ୍ଥିତି ଆହୁରି ଖରାପ୍ ହୋଇଥିଲା। ଲୋକ ଗୋବିନ୍ଦଙ୍କୁ ଏହି ସ୍ଥିତିରେ ପରିହାସ କରି ବିଭିନ୍ନ ମନ୍ତବ୍ୟ ଦେଉଥିଲେ। ବାପାଙ୍କ ଭଳି ରିକ୍ସା ଟାଣିବାକୁ ଓ ଭଉଣୀମାନଙ୍କ ପର ଘରେ ବାସନ ମାଜିବାକୁ ଲୋକେ ତାଙ୍କୁ ତାଚ୍ଛଲ୍ୟ କରି କହୁଥିଲେ। ଗୋବିନ୍ଦ ଏ ସବୁ ଚୁପ୍‌ଚାପ ଶୁଣି ସହିଯାଉଥିଲେ। କିନ୍ତୁ ନିଜ ଶୈଳୀରେ ସେ ସମସ୍ତଙ୍କୁ ଉଚିତ ଜବାବ ଦେବେ ବୋଲି ମନେମନେ ସ୍ଥିର କରି ନେଇଥିଲେ। ଅଭାବ ଅସୁବିଧା ସତ୍ତ୍ୱେ ନାରାୟଣ କେବେବି ପୁଅ ଓ ୩ ଝିଅଙ୍କ ପାଠ ପଢ଼ାରେ ଅବହେଳା କରିନାହାନ୍ତି। ପାଠ ଓ ଜ୍ଞାନ ବଳରେ ପୁଅ ଓ ଝିଅଙ୍କ ଜୀବନ ସାର୍ଥକ ହେବ ବୋଲି ସେ ଭଲଭାବେ ଅବଗତ ଥିଲେ। ନିଜ ୪ ପିଲାଙ୍କୁ ପଢ଼ାଇବା ପାଇ ସେ ସବୁ ପ୍ରକାର ପ୍ରୟାସ କରିଥିଲେ। କୌଣସି ପ୍ରକାର ଗୋବିନ୍ଦ ଓ ତାଙ୍କ ୩ ଭଉଣୀ ଗ୍ରାଜୁଏସନ କରିଥିଲେ। ପିଲାଟି ବେଳୁ ଗୋବିନ୍ଦ ୟୁପିଏସ୍‌ସି ସିଭିଲ ସର୍ଭିସ ସେବା ପରୀକ୍ଷା ପାଇଁ ପ୍ରସ୍ତୁତି କରିବା ସହ ଆଇଏଏସ୍ ହେବେ ବୋଲି ସ୍ୱପ୍ନ ଦେଖୁଥିଲେ। ସେ ରିକ୍ସାବାଲାଙ୍କ ପୁଅ ବୋଲି ଜାଣିପାରି ତାଙ୍କ ସାଙ୍ଗଙ୍କ ପରବାର ଲୋକେ ମଧ୍ୟ ତାଙ୍କୁ ଏକାଧିକବାର ଖରାପ ବ୍ୟବହାର କରିଥିଲେ। ସମସ୍ତଙ୍କ କଡ଼ା ଜବାବ ଦେବେ ବୋଲି ସେ ସ୍ଥିର କରିନେଇଥିଲେ। କିନ୍ତୁ ଆଇଏଏସ ହେବାର ରାସ୍ତା ଆଦୌ ସହଜ ନଥିଲା। କୌଣସି କାରଣରୁ ଆହତ ହେବା ପରେ ନାରାୟଣ ଆଉ ରିକ୍ସା ଚଳାଇପାରି ନଥିଲେ। ତେଣୁ ସେ ଜମି ବିକ୍ରି କରି ଗୋବିନ୍ଦଙ୍କୁ ଦିଲ୍ଲୀ ପଠାଇଥିଲେ। ଅର୍ଥାଭାବ କାରଣରୁ ଗୋବିନ୍ଦ ଦିଲ୍ଲୀରେ ଟ୍ୟୁସନ କରି ନିଜେ ପାଠ ପଢ଼ିବା ସହ ନିଜ ପରିବାରକୁ ଟଙ୍କା ପଠାଉଥିଲେ। ସେ ମଧ୍ୟ ଗୋଟିଏ ଓଳି ଖାଇବା ଛାଡି ଦେଇଥିଲେ। ୨୦୦୬ରେ ସେ ପ୍ରଥମଥର ପାଇଁ ଆଇଏସ୍ ପରୀକ୍ଷା ଦେଇଥିଲେ ଓ କୃତକାର୍ଯ୍ୟ ହୋଇଥିଲେ। ସର୍ବଭାରତୀୟ ମାନ୍ୟତାରେ ସେ ୪୮ ତମ ସ୍ଥାନ ଅଧିକାର କରିଥିଲେ।

## ଫିଲିପାଇନ୍ସରେ ବାତ୍ୟା; ୧୧୪ ମୃତ

ମାନିଲା, ୬ ।୧୧(ଏଜେନ୍ସି): ଫିଲିପାଇନ୍ସରେ ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ ଜୁନିଅର ଗୁରୁବାର ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରିଛନ୍ତି। ବାତ୍ୟା କାଲମାଗୀ ଯୋଗୁଁ ଦେଶରେ ୧୧୪ ଜଣ ଲୋକ ମୃତ୍ୟୁବରଣ କରିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ବାତ୍ୟା କାରଣରୁ ହୋଇଥିବା ବିପର୍ଯ୍ୟୟ ପରିଚାଳନା ବୈଠକରେ ମାର୍କୋସ ଏହି ଘୋଷଣା କରିଥିଲେ। ଚଳିତବର୍ଷ କାଲମାନୀ ଦେଶରେ ସର୍ବବୃହତ ପ୍ରାକୃତିକ ବିପର୍ଯ୍ୟୟ ଭାବେ ପରିଗଣିତ ହେଉଛି। ଅଧିକାଂଶ ଲୋକ ଅଚାନକ ଆସିଥିବା ବନ୍ୟାରେ ବୁଡିବା ଯୋଗୁଁ ମୃତ୍ୟୁବରଣ କରିଥିଲେ। ଏବେ ମଧ୍ୟ ୧୨୭ ଜଣ ଲୋକ ନିଖୋଜ ଅଛନ୍ତି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ଏମାନଙ୍କ ମଧ୍ୟରେ ଅଧିକାଂଶ ଲୋକ ସବୁ ପ୍ରଦେଶର ବୋଲି କୁହାଯାଇଛି। ଏହି ବାତ୍ୟାରେ ପାଖାପାଖି ୨୦ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫.୬ ଲକ୍ଷ ଲୋକଙ୍କୁ ଘର ଛାଡିବାକୁ ପଡ଼ିଥିଲା। ଏବେ ୪.୫ ଲକ୍ଷ ଲୋକ ରିଲିଫ୍ ଶିବିରରେ ଶରଣ ନେଇଛନ୍ତି। ଇତିମଧ୍ୟରେ ଆଉ ଏକ ବାତ୍ୟା ପ୍ରଶାନ୍ତ ମହାସାଗରରୁ ଆସିବ ଓ ଏହା ଆସନ୍ତା ସପ୍ତାହରେ ଫିଲିପାଇନ୍ସରେ ଲ୍ୟାଣ୍ଡଫଲ କରିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

## ସୈନିକ ସ୍କୁଲ୍‌ରେ ଛାତ୍ରଙ୍କ ଆତ୍ମହତ୍ୟା

ଇଟାନଗର, ୬ ।୧୧(ଏଜେନ୍ସି): ଅରୁଣାଚଳ ପ୍ରଦେଶର ଇଷ୍ଟ ସିଆଙ୍ଗ ଜିଲ୍ଲାସ୍ଥିତ ନିଗଲୋକ ସୈନିକ ସ୍କୁଲ୍‌ରେ ଜଣେ ସପ୍ତମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଏନେଇ ଛାତ୍ରଙ୍କ ଭଉଣୀ ତାଡୁ ଲୁନିଆ ସିନିଅର ଛାତ୍ରଙ୍କ ଉପରେ ର୍‍ୟାଗିଂ କରିବାର ଅଭିଯୋଗ ଆଣିଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ଭିଡିଓ ସେୟାର କରି ସେ ଏହି ଅଭିଯୋଗ କରିଛନ୍ତି। ଅକ୍ଟୋବର ୩୧ ରାତି ୧୧ଟାରେ ୧୦ମ ଓ ୮ମ ଶ୍ରେଣୀର ଜୁନିଅର ଛାତ୍ରଙ୍କ କୋଠରୀରେ ପଶିଥିଲେ। ବରିଷ୍ଠ ଛାତ୍ରମାନେ ୭ମ ଶ୍ରେଣୀ ଛାତ୍ରଙ୍କୁ ଡରାଇବା ଓ ଧମକାଇବା ସହ ମୋ ଭାଇକୁ ୧୦ମ ଶ୍ରେଣୀ କୋଠରୀକୁ ନେଇଥିଲେ। ରାତିସାରା ଭାଇକୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା। ମୋ ଭାଇକୁ ସେମାନେ ଚୋର କହିଥିଲେ ବୋଲି ଲୁନିଆ କହିଛନ୍ତି। ଛାତ୍ରଙ୍କ ସୁସାଇଡ୍ ନୋଟ ମଧ୍ୟ ଜବତ କରାଯାଇଛି। ଏଥିରେ ସିନିଅର ଛାତ୍ରମାନେ ନିର୍ଯାତନା ଦେଉଥିଲେ ଓ ଏବେ କ'ଣ କରିବି ବୋଲି ସେ ଉଲ୍ଲେଖ କରିଛନ୍ତି। ନଭେମ୍ବର ପହିଲାରେ ୧୨ ବର୍ଷର ଜଣେ ଛାତ୍ରଙ୍କ ମୃତଦେହ ପାଣି ଟାଙ୍କିରେ ଦେଖିବାକୁ ମିଳିଥିଲା। ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଓ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ମାମଲାରେ ପୁଲିସ ୮ ଜଣ ଛାତ୍ରଙ୍କୁ ଗିରଫ କରିଛି ଓ ଯାଞ୍ଚ ଆରମ୍ଭ କରିଛି।

**ରାଗିଂର ଅଭିଯୋଗ, ୮ ଛାତ୍ର ଗିରଫ**

## ପାକିସ୍ତାନରେ ଜେନ୍-ଜେଡ୍ ବିକ୍ଷୋଭ

ଇସଲାମାବାଦ୍, ୬ ।୧୧(ଏଜେନ୍ସି): ନେପାଳ ଓ ବାଂଲାଦେଶ ପରେ ଏବେ ପାକିସ୍ତାନରେ ସରକାରଙ୍କ ବିରୋଧରେ ଜେନ୍- ଜେଡ୍ ପ୍ରଦର୍ଶନ ଆରମ୍ଭ ହୋଇଛି। ସରକାରଙ୍କ ବିରାଧରେ ଯୁବଗୋଷ୍ଠୀ ସଡ଼କକୁ ଓହ୍ଲାଇଛନ୍ତି। ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ରେ ଏହି ପ୍ରଦର୍ଶନ ଦେଖିବାକୁ ମିଳିଛି। ଶିକ୍ଷା ବ୍ୟବସ୍ଥାରେ ଉନ୍ନତି, ପରୀକ୍ଷା ଇ- ମାର୍କିଂ ସିଷ୍ଟମରେ ସମସ୍ୟା, ଫି ବୃଦ୍ଧି ଓ ମୌଳିକ ସୁବିଧା ସୁଯୋଗ ନେଇ ଏହି ପ୍ରଦର୍ଶନ ହୋଇଛି। ଏହି ଆନ୍ଦୋଳନ ନଭେମ୍ବର ୪ରେ ପିଓକେ ରାଜଧାନୀ ମୁଜାଫରାବାଦ୍‌ର ୟୁନିଭର୍ସିଟି ଅଫ୍ ଆଜାଦ ଜମ୍ମୁ ଆଣ୍ଡ କଶ୍ମୀରରୁ ଆରମ୍ଭ ହୋଇଥିଲା। ସେମିଷ୍ଟାର ଫିସ୍‌ରେ ଲକ୍ଷ ଲକ୍ଷ ଟଙ୍କା ବୃଦ୍ଧି କରାଯାଇଥିବାରୁ ଛାତ୍ରମାନେ ଏହାର ବିରୋଧ କରିଥିଲେ। ଆନ୍ଦୋଳନ ଅବସରରେ ଜଣେ ଛାତ୍ରଙ୍କ ଦେହରେ ଗୁଳି ବାଜିଥିଲା। ଫଳରେ ଆନ୍ଦୋଳନ ଆହୁରି ଉଗ୍ର ହୋଇଥିଲା। ମୁଜାଫରାବାଦ୍‌ରୁ ବାହାରି ଏହି ଆନ୍ଦୋଳନ ମୀରପୁର, କୋଟଲି, ରାବଲାକୋଟ ଓ ଅନ୍ୟ ସହରକୁ ବ୍ୟାପୀ ଯାଇଥିଲା। ଲାହୋରରେ ମଧ୍ୟ ଇଣ୍ଟରମିଡିଏଟ୍ ଛାତ୍ରମାନେ ଧାରଣା ଦେଇଛନ୍ତି। ଛାତ୍ରମାନେ 'ଆଜାଦୀ ଓ ହତ୍ୟାକାରୀ ଜବାବ ଦିଅ, ରକ୍ତର ହିସାବ ଦିଅ' ସ୍ଲୋଗାନ ଦେବା ସହ ପାକ୍ ସେନା ଉପରେ ଅତ୍ୟାଚାର କରୁଥିବାର ଅଭିଯୋଗ କରିଥିଲେ। ପୂର୍ବରୁ ଦରଦାମ ବୃଦ୍ଧି ନେଇ ପିଓକେରେ ୫ ଦିନଧରି ପ୍ରଦର୍ଶନ ଚାଲିଥିଲା। ପୂର୍ବରୁ ମଧ୍ୟ ପିଓକେରେ ଏଭଳି ଏକାଧିକ ଉଗ୍ର ପ୍ରଦର୍ଶନ ଦେଖିବାକୁ ମିଳିଥିଲା।

**ସେନାର ଅତ୍ୟାଚାର, ଫି' ବୃଦ୍ଧିକୁ ନେଇ ରାସ୍ତାରେ ବିକ୍ଷୋଭ**

# ପୋଖରୀରେ ହଜାର ହଜାର ଆଧାର କାର୍ଡ

 କୋଲକାତା୬ ।୧୧(ଏଜେନ୍ସି): ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସ୍‌ଆଇଆର୍) ପ୍ରକ୍ରିୟା ଚାଲୁ ରହିଥିବା ବେଳେ ଏକ ପୋଖରୀରୁ ହଜାର ହଜାର ଆଧାର କାର୍ଡ ମିଳିଛି। ବର୍ଦ୍ଧମାନ ଜିଲ୍ଲାର ଲଳିତପୁର ଅଞ୍ଚଳରେ ଏହି ଘଟଣା ସାମ୍ନାକୁ ଆସିଛି। ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ବିଜେପି ଓ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମୁହାଁମୁହିଁ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଲଳିତପୁରରେ କିଛି ଲୋକ ଏକ ପୋଖରୀ ସଫା କରୁଥିବା ବେଳେ ଏକ ବଡ଼ ବ୍ୟାଗ୍ ପାଇଥିଲେ। ଏଥିରେ ବହୁ ସଂଖ୍ୟାରେ ଆଧାର କାର୍ଡ ଥିଲା। ବେଙ୍ଗଲ ବିଜେପି ସୋସିଆଲ ମିଡିଆ 'ଏକ୍ସ'ରେ ଏହାର ଭିଡିଓ ସେୟାର କରିଛି। ମମତା ବାନାର୍ଜୀ ନିଜର ଆସନକୁ ସୁରକ୍ଷିତ ରଖିବା ପାଇଁ ଦେଶର ସମ୍ପ୍ରଭୁତାକୁ ବିପଦରେ ପକାଉଛନ୍ତି ଓ ଭାରତୀୟଙ୍କର ପରିଚୟ ପ୍ରଣାଳୀକୁ ବିପଦରେ ପକାଇଛନ୍ତି ବୋଲି ବିଜେପି ଫଟୋ କ୍ୟାପସନରେ ଉଲ୍ଲେଖ କରିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏସ୍‌ଆଇଆର୍‌କୁ ବିରୋଧ କରି ନଭେମ୍ବର ୪ରେ କୋଲକାତାରେ ପଦଯାତ୍ରା ବାହାର କରିଥିଲେ।

**ଏସ୍‌ଆଇଆର୍‌କୁ ନେଇ ଅଷ୍ଟମ ଆତ୍ମହତ୍ୟା**



ଅନ୍ୟପଟେ ଦକ୍ଷିଣ ୨୪ ପରଗଣା ଜିଲ୍ଲାରେ ଭୋଟର ତାଲିକାରୁ ନାମ କଟିଯିବା ଡରରେ ସଫିକୁଲ ଗାଜି ନାମକ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ସେ ଗତ କିଛିମାସ ହେବ ଶ୍ୱଶୁର ଘରେ ରହୁଥିଲେ। ଏସ୍‌ଆଇଆର ପ୍ରକ୍ରିୟା ଲାଗୁ ହେବା କାରଣରୁ ସେ ଆଶଙ୍କାରେ ରହୁଥିଲେ ବୋଲି ତାଙ୍କ ସମ୍ପର୍କୀୟମାନେ କହିଛନ୍ତି। ବୈଧ ପରିଚୟ ପତ୍ର ନଥିବା କାରଣରୁ ତାଙ୍କୁ ଦେଶରୁ ବାହାର କରିଦିଆଯିବ ବୋଲି ସେ ଆଶଙ୍କାରେ ଥିଲେ। ଏସ୍‌ଆଇଆରକୁ ନେଇ ପଶ୍ଚିମବଙ୍ଗରେ ଏହା ୮ମ ଆତ୍ମହତ୍ୟା ଘଟଣା ବୋଲି ଟିଏମ୍‌ସି କହିଛି। ଏସ୍‌ଆଇଆରକୁ ନେଇ ବିଜେପି ଭୟର ବାତାବରଣ ସୃଷ୍ଟି କରିଥିବାରୁ ଏଭଳି ଘଟଣା ଘଟୁଛି ବୋଲି ଟିଏମ୍‌ସି ଅଭିଯୋଗ ଆଣିଛି। ସେପଟେ ଏସ୍‌ଆଇଆରକୁ ନେଇ ମାତୁଆ ସମ୍ପ୍ରଦାୟର ଲୋକ ଆମରଣ ଅନସନ ଜାରି ରଖିଛନ୍ତି। ବାଂଲାଦେଶରୁ ଆସିଥିବା ସବୁ ଶରଣାର୍ଥୀଙ୍କୁ ବିନା ସର୍ତ୍ତରେ ନାଗରିକତା ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି। ଅନ୍ୟପଟେ କେରଳରେ ଏସ୍‌ଆଇଆର୍ ବିରୋଧରେ ବିଜେପିକୁ ବାଦ୍ ଦେଇ ସବୁ ରାଜନୈତିକ ଦଳ ଏକାଠି ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଏସ୍‌ଆଇଆର ପ୍ରକ୍ରିୟାକୁ ସରକାର ବିରୋଧ କରିବେ ବୋଲି ଘୋଷଣା କରିଛନ୍ତି। ବିରୋଧୀ ଦଳ ମଧ୍ୟ ଏ ବାବଦରେ ସରକାରଙ୍କୁ ସମର୍ଥନ କରିବେ ବୋଲି କହିଛନ୍ତି।

## ରାଇନା- ଧାୱନଙ୍କ ୧୧ କୋଟିର ସମ୍ପତ୍ତି ଜବତ କଲା ଇଡି

ନୂଆଦିଲ୍ଲୀ, ୬ ।୧୧(ଏଜେନ୍ସି): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗୁରୁବାର ପୂର୍ବତନ କ୍ରିକେଟର ସୁରେଶ ରାଇନା ଓ ଶିଖର ଧାୱନଙ୍କ ୧୧.୧୪ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଏହି ଦୁଇ ଖେଳାଳି ଅନ୍‌ଲାଇନ୍ ବେଟିଂ ଆପ୍ '୧xବେଟ୍'ର ପ୍ରମୋଶନ କରି ଉପାର୍ଜନ କରିଥିବା ଅର୍ଥକୁ ନିବେଶ ଓ ସମ୍ପତ୍ତି କ୍ରୟ କରିବାରେ ଖର୍ଚ୍ଚ କରିଥିଲେ ବୋଲି ଇଡି କହିଛି। କଳା ଧନକୁ ବୈଧ ବା ଧଳା କରିବା ଅର୍ଥାତ ମନି ଲଣ୍ଡରିଂ ନିରୋଧ ଆଇନ୍ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରାଇନା ୬, ୬୪ କୋଟି ଟଙ୍କା ମ୍ୟୁଚୁଆଲ ଫଣ୍ଡରେ ନିବେଶ ଓ ଧାୱନଙ୍କ ୪.୫ କୋଟି ଟଙ୍କାର ସମ୍ପତ୍ତିକୁ ଇଡି ଜବତ କରିଛି। ଏହି ସମ୍ପତ୍ତିକୁ ଅପରାଧରୁ ଉପାର୍ଜିତ ଧନ ବୋଲି ବିବେଚନା କରାଯିବ ବୋଲି ଇଡି କହିଛି।

**ବେଟିଂ ଆପ୍‌ରେ ବିଜ୍ଞାପନ**

## ଦିଲ୍ଲୀରେ ୨୨ ଲକ୍ଷ ପିଲାଙ୍କୁ ଫୁସ୍‌ଫୁସ୍ ରୋଗ




ନୂଆଦିଲ୍ଲୀ, ୬ ।୧୧(ଏଜେନ୍ସି): ସାରା ଦେଶରେ ଏବେ ବାୟୁ ପ୍ରଦୂଷଣ ସର୍ବକାଳୀନ ଉଚ୍ଚସ୍ତରରେ ପହଞ୍ଚିଛି। ବର୍ଦ୍ଧିତ ପ୍ରଦୂଷଣକୁ ରୋକିବା ପାଇଁ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରାଯାଇଛି। ଏହାକୁ ଲୁକ୍ ଖ୍ରୀଷ୍ଟାଫର କାଉଣ୍ଟିନୋ ଦାଏର କରିଛନ୍ତି। ପ୍ରଦୂଷଣ ଏତେ ବୃଦ୍ଧି ପାଇଛି ଯେ, ଏହା ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତିର ସ୍ତରରେ ପହଞ୍ଚିଛି ବୋଲି ସେ କହିଛନ୍ତି। ଏହା ଗାଁ ଓ ସହରରେ ରହୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ନକରାତ୍ମକ ପ୍ରଭାବ ପକାଉଛି। କେବଳ ଦିଲ୍ଲୀରେ ହିଁ ୨୨ ଲକ୍ଷ ଛୋଟ ସ୍କୁଲ ପିଲାଙ୍କ ଫୁସ୍‌ଫୁସ୍ କ୍ଷତିଗ୍ରସ୍ତ ହୋଇଛି ଓ ଏମାନେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହେବା ଏବେ କଷ୍ଟକର ବୋଲି ଏହି ଆବେଦନରେ ଉଲ୍ଲେଖ କରାଯାଇଛି। ସରକାରୀ ଓ ମେଡିକାଲ ସର୍ଭେରୁ ଏହା ସ୍ପଷ୍ଟ ହୋଇଛି ବୋଲି ସେ କହିଛନ୍ତି। ଗୁରୁବାର ସକାଳେ ଦିଲ୍ଲୀରେ ଧୂଆଁ ଛାଇ ରହିଥିଲା ଓ ଏକ୍ୟୁଆଇ ୨୭୮ ଥିଲା। ଏହା ଖରାପ ବର୍ଗରେ ସାମିଲ ରହିଛି। ସନ୍ଧ୍ୟା ସୁଦ୍ଧା ଏହା ଆହୁରି ଖରାପ୍ ସ୍ଥିତିରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ନଭେମ୍ବର ୬ରୁ ୮ ମଧ୍ୟରେ ପ୍ରଦୂଷଣ ଆହୁରି ଖରାପ୍‌ସ୍ତରରେ ପହଞ୍ଚିବ। ସୁପ୍ରିମକୋର୍ଟ ଦୁଇଦିନ ତଳେ ଦିଲ୍ଲୀ-ଏନ୍‌ସିଆରରେ ବର୍ଦ୍ଧିତ ପ୍ରଦୂଷଣ ନେଇ ଚିନ୍ତା ପ୍ରକଟ କରିଥିଲେ। ପ୍ରଦୂଷଣ ରୋକିବାକୁ କି ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ କୋର୍ଟ ବାୟୁ ଗୁଣବତ୍ତା ପ୍ରବନ୍ଧନ ଆୟୋଗ (ସିଏକ୍ୟୁଏମ୍)କୁ ପ୍ରଶ୍ନ ପଚାରିଥିଲେ।



ବିହାରରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଭୋଟ ଦେବାକୁ ଲାଇନ୍‌ରେ ମତଦାତା

## ମୃତ ମହିଳାଙ୍କ ଭୋଟର କାର୍ଡରେ ମଡେଲଙ୍କ ଫଟୋ

ନୂଆଦିଲ୍ଲୀ, ୬ ।୧୧(ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ବରିଷ୍ଠ ସଂସଦ ରାହୁଲ ଗାନ୍ଧୀଙ୍କ ଅଭିଯୋଗ ନେଇ ସାମ୍ନାକୁ ଆସିଛନ୍ତି ରହସ୍ୟମୟୀ ବ୍ରାଜିଲ ମଡେଲ। ସେ ହେଉଛନ୍ତି ଲାରିସା। ସୋସିଆଲ ମିଡିଆ 'ଏକ୍ସ'ରେ ଏକ ଭିଡିଓ ପୋଷ୍ଟ କରି ସେ ଏ ନେଇ ନିଜର ମତ ରଖିଛନ୍ତି। ଏହି ଭିଡିଓରେ ସେ ପର୍ତ୍ତୁଗାଲ ଭାଷାରେ ବାର୍ତ୍ତା ଦେଇଛନ୍ତି। ଭାରତରେ ଭୋଟ ଦେବା ପାଇଁ ମୋର ପୁରୁଣା ଫଟୋର ବ୍ୟବହାର କରାଯାଉଛି। ମୋତେ ଭାରତୀୟ ବୋଲି କହି ନିଜ ଭିତରେ ଲଢ଼େଇ କରୁଛନ୍ତି। ମୁଁ କେବେବି ଭାରତ ଗସ୍ତ କରିନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।




୨୦୨୨ରେ ମୃତ୍ୟୁବରଣ କରିଥିବା ହରିୟାଣାର ଜଣେ ମହିଳାଙ୍କ ଭୋଟର ରେକର୍ଡରେ ଲାରିସାଙ୍କ ଫଟୋ ରହିଛି ବୋଲି ଜଣାପଡ଼ିଛି। ଏହି ମହିଳା ହେଉଛନ୍ତି ବିନୋଦଙ୍କ ପତ୍ନୀ ଗୁନିଆ। ମୃତ୍ୟୁର ୨ ବର୍ଷ ବିତି ଯାଇଥିଲେ ମଧ୍ୟ ଗୁନିଆଙ୍କ ନାମ ଭୋଟର ତାଲିକାରେ ରହିଥିବାରୁ ତାଙ୍କ ପରିବାର ଲୋକ ଚକିତ ହୋଇଛନ୍ତି। ପୁଣି ତାଲିକାରେ ଗୁନିଆଙ୍କ ବଦଳରେ ଏହି ବିଦେଶୀ ମଡେଲଙ୍କ ଫଟୋ ରହିଛି ବୋଲି ଗୁନିଆଙ୍କ ଶାଶୁ କହିଛନ୍ତି। ମୃତ୍ୟୁ ପୂର୍ବରୁ ସେ ଭୋଟ୍ ଦେଇଥିଲେ କିନ୍ତୁ ଏ ଫଟୋ କିଭଳି ଆସିଲା ସେ ପ୍ରଶ୍ନ କରିଛନ୍ତି।

ରାହୁଲ ଗାନ୍ଧୀ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ, ହରିୟାଣାରେ ୨୦୨୪ ବିଧାନସଭା ନିର୍ବାଚନରେ ୨୫ ଲକ୍ଷ ଭୋଟ ଚୋରି ହୋଇଥିଲା। ସେ ନିଳ ଡେନିମ ଜ୍ୟାକେଟ ପିନ୍ଧିଥିବା ଜଣେ ମହିଳାଙ୍କ ଫଟୋ ଦେଖାଇ ପ୍ରଶ୍ନ କରିଥିଲେ। ହରିୟାଣା ଭୋଟର ତାଲିକାରେ ଏହି ବ୍ରାଜିଲ ମଡେଲଙ୍କର କ'ଣ କାମ ବୋଲି ସେ ନିର୍ବାଚନ କମିଶନଙ୍କୁ ପ୍ରଶ୍ନ କରିଥିଲେ। ଏହି ମଡେଲ ହରିୟାଣାରେ ୧୦ଟି ବୁଥ୍‌ରେ କେତେବେଳେ ସୀମା, ସୁଇଟି, ସରସ୍ୱତୀ ନାମରେ ୨୨ଥର ଭୋଟ ଦେଇଛନ୍ତି ବୋଲି ରାହୁଲ ଅଭିଯୋଗ କରିଥିଲେ। ହରିୟାଣା ଭଳି ବିହାରରେ ମଧ୍ୟ ସରକାର ଭୋଟ ଚୋରି କରିବାର ପ୍ରକ୍ରିୟା ଜାରି ରଖିଛନ୍ତି ବୋଲି ରାହୁଲ କହିଥିଲେ। ରାହୁଲ ଲାରିସାଙ୍କ ୧୮ କିମ୍ବା ୨୦ ବର୍ଷର ଫଟୋ ଦେଖାଇଥିଲେ। ସେତେବେଳେ ମଡେଲିଂ ଆରମ୍ଭ କରୁଥିଲି ବୋଲି ଲାରିସା କହିଛନ୍ତି। ବିନା ଅନୁମତିରେ ମୋ ଫଟୋ ବ୍ୟବହାର କରାଯାଇଛି। ଏବେ ମଡେଲିଂ କରୁନାହିଁ। ସେମାନେ ଠକିବା ପାଇଁ ମୋ ଫଟୋର ବ୍ୟବହାର କରୁଛନ୍ତି। ଭାରତର ରାଜନୀତି ନେଇ ମୋର କୌଣସି ଯାଏ ଆସେ ନାହିଁ ବୋଲି ଲାରିସା ସ୍ପଷ୍ଟ କରିଛନ୍ତି।

## ଭାରତ-ପାକିସ୍ତାନ ଯୁଦ୍ଧରେ ୭ ନୁହେଁ; ୮ ଜେଟ୍ ଖସିଛି: ଟ୍ରମ୍ପ

ନ୍ୟୁୟର୍କ, ୬ ।୧୧(ଏଜେନ୍ସି): ଭାରତ- ପାକିସ୍ତାନ ଯୁଦ୍ଧ ତଥା ଅପରେସନ ସିନ୍ଦୂର ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୋହ ତୁଟିବାର ନାମ ନେଉନାହିଁ। ସେ ବାରମ୍ବାର ଏନେଇ ନିଜର ମତ ଦୋହରାଉଛନ୍ତି ଓ ମତ ବଦଳାଉଛନ୍ତି ମଧ୍ୟ। ୩ ଦିନର ଏହି ଛୋଟିଆ ଯୁଦ୍ଧରେ କେତେ ସଂଖ୍ୟାରେ ଲଢୁଆ ଜେଟ୍ ବିମାନ ଖସିଛି ସେ ନେଇ ଏକ ନୂଆ ତଥ୍ୟ ଦେଇଛନ୍ତି। ସେ ବିନା କୌଣସି ତଥ୍ୟ ଓ ପ୍ରମାଣ ପୂର୍ବରୁ ଏକାଧିକ ବାର ମନ୍ତବ୍ୟ ଦେଇଛନ୍ତି। ଏବେ ସେ ଏକ ବିଜ୍‌ନେସ ଫୋରମ୍‌ର କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜର ପୂର୍ବ ମନ୍ତବ୍ୟକୁ ସଂଶୋଧନ କରିଛନ୍ତି। ମେ ୭ରୁ ୧୦ ତାରିଖ ମଧ୍ୟରେ ହୋଇଥିବା ଏହି ଯୁଦ୍ଧରେ ୮ଟି ଜେଟ୍‌କୁ ମାରି ଖସାଯାଇଥିଲା ବୋଲି ସେ କହିଛନ୍ତି। ତାଙ୍କ ଯୋଗୁଁ ଏହି ଯୁଦ୍ଧ ବନ୍ଦ ହୋଇଥିଲା ବୋଲି ସେ ପୁଣି ଥରେ ଦାବି କରିଛନ୍ତି। ଆର୍ଥିକ କଟକଣା ଲାଗୁ କରିବାର ଧମକ ଦେବା ପରେ ଦୁଇ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ। ଏହି ଯୁଦ୍ଧରେ ୭ଟି ଜେଟ୍‌କୁ ମାରି ଖାସା ଯାଇଥିଲା ଓ ଅଷ୍ଟମ ବିମାନଟି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଅର୍ଥାତ ମୋଟ ଉପରେ ୮ଟି ବିମାନ ଧ୍ୱଂସ ହୋଇଥିଲା ବୋଲି ସେ କହିଛନ୍ତି। ସେ ଏହି ଯୁଦ୍ଧକୁ ରୋକିବାର ଶ୍ରେୟ ନେବାକୁ ଗତ ମାସ ମଧ୍ୟରେ ଅତିକମ୍‌ରେ ୬୦ରୁ ଅଧିକଥର ଦାବି କରି ସାରିଛନ୍ତି। ଅବଶ୍ୟ ଖସା ଯାଇଥିବା ବିମାନ କେଉଁ ଦେଶର ସେ କେବେ କହିନାହାନ୍ତି। ଏହି ଯୁଦ୍ଧରେ ୫ଟି ବିମାନକୁ ଧ୍ୱଂସ କରି ଖସାଯାଇଥିବା କଥା ସେ ପୂର୍ବରୁ କହିଥିଲେ। ଏବେ ଏହାର ସଂଖ୍ୟାକୁ ସେ ବୃଦ୍ଧି କରି ୮ରେ ପହଞ୍ଚାଇଛନ୍ତି। ଏହି ଯୁଦ୍ଧରେ ପାକିସ୍ତାନର ୮ରୁ ୧୦ଟି ବିମାନକୁ ମାରି ଖସାଯାଇଛି ବୋଲି ଭାରତ ପୂର୍ବରୁ ଦାବି କରିଥିଲା। ଏଥିରେ ଏଫ୍-୧୬ ଓ ଜେଏଫ୍-୧୭ ବିମାନ ସାମିଲ ଥିଲା।


# ମମ୍‌ଦାନୀଙ୍କ କେଜ୍ରିୱାଲ ମଡେଲ: କାମରେ ଆସିଲା ମାଗଣା ଯୋଜନା ପ୍ରତିଶ୍ରୁତି

ନ୍ୟୁୟର୍କ, ୬ ।୧୧(ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଜୋହରାନ ମମ୍‌ଦାନୀ ନ୍ୟୁୟର୍କର ମେୟର ନିର୍ବାଚିତ ହେବା ସହ ଇତିହାସ ସୃଷ୍ଟି କରିଛନ୍ତି। ମେୟର ନିର୍ବାଚନରେ ତାଙ୍କୁ ବିଜୟୀ କରାଇବାରେ ଆମେରିକାର ଅଶ୍ୱେତ ତଥା କୃଷ୍ଣକାୟ ସମ୍ପ୍ରଦାୟ ଓ ଏସୀୟ ପ୍ରବାସୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ନ୍ୟୁୟର୍କରେ ୫୫ ପ୍ରତିଶତ କୃଷ୍ଣକାୟ ଓ ୫୧ ପ୍ରତିଶତ ଏସୀୟ ପ୍ରବାସୀ ରୁହନ୍ତି। ପୁଣି ୩୪ ବର୍ଷୀୟ ମମ୍‌ଦାନୀ ଜଣେ ଯୁବ ନେତା ହୋଇଥିବାରୁ ଜେନ୍- ଜେଡ୍ ଉପରେ ତାଙ୍କ ଯାଦୁ ସବୁଠାରୁ ଅଧିକ କାମ କରିଥିଲା। ୧୫ରୁ ୨୯ ବର୍ଷ ବୟସର ଯୁବକ ଯୁବତୀମାନେ ତାଙ୍କୁ ବହୁ ସଂଖ୍ୟାରେ ଭୋଟ ଦେଇଥିଲେ। ମମଦାନୀଙ୍କ ଏହି ବିଜୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିବାଦୀୟ ଆର୍ଥିକ ନୀତି ବିରୋଧରେ ସବୁଠାରୁ ବଡ଼ ଜନମତ ବୋଲି ବିବେଚନା କରାଯାଉଛି। ମମ୍‌ଦାନୀ ଏବେ ପ୍ରବାସୀଙ୍କ ପାଇଁ ନୂଆ ଆଶାଭରସା ସୃଷ୍ଟି କରିଛନ୍ତି। ମମ୍‌ଦାନୀ ନିର୍ବାଚିତ ହେବା ପରେ ପ୍ରବାସୀମାନଙ୍କ ପାଇଁ ଆମେରିକାରୁ ବିଦା ହେବା ଆଶଙ୍କାକୁ କମ୍ କରିଛି। ଏଥିସହ ବିଭିନ୍ନ କାରଣ ପାଇଁ ମମ୍‌ଦାନୀଙ୍କୁ ଆମେରିକାର କେଜ୍ରିୱାଲ ବୋଲି କୁହାଯିବା ଆରମ୍ଭ ହୋଇଛି। ମମ୍‌ଦାନୀ କେଜ୍ରିୱାଲଙ୍କ ଭଳି ନିର୍ବାଚନ ମାଗଣା ପ୍ରତିଶ୍ରୁତି ଦେଇ ଅର୍ଥାତ କେଜ୍ରିୱାଲଙ୍କ ନୀତି ଆପଣାଇ ବିଜୟୀ ହେବାକୁ ସକ୍ଷମ ହୋଇଛନ୍ତି ବୋଲି କୁହାଯାଉଛି। ବିଜୟୀ ହେବା ପାଇଁ ସେ କେଜ୍ରିୱାଲଙ୍କ ଭଳି ବିଭିନ୍ନ ମାଗଣା ଯୋଜନାର ଘୋଷଣା କରିଥିଲେ ଓ ଏହା ଭୋଟରଙ୍କୁ ପ୍ରଭାବିତ କରିଥିଲା। ପୂର୍ବରୁ କେଜ୍ରିୱାଲ ଦିଲ୍ଲୀ ନିର୍ବାଚନରେ ବିଜୟୀ ହେବା ପାଇଁ ଏହି ନୀତି ଆପଣାଇ ସଫଳତା ପାଇଥିଲେ।



କେଜ୍ରିୱାଲଙ୍କ ଭଳି ମମ୍‌ଦାନୀ ମାଗଣା ବସ୍ ଯାତ୍ରାର ପ୍ରତିଶ୍ରୁତି ଦେଇଥିଲେ। ସେହିପରି ନ୍ୟୁୟର୍କରେ ସେ ଆଗାମୀ ୪ ବର୍ଷ ପାଇଁ ଘର ଭଡ଼ା ନ ବୃଦ୍ଧି କରିବା ନେଇ ଭୋଟରଙ୍କୁ କଥା ଦେଇଥିଲେ। ପୁଣି ସରକାରୀ ପାଣ୍ଠିରୁ ଗରିବ ଲୋକଙ୍କ ପାଇଁ ସେ ଦୁଇ ଲକ୍ଷ ବାସଗୃହ ନିର୍ମାଣ କରି ପ୍ରଦାନ କରିବେ ବୋଲି କହିଥିଲେ। ପୁଣି ଲୋକଙ୍କୁ ଶସ୍ତା ରାଶନ ଦେବା ପାଇଁ ଶସ୍ତା ରାଶନର ଦୋକାନ ଖୋଲିବାକୁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ତାଙ୍କୁ ବହୁ ସଂଖ୍ୟାରେ ଭୋଟ ମିଳିଥିଲା ଓ ସେ ନ୍ୟୁୟର୍କର ଦକ୍ଷିଣ ଏସିଆର ପ୍ରଥମ ମୁସ୍‌ଲିମ୍ ମେୟର ନିର୍ବାଚିତ ହେବାର ପଥ ପରିଷ୍କାର ହୋଇଥିଲା। ଠିକ୍ ଏହିପରି କେଜ୍ରିୱାଲ ମଧ୍ୟ ଦିଲ୍ଲୀରେ ମାଗଣା ବିଜୁଳି, ପାଣି ଦେବାକୁ ଘୋଷଣା କରି ନିର୍ବାଚନ ଜିତିଥିଲେ। କିନ୍ତୁ ନିଜର ପ୍ରତିଶ୍ରୁତିକୁ ରକ୍ଷା କରିବା ଏବେ ମମ୍‌ଦାନୀ ପାଇଁ ଆଦୌ ସହଜ ହେବ ନାହିଁ। ନ୍ୟୁୟର୍କର ବଜେଟ ମଧ୍ୟ ଏତେ ପର୍ଯ୍ୟାପ୍ତ ନୁହେଁ ଯେ, ସେ ତାଙ୍କ ସବୁ ପ୍ରତିଶ୍ରୁତି ପାଳନ କରିବେ। ଏଥିପାଇଁ ତାଙ୍କୁ କେନ୍ଦ୍ର ସରକାର ତଥା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ନିର୍ଭର କରିବାକୁ ହେବ। ଟ୍ରମ୍ପ ତାଙ୍କୁ ସହାୟତା କରିବାର ସମ୍ଭାବନା କମ୍ ରହିଛି। ପୂର୍ବରୁ ଯଦି ମମ୍‌ଦାନୀ ବିଜୟୀ ହେବେ, ନ୍ୟୁୟର୍କ ସହରର ବଜେଟକୁ ରୋକି ଦେବେ ବୋଲି ପୂର୍ବରୁ ଟ୍ରମ୍ପ ଖୋଲାଖୋଲି ଭାବେ ଧମକ ଦେଇସାରିଛନ୍ତି। ପୁଣି ଆମେରିକାର ଚାଲିଥିବା ସଟ୍‌ଡାଉନ୍ ସ୍ଥିତିକୁ ଆହୁରି ଖରାପ୍ କରିଛି। ନିଜର ପ୍ରତିଶ୍ରୁତି ପୂରଣ କରିବାକୁ ମମ୍‌ଦାନୀଙ୍କୁ ଧନୀଲୋକଙ୍କ ଉପରେ ଟିକସ୍ ବୃଦ୍ଧି କରିବାର ଏକ ବିକଳ୍ପ ରହିଛି। ଆୟଠାରୁ ବ୍ୟୟ ଅଧିକ ହେବା ନିଶ୍ଚିତ। ତେଣୁ ସୀମିତ ସମ୍ବଳକୁ ବାଦ୍ ଦେଲେ ଏବେ ଅର୍ଥ କେଉଁଠାରୁ ଆସିବ ସେ ନେଇ ମମ୍‌ଦାନୀ ନିଶ୍ଚିତ ଭାବେ ସମସ୍ୟାର ସମ୍ମୁଖୀନ ହେବେ। ସେ କେଜ୍ରିୱାଲ ମଡେଲ ଆପଣେଇ ବିଜୟୀ ହେବାକୁ ସକ୍ଷମ ହେଲେ। କିନ୍ତୁ କେଜ୍ରିୱାଲଙ୍କ ଭଳି ଏବେ ତାଙ୍କର ଅନ୍ତ ମଧ୍ୟ ହେବ ବୋଲି ବିଶେଷଜ୍ଞମାନେ ଅନୁମାନ କରି କହିଛନ୍ତି। ପ୍ରତିଶ୍ରୁତି ପୂରଣ ନ କରିପାରିଲେ ନ୍ୟୁୟର୍କରେ ଅବ୍ୟବସ୍ଥା ଦେଖା ଦେବ। ତେଣୁ ମୋଟମୋଟି ଉପରେ ଏବେ ମମ୍‌ଦାନୀଙ୍କ ଉପରେ ଆଗକୁ କଡ଼ା ଚ୍ୟାଲେଞ୍ଜ ରହିଛି ବୋଲି ନିଶ୍ଚିତ ଭାବେ କୁହାଯାଇପାରେ।

# ୫ ଡିଗ୍ରୀ ଖସିବ ପାରଦ



ଭୁବନେଶ୍ୱର, ୬।୧୧ (ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ହେବାରେ ଲାଗିଛି। ତାପମାତ୍ରା ହ୍ରାସ ଯୋଗୁଁ ଅନେକ ସ୍ଥାନରେ ଥଣ୍ଡା ବଢ଼ିଛି। ମଙ୍ଗଳବାର ତୁଳନାରେ ଯଦିଓ ବୁଧବାର ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିଛି, ହେଲେ ଶୁକ୍ରବାରଠାରୁ ପୁଣି ତାପମାତ୍ରା ହ୍ରାସ ପାଇବାର ସମ୍ଭାବନା ରହିଛି। ଏହି ତାପମାତ୍ରା ହ୍ରାସର ଧାରା ପ୍ରାୟ ୨ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବାକୁ ଥିବାରୁ ଆଗକୁ ଶୀତର ପ୍ରଭାବ ଲାଗି ରହିବାର ସମ୍ଭାବନା ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଶୁକ୍ରବାରଠାରୁ ରାଜ୍ୟରେ ରାତିର ତାପମାତ୍ରା ହ୍ରାସ ପାଇବା ଯୋଗୁଁ ଥଣ୍ଡା ବୃଦ୍ଧି ପାଇବ। ରବିବାର ରାତି ସୁଦ୍ଧା ପ୍ରାୟ ୩-୫ ଡିଗ୍ରୀ ତାପମାତ୍ରା କମିବ। ରାଉରକେଲା, ତୁରୁମୁଙ୍ଗା, ବାଲିଗୁଡ଼ା, ଗଜାପୁର(ଗଜପତି)ରେ ତାପମାତ୍ରା ୧୨ ଡିଗ୍ରୀ ପହଞ୍ଚିପାରେ। ସମ୍ବଲପୁର, ଭାବନୀପାଟଣା, ଝାରସୁଗୁଡ଼ା, ମୋହନାରେ ତାପମାତ୍ରା ୧୪ ଡିଗ୍ରୀ ସହ ଭୁବନେଶ୍ୱରରେ ୧୮ ଡିଗ୍ରୀ ସେଲ୍‌ସିୟସ, ବାଲେଶ୍ୱରରେ ୧୬ ଡିଗ୍ରୀ ସେଲ୍‌ସିୟସକୁ ଖସିପାରେ। ଆସନ୍ତା ୨ ସପ୍ତାହ ପର୍ଯ୍ୟନ୍ତ ଏହି ଥଣ୍ଡା ଜାରି ରହିବ। ଦିନର ତାପମାତ୍ରା ଦକ୍ଷିଣ ଆଭ୍ୟନ୍ତରୀଣରେ ୨୪ ଡିଗ୍ରୀ ଉତ୍ତର ଆଭ୍ୟନ୍ତରୀଣରେ ୨୪-୨୫ ଡିଗ୍ରୀ ଓ ଭୁବନେଶ୍ୱର ସମେତ ଉପକୂଳରେ ୨୭-୨୮ ଡିଗ୍ରୀକୁ ଖସିପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ଗୁରୁବାର ଆଇଏମ୍‌ଡି ପକ୍ଷରୁ ପ୍ରକାଶିତ ବିସ୍ତାରିତ ପରିସର ଆକଳନରେ ଦର୍ଶାଯାଇଛି ଯେ, ଆସନ୍ତା ୨ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ଶୀତର ପ୍ରଭାବ ରହିବ। ଏହି ସମୟରେ ଅନେକ ସ୍ଥାନରେ ରାତିର ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିବ। ବିଶେଷ କରି ୧୪-୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିବା ହେତୁ ଶୀତର ପ୍ରଭାବ ଅଧିକ ରହିବ। ଏମିତି କି ଏହି ସମୟରେ କିଛି ଜିଲ୍ଲାରେ ଶୀତ ଲହରୀ ପଡ଼ିବାର ମଧ୍ୟ ସମ୍ଭାବନା ରହିଛି।

# ଚଣ୍ଡୀ ମନ୍ଦିର ନବକଳେବର ପ୍ରକଳ୍ପ ବାଟବଣା





- ଜଗମୋହନରେ ଶୋଉଛି କୁକୁର
- ପାର୍ଶ୍ୱ ଦେବଦେବୀଙ୍କୁ ଆସ୍ଥାନ ମିଳିନି
- ବର୍ଷା ହେଲେ ମନ୍ଦିରରେ ବନ୍ୟା
- କଣ୍ଟ ପୂରିବାକୁ ଆଉ ମାସେ ବାକି

କଟକ, ୬।୧୧ (ସମିସ): ଆଧ୍ୟାତ୍ମିକତା, ଭାବାବେଗ ଓ କିଂବଦନ୍ତିର ପୃଷ୍ଠାକୁ ଆଧାର କରି ଆରମ୍ଭ ହୋଇଥିବା ଯୋଜନା ଏବେ ରାଜନୀତି ଭିତରେ ଅଣନିଃଶ୍ୱାସୀ ହୋଇପଡ଼ିଛି। ଅଧାଖଣ୍ଡିଆ ହୋଇ ଶୋଇଛି ମା' କଟକ ଚଣ୍ଡୀମନ୍ଦିରର ନବକଳେବର ପ୍ରକଳ୍ପ। ପୂର୍ବ ସରକାରଙ୍କ ଯୋଜନାକୁ ମାଡ଼ିମକଚି ଲୋଚାକୋଚା କରି ପକାଇଲେଣି ଏବର ସରକାରୀ କଳ। ନବନିର୍ମାଣ ପାଇଁ ତମାମ ମନ୍ଦିରକୁ ଭାଙ୍ଗି ଦିଆଯାଇଛି ସତ, ହେଲେ ପ୍ରକଳ୍ପ କାର୍ଯ୍ୟର ମନ୍ଥରତା ଧୀରେଧୀରେ ଜନଆକ୍ରୋଶର କାରଣ ପାଲଟିଲାଣି। ନିର୍ଦ୍ଧାରିତ ସମୟ ଭିତରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ତ ଦୂରର କଥା, ଯୋଜନାର ବାଟବଣା ଶ୍ରଦ୍ଧାଳୁଙ୍କୁ ଯନ୍ତ୍ରଣା ଦେଲାଣି।

୭୦ କୋଟି ଟଙ୍କା ବ୍ୟୟରେ କଟକ ଚଣ୍ଡୀମନ୍ଦିର ପ୍ରକଳ୍ପ ଆରମ୍ଭ ହୋଇଥିଲା। ରାଜ୍ୟରେ ଭାରତୀୟ ଜନତା ପାର୍ଟି(ବିଜେପି) ସରକାର ଗଠନ ପରେ ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ଅଧିକ ବ୍ୟୟ କରାଯିବ ବୋଲି ଘୋଷଣା କରାଯାଇଥିଲା। ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ (ଓବିସିସି)କୁ ମନ୍ଦିରର ନିର୍ମାଣ ଦାୟିତ୍ୱ ଦିଆଯାଇଛି। ମାର୍କେଟ୍ କମ୍ପ୍ଲେକ୍ସ, ପ୍ରସାଦ ସେବନ ଗୃହ ଆଦି ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ଅନ୍ୟ କୌଣସି କାର୍ଯ୍ୟ ଯଥୋଚିତ ଆଗେଇ ପାରିନାହିଁ। ୨୦୨୫ ଡିସେମ୍ବର ସୁଦ୍ଧା କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ ମନ୍ଦିର ନବୀକରଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପୁରୁଣା ମନ୍ଦିର ଢାଞ୍ଚାରେ ଏହି ମନ୍ଦିର ତିଆରି କରାଯିବାକୁ ସ୍ଥିର ହୋଇଥିଲା। ମାତ୍ର ସ୍ଥିତାବସ୍ଥାରୁ ଜଳଜଳ ହୋଇ ଦିଶୁଛି, କଣ୍ଟ ପୂରିବା ବେଳକୁ ପ୍ରକଳ୍ପ ସରିବନି।

ମନ୍ଦିରର ସିଂହଦ୍ୱାର ନିର୍ମାଣ ଶେଷ ହୋଇଛି, ହେଲେ କାମଚଳା ଭଳି। ସିଂହଦ୍ୱାରରେ କୌଣସି ମୂର୍ତ୍ତି ଲଗାଯାଇନାହିଁ କି ଫାଟକ ଖଞ୍ଜା ଯାଇନି। ଉତ୍ତରଦ୍ୱାର ଏବଂ ପଶ୍ଚିମ ଦ୍ୱାରର ହାଲତ ମଧ୍ୟ ସମାନ। ଏଣୁ, ରାତି ହେଲେ ଜଗମୋହନରେ କୁକୁର ଶୋଉଛି ବୋଲି ମନ୍ଦିରର ଜଣେ ସେବାୟତ ଆଲୋଚନା ପ୍ରସଙ୍ଗରେ କହିଛନ୍ତି। ନୂତନ ଭାବେ ନିର୍ମାଣ ହେବାକୁ ଥିବା ମୁଖ୍ୟ ମନ୍ଦିରର ଉଚ୍ଚତା ୪୪ ଫୁଟ୍ ହେବ। ଯାହାକି ପୁରୁଣା ମନ୍ଦିରଠାରୁ ପ୍ରାୟ ଦେଢ଼ଗୁଣା ଅଧିକ। ପୁରୁଣା ମନ୍ଦିରର ଉଚ୍ଚତା ୨୫ ଫୁଟ୍। ତେବେ ମୁଖ୍ୟମନ୍ଦିର ନିର୍ମାଣ ଯେଉଁଭଳି ଭାବେ ଆଗେଇ ଚାଲିଛି, ତଦ୍ୱାରା ଶ୍ରଦ୍ଧାଳୁଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ଏବଂ ପୂଜାର୍ଚ୍ଚନା କାଠିକର ପାଠ ହେଲାଣି ବୋଲି ସେବାୟତ କହିଛନ୍ତି। ନବକଳେବର ପ୍ରକଳ୍ପ ଆରମ୍ଭ କରାଯିବା ବେଳେ ପାର୍ଶ୍ୱ ଦେବଦେବୀଙ୍କ ପୀଠ ଭାଙ୍ଗି ଦିଆଯାଇଥିଲା। ଗତ ୯ ମାସ ହେଲାଣି ପାର୍ଶ୍ୱ ଦେବଦେବୀ ନିକଟସ୍ଥ ଶିବ ମନ୍ଦିର ଭିତରେ ରହି ପୂଜା ପାଉଛନ୍ତି। ପାର୍ଶ୍ୱ ଦେବଦେବୀଙ୍କ ପାଇଁ ଆସ୍ଥାନ ମଧ୍ୟ ଏଯାଏଁ ନିର୍ମାଣ କରାଗଲା ନାହିଁ। ସେହିପରି ମନ୍ଦିର ନିକଟରେ ଥିବା ଦୋକାନ ଗୃହଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। କ୍ଷତିପୂରଣ ଉଦ୍ଦେଶ୍ୟରେ ୧୮ଟି ଦୋକାନ ଗୃହ ନିର୍ମାଣ ହୋଇଛି। ହେଲେ ଦୋକାନଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ଏ ପର୍ଯ୍ୟନ୍ତ ଦିଆଯାଇନାହିଁ। ଦୋକାନ ଘରଗୁଡ଼ିକ ମନ୍ଦିର ପରିଚାଳନା କମିଟିକୁ ମଧ୍ୟ ହସ୍ତାନ୍ତର କରାଯାଇନାହିଁ।

ଅକ୍ଟୋବର ସୁଦ୍ଧା ମନ୍ଦିରରୁ ଜଳ ନିଷ୍କାସନ ବ୍ୟବସ୍ଥା କାମ ସାରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ତାରିଖ ଶେଷ ହୋଇଥିଲେ ସୁଦ୍ଧା ଡ୍ରେନେଜ୍ କାମ ଶେଷ ହୋଇପାରିଲା ନାହିଁ। ଏଣୁ, ଅଦିନିଆ ବର୍ଷା ହେଲେ ମନ୍ଦିର ଭିତରେ କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ମନ୍ଦିରର ଏଭଳି ଅସମ୍ପୂର୍ଣ୍ଣ କାର୍ଯ୍ୟ କେବେ ଯେ ସମ୍ପୂର୍ଣ୍ଣ ହେବ, ତାହା ସ୍ପଷ୍ଟ ହୋଇପାରୁନାହିଁ। ପ୍ରଶାସନିକ ଅବ୍ୟବସ୍ଥା କାରଣରୁ ଚଣ୍ଡୀମନ୍ଦିର ନବକଳେବର ପାଇଁ ରହିଥିବା ପୂର୍ବ ସରକାରଙ୍କ ଯୋଜନା ଏବେ ଫସର ଫାଟିବାକୁ ଯାଉଛି। ଆଧ୍ୟାତ୍ମିକ ପରିବେଶ ନଷ୍ଟ ହେଉଥିବାରୁ ଶ୍ରଦ୍ଧାଳୁଙ୍କ ଧାର୍ମିକ ଭାବାବେଗ ଉପରେ ଆଘାତ ଆସିଥିବା କୁହାଯାଉଛି।

### ୬ ମାସ ପରେ ବି ପ୍ରକାଶ ପାଉନାହିଁ ମେରିଟ୍ ଲିଷ୍ଟ

# ରାସ୍ତାରେ ଆଣ୍ଠେଇଲେ, କାନଧରି କାନ୍ଦିଲେ ଆଶାୟୀ ଏଲ୍‌ଟିଆର୍



ଭୁବନେଶ୍ୱର, ୬।୧୧(ସମିସ): ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ (ଓଏସଏସସି) କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଆଶାୟୀ ସଂସ୍କୃତ ଶିକ୍ଷକ ମାନେ ଦେଇଛନ୍ତି ଧାରଣା। ମେରିଟ ଲିଷ୍ଟ ବାହାରି ନଥିବାରୁ କାର୍ଯ୍ୟାଳୟ ଆଗରେ ସେମାନେ ଆଣ୍ଠୁମାଡ଼ି ବସିବା ସହ କାନ ଧରି ଭୋ ଭୋ ହୋଇ କାନ୍ଦିଛନ୍ତି। ଗତ ମେ ୧୭ ତାରିଖରୁ ୭୨୯ ଏଲଟିଆର ସଂସ୍କୃତ ଶିକ୍ଷକ ପଦବୀ ପାଇଁ ୫ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। କିନ୍ତୁ ଏଯାର୍ଯ୍ୟନ୍ତ ଏହିମାନଙ୍କର ମେରିଟ ଲିଷ୍ଟ ବହାରିନାହିଁ। ଓଏସଏସସି ଦ୍ୱାରା ପରିଚାଳିତ ଟ୍ରେନିଂ ଗ୍ରାଜୁଏଟ ଟିଚର(ଟିଜିଟି) ଅଧୀନରେ ପିସିଏମ୍, ସିବିଜେଡ, ସଂସ୍କୃତ, ପିଇଟି, ଉର୍ଦ୍ଦୁର୍, ତେଲୁଗୁ ସମେତ ସମସ୍ତ ପଦବୀ ପାଇଁ ଡ଼କୁମେଣ୍ଟ ଯାଞ୍ଚ କାର୍ଯ୍ୟ ଗତ ଅକ୍ଟୋବର ୨୨ ତାରିଖରୁ ଶେଷ ହୋଇଛି। ଏଥିସହିତ ମଙ୍ଗଳବାର ଅନ୍ୟାନ୍ୟ ଟିଜିଟି ପଦବୀ ଗୁଡିକ ପାଇଁ ମେରିଟ ତାଲିକା ପ୍ରକାଶ ପାଇଛି। ଏକା ସଙ୍ଗେ ସଂସ୍କୃତ ଶିକ୍ଷକ ଏବଂ ବିଜ୍ଞାନ ଶିକ୍ଷକ ପଦବୀ ପାଇଁ ପରୀକ୍ଷାର୍ଥୀମାନେ ପରୀକ୍ଷା ହେଇଥିଲେ। ବିଜ୍ଞାନ ଶିକ୍ଷକଙ୍କ ରେଜଲ୍ଟ ବାହାରି ଡକ୍ୟୁମେଣ୍ଟ ଭେରିଫିକେସନ ସରିଲାଣି। ଏପରିକି ଆସନ୍ତା ୧୫ ତାରିଖରେ ନିଯୁକ୍ତି ଦେବାକୁ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ଜାରି କରିଛି। ହେଲେ ସଂସ୍କୃତ ଶିକ୍ଷକଙ୍କ ପଦବୀ ପାଇଁ ଡକ୍ୟୁମେଣ୍ଟ ଭେରିଫିକେସନ ସରିଥିଲେ ବି ଏପର୍ଯ୍ୟନ୍ତ ରେଜଲ୍ଟ ବାହାରି ପାରୁନି। ଯାହାକୁ ନେଇ ଆଶାୟୀମାନେ ଓଏସଏସସି କାର୍ଯ୍ୟାଳୟ ଘେରାଉ କରିଛନ୍ତି। ରାଜ୍ୟ ସରକାର ତୁରନ୍ତ ସଂସ୍କୃତ ଶିକ୍ଷକ ନିଯୁକ୍ତି ପାଇଁ ରେଜଲ୍ଟ ବାହାର କରି ନିଯୁକ୍ତି ଦିଅନ୍ତୁ , ନହେଲେ ପରୀକ୍ଷାର୍ଥୀମାନେ ସାମୂହିକ ଆତ୍ମାହୂତି ଦେବାକୁ ଚେତାବନୀ ଦେଇଛନ୍ତି।

### ■ ଆଇନଜୀବୀ ପୀତବାସ ହତ୍ୟା ମାମଲା

# ସରିଲା ରିମାଣ୍ଡ, ଜେଲ ଗଲେ ଉମା, କୁରୁପତି ସମେତ ୪

ବ୍ରହ୍ମପୁର, ୬।୧୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅଭିଯୁକ୍ତ ସୁଟର୍ କୁରୁପତି ଭୂୟାଁ, ଉମା ବିଷୋୟୀ, ଚିଣ୍ଟୁ ପ୍ରଧାନ ଓ ଯୋଗୀ ରାଉତଙ୍କ ୨ଦିନିଆ ରିମାଣ୍ଡ ଶେଷ ହୋଇଛି। ବୈଦ୍ୟନାଥପୁର ପୁଲିସ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କୁ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହଜାର କରାଇ ବ୍ରହ୍ମପୁର ଜେଲକୁ ପଠାଇ ଦେଇଛି। ଗୁରବାର ସକାଳେ ସମସ୍ତଙ୍କୁ ଆମ୍ବପୁଆ ଓ ସନ୍ଧ୍ୟାରେ ବୈଦ୍ୟନାଥପୁର ଥାନାରେ ଏକାକୀ ଓ ମୁହାଁମୁହିଁ ଜେରା କରାଯାଇଥିଲା।

ଅତିରିକ୍ତ ଏସପି ଆଲୋକ ଜେନା ଓ ଟାଉନ ଏସଡିପିଓ ତଥା ତଦନ୍ତ ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ ପ୍ରଥମେ ଚିଣ୍ଟୁ ଓ କୁରୁପତିଙ୍କୁ ଏବଂ ପରେ କୁରୁପତି ଓ ଉମାକୁ ଜେରା କରିଥିଲେ। ପରେ ଯୋଗୀ, ଉମା ଓ କୁରୁପତିକୁ ମଧ୍ୟ ଜେରା କରାଯାଇଥିଲା। ଶେଷରେ ଚିଣ୍ଟୁ, କୁରୁପତି, ଉମା ଓ ଯୋଗୀଙ୍କୁ ମାରାଥନ ମୁହାଁମୁହିଁ ଜେରା କରିଥିଲା ପୁଲିସ। ଜେରା ବେଳେ ପୁଲିସ ସେମାନଙ୍କଠାରୁ କିଛି ଅଧିକ ତଥ୍ୟ ଓଗାଳିଥିବା ସୂଚନା ମିଳିଛି। ସଂଗୃହୀତ ତଥ୍ୟ ଆଧାରରେ ପୁଲିସ ତଦନ୍ତକୁ ଆଗକୁ ବଢ଼ାଇଥିବା ବେଳେ ଅଧିକ ଲୋକଙ୍କୁ ପଚରାଉଚରା କରିବ ବୋଲି ଜଣାପଡ଼ିଛି।

ଅନ୍ୟପକ୍ଷରେ ଅଭିଯୁକ୍ତ କୁରୁପତି ଓ ଚିଣ୍ଟୁ ବୁଧବାର ଯେଭଳି ଭାବେ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାର ଡେମୋ ଦେଖାଇଥିଲେ, ତାହାକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ସହ ଭିନ୍ନଭିନ୍ନ ପ୍ରତିକ୍ରିୟା ମିଳିଛି। ଏପରିକି, ଅଭିଯୁକ୍ତଙ୍କ ନାଟକୀୟ ଢଙ୍ଗରେ ସିନ ରିକ୍ରିଏସନ ସାଧାରଣରେ ବିଶ୍ୱାସଯୋଗ୍ୟ ହୋଇପାରୁନଥିବା ନେଇ ଆଲୋଚନା ହେଉଛି।

### ଉପଭୋକ୍ତା ଶୋଷିତ, ଶିଳ୍ପପତିଙ୍କୁ ଅନୁକମ୍ପା

# ଝିଣ୍ଟିକା ମାରି ବଣି ପୋଷୁଛି ଏସଏଲଡିସି

- ବର୍ଷକୁ ରାଜସ୍ୱ କ୍ଷତି ୧୭୨୮ କୋଟି ଟଙ୍କା
- ୧୫ ହଜାର ମେଗାୱାଟରୁ ଆଦାୟ ହେଉନି ଟାରିଫ

ଭୁବନେଶ୍ୱର, ୬।୧୧(ସମିସ): ରାଜ୍ୟରେ ଝିଣ୍ଟିକା ମାରି ବଣି ପୋଷୁଛି ରାଜ୍ୟ ବିଦ୍ୟୁତଭାର ପ୍ରେରଣ କେନ୍ଦ୍ର (ଏସଏଲଡିସି)। ରାଜ୍ୟର କୋଟିଏ ବିଦ୍ୟୁତ୍ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଉପେକ୍ଷା କରି ଏହି ସଂସ୍ଥା ଶିଳ୍ପପତିମାନଙ୍କୁ ଅନୁକମ୍ପା ଦେଖାଇଛି ଓ ଏଥିଯୋଗୁଁ ଗୋଟିଏ ବର୍ଷରେ ୧୭୨୮ କୋଟି ଟଙ୍କା ରାଜସ୍ୱ କ୍ଷତି ଘଟିଛି । କ୍ୟାପ୍‌ଟିଭ୍ ପ୍ଲାଣ୍ଟ ସ୍ଥାପନ କରିଥିବା ଏହି ଶିଳ୍ପଗୁଡ଼ିକରୁ ବର୍ଷକରେ ୭୨୦୦ କୋଟି ୟୁନିଟ ବିଦ୍ୟୁତ ବିନା ଦେୟରେ ପ୍ରେରଣ କରିଛନ୍ତି ଓ ପରୋକ୍ଷରେ ଏହି ବିଦ୍ୟୁତ୍ ପରିବହନର ଦେୟ ଅନ୍ୟାୟ ଭାବରେ ରାଜ୍ୟର କୋଟିଏ ଉପଭୋକ୍ତାଙ୍କୁ ବହନ କରିବାକୁ ପଡ଼ିଛି । ଏପରି ଏକ ସାଂଘାତିକ ଅଭିଯୋଗ ଆସିବା ପରେ ରାଜ୍ୟ ଶକ୍ତି ବିଭାଗ ଓ ଏସ୍ଇଏଲ୍‌ଡ଼ିସିର ଭୂମିକାକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି । ସୁଲଭ ବିଦ୍ୟୁତ୍ ଯୋଗାଇବା ପରିବର୍ତ୍ତେ ଉପଭୋକ୍ତା ଶୋଷଣ ନୀତି ବିରୋଧରେ କ୍ରମଶଃ ସାଧାରଣରେ ରୋଷ ବଢ଼ିବାରେ ଲାଗିଛି । ଯାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ରାଜ୍ୟର ଶକ୍ତି ସମୀକ୍ଷକ ଓ ବିଶେଷଜ୍ଞଗଣ।

ସୂଚନାନୁସାରେ ବିଦ୍ୟୁତ ଆଇନ ୨୦୦୩ ଧାରା ୩୧ ଅନୁସାରେ ଏସଏଲଡିସି କାର୍ଯ୍ୟକୁ ସୁପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ସରକାରୀ କମ୍ପାନୀ ଗଠନ କରାଯିବା କଥା। ଓପିଟିସିଏଲ ଅଧୀନରେ ଥିବା ଉଚ୍ଚ କ୍ଷମତା ସମ୍ପନ୍ନ ସମସ୍ତ ବିଦ୍ୟୁତ ଗ୍ରୀଡ୍ ଗୁଡିକ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ସହିତ ସେଗୁଡିକୁ ନିୟନ୍ତ୍ରଣ କରି ତାହାର ସର୍ବୋତ୍ତମ ବ୍ୟବହାର କରିବା ବିଦ୍ୟୁତ ଆଇନ ଧାରା ୩୨ ଅନୁସାରେ ଏସଏଲଡିସିର ପ୍ରମୁଖ କାର୍ଯ୍ୟ । ଏପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସମ୍ପାଦନ କରିବାପାଇଁ ରାଜ୍ୟ ଗ୍ରୀଡ୍ ସହିତ ସଂଯୋଗ ହୋଇଥିବା ସମସ୍ତ ବିଦ୍ୟୁତ ଉତ୍ପାଦନ କମ୍ପାନୀ ଓ ଲାଇସେନ୍ସଧାରୀ ବିଦ୍ୟୁତ ଉପଭୋକ୍ତାମାନଙ୍କର ସବିଶେଷ ତଥ୍ୟ ପଞ୍ଜୀକରଣ କରି ସେମାନେ ପ୍ରତି ମିନିଟରେ ପ୍ରେରଣ ଓ ଗ୍ରହଣ କରୁଥିବା ସମସ୍ତ ବିଦ୍ୟୁତଶକ୍ତିର ଟିକିନିଖି ହିସାବ ରଖିବା। ମାତ୍ର ଏଇଠାରେ ସବୁ ଗଡ଼ବଡ଼ ଆରମ୍ଭ ହୋଇଛି।

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ଯେ ରାଜ୍ୟ ଗ୍ରୀଡ ସହିତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ପ୍ରାୟ ୬୦ଟି ଉତ୍ପାଦନ କମ୍ପାନୀ ସଂଯୋଗ ହୋଇ ୨୫ ହଜାର ମେଗାୱାଟ କ୍ଷମତାର ବିଦ୍ୟୁତ ଉତ୍ପାଦନ ଶକ୍ତିକେନ୍ଦ୍ର ସ୍ଥାପନ କରିଛନ୍ତି। ଏଥିରେ କେନ୍ଦ୍ର ଓ ରାଜ୍ୟସରକାରଙ୍କ ସଂସ୍ଥା ସହିତ ଶିଳ୍ପପତି ମାନଙ୍କର ସ୍ୱାଧୀନ ଓ ନିଜସ୍ୱ ବିଦ୍ୟୁତ କେନ୍ଦ୍ର ରହିଛି। ଏସଏଲଡିସି ଓ ଓପିଟିସିଏଲ ନିଜର ସମୁଦାୟ ବାର୍ଷିକ ଖର୍ଚ୍ଚ ଭରଣା କରିବା ପାଇଁ କେବଳ ଓଡ଼ିଶା ପାଇଁ ସଂରକ୍ଷିତ ଥିବା ୧୦ ହଜାର ମେଗାୱାଟ ବିଦ୍ୟୁତ ପ୍ରେରଣରୁ ଟାରିଫ ଆଦାୟ କରୁଥିବା ବେଳେ ଅବଶିଷ୍ଟ ୧୫ ହଜାର ମେଗାୱାଟ ବା ୭୨ ହଜାର ନିୟୁତ ୟୁନିଟ ବିଦ୍ୟୁତ ଉପରେ ଟାରିଫ ଆଦାୟ ନକରି ଲୁଚାଛପାରେ ପ୍ରେରଣ କରୁଛି। ଫଳରେ ଓଡ଼ିଶାର ଏକକୋଟି ଉପଭୋକ୍ତା ରାଜ୍ୟ ଗ୍ରୀଡର ସମସ୍ତ ବାର୍ଷିକ ଖର୍ଚ୍ଚ ଅନ୍ୟାୟ ଭାବେ ଭରଣା କରୁଛନ୍ତି। ତେଣୁ ଏସଏଲଡିସି ଓ ଓପିଟିସିଏଲ ଅପାରଗତା ତଥା ଦୁର୍ନୀତିଖୋର ମନୋବୃତ୍ତି ପାଇଁ ୟୁନିଟ ପିଛା ୨୪ ପଇସା ହିସାବରେ ବାର୍ଷିକ ୧୭୨୮ କୋଟିଟଙ୍କା ରାଜସ୍ୱ ହରାଉଛି ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି।

# ଚିଟ୍‌ଫଣ୍ଡ କମ୍ପାନୀ ମାଲିକଙ୍କ ଘରେ ଇଡି ଚଢ଼ଉ

ବ୍ରହ୍ମପୁର, ୬।୧୧(ସମିସ): ଗ୍ରୀନ୍‌ଇଣ୍ଡିଆ ଚିଟଫଣ୍ଡ କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ସିଂଙ୍କ ଘର ଓ କାର୍ଯ୍ୟାଳୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଚଢ଼ଉ କରାଯାଇଛି। ଗୁରବାର ଇଡିର ୬ ଜଣିଆ ଏକ ଟିମ୍ ବ୍ରହ୍ମପୁର ଆଯୋଧ୍ୟାନଗର ୨ୟ ଲାଇନ୍‌ସ୍ଥିତ ପ୍ରଦୀପଙ୍କ ବାସଭବନରେ ଚଢ଼ଉ କରି ପରିବାର ସଦସ୍ୟଙ୍କୁ ପଚରାଉଚରା କରିଛି। ସେହିପରି ଜୟପ୍ରକାଶ ନଗର ଛକ ନିକଟରେ ଥିବା ତାଙ୍କର ଏକ ବିଲଡର୍ ସଂସ୍ଥାରେ ମଧ୍ୟ ଚଢ଼ଉ କରାଯାଇଛି। ଜମି କାରବାରରେ କୋଟିକୋଟି ଟଙ୍କାର ହେରଫେର୍ ଅଭିଯୋଗରେ ଇଡି ପକ୍ଷରୁ ଏହି ଚଢ଼ଉ ହୋଇଥିବା କୁହାଯାଉଛି। ପ୍ରକାଶଥାଉକି, ଗ୍ରୀନ୍ ଇଣ୍ଡିଆ ଚିଟଫଣ୍ଡ ସଂସ୍ଥାର ଆର୍ଥିକ ଠକେଇ ସାମ୍ନାକୁ ଆସିବା ପରେ ପ୍ରଦୀପ ସିଂ ଗିରଫ ହୋଇ ଜେଲ ଯାଇଥିଲେ। ବର୍ତ୍ତମାନ ସେ ଜାମିନରେ ଅଛନ୍ତି। ନିକଟରେ ତାଙ୍କ ନାମରେ ବୈଦ୍ୟନାଥପୁର ଥାନାରେ ଏକାଧିକ ଆର୍ଥିକ ଠକେଇ ମାମଲା ରୁଜୁ ହୋଇଥିଲା।

# ଭିଜିଲାନ୍ସ ଜାଲରେ କୋଟିପତି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ

କେନ୍ଦୁଝର, ୬।୧୧ (ସମିସ): ଲାଞ୍ଚ ନେଇ ଭିଜିଲାନସ୍ ଜାଲରେ ପଡ଼ିଛନ୍ତି କେନ୍ଦୁଝର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟ। ଏକ ଏନ୍‌ଜିଓ ନିକଟରୁ ଫୋନ୍-ପେ' ଜରିଆରେ ୨୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନସ୍ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ତାଙ୍କର ୩ଟି ଠିକଣାରେ ଚଢ଼ଉ କରୁଛି ଭିଜିଲାନସ୍। ପ୍ରାଥମିକ ସୂଚନାନୁସାରେ, ଶ୍ରୀ ସାମନ୍ତରାୟଙ୍କ ଭୁବନେଶ୍ୱରରେ ୧୦ଟି ପ୍ଲଟ୍, ୩ ହଜାର ବର୍ଗଫୁଟ୍‌ର ୩ ମହଲା ବିଶିଷ୍ଟ ଏକ ଘର, ଭୁବନେଶ୍ୱର ଉପକଣ୍ଠ ମଦନପୁରଠାରେ ଅନ୍ୟ ଏକ ଘର, ୩ ଏକରର ଏକ ଫାର୍ମହାଉସ୍ ଠାବ ହୋଇଛି। ଠାବ ସଂପତ୍ତିର ମୂଲ୍ୟ ୧କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ବିଶେଷଜ୍ଞ ଟିମ୍ ଏହାର ଆକଳନ କରୁଛନ୍ତି। ଏଥିସହ ସେ ବିଭିନ୍ନ କାମ କରାଇବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଲୋକଙ୍କଠାରୁ ଫୋନ୍ ପେ ମାଧ୍ୟମରେ ଲାଞ୍ଚ ନେଇଥିବା ଭିଜିଲାନସ୍ ବିଭାଗ ଜାଣିବାକୁ ପାଇଛି।



# ଅସୀମ ଦା' ଖଟିରେ 'ଚିତ୍ର ଚର୍ଚ୍ଚାରେ ଚିତ୍ରକର'



ଭୁବନେଶ୍ୱର,୬।୧୧(ସମିସ): ଭୁବନେଶ୍ୱରର କଳା ଓ ସଂସ୍କୃତିର ଅନୁଷ୍ଠାନ "ଛବିଘର' ପକ୍ଷରୁ ଗୁରୁବାର ରବିନ୍ଦ୍ର ମଣ୍ଡପ ସମ୍ମୁଖ ଅସୀମ ଦା' ଖଟିରେ ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଥିଲା। ଏକାଠି ହୋଇଥିଲେ ବହୁ ଚିତ୍ରଶିଳ୍ପୀ। କୌଣସି ସଭାଗୃହ ନ ଥିଲା କି ମଞ୍ଚ, ଆଡ଼ମ୍ବର କି ଖାଦ୍ୟ ପାନୀୟ ନ ଥିଲା। ଖଟିରେ ବସି ଅନୌପଚାରିକ ଭାବେ ଚିତ୍ର ବିଷୟରେ ଚର୍ଚ୍ଚା କରିଥିଲେ ଉପସ୍ଥିତ ଚିତ୍ରକର। ୪ ଜଣ ବରିଷ୍ଠ ଚିତ୍ରଶିଳ୍ପୀ ବାଞ୍ଛାନିଧି ପଟ୍ଟନାୟକ, ରାମହରି ଜେନା, ରାମକୃଷ୍ଣ ବେଦାଲା ଓ ଅତସୀ ବସୁ ଜେନା ଚିତ୍ର ବିଷୟରେ ଚର୍ଚ୍ଚା କରିଥିଲେ। ଛବିଘର ଅନୁଷ୍ଠାନର ସମ୍ପାଦକ ଅମର କୁମାର ଜନା ଚର୍ଚ୍ଚାକୁ ପରିଚାଳନା କରିଥିଲେ। ଅତଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ ବରିଷ୍ଠ କବି ରାଜେନ୍ଦ୍ର ପଣ୍ଡାଙ୍କ ସ୍ମରଣେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ଚିତ୍ରଶିଳ୍ପୀ ବାଞ୍ଛାନିଧି ପଟ୍ଟନାୟକ ତାଙ୍କ ୫୦ ବର୍ଷର ଶିଳ୍ପୀ ଜୀବନ ଓ ଅସୀମ ଦା'ଙ୍କ ସହ ବିତାଇଥିବା ଓ ତାଙ୍କଠୁ ଶିଖିଥିବା ଅନୁଭୂତି ବଖାଣିଥିଲେ। ତତ୍ପରେ ରାମହରି ଜେନା ଓଡ଼ିଶା ଚିତ୍ରକଳାର ଇତିହାସ ବିଷୟରେ ଆଲୋକପାତ କରିଥିଲେ। ରାମକୃଷ୍ଣ ବେଦାଲା ଓଡ଼ିଶାର ଚିତ୍ରଶିଳ୍ପୀମାନେ ରାଜ୍ୟ, ଦେଶ ତଥା ଅନ୍ତର୍ଜାତୀୟ ସ୍ତରରେ ଚିତ୍ରକଳାରେ ନିଜର ନୈପୁଣ୍ୟତା ପ୍ରତିପାଦନ କରିଥିଲେ। ଅତସୀ ବସୁ ଜେନା କିପରି ଅସୀମ ଦା' (ବାବୁଜୀ)ଙ୍କ ପାଖରୁ ଅନୁପ୍ରାଣିତ ହୋଇ ଚିତ୍ର ପ୍ରତି ଆଗ୍ରହ ଓ ଏହାକୁ ପେସା କରିଥିବା କଥା କହିବା ସହ ଛବିଘର ବିଷୟରେ ନିଜ ଅଭିବ୍ୟକ୍ତି ରଖିଥିଲେ। ଏହି ଚର୍ଚ୍ଚାରେ ଶିଳ୍ପୀ ଜୟନ୍ତ ଦାସ, ସୁବ୍ରତ ମଲ୍ଲିକ, ମୀନକେତନ ପଟ୍ଟନାୟକ, ପ୍ରଦୀପ ପାଣ୍ଡେ, ରଘୁନାଥ ସାହୁ, ଲିପଶ୍ରୀ ନାୟକ, ଜନପ୍ରିୟ ଦେବତା, କବି ଭାଗ୍ୟଲିପି ମଲ୍ଲ, ଜୟନ୍ତୀ ଧଳ, ଉମାକାନ୍ତ ରାଉତ, ଅମୃତ ମହାନ୍ତି, କପିଳାସ ଭୂୟାଁ, ବହୁ ଯୁବ ଚିତ୍ରଶିଳ୍ପୀ ଓ ଅଭିନେତା ଯୋଗଦେଇଥିଲେ। ଶେଷରେ ଅସୀମ ବସୁ ଫାଉଣ୍ଡେସନ ପକ୍ଷରୁ ଦେବଦତ୍ତ ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ସତ୍ୟବାଦୀ ସୃଜନିକା ପତ୍ରିକା ଉନ୍ମୋଚିତ



ସାକ୍ଷୀଗୋପାଳ,୬।୧୧(ସମିସ): ପ୍ରାଧ୍ୟାପକ ବସନ୍ତ କୁମାର ରଥଙ୍କ ସମ୍ପାଦନାରେ "ସତ୍ୟବାଦୀ ସୃଜନିକା' ପତ୍ରିକାର ୩ୟ ସଂକଳନ ଉନ୍ମୋଚନ ଉତ୍ସବ ଆଇନଜୀବୀ ଉମାବଲ୍ଲଭ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା ବାସନ୍ତୀ ଦେବୀ, ଆରତୀ କର, ଶ୍ୱେତାବଲ୍ଲଭ ମହାପାତ୍ର, ପ୍ରାଧ୍ୟାପକ ବୃନ୍ଦାବନ ରଥ, ଧରଣୀଧର ପ୍ରଧାନ, ବିରଜା ଶତପଥୀ, ରାମ ନାରାୟଣ ମିଶ୍ର, ଗାନ୍ଧୀତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକ, ରଶ୍ମି ମହାପାତ୍ର, ସ୍ତମ୍ଭକାର ଦେବତିକ୍ତ ମିଶ୍ର ପ୍ରମୁଖ ଯୋଗଦେଇ ସତ୍ୟବାଦୀର କୃତୀ, କିର୍ତ୍ତୀ, ତ୍ୟାଗ ଓ ଅପୂର୍ବ ସମାଜସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାଧ୍ୟାପକ ଡ. ରଥ ସ୍ୱାଗତ ଅଭିଭାଷଣରେ ପତ୍ରିକାର ମହତ୍ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଆୟୋଜିତ କବିତା ପାଠୋତ୍ସବକୁ ପ୍ରାକ୍ତନ ଓଡ଼ିଆ ପ୍ରାଧ୍ୟାପକ ଅଭିମନ୍ୟୁ ବରାଳ ସମୀକ୍ଷା କରିଥିଲାବେଳେ କବୟିତ୍ରୀ ସୁଜାତା ଦେବୀ ସଂଯୋଜନା କରିଥିଲେ। କବି ଦିଗମ୍ବର ରଥ, ରଞ୍ଜନ ମିଶ୍ର, ସୁନନ୍ଦା ମହାନ୍ତି, ବିଶାଖା ଦେବୀ, ବନ୍ଦନା ମହାପାତ୍ର, ବିଭୂତି ହୋତା, କାହ୍ନୁ ପ୍ରଧାନ, ରବିନ୍ଦ୍ର ନାଥ ଷଡ଼ଙ୍ଗୀ, ଲୋକନାଥ ସେଠୀ, କାଶୀନାଥ ମହାପାତ୍ର, ଜିତେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟମାନେ କବିତାପାଠ କରିଥିଲେ। ଏହି ଅବସରରେ ଡ. ବସନ୍ତ ରଥଙ୍କ ସତ୍ୟବାଦୀ ସୃଜନିକା ଓ ସୁଜାତା ଦେବୀଙ୍କ ଦ୍ୱାରା ଲିଖିତ ଶିଶୁ ଉପନ୍ୟାସ ପୁସ୍ତକ ଉନ୍ମୋଚିତ ହୋଇଥିଲା। କବିତା ସଂଯୋଜନା ଓ ପରିଚାଳନାରେ ଶିକ୍ଷକ ଅଭୟ ଚରଣ ସାହୁ, ରଘୁନାଥ ସ୍ୱାଇଁ ସହଯୋଗ କରିଥିଲେ। ସମାଜସେବୀ ରାଜକିଶୋର ପତି ଧନ୍ୟବାଦ ଦେଇଥିଲେ।

# କାକଟପୁର ବଜାରରେ ସିସିଟିଭି ନାହିଁ; ଖସି ଯାଉଛନ୍ତି ଅପରାଧୀ

କୁଣ୍ଢେଇ,୬।୧୧(ସମିସ): ପୁରୀ ଜିଲ୍ଲା କାକଟପୁରରେ ଜଗଜ୍ଜନନୀ ମା' ମଙ୍ଗଳାଙ୍କ ମନ୍ଦିରକୁ ପ୍ରତିଦିନ ଶହଶହ ଭକ୍ତ ଆସୁଥିବାବେଳେ କାକଟପୁର ବଜାରରେ ଅନେକ ଘରୋଇ ମଣ୍ଡପ ଥିଲେ ମଧ୍ୟ ପରିବାର ଲୋକେ ବ୍ରହ୍ମଦାରୁ କ୍ଷେତ୍ର ବା ପର୍ଯ୍ୟଟନସ୍ଥଳୀ ଦେଉଳି ମଠରେ ବିବାହ, ବ୍ରତ, ଜନ୍ମଦିନ, ନିର୍ବନ୍ଧ କରୁଛନ୍ତି। ସେହିପରି କାକଟପୁର ବଜାରରେ ରହିଛି ୨୫ରୁ ଉର୍ଦ୍ଧ୍ୱ ଜୁଏଲାରୀ ଦୋକାନ, ବିଭିନ୍ନ ଜାତୀୟକରଣ ବ୍ୟାଙ୍କ, ବ୍ଲକ୍, ତହସିଲ୍, ମେଡିକାଲ। ଏଥିପାଇଁ ବଜାରକୁ ପ୍ରତିଦିନ ଶହଶହ ଲୋକେ ଆସୁଥିବାରୁ ଜନଗହଳି ବଜାର ଭାବେ ଜଣା। ଅନେକ ସମୟରେ ଶୁଣିବାକୁ ମିଳେ ଅପରାଧୀମାନେ କାକଟପୁର ବଜାରରେ ଅପରାଧ ଘଟାଇ ଗଳାବାଟ ଦେଇ ଖସି ଯାଉଛନ୍ତି। ଖାଲି ସେତିକି ନୁହେଁ ନିଶା କାରବାର, ଦ୍ରୁତ ଗାଡ଼ି ଚାଳନା ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏସବୁ ଅପରାଧ ରୋକିବାକୁ କାକଟପୁର ବଜାରରେ ସିସିଟିଭି କ୍ୟାମେରା ଜରୁରୀ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଜଗତସିଂହପୁର, ପାରାଦୀପ, ପୁରୀ, ଖୋର୍ଦ୍ଧା ଓ କଟକ ଜିଲ୍ଲା କାକଟପୁରକୁ ଲାଗିଥିବାରୁ ଅପରାଧୀମାନେ କାକଟପୁରକୁ ଆସି ବିଭିନ୍ନ ଅଘଟଣ ଘଟାଇ ସହଜରେ ଖସିଯାଉଛନ୍ତି। ଏଥିପାଇଁ ସକାଳ ଭ୍ରମଣରେ ଯିବାକୁ ଲୋକେ ଭୟ କରୁଛନ୍ତି। ଅପରାଧ ରୋକିବା ପାଇଁ ସିସିଟିଭି ଲାଗିବା ଉପରେ ପ୍ରଶାସନ ଓ ଜନପ୍ରତିନିଧି ଆସନ୍ତା ପଞ୍ଚାୟତ ସମିତି ବୈଠକରେ ଆଲୋଚନା କରିବାକୁ ସାଧାରଣରେ ଦାବି ହେଉଛି। କାକଟପୁର ଥାନା ଅଞ୍ଚଳରେ ଦିନକୁ ଦିନ ଚୋରା ନିଶା କାରବାର, ଚୋରି, ଡକାୟତି, ଦ୍ରୁତ ଗତିରେ ଗାଡ଼ି ଚଳାଇ ବିଭିନ୍ନ ଗଳାବାଟ ଦେଇ ଖସିଯାଉଛନ୍ତି। କାକଟପୁର ବ୍ଲକ୍ ଛକଠାରୁ



ତହସିଲ୍ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ବଜାର ମଧ୍ୟରେ ପ୍ରଶାସନ ତରଫରୁ କେଉଁଠି ଗୋଟେ ବି ସିସିଟିଭି ନାହିଁ। ଫଳରେ ଯଦି ବଜାରରେ କିଛି ଅଘଟଣ ଘଟୁଛି କାକଟପୁର ଥାନା ପୁଲିସ ବଜାରରେ ଥିବା ବିଭିନ୍ନ ଦୋକାନର ସିସିଟିଭି ଯାଞ୍ଚ କରୁଛନ୍ତି ହେଲେ ସେଥିରୁ କିଛି ତଥ୍ୟ ମିଳୁନାହିଁ। ୨ କିଲୋମିଟର ବଜାର ମଧ୍ୟରେ ପ୍ରଶାସନ ତରଫରୁ ୮/୧୦ଟି ସିସିଟିଭି କ୍ୟାମେରା ଲାଗିଲେ ବଜାରରେ ଘଟୁଥିବା ଅଘଟଣର ସଠିକ୍ ତଥ୍ୟ ମିଳିପାରନ୍ତା। ସେହିପରି କାକଟପୁର ବ୍ଲକ୍ ୧୬ଟି ପଞ୍ଚାୟତ ଗ୍ରାମ ଛକ ବଜାରରେ ଯଦି ପଞ୍ଚାୟତ ତରଫରୁ ସିସିଟିଭି କ୍ୟାମେରା ଲଗାଯାଏ ତେବେ ଚୋରି, ଡକାୟତି, ନିଶା କାରବାର ରୋକିବା ସହଜ ହୁଅନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଉଛି। ଅପରାଧୀମାନେ କାକଟପୁର ଅଞ୍ଚଳକୁ ନିରାପଦ ସ୍ଥାନ ଭାବେ ବାଛିନେଇ ବିଭିନ୍ନ ସମୟରେ ଅଘଟଣ ଘଟାଉଛନ୍ତି। ସମସ୍ତଙ୍କୁ କାକଟପୁର ଥାନା ପୁଲିସ ସୁରକ୍ଷା ଯୋଗାଇଦେବାକୁ ଅହରହ କାର୍ଯ୍ୟ କରୁଥିଲେ ମଧ୍ୟ ଅପରାଧୀଙ୍କ ଟେର୍ ପାଉନି।

ପ୍ରକାଶଥାଉ କି, ଗତ ଫେବୃଆରୀ ୧୨ ତାରିଖ ରାତିରେ ଶ୍ରୀରାମପୁର ଗ୍ରାମରୁ ଗୋଟିଏ ରାତିରେ ଦୁଇ ଜଣଙ୍କ ଘରୁ ଚୋରି ହୋଇଥିବାବେଳେ ଜଣେ ବ୍ୟକ୍ତିଙ୍କ ଘରୁ ଏକ ପାଣି ପମ୍ପ୍ ଚୋରି ହୋଇଥିଲା। ବିଜୟ ସାହୁଙ୍କ ଷ୍ଟୋର୍ ରୁମ୍ ତାଲା ଭାଙ୍ଗି ଏକ ପାଣି ପମ୍ପ୍, ଜେନେରେଟର ଓ ଅନେକ ଘର ତିଆରି ସାମଗ୍ରୀ ଚୋରି ହୋଇଥିଲା। ବିଜୟ ସାହୁ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଚୋରି ସାମଗ୍ରୀ କୌଣସି ସନ୍ଧାନ ମିଳିନାହିଁ। ହେଲେ ଅନ୍ୟ ଜଣେ ବ୍ୟକ୍ତି ଥାନାରେ ଅଭିଯୋଗ ନ କରି କୁଣ୍ଢେଇ ହାଟର ଏକ କବାଡ଼ିଆ ଦୋକାନରୁ ଚୋରି ଯାଇଥିବା ପାଣି ପମ୍ପ୍ କିଣିଛନ୍ତି। ଶ୍ରୀ ସାହୁ ସେହି କବାଡ଼ିଆ ଦୋକାନ ନାମ କାକଟପୁର ଥାନାରେ ଜଣାଇଥିଲେ ମଧ୍ୟ କାକଟପୁର ପୁଲିସ ନିରବ ବସିଛି। ଅପରାଧୀଙ୍କ ଉପରେ ନଜର ରଖିବାକୁ କାକଟପୁର ବଜାର ସହିତ ବିଭିନ୍ନ ଗ୍ରାମ ଛକ ଜାଗାଗୁଡ଼ିକରେ ସିସିଟିଭି କ୍ୟାମେରା ଲାଗିବା ଜରୁରୀ ହୋଇପଡ଼ିଛି। ତୁରନ୍ତ ସିସିଟିଭି ଲାଗିବାର ବ୍ୟବସ୍ଥା କରାଗଲେ ଅପରାଧୀମାନଙ୍କୁ ପୁଲିସ ଧରିବାରେ ସକ୍ଷମ ହୋଇପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ୩ୟ ବାର୍ଷିକ ବୋଇତ ବନ୍ଦାଣ ଉତ୍ସବ




ନିମାପଡ଼ା,୬।୧୧(ସମିସ): ଓଡ଼ିଶାର କଳା ଓ ସଂସ୍କୃତିକୁ ଗ୍ରାମାଞ୍ଚଳରେ ଉଜ୍ଜୀବିତ ରଖିବା ପାଇଁ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ସଲଙ୍ଗ ପଞ୍ଚାୟତ ଭଣ୍ଟିଗ୍ରାମରେ ୩ୟ ବାର୍ଷିକ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ବରିଷ୍ଠ ସାମ୍ବାଦିକ ମାନସ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ନିମାପଡ଼ା ପ୍ରେସ୍ କ୍ଲବ୍‌ର ସଭାପତି ଅକ୍ଷୟ ବେହେରା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ସେନାପତି, ସମ୍ମାନିତ ଅତିଥିଭାବେ ମହନ୍ତ ସୁଦର୍ଶନ ଦାଶ ମହାରାଜଜୀ, ବିଜୟପାଢ଼ୀ, ପର୍ଶୁରାମ ବେହେରା ପ୍ରମୁଖ ଯୋଗଦେଇ ବୋଇତ ବନ୍ଦାଣ ଉତ୍ସବର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୨୦୨୪-୨୫ ମାଟ୍ରିକ୍ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସିପ୍ରା ସାଗରିକା ପରିଡ଼ା, ଆସ୍ଥା ଜହ୍ନା, ରିତିକ ବେହେରାଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଉକ୍ତ ଉତ୍ସବରେ ଗ୍ରାମବାସୀ ଓ ଯୁବକ ସଂଘର ସଦସ୍ୟମାନେ ସହଯୋଗ କରିଥିଲେ। ପରିଶେଷରେ କୁନିକୁନି କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଜୁଣୁପୁରରେ ୩୨ତମ କାର୍ତ୍ତିକେଶ୍ୱର ପୂଜା



ଚାରିଛକ,୬।୧୧(ସମିସ):ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ଭୋଦର ପଞ୍ଚାୟତ ଜୁଣୁପୁର ଗ୍ରାମରେ ପ୍ରତିବର୍ଷ ଭଳି ଚଳିତବର୍ଷ ୩୨ତମ କାର୍ତ୍ତିକେଶ୍ୱରଙ୍କ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଛି। ନିକଟସ୍ଥ ବିଶିମାତ୍ରୀ ମହାଦେବଙ୍କ ପୁଷ୍କରିଣୀରୁ କଳସଧାରୀମାନେ ଜଳ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ପୂଜକ ନୀଳମଣି ଦାଶ, ସୀତାକାନ୍ତ ମୁଖାର୍ଜୀ ଓ ସାଥିମାନଙ୍କ ଦ୍ୱାରା ଯଥା ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ। ପୂଜାରେ କର୍ତ୍ତା ଭାବେ ବିଜୟ ବେହେରା ଓ ତପସ୍ୱନୀ ବେହେରା ଯୋଗଦେଇଥିଲେ। ପୂଜା କମିଟିର ସଦସ୍ୟ ଶରତ ବେହେରା, ବାନାମ୍ବର ଦାସ, କାହ୍ନୁ ବେହେରା, ଅମରଜିତ୍ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ, ବିଜୟ ବେହେରା, ବାବୁଲି ବେହେରା, ରାଜେଶ ଦାସ, ହେମନ୍ତ ବେହେରା, ଦିଲ୍ଲୀପ ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଏହି ପୂଜା ୫ଦିନ ଧରି ଚାଲିବ। ପ୍ରତ୍ୟହ ସନ୍ଧ୍ୟାରେ ପାଲା, ଭଜନ ସନ୍ଧ୍ୟା, ପ୍ରବଚନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ ଆସନ୍ତା ୯ ତାରିଖରେ ଭସାଣ ଉତ୍ସବ ଅନୁଷ୍ଠିତ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ସ୍ୱଚ୍ଛ ଭାରତ ମିଶନ ଅଭିଯାନ ଉଦ୍‌ଘାଟିତ



ଅସ୍ତରଙ୍ଗ,୬।୧୧(ସମିସ): ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନରେ ଗ୍ରାମାଞ୍ଚଳର ସ୍ୱଚ୍ଛତା ବଜାୟ ରଖିବା ପାଇଁ ସ୍ୱଚ୍ଛ ଭରତ ଅଭିଯାନ (ଗ୍ରାମୀଣ) ଗତ ବୁଧବାର ସର୍ବଧର୍ମ ପୀଠ ପୀର ଜାହାନିଆଙ୍କ ପୀଠରେ ହେଉଥିବା ବାଲିଯାତ୍ରାରେ ଶୁଭ ଉଦ୍‌ଘାଟନ ହୋଇଛି। ଏହି ଉଦ୍‌ଘାଟନ ଉତ୍ସବରେ ବିଡିଓ ସସ୍ମିତା ବେହେରା, ଅଧ୍ୟକ୍ଷା ଆରତି ନାୟକ, ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ର, ସାଂସଦ ପ୍ରତିନିଧି ଦିବାକର ଛାଟୋଇ, ବିଧାୟକ ପ୍ରତିନିଧି ଭୀମସେନ ସ୍ୱାଇଁ, ୧ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ସରପଞ୍ଚ କ୍ଷୀରୋଦ କାଣ୍ଡି, ସମିତିସଭ୍ୟ ରାମ ନାୟକ, ଜେଇ ସତ୍ୟ ମହାନ୍ତି ପ୍ରମୁଖ ଯୋଗଦେଇ ସବୁଠାରେ ଶୌଚାଳୟ ନିର୍ମାଣ କରି ବାହ୍ୟ ମଳ ମୂତ୍ର ମୁକ୍ତ କରିବା, ତରଳ ଓ କଠିନ ବର୍ଜ୍ୟବସ୍ତୁ ପରିଚାଳନା କରିବା, ଗ୍ରାମାଞ୍ଚଳକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ସହିତ ଶୌଚାଳୟ ବ୍ୟବହାର କରି ସ୍ୱାସ୍ଥ୍ୟ ସମ୍ପଦକୁ ସଠିକ୍ ରଖିବା ପାଇଁ ପରାମର୍ଶ ଦେଇଛନ୍ତି।

# କାର୍ତ୍ତିକ ପୂର୍ଣ୍ଣିମାରେ ଭଜନ ସମାରୋହ

ପିପିଲି,୬।୧୧(ସମିସ): ପିପିଲି ନିକଟବର୍ତ୍ତୀ ଦାଣ୍ଡମୁକୁନ୍ଦପୁରର ପଞ୍ଚମସ ଗ୍ରାମରେ ମା' ମଙ୍ଗଳା ପୂଜା କମିଟି ଆନୁକୂଲ୍ୟରେ ପଞ୍ଚମ ବାର୍ଷିକ ଭଜନ ସମାରୋହ ମଙ୍ଗଳାଙ୍କ ମନ୍ଦିର ପରିସରରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ରମେଶ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଶିକ୍ଷାବିତ୍ ତଥା ସ୍ତମ୍ଭକାର ଅର୍ଜୁନ ଘଡ଼େଇ, ପିପିଲି ବ୍ଲକ୍ ଶିକ୍ଷା ଅଧିକାରୀ ପୀତବାସ ସେଠୀ, ବ୍ଲକ୍ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ସରପଞ୍ଚ ପରେଶ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ ମଲ୍ଲିକ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସୁସ୍ଥ ସମାଜ ଗଠନ ପାଇଁ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆବଶ୍ୟକତା ରହିଥିବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କଣ୍ଠଶିଳ୍ପୀ ସତ୍ୟଭାମା ମହାପାତ୍ର ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ମଥ ଦାସ, ସାଧୁ ଚରଣ ସାହୁ, ଅଶୋକ ମଲ୍ଲିକ, ସନ୍ତୋଷ ଜେନା ପ୍ରମୁଖ ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ତୁଲାଇଥିଲେ।

# ପ୍ରାଚୀ ପୀଠରେ ସମ୍ରାଟ ଐରଖାରବେଳଙ୍କ ଜୟନ୍ତୀ

ଚାରିଛକ,୬।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପ୍ରାଚୀତଟ ପଦ୍ମ ସମ୍ଭବ ପୀଠରେ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ କଳିଙ୍ଗର ଦିଗ୍‌ବିଜୟୀ ଚକ୍ରବର୍ତ୍ତୀ ମହାମେଘ ବାହନ ଐରଖାରବେଳଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଆଲେକ୍‌ଜାଣ୍ଡରଙ୍କ ସନ୍ୟବାହିନୀକୁ ଭାରତ ଭୂଖଣ୍ଡରୁ ବିଦାକରିବାକୁ ସେ ହିଁ ସକ୍ଷମ ହୋଇଥିଲେ। ପ୍ରାଚୀନଦୀକୁ ଖନନ କରାଇ ସୁନାବ୍ୟା କରି ମଧ୍ୟଦେଶରୁ ପୂର୍ବ ସାଗର ପର୍ଯ୍ୟନ୍ତ ସଂଯୋଗ କରିବା ଫଳରେ କଳିଙ୍ଗ ନୌବାଣିଜ୍ୟ ବିଶ୍ୱ ପରିଚୟ ପାଇଥିଲା। ପ୍ରାଚୀତଟ ଚୌରାଶି ଗ୍ରାମରେ ୮୪ ବାମ୍ଫି ଖନନକରି ଗୁପ୍ତ ରାଜଧାନୀ ସ୍ଥାପନ ସହ ନିକଟରେ ବନ୍ଦେଶ୍ୱର ବନ୍ଦର ସ୍ଥାପନ, ସଭାମଣ୍ଡପ ଗଠନ, ପ୍ରାଚୀ ଅବବାହିକାରେ ୧ହଜାର ଜଳାଶୟ ସୃଷ୍ଟିର ସୂଚନା ତାଙ୍କ ହାତୀ ଗୁମ୍ଫା ଶିଳାଲେଖାରେ ଦର୍ଶାଯାଇଛି। ଭାରତ ଇତିହାସରେ ଏଭଳି ମହାନ ଚକ୍ରବର୍ତ୍ତୀ କଳିଙ୍ଗ ସମ୍ରାଟଙ୍କୁ ଯେପରି ମାନ୍ୟତା ମିଳିବା କଥା ମିଳିନାହିଁ। ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିପ୍ରତି ଦୃଷ୍ଟିଦେବେ ଏବଂ ରାଜ୍ୟ ସରକାର ମଧ୍ୟ ଆବଶ୍ୟକ ପଦକ୍ଷେପ ନେବେ ଏ ଆଶା ରଖିଛନ୍ତି ପରିଷଦର ଆବାହକ ପଣ୍ଡିତ ଶ୍ରୀ ମିଶ୍ରଙ୍କ ସମେତ ଉତ୍କଳର ଅଗଣିତ ସଂସ୍କୃତିପ୍ରେମୀ। ଆୟୋଜିତ ଉତ୍ସବରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇ ଖାରବେଳଙ୍କ ସ୍ମୃତିଚାରଣ କରିଥିଲେ।

# ଇସି ପାଇଁ ଜମି କେତ୍ରା ଓ ବିକ୍ରେତା ବାରଦୁଆର

■ **ସରକାରଙ୍କ ଦୃଷ୍ଟି ନିକ୍ଷେପ ପାଇଁ ଦାବି**

କଣାସ,୬।୧୧(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାବେଳେ ଏହା ଏକ ଅନୁନ୍ନତ ଅଞ୍ଚଳ ଭାବେ ସରକାରୀ କାଗଜପତ୍ରରେ ଲିପିବଦ୍ଧ ଅଛି। ଏହି ଅଞ୍ଚଳର ଲୋକମାନେ ଜମିବାଡ଼ି ବିକ୍ରି କରିବା ପାଇଁ ୨୦୦୦ ମସିହା ପୂର୍ବରୁ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ, ତହସିଲ୍ କାର୍ଯ୍ୟାଳୟ ସତ୍ୟବାଦୀ ଓ ପୁରୀରେ ରହିଥିଲା। ଅଞ୍ଚଳର ଲୋକମାନେ କଣାସରେ ଏକ ତହସିଲ୍ ଏବଂ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ଖୋଲିବା ପାଇଁ ବାରମ୍ବାର ଦାବି କରିବାରୁ ୨୦୦୦ ମସିହାରେ କଣାସଠାରେ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ଓ ତହସିଲ୍ କାର୍ଯ୍ୟାଳୟ ଖୋଲାଯାଇଥିଲା। ବର୍ତ୍ତମାନ ଯେଉଁ ଜମି କେତ୍ରା ଓ ବିକ୍ରେତା ଜମି ବିକାକିଣା କରିବା ପାଇଁ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟକୁ ଯାଉଛନ୍ତି ସେମାନଙ୍କୁ ୩୩ ବର୍ଷର ଇସି ଆଣିବା ପାଇଁ ବାଧ୍ୟ କରାଯାଉଛି। ତେଣୁ ଜମି କେତ୍ରା ଓ ବିକ୍ରେତା କଣାସ, ଡେଲାଙ୍ଗ, ସତ୍ୟବାଦୀ ଏବଂ ବ୍ରହ୍ମଗିରି ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟରୁ ଇସି ଆଣିବା ପାଇଁ ପଡୁଥିବାରୁ ସେମାନେ ନକେଦମ୍ ହେଉଛନ୍ତି। ଜମି କ୍ରେତା ଓ ବିକ୍ରେତା କଣାସଠାରେ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ସ୍ଥାପନ କରିବାଠାରୁ ଦୀର୍ଘ ୨୫ ବର୍ଷର ଇସି ଦାଖଲ କରାଗଲେ କ୍ରେତା ଓ ବିକ୍ରେତା ବାରଦୁଆର ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ହେବାକୁ ପଡ଼ନ୍ତା ନାହିଁ ବୋଲି କ୍ରେତା ଓ ବିକ୍ରେତାମାନେ ମତ ପ୍ରକାଶ କରିଛନ୍ତି। କଣାସଠାରୁ ୫୦ବର୍ଷର ଇସି କାଢ଼ି ଜମି କିଣାବିକା କରିବା ପାଇଁ କ୍ରେତା ଓ ବିକ୍ରେତାମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ୪୦ ବର୍ଷ ହେଲା ପଲିଥିନ୍ ତଳେ ଜୀବନ

## ତଦନ୍ତ କରି ତାଙ୍କୁ ତୁରନ୍ତ ଘର ଯୋଗାଇ ଦିଆଯିବ: ବିଡିଓ



ନୟାହାଟ,୬।୧୧(ସମିସ): ରାଜ୍ୟ ଓ କେନ୍ଦ୍ର ସରକାର ଗରିବ ଲୋକମାନଙ୍କୁ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେଉଥିବା ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ଆବାସ ଘର ପାଇବାକୁ ଯୋଗ୍ୟ ବିବେଚିତ ଥିବାବେଳେ ସେମାନଙ୍କୁ ପ୍ରଶାସନ ପକ୍ଷରୁ ଠାବ କରାଯାଇପାରୁ ନ ଥିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ୪୦ ବର୍ଷ ହେଲା ପଲିଥିନ୍ ତଳେ ଅକ୍ଷୟ କାଣ୍ଡି ନାମକ ଜଣେ ବ୍ୟକ୍ତି ଜୀବନ ବିତାଉଥିବାବେଳେ ତାଙ୍କୁ ଘର ବା ଆବାସ ଯୋଜନାରେ ସାମିଲ୍ କରାଯାଇ ନାହିଁ। ପ୍ରକାଶ ଯେ, ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ନୟାହାଟ ଫାଣ୍ଡି ଅନ୍ତର୍ଗତ ବଉଲାଙ୍ଗ ପଞ୍ଚାୟତ ପାଞ୍ଚେଣା ହରିଜନ ସାହିରେ ଅକ୍ଷୟ କାଣ୍ଡି ନାମକ ଜଣେ ଦିନ ମଜୁରିଆ। ଚାରିପଟ କାନ୍ଥ ଫାଟି ଯାଇଥିବା ମାଟି ଘରେ ବାଉଁଶ ଡେରା ଦେଇ ରହୁଛନ୍ତି। ଘର ଉପରେ ପଲିଥିନ୍ ପଡ଼ିଛି। ଏ ସମ୍ପର୍କରେ ଅକ୍ଷୟ କାଣ୍ଡି ସ୍ଥାନୀୟ ସରପଞ୍ଚ ଓ ୱାର୍ଡ ସଭ୍ୟଙ୍କୁ ଜଣାଇଥିଲେ ମଧ୍ୟ ତାଙ୍କ କଥାକୁ କେହି କର୍ଣ୍ଣପାତ କରିନାହାନ୍ତି। ଅକ୍ଷୟ ଆବାସ ଘର ପାଇଁ ନିରାଶ ହେବା ପରେ ଆମ ପ୍ରତିନିଧିଙ୍କୁ ନିଜର ଦୁଃଖ ଜଣାଇବା ପରେ ଏ ସମ୍ପର୍କରେ ଗୋପ ବ୍ଲକ୍ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରେ କହିଥିଲେ ଯେ ତଦନ୍ତ କରାଯିବ। ମାଟି ଘରେ ପଲିଥିନ୍ ତଳେ ଅକ୍ଷୟ ବାସ କରୁଥିଲେ ତୁରନ୍ତ ତାଙ୍କୁ ଆବାସ ଘର ଯୋଗାଇ ଦିଆଯିବ।

# ବୃତ୍ତି ଆବେଦନ ପାଇଁ ଛାତ୍ରଛାତ୍ରୀ ହଟହଟା

କଣାସ,୬।୧୧(ସମିସ): ରାଜ୍ୟ ସରକାର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଛାତ୍ରବୃତ୍ତି ଅର୍ଥ ପ୍ରଦାନ ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁଃଖ ଏବଂ ପରିତାପର ବିଷୟ ମେଧା ଛାତ୍ରଛାତ୍ରୀଙ୍କର +୨ ଓ +୩ ପରୀକ୍ଷା ୪ମାସ ଥିବାବେଳେ ସେମାନେ ମେଧାବୃତ୍ତି ଆବେଦନ କରିବା ପାଇଁ ଅନ୍‌ଲାଇନ୍‌ରେ ଜନସେବା କେନ୍ଦ୍ରମାନଙ୍କରେ ଦୀର୍ଘ ସମୟ ଧରି ଲାଇନ୍‌ରେ ଠିଆ ହେଉଥିବା ଦେଖିବାକୁ ମିଳୁଛି। କିନ୍ତୁ ୱେବ୍‌ସାଇଟ୍ ଖୋଲୁ ନ ଥିବାରୁ ବାରମ୍ବାର ଜନସେବା କେନ୍ଦ୍ରକୁ ଆସି ଫେରୁଥିବାରୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

# 'ମନରେଗା' ଯୋଜନାରେ ମିଳୁନି କାମ; ଜବ୍‌କାର୍ଡଧାରୀ ହନ୍ତସନ୍ତ

ଖୋର୍ଦ୍ଧା/ନିରାକାରପୁର,୬।୧୧(ସମିସ): ଗ୍ରାମାଞ୍ଚଳରେ କୁଶଳୀ, ଅର୍ଦ୍ଧକୁଶଳୀ ଏବଂ ଅଣକୁଶଳୀ ଶ୍ରମିକଙ୍କୁ କାମ ସୁନିଶ୍ଚିତ ଲକ୍ଷ୍ୟରେ କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଆରମ୍ଭ କରିଛନ୍ତି। ତେବେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଅବହେଳାରୁ ଶ୍ରମିକମାନେ କାମ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ ହେଉଛି। ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ଅନ୍ତର୍ଗତ ଡିଆ ପଞ୍ଚାୟତରେ ଏଭଳି ଘଟଣା ଦେଖିବାକୁ ମିଳିଛି। ୪୬ ଜଣ ଜବ୍‌କାର୍ଡଧାରୀଙ୍କୁ ତୁରନ୍ତ ୧୪ ଦିନର କାମ ଯୋଗାଇଦେବା ପାଇଁ ମନରେଗା ଜିଲ୍ଲା ଲୋକପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଶ୍ରମିକମାନଙ୍କୁ କାମ ଯୋଗାଇ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି।

ଜବ୍‌କାର୍ଡଧାରୀ ଲୋକପାଳଙ୍କ ନିକଟରେ କରିଥିବା ଅଭିଯୋଗ ଅନୁଯାୟୀ, ଏହି ପଞ୍ଚାୟତର କାଶୀପୁର ବଡ଼ପାଟଣାର ୪୬ ଅଣକୁଶଳୀ ଜବ୍‌କାର୍ଡଧାରୀ ଗତ ଜୁଲାଇ ୧୮ରେ କାମ ପାଇବା ପାଇଁ ଫର୍ମ ସି-୧ ପୂରଣ କରି ପଞ୍ଚାୟତ କାର୍ଯ୍ୟାଳୟ ଯାଇଥିଲେ। ଉକ୍ତ ଦିନ ସେଠାରେ ସରପଞ୍ଚ ଓ ଏଡିଇଓ ଉପସ୍ଥିତ ନ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଦରଖାସ୍ତ ଗ୍ରହଣ କରି ନ ଥିବାବେଳେ ପ୍ରାପ୍ତି ସ୍ୱୀକାରୋକ୍ତି ଦେବା ପାଇଁ ମନା କରିଥିଲେ। ଏପରିକି ଦୁଇଦିନ ତଳେ ଏଡିଇଓ ଦରଖାସ୍ତ ଗ୍ରହଣ କରିବାକୁ ମନା କରିଥିଲେ। ପରଦିନ ଅର୍ଥାତ୍ ୧୯ ତାରିଖରେ ଗାଁ ସାଥୀ(ମେଟ୍)ଙ୍କ ସହ ଉକ୍ତ ଅଭିଯୋଗକାରୀ ଟାଙ୍ଗୀ ବ୍ଲକ୍‌କୁ ଯାଇଥିଲେ। ସେଠାରେ ଏପିଓଙ୍କୁ ଦରଖାସ୍ତ ଦେଇଥିଲେ। ତେବେ ସେ ଦରଖାସ୍ତ ଗ୍ରହଣ ନ କରିବାରୁ ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ଏବଂ ମୁଖ୍ୟ କିରାଣିଙ୍କୁ ଦେବା ସତ୍ତ୍ୱେ ସେ ମଧ୍ୟ ରଖି ନ ଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ଜବ୍‌କାର୍ଡଧାରୀ ଗରିବ ଶ୍ରେଣୀର ହୋଇଥିବାରୁ ମନରେଗା-୨୦୦୫ ଗାଇଡ୍‌ଲାଇନ୍ ଅନୁସାରେ ଅଣକୁଶଳୀ କର୍ମନିଯୁକ୍ତି ପାଇଁ ଅଧିକାର ଥିବା ସତ୍ତ୍ୱେ ବ୍ଲକ୍ ପ୍ରଶାସନ ପକ୍ଷରୁ କୌଣସି ନ୍ୟାୟ ନ ମିଳିବାରୁ ସମ୍ପୃକ୍ତ ଜବ୍‌କାର୍ଡଧାରୀମାନେ ମନରେଗା ଲୋକପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗରେ ଟାଙ୍ଗୀ ବ୍ଲକ୍ ଏବଂ ମନରେଗା କର୍ତ୍ତୃପକ୍ଷଙ୍କୁ ପକ୍ଷଭୁକ୍ତ କରିଥିଲେ। ଗତ ଅଗଷ୍ଟ ୯ରୁ ୨୨ ତାରିଖ ପର୍ଯ୍ୟନ୍ତ ୧୪ ଦିନ କର୍ମନିଯୁକ୍ତି ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଥିଲେ। ଲୋକପାଳ ଅଭିଯୋଗକାରୀଙ୍କ ଆବେଦନକୁ ଗ୍ରହଣ କରିଥିଲେ। ଅଗଷ୍ଟ ୨୩ରେ ଏହାର ଶୁଣାଣି କରି ଟାଙ୍ଗୀ ବ୍ଲକ୍ ଉନ୍ନୟନ ଅଧିକାରୀ, ସହ କାର୍ଯ୍ୟକ୍ରମ ଅଧିକାରୀ ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରି ୧୪ଦିନ ପାଇଁ ଏହି ୪୬ ଜଣ ଅଣକୁଶଳୀ ଶ୍ରମିକଙ୍କୁ ନିଯୁକ୍ତି ଦେବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଦାୟିତ୍ୱରେ ଥିବା ଅଧିକାରୀ ସି-୧ରେ ଆବେଦନଗୁଡ଼ିକୁ ତୁରନ୍ତ ଗ୍ରହଣ କରିବା ସହ ମନରେଗା ସଫଳ କାର୍ଯ୍ୟାନ୍ୱୟନ ପାଇଁ ଜବ୍‌କାର୍ଡଧାରୀ ତାରିଖ ଅନୁଯାୟୀ ସ୍ୱୀକୃତି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଲୋକପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ଜବ୍‌କାର୍ଡଧାରୀଙ୍କୁ କର୍ମନିଯୁକ୍ତି ଦିଆଯାଇ ନାହିଁ। ପରେ ଏହି କାର୍ଡଧାରୀମାନେ ଗତ ଅକ୍ଟୋବର ୧୮ରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଲୋକପାଳଙ୍କ ନିର୍ଦ୍ଦେଶକୁ ମଧ୍ୟ ସ୍ଥାନୀୟ ପ୍ରଶାସନ ଅଣଦେଖା କରୁଛି। ତେବେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି ଜବ୍‌କାର୍ଡଧାରୀ ରାଜୀବ ଜେନାଙ୍କ ସମେତ ସମ୍ପୃକ୍ତ ଅନ୍ୟ ଜବ୍‌କାର୍ଡଧାରୀମାନେ କହିଛନ୍ତି। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଏବଂ ଟାଙ୍ଗୀ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।



# ଶ୍ରୀକ୍ଷେତ୍ର ସିଟି

୬/୧୧/୨୦୨୫ (ଗୁରୁବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୬୫,୮୮୦/- ସୁନା: ୪୮.୩୦୦ ଗ୍ରାମ୍ ରୁପା: ୭୭.୫୦୦ ଗ୍ରାମ୍



ଜିଲ୍ଲାସ୍ତରୀୟ ଛାୟା ସଂସଦ

## ସଂସଦୀୟ ଜ୍ଞାନ ଆହରଣ କଲେ ଛାତ୍ରଛାତ୍ରୀ




ପୁରୀ,୬।୧୧(ସମିସ): ସ୍ଥାନୀୟ ଟାଉନ୍ ହଲ୍‌ଠାରେ ପୁରୀ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ବିଦ୍ୟାଳୟମାନଙ୍କର "ମକ୍ ପାର୍ଲିଆମେଣ୍ଟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ପିଏମ୍‌ଶ୍ରୀ ବିଦ୍ୟାଳୟ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ସମୁଦାୟ ୧୭ଟି ଭିନ୍ନ ଭିନ୍ନ ବିଦ୍ୟାଳୟରୁ ମୋଟ୍ ୬୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସାଧୁବାଦ ଜଣାଇବା ସହ ଏପରି କାର୍ଯ୍ୟକ୍ରମ ବିଦ୍ୟାଳୟମାନଙ୍କରେ ଆୟୋଜିତ ହେଲେ ପିଲାମାନେ ପାର୍ଲିଆମେଣ୍ଟର ଆୟୋଜନ, ପରିଚାଳନା, କାର୍ଯ୍ୟକାରିତା ତଥା ସାଂସଦ ଓ ବିଭାଗୀୟ ମନ୍ତ୍ରୀମାନଙ୍କ ଦେଶ ପାଇଁ ଅବଦାନ ସମ୍ପର୍କରେ ଉପଯୁକ୍ତ ଧାରଣା ପାଇ ଭବିଷ୍ୟତରେ ଦେଶ ଓ ଜାତି ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ ବୋଲି ମତପୋଷଣ କରିଥିଲେ। ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ପିଲାମାନଙ୍କ ଅଭିନୟ ଓ କାର୍ଯ୍ୟକଳାପର ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା ଯୋଗଦେଇ ଏପରି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀ ନିଜକୁ ସଂଯତ ଓ ଶୃଙ୍ଖଳିତ କରିବା ସହ ସଂସଦୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଜ୍ଞାନ ଆହରଣ କରି ଦେଶ ପାଇଁ ନିଜକୁ ନିୟୋଜିତ କରିପାରିବେ ବୋଲି ମତପୋଷଣ କରିଥିଲେ। ଛାତ୍ରଛାତ୍ରୀମାନେ ପାର୍ଲିଆମେଣ୍ଟର ୩ଟି ଅଧିବେଶନ ଯଥା- ପ୍ରଶ୍ନକାଳ, ଶୂନ୍ୟକାଳ ଓ ବିଲ୍ ଆଗତ ସମ୍ପର୍କରେ ପ୍ରଶ୍ନୋତ୍ତର ଓ ତର୍ଜମା ମାଧ୍ୟମରେ ଅଭିନୟ ପ୍ରଦର୍ଶନ କରିଥିଲେ, ଯାହାକି ଅତ୍ୟନ୍ତ ପ୍ରଶଂସନୀୟ ଥିଲା। ଜୁରୀ ରୂପେ ସେବାନିବୃତ୍ତ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପଣ୍ଡା, କଳାକାର ଭରତ କୁମାର ନାୟକ, ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ରାୟଗୁରୁ ଓ ରାଜନୀତି ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ନିହାର ରଞ୍ଜନ ପଟ୍ଟନାୟକ ଯୋଗଦେଇ ସମୁଦାୟ ୬୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଦୁଇ ଜଣଙ୍କୁ ରାଜ୍ୟସ୍ତର ପାଇଁ ମନୋନୀତ କରିଥିଲେ।

## ହୋଟେଲରୁ ପର୍ଯ୍ୟଟକଙ୍କ ମୃତଦେହ ଉଦ୍ଧାର

ପୁରୀ ବୁଲିବାକୁ ଆସିଥିବା ଜଣେ ପର୍ଯ୍ୟଟକଙ୍କ ଶବକୁ ଜବତ କରିଛି ପୁଲିସ

ପୁରୀ,୬।୧୧(ସମିସ): ହୋଟେଲ ରୁମ୍‌ରୁ ପର୍ଯ୍ୟଟକଙ୍କ ମୃତଦେହ ଜବତ କରିଛି ଟାଉନ୍ ଥାନା ପୁଲିସ। ତେବେ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ଟାଉନ ଥାନା ଅନ୍ତର୍ଗତ ଖୁଣ୍ଟିଆ ସାହିରେ ଥିବା ରାଧାରାଣୀ ନିବାସ ନାମକ ଏକ ହୋଟେଲରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଉଛନ୍ତି ରାଉରକେଲା ନେତାଜୀ ନଗରର ଚିନ୍ମୟ ସାମଲ। ହୋଟେଲ ରୁମ୍‌ରେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିବା ପରେ ଏନେଇ ପୁଲିସକୁ ଖବର ଦିଆଯାଇଥିଲା। ଖବର ପାଇ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ଛାନ୍‌ଭିନ୍ ଆରମ୍ଭ କରିଥିବା ଜଣାପଡ଼ିଛି। ପୁଲିସ ଶବକୁ ବ୍ୟବଚ୍ଛେଦ ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟର ଶବ ବ୍ୟବଚ୍ଛେଦ ଗୃହକୁ ପଠାଇଛି। ତେବେ ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

ମିଳିଥିବା ସୂଚନା ଅନୁସାରେ, ବୁଧବାର ରାତିରେ ଚିନ୍ମୟ ତାଙ୍କର ଜଣେ ସାଙ୍ଗଙ୍କ ସହିତ ପୁରୀ ଆସି ଉକ୍ତ ହୋଟେଲରେ ରହିଥିଲେ। ତେବେ ଗୁରୁବାର ହୋଟେଲ ସଫେଇ କର୍ମଚାରୀ ରୁମ୍ ସଫା କରିବା ପାଇଁ ଗଲାବେଳେ ଚିନ୍ମୟଙ୍କ ମୃତଦେହ ମୁହଁ ମାଡ଼ି ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ। ଘଟଣା ଦେଖିବା ପରେ ହୋଟେଲ ପକ୍ଷରୁ ଏନେଇ ପୁଲିସକୁ ଖବର ଦିଆଯାଇଥିଲା। ଖବର ପାଇ ଟାଉନ ଥାନା ଅଧିକାରୀ ହୋଟେଲରେ ପହଞ୍ଚି ତଦନ୍ତ ଆରମ୍ଭ କରୁଛନ୍ତି। ମୃତ ଚିନ୍ମୟ ସାମଲଙ୍କ ସହିତ ଆସିଥିବା ତାଙ୍କ ସାଙ୍ଗ ରୁମ୍‌ରେ ନ ଥିବାବେଳେ ତାଙ୍କୁ ପୁଲିସ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନାହିଁ। ତଦନ୍ତ ପରେ ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ।

## ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ଅନୁସରଣୀୟ

ପୁରୀ,୬।୧୧(ସମିସ): ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଅନ୍ତର୍ଗତ ଉଦ୍‌ବୋଧନୀ ଶାଖା ଦ୍ୱାରା ଶ୍ରୀସଦାଶିବ ପରିସରରେ ଏକ ବକ୍ତୃତା କାର୍ଯ୍ୟକ୍ରମ ପରିସରର ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସର୍ବଦର୍ଶନ ବିଭାଗର ପ୍ରାକ୍ତନ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ ବକ୍ତା ଭାବେ ଯୋଗଦେଇ ସ୍ୱାମିଜୀଙ୍କ ଦର୍ଶନ ଓ ଚିନ୍ତନ ବର୍ତ୍ତମାନ ଯୁବ ସମାଜର ଅନୁସରଣୀୟ। ରାଷ୍ଟ୍ରର ଉନ୍ନତି ପାଇଁ ପ୍ରତ୍ୟେକ ଯୁବକ ନିଜକୁ ବଳିଦାନ ଦେବାର ସମୟ ଆସିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ସନ୍ଦର୍ଭରେ ପ୍ରଫେସର ଅନୁପମା ପୃଷ୍ଟି, ପ୍ରଫେସର ନିର୍ମଳା ପାଣିଗ୍ରାହୀ, ପ୍ରଫେସର ଲଳିତ କୁମାର ସାହୁ ପ୍ରମୁଖ ସଂସଦର ଆଜୀବନ ସଦସ୍ୟ ବୃନ୍ଦ ଯଥା- ପ୍ରଫେସର ମହେଶ୍ୱର ଦାଶ, ପ୍ରଫେସର ବୃନ୍ଦାବନ ପାତ୍ର, ଡ. ମୀନାରାଣୀ ସାହୁ, ଡ. ହରପ୍ରିୟା ଦାଶ, ଡ. କମଳାକାନ୍ତ ମିଶ୍ର, ଡ. ଜ୍ୟୋତି ପ୍ରକାଶ ନନ୍ଦ, ଡ. ନନ୍ଦିଘୋଷ ମହାପାତ୍ର, ଡ. ପ୍ରଦୀପ କୁମାର ସାହୁ, ଡ. ସନ୍ଦୀପ ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ପ୍ରଫେସର ଲଳିତ କୁମାର ସାହୁ ଅଧ୍ୟକ୍ଷତା କରିଥିବାବେଳେ ଉଦ୍‌ବୋଧନୀର ଜିଲ୍ଲା ସମ୍ପାଦକ ପ୍ରଫେସର ବସନ୍ତ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଡ. ସନ୍ଦୀପ ଚାଟାର୍ଜୀ ସଭା ସଞ୍ଚାଳନ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଡ. ଜ୍ୟୋତି ପ୍ରକାଶ ନନ୍ଦ। ଏଥିରେ ଶାନ୍ତି ମନ୍ତ୍ର ପାଠ ତଥା ବନ୍ଦେ ମାତରମ୍‌ର ପବିତ୍ର ଧ୍ୱନି ଶୁଣିବାକୁ ମିଳିଥିଲା।

ଇଚ୍ଛାଶକ୍ତିର ଅଭାବ

# ଖଜାକୁ ପରିଚୟ ଦେବାରେ ପଛଘୁଞ୍ଚା

ପୁରୀ, ୬।୧୧ (ସମିସ): ଜିଆଇ (ଭୌଗୋଳିକ ସୂଚକାଙ୍କ) ମାନ୍ୟତା ହିଁ ଉତ୍ପାଦକୁ ସ୍ୱୀକୃତି ଦେଇଥାଏ। ଏହି ମାନ୍ୟତା ପାଇବା ପରେ ସମ୍ପୃକ୍ତ ଉତ୍ପାଦର ଚାହିଦା ଆହୁରି ବଢ଼ିବା ସହ ଏହା ଉପରେ ନିର୍ଭର କରୁଥିବା ବ୍ୟକ୍ତିବିଶେଷ ବି ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ଉପକୃତ ହୋଇଥା'ନ୍ତି। ହେଲେ ଜିଆଇ ମାନ୍ୟତା ପାଇଁ ଓଡ଼ିଶାର ବହୁ ଉତ୍ପାଦ ବା ସାମଗ୍ରୀ ହକ୍‌ଦାର ଥିଲେ ହେଁ ଏ କ୍ଷେତ୍ରରେ ଯେଉଁଭଳି ଭାବେ ଉଦ୍ୟମ ହେବା କଥା ତାହା ହେଉନାହିଁ। ହାତଗଣତି କିଛି ବ୍ୟକ୍ତି ଏଥିପାଇଁ ଉଦ୍ୟମ ଚଳାଇଛନ୍ତି। ଫଳରେ ଆମ ରାଜ୍ୟର ଅନେକ ଉତ୍ପାଦକୁ ପଛରେ ପକାଇ ଅନ୍ୟ ରାଜ୍ୟ ବାଜି ମାରି ନେଉଛନ୍ତି। ପୁରୀ ଖଜା ଏକ ବଳିଷ୍ଠ ଉଦାହରଣ। ଖଜା ଆମର ବୋଲି ଓଡ଼ିଆଙ୍କର ଯେଉଁ ହକ୍ ରହିଥିଲା ୭ ବର୍ଷ ହେଲାଣି ସେହି ହକ୍‌କୁ ଛଡ଼ାଇ ନେଇଛି ବିହାର। ବିହାରର ସିଲାଓ ଖଜାକୁ ୨୦୧୮ରୁ ମିଳିସାରିଛି ଜିଆଇ ମାନ୍ୟତା। ବିଡ଼ମ୍ବନା ହେଉଛି ସବୁ ତଥ୍ୟ ପ୍ରମାଣ ଥାଇ ମଧ୍ୟ ଇଚ୍ଛାଶକ୍ତିର ଅଭାବରୁ ପୁରୀ ଖଜାକୁ ଏଯାଏ ମାନ୍ୟତା ମିଳିନି। ଖଜାକୁ ନେଇ ନିଜର ପରିବାର ପ୍ରତିପୋଷଣ କରୁଥିବା ବ୍ୟକ୍ତି ହୁଅନ୍ତୁ ବା ସରକାରୀ ବାବୁ ଏ କ୍ଷେତ୍ରରେ ପଛଘୁଞ୍ଚା ଦେଉଛନ୍ତି। ଯେଉଁଭଳି ଭାବେ ସେମାନଙ୍କର ଉଦ୍ୟମ ରହିବା କଥା ତାହା ରହୁନାହିଁ। ଫଳରେ ପୁରୀ ଖଜା କେବଳ ସେହି କିଣାବିକାରେ ହିଁ ସୀମିତ ରହିଯାଇଛି। କେବେ ମିଳିବ ପୁରୀ ଖଜାକୁ ମାନ୍ୟତା ତାହା ପ୍ରତିଟି ଓଡ଼ିଆ ଓ ଜଗନ୍ନାଥପ୍ରେମୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଖଜା ଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ। ମହାପ୍ରଭୁଙ୍କ ଶୁଖିଲି ଭୋଗ ହିସାବରେ ଖଜା, ଗଜା, ଜଗନ୍ନାଥ ବଲ୍ଲଭ ଅତି ପ୍ରିୟ। ଠାକୁରଙ୍କ ଛପନ ଭୋଗ ମଧ୍ୟରେ ଖଜା ହେଉଛି ଅନ୍ୟତମ। କାହିଁ କେବେଠାରୁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଖଜା ଭୋଗ ଲାଗିଆସୁଛି। ପୁରୀରେ ହିଁ ଏହାର ଉତ୍ପତ୍ତି, ଯେଉଁଥିପାଇଁ ପୁରୀ ଖଜାର ସ୍ୱାତନ୍ତ୍ରତା ରହିଛି। ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ଫେରିବା ବେଳେ ସାଥିରେ ଖଜାକୁ ହିଁ ନେଇ ଯାଇଥା'ନ୍ତି। ଆମ ଖଜା କେବଳ ଓଡ଼ିଶା ନୁହେଁ, ଭାରତର ବିଭିନ୍ନ ରାଜ୍ୟରେ ପ୍ରସିଦ୍ଧ। ବାହାରୁ ଆସୁଥିବା ଶ୍ରଦ୍ଧାଳୁଙ୍କର ଖଜା ପ୍ରତି ସ୍ୱତନ୍ତ୍ର ଆକର୍ଷଣ ରହିଛି। ହେଲେ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ବହୁ ପ୍ରାଚୀନ ପୁରୀ ଖଜାକୁ କିପରି ଜିଆଇ ମାନ୍ୟତା ମିଳିବ ସେ ଦିଗରେ ପ୍ରଚେଷ୍ଟା ହୋଇନି। ଖଜା ବ୍ୟବସାୟକୁ କୌଳିକ ବୃତ୍ତି ଭାବେ ଆପଣାଇଥିବା ବ୍ୟବସାୟୀ ନା ଅନ୍ୟ କେହି ବି ଉଦ୍ୟମ କରିନାହାନ୍ତି। କୌଣସି ଉତ୍ପାଦର ଜିଆଇ ମାନ୍ୟତା ପାଇଁ ଉପଯୁକ୍ତ ତଥ୍ୟ ପ୍ରମାଣ ସହ ଆବେଦନ କରିବାକୁ ପଡ଼ିଥାଏ। ଏଥିଲାଗି ସମ୍ପୃକ୍ତ ଉତ୍ପାଦ ଉପରେ ନିର୍ଭର କରୁଥିବା ବ୍ୟକ୍ତି ପ୍ରଥମେ ଆଗେଇ ଆସିବା ଦରକାର। ୨୦୧୮ରେ ପୁରୀ ଖଜାକୁ ଜିଆଇ ମାନ୍ୟତା ପାଇଁ ଅଳ୍ପ ସମୟ ଲାଗି ସ୍ୱର ଉଠିଥିଲା। ସେହି ସମୟରେ ବିହାର ନାଳନ୍ଦା ଜିଲ୍ଲାର ସିଲାଓ ଖଜାକୁ ମିଳିଥିଲା ଜିଆଇ ମାନ୍ୟତା। ସେମାନେ ୨୦୧୭ରେ ଆବେଦନ କରିଥିବାବେଳେ ତାଙ୍କୁ ୨୦୧୮ ଅଗଷ୍ଟ ମାସରେ ମାନ୍ୟତା ମିଳିଥିଲା। ସେହିପରି ଗୋଆର ଖାଜେକୁ ମଧ୍ୟ ଏହି ମାନ୍ୟତା ମିଳିଛି। ସେମାନେ ୨୦୧୯ ଜୁଲାଇରେ ଆବେଦନ କରିଥିବାବେଳେ ଠିକ୍ ବର୍ଷକ ପରେ ୨୦୨୦ ଜୁଲାଇରେ ଜିଆଇ ମାନ୍ୟତା ପାଇଥିଲେ। ଏଠାରେ ପ୍ରଶ୍ନ ଉଠୁଛି ଉଭୟ ବିହାରର ସିଲାଓ ଖଜା ଓ ଗୋଆର ଖାଜେଠାରୁ ପୁରୀ ଖଜା ବହୁ ପୁରୁଣା। ହେଲେ ଏହାକୁ ଜିଆଇ ମାନ୍ୟତା ପାଇଁ କେହି କାହିଁକି ଉଦ୍ୟମ କରୁନାହାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୁରୀରେ ଶହ ଶହ ସଂଖ୍ୟାରେ ଖଜା ବ୍ୟବସାୟୀ ରହିଛନ୍ତି। ଏହି ବ୍ୟବସାୟ ଉପରେ ହଜାର ହଜାର ପରିବାର ନିର୍ଭର କରୁଛନ୍ତି। ହେଲେ କେହି ଏହାର ମାନ୍ୟତା ପାଇଁ ଆଗ୍ରହ ଦେଖାଉ ନାହାନ୍ତି। ସରକାରୀସ୍ତରରେ ବି ଯେଉଁଭଳି ପ୍ରୟାସ ହେବା କଥା ତାହା ହୋଇନାହିଁ।



ପୂର୍ବରୁ ମଧ୍ୟ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ପୁରୀ ଖଜା ଶିଳ୍ପର ସମସ୍ତ ଉଦ୍ୟୋଗୀଙ୍କୁ ନେଇ ଏକ ଶିଳ୍ପପୁଞ୍ଜ (କଷ୍ଟର) ଗଠନ ନିଷ୍ପତ୍ତି ହୋଇଥିଲା। ଏଥିସହ ଖଜାର ପ୍ରସ୍ତୁତି ପ୍ରଣାଳୀକୁ ଭୌଗୋଳିକ ସୂଚକାଙ୍କ ଅଧିନିୟମ ୧୯୯୯ ଅନୁଯାୟୀ ପଞ୍ଜୀକରଣ କରାଗଲେ ପୁରୀ ଖଜାର ପ୍ରସ୍ତୁତି ପ୍ରଣାଳୀକୁ କେହି ନକଲ କରିପାରିବେ ନାହିଁ ବୋଲି ସହମତି ପ୍ରକାଶ ପାଇଥିଲା। ହେଲେ ସେହି ନିଷ୍ପତ୍ତି କେବଳ ନିଷ୍ପତ୍ତିରେ ହିଁ ରହିଯାଇଛି। ଏ ପର୍ଯ୍ୟନ୍ତ ପୁରୀ ଖଜାକୁ ତା' ସ୍ୱାତନ୍ତ୍ରତାର ସ୍ୱୀକୃତି ମିଳିପାରିନାହିଁ। ପୁରୀକୁ ଭକ୍ତ, ପର୍ଯ୍ୟଟକ ଆସୁଛନ୍ତି। ଘରକୁ ଫେରିବାବେଳେ ଖଜା କିଣି ନେଉଛନ୍ତି। ବ୍ୟବସାୟୀ ବି ଦି ପଇସା ଲାଭ କରିବା ପରେ ଅଧିକ କିଛି ଆଶା କରୁନାହିଁ। ଏହାରି ଭିତରେ ପୁରୀ ଖଜା କେବଳ ସେହି କିଣାବିକାରେ ହିଁ ସୀମିତ ରହିଯାଇଛି।




ସମୁଦ୍ରରୁ ମତ୍ସ୍ୟଜୀବୀମାନେ ମାଛ ମାରି ଫେରୁଛନ୍ତି

## ମାନସଙ୍କ ସ୍ୟାଣ୍ଡ ଆନିମେସନରେ 'ବନ୍ଦେ ମାତରମ୍'

ପୁରୀ,୬।୧୧(ସମିସ): ଭାରତର ପ୍ରସିଦ୍ଧ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ଦେଶପ୍ରୀତି ସଙ୍ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ବାଲୁକା ଆନିମେସନ୍ ପ୍ରସ୍ତୁତ କରିଛନ୍ତି। ଏହି ଆନିମେସନରେ ମାନସ ସୁନ୍ଦର ଭାବେ 'ବନ୍ଦେ ମାତରମ୍' ଗୀତର ଯାତ୍ରାକୁ ଚିତ୍ରିତ କରିଛନ୍ତି। ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଏହି ଅମର ଗୀତ କିପରି ଭାରତୀୟ ସ୍ୱାଧୀନତା ଆନ୍ଦୋଳନକୁ ପ୍ରେରିତ କଲା ତାହା ଏହି କଳାକୃତିରେ ସ୍ପଷ୍ଟ ଭାବେ ଦେଖାଇଛନ୍ତି। ଏହି ସୃଜନ ହେଉଛି ଚଟ୍ଟୋପାଧ୍ୟାୟଙ୍କ ପ୍ରତି ତାଙ୍କ ଅମରକୃତିକୁ ଏକ ଶ୍ରଦ୍ଧାଞ୍ଜଳି। ୨ ମିନିଟ୍ ୩୦ ସେକେଣ୍ଡର ଏହି ବାଲୁକା ଆନିମେସନ ମାନସ ତାଙ୍କ ପୁରୀସ୍ଥିତ ସ୍ୟାଣ୍ଡ ଆନିମେସନ୍ ଷ୍ଟୁଡିଓରେ ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ତାଙ୍କୁ ଦୁଇ ଦିନ ସମୟ ଲାଗିଥିଲା। ଏହି ସୃଜନଶୀଳ ପ୍ରୟାସ ମାଧ୍ୟମରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଶିଳ୍ପୀ ମାନସ ପୁନର୍ବାର ତାଙ୍କ ଶିଳ୍ପୀୟ ପାରଦର୍ଶିତା ଓ ଭାରତର ସମୃଦ୍ଧ ସାଂସ୍କୃତିକ ଓ ଦେଶ ଭକ୍ତିମୟ ଐତିହ୍ୟ ପ୍ରତି ଗଭୀର ଶ୍ରଦ୍ଧା ଦେଖାଇଛନ୍ତି।

## ଶ୍ରୀମଦ୍ ଭଗବତ ସପ୍ତାହ ଓ କଥାମୃତ ଉଦ୍‌ଯାପିତ

ପୁରୀ,୬।୧୧(ସମିସ): କପିଳେଶ୍ୱରପୁର ନିକଟସ୍ଥ ମଠକାଙ୍କୁଡ଼ାଠାରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପବିତ୍ର ପାଦୁକା ପୀଠରେ ଗୋଷ୍ଠାଷ୍ଟମୀଠାରୁ ରାସ ପୂର୍ଣ୍ଣିମା ପର୍ଯ୍ୟନ୍ତ ଆୟୋଜିତ ବାର୍ଷିକ ଶ୍ରୀମଦ୍ ଭଗବତ ସପ୍ତାହ ଓ କଥାମୃତ ମହୋତ୍ସବ ସାତଦିନ ବ୍ୟାପୀ ଭାଗବତ ପାଠ, ପ୍ରବଚନ ଓ ଲୀଳା ଅଭିନୟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଓଡ଼ିଆ ଭାଗବତକାର ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପାଦୁକା ପୀଠର ସଭାପତି ବାଳକୃଷ୍ଣ ରାଉତ ଉଦ୍‌ଯାପନୀ ସନ୍ଧ୍ୟାରେ ସଭାପତିତ୍ୱ କରିଥିଲେ। ଶେଷ ଦିବସରେ ଲୀଳା ଅଭିନୟ ଥିଲା ରାଜା ପରୀକ୍ଷିତଙ୍କ ମୁକ୍ତି ତଥା ମୋକ୍ଷ ଲାଭ କଥା। ଏହି ଲୀଳାକୁ ଗୁରୁ ଅନନ୍ତ ବେହେରା ଗ୍ରାମର କଳାକାରମାନଙ୍କୁ ନେଇ ବଡ଼ ସୁନ୍ଦର ଅଭିନୟ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଗୁରୁ ନୀଳାମ୍ବର ତ୍ରିପାଠୀ ତାଙ୍କ ସାଥୀମାନଙ୍କ ସହ ପୁରାତନ ରଚନାରୁ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ମଞ୍ଚରେ ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ, କବି ଜାନକୀ ବଲ୍ଲଭ ଦାଶ, ବନଖଣ୍ଡ ବିଭାଗର କର୍ମଚାରୀ ଦୀନବନ୍ଧୁ ବାରିକ, ପ୍ରିୟପତ୍ରର ସମ୍ପାଦକ ବିପିନ ବିହାରୀ ଦଳାଇ ଏବଂ କାଉନ୍‌ସିଲର ସୁପ୍ରିୟା ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଯଜ୍ଞରେ ପୂର୍ଣ୍ଣାହୁତି ପରେ କଳସ ବିସର୍ଜନ ଶୋଭାଯାତ୍ରା ବାହାରିଥିଲା। ସନ୍ଧ୍ୟାରେ ମଞ୍ଚ ବନ୍ଦାପନା କରାଯାଇଥିଲା। ଯୁବକ ସଂଘର ସ୍ୱେଚ୍ଛାସେବୀ ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସଭା ପରିଚାଳନା କରିଥିଲେ ସମ୍ପାଦକ ପ୍ରଭାକର ସାହୁ ଏବଂ ପ୍ରଶାନ୍ତ ତ୍ରିପାଠୀ।

## ସୋସିଆଲ ମିଡିଆରେ ଭାଇଗିରି ଭାଇରାଲ୍

ପୁରୀ,୬।୧୧(ସମିସ): ସୋସିଆଲ ମିଡିଆରେ ଭାଇରାଲ ହୋଇଛି ଭାଇଗିରି। ଖୁଲମ୍‌ଖୁଲା ମାଡ଼ମାରି ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ କରୁଛନ୍ତି ଅସାମାଜିକ ଯୁବଗୋଷ୍ଠୀ। ଭିଡିଓରେ କିଛି ଯୁବକ ଆଉ କିଛି ଯୁବକଙ୍କୁ ନିସ୍ତୁକ ମାଡ଼ ମାରୁଥିବା ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ ମାଡ଼ ମରାଯିବା ଭିଜୁଆଲ୍‌କୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରାଯାଉଛି। ଆଉ ଏକ ଭିଡିଓରେ ୨/୩ ଜଣ ମିଶି ଜଣଙ୍କୁ ମାଡ଼ ମାରୁଛନ୍ତି ଓ ଜଣେ ଯୁବକ ମାରଣାସ୍ତ୍ର ଧରି ଆଉ ଜଣଙ୍କୁ ଆକ୍ରମଣ କରୁଛନ୍ତି। ଗୋଇଠା, ଚାପୁଡ଼ା ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି। ସେହିପରି ଆଉ ଏକ ଭିଡିଓରେ କିଛି ଯୁବକ ପୁରୀ ନୀଳାଦ୍ରି ପାର୍କରେ ଦୁଇଜଣ ଯୁବକଙ୍କୁ ନିର୍ଘୁମ୍ ମାଡ଼ ମାରିବା ସହ କିଛି ଯୁବତୀଙ୍କ ସମ୍ମୁଖରେ କାନଧରି ଦୁଇ ଯୁବକଙ୍କୁ ଆଣ୍ଠେଇବାକୁ କହୁଛନ୍ତି। ଦୁଇ ଯୁବତୀଙ୍କ ସାମ୍ନାରେ ଦୁଇ ଯୁବକ ତଳେ ଆଣ୍ଠୁଆ ବସିଥିବାବେଳେ ସେମାନଙ୍କୁ ମଧ୍ୟ ମାଡ଼ ମରାଯାଉଛି ଓ ଯୁବତୀଦ୍ୱୟ ମଧ୍ୟ ଏହାକୁ ଦେଖୁଛନ୍ତି। ତେବେ କମେଣ୍ଟମରାକୁ ନେଇ କିଛି ଯୁବକ ଦୁଇ ଯୁବକଙ୍କୁ ମାଡ଼ମାରି ଆଣ୍ଠେଉଛନ୍ତି ନା ଘଟଣା ଆଉକିଛି ତାହା ସ୍ପଷ୍ଟ ହୋଇନାହିଁ। ଭାଇଗିରି ଦେଖାଇବାକୁ ଯାଇ ଏଭଳି ମାଡ଼ମରା ଭିଡିଓ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରାଯାଉଥିବା ଅନୁମାନ କରାଯାଉଛି। ତେବେ ତୁରନ୍ତ ପୁରୀ ପୁଲିସ ଏହାର ତଦନ୍ତ କରିବାକୁ ଦାବି ହେଉଛି।

## ଓଡ଼ିଶା ଧ୍ୟାନ ମହାଯଜ୍ଞ ଉଦ୍‌ଯାପିତ

ପୁରୀ,୬।୧୧(ସମିସ): 'ଧ୍ୟାନଯୋଗ ଟ୍ରଷ୍ଟ' ପକ୍ଷରୁ ପୌର ସଦନଠାରେ ଆୟୋଜିତ ତ୍ରିଦିବସୀୟ ଓଡ଼ିଶା ଧ୍ୟାନ ମହାଯଜ୍ଞ-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ସିଦ୍ଧ ମହାବୀର ସଙ୍ଗୀତ ପରିଷଦ ପକ୍ଷରୁ ଶ୍ରୀଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ରଚନାରୁ ପ୍ରଧାନ ଏବଂ ଗୁରୁ ଜଗନ୍ନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ପରିବେଷିତ ହୋଇ ଉପସ୍ଥିତ କଳାପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମକୁ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଏହି ଆଧ୍ୟାତ୍ମିକ ସମାରୋହରେ ବିଶିଷ୍ଟ ଧ୍ୟାନୀ ତଥା ପରିବେଶବିତ୍ ପରିଣିତା ପତ୍ରୀ, ବ୍ରହ୍ମଶ୍ରୀ ଦାସ ମହାପାତ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏଥିସହିତ କାର୍ଯ୍ୟକ୍ରମର ସଞ୍ଚାଳକ ଓ ଗୁରୁମାନଙ୍କୁ ଉତ୍ତରୀୟ ଏବଂ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିରଞ୍ଚି ନାରାୟଣ ସାମଲଙ୍କ ଦ୍ୱାରା ସମ୍ପାଦିତ ଦ୍ୱିମାସିକ ଆଧ୍ୟାତ୍ମିକ ପତ୍ରିକା 'ଧ୍ୟାନ ଯୋଗ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଧ୍ୟାନଯୋଗ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଇପ୍‌ସିତା ପୂଜାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଦେଶ ବିଦେଶରୁ ବହୁ ଧ୍ୟାନୀ ପ୍ରତିନିଧି ଉପସ୍ଥିତ ଥିଲେ।




ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ

ଗୁରୁ ସତ୍ୟପ୍ରିୟ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଶ୍ରୀଶ୍ରୀ ଜଗନ୍ନାଥାଷ୍ଟକମ୍ ସମବେତ କଣ୍ଠରେ ପରିବେଷଣ କରାଯାଇଥିଲା। ଏଥିସହ ଲିଙ୍ଗରାଜ କଳାନିକେତନ ଅନୁଷ୍ଠାନ ପକ୍ଷରୁ ନୃତ୍ୟାଚାର୍ଯ୍ୟ ଗୁରୁ ଦୁର୍ଗାଚରଣ ରଣବୀରଙ୍କ ମାର୍ଗଦର୍ଶନରେ ଓଡ଼ିଶୀ 'ଦଶାବତାର' ଗୁରୁ ମନୋଜ କୁମାର ପ୍ରେମନାଥ ଜୀ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ର, ମାଧବୀ ଧାତ୍ରିକା, ଦେବଯାନୀ ଗିରି, ଅଭିପ୍ସା ଦାଶ, ଅନିନ୍ଦିତା ପୂଜାରୀ, ତାପସ

ଜୟନ୍ତୀ ଓ ପୁଣ୍ୟତିଥିରେ ଅତିଥିଙ୍କ ସ୍ମୃତି ବନ୍ଦନା

# ଆଦିକବି ଓ ପଣ୍ଡିତ ନୀଳକଣ୍ଠ ଚିରସ୍ମରଣୀୟ

ପୁରୀ,୬।୧୧(ସମିସ): ନୀଳକଣ୍ଠଙ୍କ ପତିତପାବନ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସର୍ବୋଦୟ ନଗର ସାଇ ମନ୍ଦିର ସନ୍ନିକଟ ଶଙ୍କର ଭବନରେ ଆଦିକବି ସାରଳା ଦାସଙ୍କ ଜୟନ୍ତୀ ଓ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୫୮ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ କବି, ରାଜନୀତିଜ୍ଞ ତଥା ସମାଜସେବୀ ଶଙ୍କର ପରିଡ଼ାଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇ ସ୍ମୃତିଚାରଣ କରାଯାଇଥିଲା। ଏହି ସଭାରେ ପତିତପାବନ ସାହିତ୍ୟ ସଂସଦର ସଭାପତି ପ୍ରାଧ୍ୟାପକ ଡ. ବଳରାମ ଦାଶ ଅଧ୍ୟକ୍ଷତା କରି କହିଲେ ସାରଳା ଦାସ ଥିଲେ ଓଡ଼ିଆ ଜାତିର ଚିରସ୍ମରଣୀୟ। ଓଡ଼ିଆ ମହାଭାରତ, ବିଲଙ୍କା ରାମାୟଣ, ଲକ୍ଷ୍ମୀନାରାୟଣ ବଚନିକା ଓ ଚଣ୍ଡୀ ପୁରାଣ ଲେଖି ଓଡ଼ିଆ ସାହିତ୍ୟ ଜଗତକୁ ସମୃଦ୍ଧ କରିଛନ୍ତି। ପଣ୍ଡିତ ନୀଳକଣ୍ଠ ମଧ୍ୟ କୋଣାର୍କ କାବ୍ୟ ଦାସ ନାୟକ ଓ ଅନ୍ୟାନ୍ୟ କାବ୍ୟ ରଚନା କରି ଓଡ଼ିଆ ସାହିତ୍ୟରେ ଚହଳ ସୃଷ୍ଟି କରି ଯଶସ୍ୱୀ ହୋଇଛନ୍ତି।




ମୁଖ୍ୟଅତିଥି ରୂପେ ଏସ୍‌ସିଏସ୍ କଲେଜର ପୂର୍ବତନ ଉପାଧ୍ୟକ୍ଷ ପ୍ରଫେସର ଡ. ଶଙ୍କର୍ଷଣ ଦାଶ କହିଲେ, ଉଭୟ ସାହିତ୍ୟିକ ପଣ୍ଡିତ ନୀଳକଣ୍ଠ ଓ ଆଦିକବି ସାରଳା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଜଗତକୁ ସାରସ୍ୱତ କୃତୀ ମାଧ୍ୟମରେ ସମୃଦ୍ଧ କରିଛନ୍ତି। ଏଥିସହ ଓଡ଼ିଆ ସାହିତ୍ୟର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ମୁଖ୍ୟବକ୍ତା ଭାବେ ଇଂ. ଗିରିଜା ଶଙ୍କର ପାଢ଼ୀ ଯୋଗଦେଇ କହିଲେ, ସତ୍ୟବାଦୀ ବନ ବିଦ୍ୟାଳୟ ଥିଲା ନୀଳକଣ୍ଠଙ୍କ ସାଧନାର ପୀଠ। ଓଡ଼ିଆ ଭାଷାର ପ୍ରଚାରପ୍ରସାର ପାଇଁ ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ପୁସ୍ତକ ଲେଖି ସ୍ମରଣୀୟ ହୋଇରହିଛନ୍ତି। ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ଡ. କମଳାକାନ୍ତ ମିଶ୍ର, ଡ. ସ୍ମିତା ଦାସ, ସମାଜସେବୀ ବାସୁଦେବ ସାହୁ, ଇଂ. ମୀନକେତନ ମିଶ୍ର ଯୋଗଦେଇ କବି ସାରଳା ଦାସଙ୍କ ରଚିତ କୃତୀ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରି ଓଡ଼ିଆ ସାହିତ୍ୟର ବିକାଶରେ ଉଭୟେ ପ୍ରମୁଖ ବିନ୍ଧାଣି ବୋଲି ପ୍ରତିପାଦନ କରିଥିଲେ। ଧନ୍ୟବାଦ ଦେଇଥିଲେ ସମ୍ପାଦକ ଆଧ୍ୟାପକ ପଣ୍ଡିତ ଦୟାନିଧି ପଣ୍ଡା। ଅନ୍ୟମାନଙ୍କ ମଧ୍ୟରେ ଡ. ଶଶୀକାନ୍ତ ରଥ, ରମେଶ ପ୍ରସାଦ ସିଂ, ଅନ୍ନପୂର୍ଣ୍ଣା ରଥ, ଗୌରୀ ଦେବୀ, ପୂର୍ଣ୍ଣ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ୧୧ କେଭି ବିଦ୍ୟୁତ୍ ଆଘାତରେ ଯୁବକ ମୃତ


ଅସ୍ତରଙ୍ଗ,୬।୧୧(ସମିସ): ଅସ୍ତରଙ୍ଗ ବ୍ଲକ୍ ଝାଡ଼ଲିଙ୍ଗ ପଞ୍ଚାୟତ ବାହୁଡିଆ ଗ୍ରାମରେ ଗୁରୁବାର ସକାଳୁ ଘଟିଛି ଏକ ଅଭାବନୀୟ ଘଟଣା। ଜଣେ ୨୨ ବର୍ଷୀୟ ଯୁବକ ସନ୍ଦୀପ ନାୟକ ଘର ସାମ୍ନାରେ ଥିବା ଏକ ଚାକୁଣ୍ଡା ଗଛରୁ ଶୁଖିଲା ଡାଳ ଭାଙ୍ଗୁଥିବାବେଳେ ନିକଟରେ ଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଅସ୍ତରଙ୍ଗ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।



ସୂଚନା ମୁତାବକ, ସନ୍ଦୀପ ଡ୍ରାଇଭର ଭାବେ ବାହାରେ କାମ କରୁଥିଲେ। ତାଙ୍କ ବାପା ସ୍ୱାଧୀନ ନାୟକ ଜଣେ ରାଜମିସ୍ତ୍ରି। ସନ୍ଦୀପଙ୍କ ଆଉ ଏକ ଭାଇର ଛୋଟବେଳୁ ମୃତ୍ୟୁ ହୋଇଯାଇଛି। ବର୍ତ୍ତମାନ ପରିବାରରେ ସନ୍ଦୀପ, ତାଙ୍କ ସାନ ଭଉଣୀ, ବାପା-ମାଆ ଥିଲେ। କିନ୍ତୁ ଆଜି ସନ୍ଦୀପଙ୍କ ମୃତ୍ୟୁ ପରିବାରରେ ଶୋକର ଛାୟା ଖେଳାଇ ଦେଇଛି। ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଅଭିଯୋଗ କରିବା ପରେ ଗଛ ଡାଳ ସଫେଇ ହୋଇ ନ ଥିଲା। ଗୁରୁବାର ସକାଳୁ ସେ ନିଜେ ଘର ସାମ୍ନାରେ ଥିବା ଚାକୁଣ୍ଡା ଡାଳ ସଫେଇ କରୁଥିବାବେଳେ ଏହି ଦୁର୍ଘଟଣାର ଶିକାର ହୋଇଛନ୍ତି। ତାଙ୍କ ପାର୍ଥିବ ଶରୀର ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ବିଦ୍ୟୁତ୍ ବିଭାଗ ପକ୍ଷରୁ କ୍ଷତିପୂରଣ ଦାବି କରିଛନ୍ତି ସମ୍ପର୍କୀୟ ଓ ଅଞ୍ଚଳବାସୀ।

ସକାଳ
THE SAKALA

# ସମ୍ପାଦକୀୟ



ଭାରତୀୟଙ୍କ ପାଖରେ ବିଶ୍ୱବାସୀ ଅନେକ ଦୃଷ୍ଟିରୁ ଋଣୀ
-ଆଲବର୍ଟ ଆଇନଷ୍ଟାଇନ୍

## ମମ୍‌ଦାନୀ ମଡେଲ୍

ଭାରତୀୟ ବଂଶୋଦ୍ଭବ ଜୋହରାନ୍ ମମ୍‌ଦାନୀ ଅନେକ ସଂଘର୍ଷ, ଉତ୍‌ଥାନ-ପତନ ପରେ ଶେଷରେ ଆମେରିକାର ସମ୍ଭ୍ରାନ୍ତ ସହର ନ୍ୟୁୟର୍କର ସମ୍ମାନଜନକ ଓ ଗୁରୁତ୍ୱପୂର୍ଣ୍ଣ ମେୟର ଭାବେ ନିର୍ବାଚିତ ହୋଇଛନ୍ତି। ଏଥିସହିତ ଆମେରିକାର ରାଜନୈତିକ ଇତିହାସରେ ଅନେକ ନୂଆ ଫର୍ଦ୍ଦ ଯୋଡ଼ି ହୋଇଯାଇଛି। ଏହି ପଦ ପାଇଁ ନିର୍ବାଚିତ ହେବାରେ ସେ ସର୍ବକନିଷ୍ଠ ଏବଂ ପ୍ରଥମ ଭାରତୀୟ ବଂଶୋଦ୍ଭବ ମୁସଲିମ୍। ଇସ୍ରାଏଲ୍ ବିରୋଧୀ ଓ ପାଲେଷ୍ଟାଇନ୍ ସପକ୍ଷବାଦୀ ଭାବେ ଜଣାଶୁଣା ମମ୍‌ଦାନୀଙ୍କୁ ହରାଇବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରାଣପଣେ ଚେଷ୍ଟା କରି ବିଫଳ ହୋଇଛନ୍ତି ଏବଂ ତାଙ୍କ ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀଙ୍କୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏଥିସହିତ ଆମେରିକାର ସଦ୍ୟ ଜନ୍ମିତ ସାମ୍ପ୍ରଦାୟିକ-ରାଜନୀତିରେ ଏକ ନୂଆ ସମୀକରଣ ସୃଷ୍ଟି ହୋଇଛି। ଡେମୋକ୍ରାଟିକ୍ ପ୍ରାର୍ଥୀ ମମ୍‌ଦାନୀଙ୍କ କାର୍ଯ୍ୟଶୈଳୀ ସାମ୍ପ୍ରତିକ ଆମେରିକାରେ ମୁଣ୍ଡ ଟେକିଥିବା ନୂଆ ଚିନ୍ତାଧାରା ସହିତ କିଭଳି ଖାପ୍ ଖୁଆଇ ପାରିବ ଏବଂ ଟ୍ରମ୍ପଙ୍କ ସହିତ ସେ କିଭଳି ସମନ୍ୱୟ ଓ ସହଯୋଗ ରକ୍ଷା କରି କାମ କରିପାରିବେ ତାହା ଦେଖିବାକୁ ବିଶ୍ୱ ରାଜନୀତି ବିଶାରଦମାନେ ଉତ୍ସୁକତାର ସହିତ ଚାହିଁ ରହିଛନ୍ତି। ବିଶେଷକରି ମମ୍‌ଦାନୀଙ୍କ ବିଜୟ ଭାରତୀୟଙ୍କ ପାଇଁ ସେଠାରେ ସୃଷ୍ଟି ହୋଇଥିବା ଆଶଙ୍କା ଭିତରେ ଆଶାର କିରଣଟିଏ ସୃଷ୍ଟି କରିଛି।

ସାମ୍ପ୍ରତିକ ବିଶ୍ୱରେ ପ୍ରବାସୀ ଭାରତୀୟମାନଙ୍କ ପ୍ରତି ଆମେରିକା ସମେତ କାନାଡ଼ା, ଅଷ୍ଟ୍ରେଲିଆ, ଇଂଲଣ୍ଡ ଆଦି ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀ ଦେଶମାନଙ୍କରେ ଅସୂୟା ବଢ଼ିବାରେ ଲାଗିଛି। ବିଶେଷକରି ହିନ୍ଦୁ ବୈଦିକ ସମାଜରେ ପ୍ରଚଳିତ ରକ୍ଷଣଶୀଳତାର ଦ୍ୱାହି ଦେଇ ଏବେ ଖ୍ରୀଷ୍ଟିଆନ୍‌ବହୁଳ ରାଷ୍ଟ୍ରବାସୀ ପ୍ରବାସୀ ହିନ୍ଦୁମାନଙ୍କୁ ଶାରୀରିକ ଓ ମାନସିକତା ନିର୍ଯାତନା ଦେବାର ନୂଆ ଧାରା ଆରମ୍ଭ ହୋଇଛି। ଯୁଦ୍ଧଗ୍ରସ୍ତ ଅସ୍ଥିର ଓ ଅଶାନ୍ତ ବିଶ୍ୱରେ ରକ୍ଷଣଶୀଳତାର ଅସୂୟା ନୁହେଁ, ବରଂ ଧର୍ମନିରପେକ୍ଷତାର ଉଦାରତା ହିଁ ବିକାଶ ପାଇଁ ଅପରିହାର୍ଯ୍ୟ, ଏଥିପ୍ରତି ଦୃଷ୍ଟି ଦେବାକୁ ସତେଯେପରି କେହି ଚାହାନ୍ତି ନାହିଁ। ଏକଦା ଇସ୍‌ଲାମ୍ ରାଷ୍ଟ୍ରମାନଙ୍କରେ ପ୍ରଚଳିତ କଟ୍ଟର ରୂଢ଼ିବାଦ ଧାରା ଏବେ ପାଶ୍ଚାତ୍ୟ ଦେଶମାନଙ୍କରେ କାୟାବିସ୍ତାର କରିବାରେ ଲାଗିଛି ଏବଂ ଏଥିରେ ପ୍ରବାସୀ ଭାରତୀୟମାନେ ହିଁ ସବୁଠାରୁ ଅଧିକ ବିପନ୍ନ ଓ ପ୍ରଭାବିତ ହେଉଛନ୍ତି। ବିଶ୍ୱର ସର୍ବପୁରାତନ ଗଣତାନ୍ତ୍ରିକ ସଭ୍ୟ, ବିକଶିତ ଓ ଶକ୍ତିଶାଳୀ ଦେଶ ଆମେରିକା ମଧ୍ୟ ଏଭଳି ରୂଢ଼ିବାଦୀ ପରିବେଶ ଗଠନ ପ୍ରୟାସରୁ ନିଜକୁ ଦୂରେଇ ରଖିପାରିନାହିଁ।

ଆମେରିକାର ରାଜନୈତିକ-ସାମାଜିକ ପରିବେଶ କ୍ରମଶଃ ଅନୁଦାର ଓ ରକ୍ଷଣଶୀଳ ହେଉଛି। କେବଳ ଧର୍ମାନ୍ଧତା ନୁହେଁ, ଆବ୍ରାହମ୍ ଲିଙ୍କନ୍‌ଙ୍କ ପୂର୍ବସମୟର କଳା-ଗୋରା ଭେଦଭାବ ବା ବର୍ଣ୍ଣବୈଷମ୍ୟର ଉଗ୍ର ମାନସିକତା ପୁଣି ଥରେ ଆମେରିକୀୟଙ୍କ ମନରେ ଜମାଟ ବାନ୍ଧୁଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରାଷ୍ଟ୍ରବାଦୀ ଆଭିମୁଖ୍ୟ ଏହାକୁ ଇନ୍ଧନ ଯୋଗାଉଛି। ତେଣୁ ପ୍ରବାସୀମାନେ ଖ୍ରୀଷ୍ଟିଆନ୍ ଧର୍ମଗ୍ରହଣ କଲେ ମଧ୍ୟ ସେମାନେ ଯେ କଳା-ଗୋରା ଭେଦଭାବରୁ ସୁରକ୍ଷିତ ରହିବେ ସେହି ବିଶ୍ୱାସ ଆସୁନାହିଁ।

ପୂର୍ବରୁ ପ୍ରବାସୀ ଭାରତୀୟମାନେ ଆମେରିକାବାସୀଙ୍କ ଦୃଷ୍ଟିରେ କମ୍ ଖର୍ଚ୍ଚରେ ଅଧିକ କାମ କରିପାରୁଥିବା ସଂଖ୍ୟାଲଘୁ ବର୍ଗର ଅଣରାଜନୈତିକ ମାନବ ସମ୍ବଳ ଭାବେ ବିବେଚିତ ହୋଇଆସୁଥିଲେ। କିନ୍ତୁ ଏବେ ଭାରତୀୟମାନଙ୍କୁ ଆମେରିକାର ସାଂସ୍କୃତିକ-ରାଜନୈତିକ-ସାମାଜିକ ପରମ୍ପରା ପ୍ରତି ବିପଦ ଭାବେ ସେଠାକାର ଅଧିବାସୀ ମନେ କରୁଛନ୍ତି। ଗତ ଦୀପାବଳୀ ଅବସରରେ ପ୍ରବାସୀ ଭାରତୀୟମାନଙ୍କ ବାଣଫୁଟା ପରମ୍ପରାକୁ ଆମେରିକୀୟମାନେ 'ସାଂସ୍କୃତିକ ଉପଦ୍ରବ' ଭାବେ ଅଭିହିତ କରିଛନ୍ତି। ଭାରତୀୟଙ୍କ ପ୍ରତି ଆମେରିକାର ଅସହିଷ୍ଣୁତା ଏତେ ବଢ଼ିଯାଇଛି ଯେ ପ୍ରବାସୀ ଓ ଭାରତୀୟ ବଂଶୋଦ୍ଭବମାନଙ୍କର ଧର୍ମାନ୍ତରୀକରଣ ସପକ୍ଷରେ ନିର୍ବିକାରରେ ମୁକ୍ତ ଭାବେ ମତ ପ୍ରକାଶ ପାଉଛି। ଖୋଦ୍ ଉପରାଷ୍ଟ୍ରପତି ଜେଡି ଭାନ୍ସ ତାଙ୍କ ଭାରତୀୟ ବଂଶୋଦ୍ଭବ ପତ୍ନୀଙ୍କୁ ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରିବାକୁ ଚାପ ପ୍ରୟୋଗ କରୁଥିବା ଅଭିଯୋଗ ହେଉଛି। ଆମେରିକାର ସାମାଜିକ-ସାଂସ୍କୃତିକ-ରାଜନୈତିକ ପରିବେଶର ଏଭଳି ଏକ ଘଡ଼ିସନ୍ଧି ବେଳାରେ ମୁସ୍‌ଲିମ୍ ଧର୍ମାବଲମ୍ବୀ ମମ୍‌ଦାନୀ କିଭଳି ଭାବେ ସେ ସବୁ ଆହ୍ୱାନର ମୁକାବିଲା କରିପାରିବେ ତାହା ଉପରେ ଆମେରିକାର ରାଜନୀତି ଓ ଭାବମୂର୍ତ୍ତି ଅନେକାଂଶରେ ନିର୍ଭର କରୁଛି।

ଭାରତୀୟ ନିର୍ବାଚନୀ ରଣନୀତି ଅନୁକରଣରେ ଗରିବ ଲୋକଙ୍କୁ ରିହାତି ଦରରେ ରାସନ୍, ସ୍କୁଲ୍ ପିଲାମାନଙ୍କ ପାଇଁ ମାଗଣା ବସ୍ ସେବା, ମାଗଣା ଶିଶୁ ଯତ୍ନ ଭଳି ରେବିଡ଼ି ଯୋଜନାମାନ ଘୋଷଣା କରି ନିର୍ବାଚନରେ ଜିତାପଟ ହାସଲ କରିଥିବା ମମ୍‌ଦାନୀଙ୍କ ବିଜୟୀ ସମ୍ଭାଷଣରେ ପଣ୍ଡିତ ଜବାହାରଲାଲ୍ ନେହେରୁଙ୍କ ଉଦ୍ଧୃତି ସ୍ଥାନ ପାଇଥିବା ବେଳେ ଭାରତୀୟ ଲୋକପ୍ରିୟ ହିନ୍ଦୀ ସଂଗୀତ 'ଧୂମ୍ ମଚାଲେ...'ର ସଂଗୀତ ପ୍ରଚ୍ଛଦପଟ୍ଟରେ ଶୁଭିଥିଲା। ତେଣୁ ଭାରତୀୟମାନେ ମମ୍‌ଦାନୀଙ୍କଠାରୁ ଅନେକ କିଛି ଆଶା କରୁଛନ୍ତି। ଏହାଛଡ଼ା ମମ୍‌ଦାନୀ ଆପଣେଇଥିବା ନେହେରୁଙ୍କ ପ୍ରଣୀତ ସାମାଜବାଦ-ଗଣତାନ୍ତ୍ରିକ ମଡେଲ୍ ବିଶ୍ୱର ସର୍ବପୁରାତନ ଗଣତାନ୍ତ୍ରିକ ରାଷ୍ଟ୍ର ଆମେରିକାରେ କେତେଦୂର ସଫଳ ଓ ପ୍ରଭାବଶାଳୀ ହୋଇପାରୁଛି ତାହାର ପରୀକ୍ଷା ନିରୀକ୍ଷା ପାଇଁ ନ୍ୟୁୟର୍କ ଏକ ପ୍ରୟୋଗଶାଳା ହୋଇଛି।

ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ନ୍ୟୁୟର୍କ ଭଳି ମହଙ୍ଗା ସହରରେ ମମ୍‌ଦାନୀ କିଭଳି ତାଙ୍କ ନିର୍ବାଚନୀ ପ୍ରତିଶ୍ରୁତି ରକ୍ଷା କରିପାରିବେ ତାହା ତାଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିବ। ପ୍ରବାସୀ ଭାରତୀୟ ଓ ଭାରତୀୟଙ୍କ ପ୍ରଥମ ପସନ୍ଦର ସହର ହେଉଛି ନ୍ୟୁୟର୍କ। କିନ୍ତୁ ଟ୍ରମ୍ପଙ୍କ କଠୋର ପ୍ରବାସନ ନୀତିରେ ହାତକଡ଼ି ଓ ଗୋଡ଼ବେଡ଼ି ପିନ୍ଧାଇ ପଠାଇ ଦିଆଯାଉଥିବା ପ୍ରବାସୀ ଭାରତୀୟଙ୍କ ଯନ୍ତ୍ରଣା ପ୍ରବାସୀ ମମ୍‌ଦାନୀ କେତେ ଅନୁଭବ କରିପାରିବେ ଏବଂ ପ୍ରବାସୀ ଓ ଭାରତୀୟ ବଂଶୋଦ୍ଭବ ଭାବରେ ମୁସ୍‌ଲିମ୍ ସମ୍ପ୍ରଦାୟର ମମ୍‌ଦାନୀ ଆମେରିକାର ସାମ୍ପ୍ରଦାୟିକ ନବଉନ୍ମେଷରେ ହିନ୍ଦୁମାନଙ୍କ ବିରୋଧରେ ବୃଦ୍ଧି ପାଉଥିବା ଆକ୍ରୋଶକୁ ଅନ୍ତତଃ ତାଙ୍କ ସହରରେ କିଭଳି ମୁକାବିଲା କରିପାରୁଛନ୍ତି ତାହା ଉପରେ ଭାରତ, ଆମେରିକା ସମେତ ସମଗ୍ର ବିଶ୍ୱ ଚାହିଁ ବସିଛି। ନ୍ୟୁୟର୍କ ପରି ଆମେରିକାର ଉନ୍ନତ ଓ ସମ୍ଭ୍ରାନ୍ତ ସହରରେ ଯଦି 'ମମ୍‌ଦାନୀ ମଡେଲ୍' ଉଦାର ସାମାଜିକ-ରାଜନୈତିକ ସମୀକରଣର ନୂଆ ସୂତ୍ର ସୃଷ୍ଟି କରିପାରିଲା ତାହା ସମଗ୍ର ବିଶ୍ୱ ପାଇଁ ମାର୍ଗଦର୍ଶିକା ହେବ।

## ଅସ୍ଥିର ଓ ଅଶାନ୍ତିର ଦୂତ

**ସରୋଜ କାନ୍ତ ଚୌଧୁରୀ**

ଚଳିତ ବର୍ଷର ମର୍ଯ୍ୟାଦାଜନକ ଶାନ୍ତି ନୋବେଲ୍ ପୁରସ୍କାର ପାଇବା ପାଇଁ ଭେନେଜୁଏଲାର ଗଣତନ୍ତ୍ରବାଦୀ ନେତ୍ରୀ ମାରିଆ କୋରିନା ମାଚାଡୋଙ୍କୁ ମନୋନୀତ କରାଯାଇଛି। ଲାଟିନ୍ ଆମେରିକୀୟ ଦେଶ ଭେନେଜୁଏଲାର ଗଣତନ୍ତ୍ରବାଦୀ ବିରୋଧୀ ଦଳର ନେତ୍ରୀ ମାରିଆ ସେଠିକାର କ୍ଷମତାରେ ଥିବା ଏକଛତ୍ରବାଦୀ ଶାସକଙ୍କ ବିରୁଦ୍ଧରେ ଦୀର୍ଘବର୍ଷ ଧରି ସଂଗ୍ରାମ ଜାରି ରଖିଛନ୍ତି। ନୋବେଲ ଶାନ୍ତି ପୁରସ୍କାର ୧୮୦୧ମସିହାରୁ ପ୍ରଦାନ କରା ହୋଇ ଆସୁଛି। କିନ୍ତୁ ୨୦୨୫ ବର୍ଷର ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ପ୍ରାର୍ଥିତ୍ୱ ସପକ୍ଷରେ ଯେପରି ଭାବେ ଚାପ ସୃଷ୍ଟି ଓ ପ୍ରଚାର କରିଥିଲେ ତାହା ଅଭୂତପୂର୍ବ। ଟ୍ରମ୍ପ ୨୦୨୫ ଜାନୁୟାରୀ ୨୦ରୁ ରାଷ୍ଟ୍ରପତି ପଦରେ ଦ୍ୱିତୀୟ ବାର ଅଧିଷ୍ଠିତ ହେବା ପରେ ଶାନ୍ତି ପାଇଁ ନୋବେଲ୍ ପୁରସ୍କାର ପାଇବାରେ ତାଙ୍କର ବ୍ୟକ୍ତିଗତ ଅଭିଳାଷ ଏବଂ ଆମେରିକାକୁ ପୁନଃ ଶ୍ରେଷ୍ଠ ପ୍ରତିପାଦିତ କରାଇବା(ମେକ୍ ଆମେରିକା ଗ୍ରେଟ୍ ଏଗେନ୍) ଦିଗରେ ତାଙ୍କର ନିର୍ବାଚନୀୟ ପ୍ରତିଶ୍ରୁତିକୁ ସାର୍ଥକ କରିବା ପାଇଁ ସମଗ୍ର ବିଶ୍ୱ ରାଜନୀତିକୁ ସେ ବର୍ତ୍ତମାନ ସମୟରେ ଗୋଳମାଳିଆ କରିଦେଇଛନ୍ତି।

ବାରାକ୍ ଓବାମା ଆମେରିକାର ୪୪ତମ ରାଷ୍ଟ୍ରପତି ହିସାବରେ କାର୍ଯ୍ୟାରମ୍ଭ କରିବାର ମାତ୍ର ନଅ ମାସ ଭିତରେ ୨୦୦୯ ମସିହାରେ ନୋବେଲ ଶାନ୍ତି ପୁରସ୍କାର ପାଇଥିଲେ। ଅନ୍ତର୍ଜାତୀୟ କୂଟନୀତିକ ସମ୍ପର୍କ ଓ ସଂହତି ବୃଦ୍ଧିରେ ଅନନ୍ୟ ଭୂମିକା ନିର୍ବାହ କରିଥିବାରୁ ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ମିଳିଥିଲା। ଓବାମାଙ୍କ ପରେ କ୍ଷମତାସୀନ ହୋଇଥିବା ରିପବ୍ଲିକାନ ନେତା ଡୋନାଲ୍ଡ ଟ୍ରମ୍ପ ଓବାମାଙ୍କ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ତାଚ୍ଛଲ୍ୟ କରି କହିଥିଲେ ଯେ ତାଙ୍କର ନାମ ଓବାମା ହୋଇଥିଲେ ସେ ମାତ୍ର ଦଶ ସେକେଣ୍ଡରେ ନୋବେଲ ଶାନ୍ତି ପୁରସ୍କାର ପାଇଥା'ନ୍ତେ। ଅର୍ଥାତ୍ ସେହିଦିନଠାରୁ ଟ୍ରମ୍ପଙ୍କର ବ୍ୟକ୍ତିଗତ ଅଭିଳାଷ ଜାଗ୍ରତ ହୋଇଥିଲା ଯେ ତାଙ୍କର ରାଷ୍ଟ୍ରପତି କାର୍ଯ୍ୟକାଳ ମଧ୍ୟରେ ସେ ନିଶ୍ଚିତ ହକଦାର ହେବେ ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ। ତେଣୁ ତାଙ୍କର ଦ୍ୱିତୀୟ ଦଫା କାର୍ଯ୍ୟକାଳର ଆଠ ମାସ ମଧ୍ୟରେ ବିଭିନ୍ନ ସମୟରେ ଗଣମାଧ୍ୟମ ଆଗରେ କେତେବେଳେ ଛଅଟି, କେତେବେଳେ ସାତଟି ଆଉ କେତେବେଳ ଆଠଟି ଅନ୍ତର୍ଜାତୀୟ ଯୁଦ୍ଧ ବନ୍ଦ କରିପାରିଛନ୍ତି ବୋଲି ତାଲିକା ଜାରି କରି ନୋବେଲ ଶାନ୍ତି ପୁରସ୍କାର ପାଇଁ ନିଜକୁ ସବୁଠାରୁ ଯୋଗ୍ୟ ବୋଲି ପ୍ରମାଣିତ କରିବାରେ ଲାଗିଲେ।

ତଥାକଥିତ ସେଇ ଆଠଟି ଅନ୍ତର୍ଜାତୀୟ ଯୁଦ୍ଧ ବନ୍ଦ କରିବା ସମ୍ବନ୍ଧରେ ନିରପେକ୍ଷ ବିଶେଷଜ୍ଞଙ୍କ ପର୍ଯ୍ୟାଲୋଚନା ସଂକ୍ଷେପରେ ଏହିପରି। ଆଠଟି ଯୁଦ୍ଧରୁ ଦୀର୍ଘ ଦିନ ଧରି ଚାଲିଥିବା ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଂଘର୍ଷ, ଯେଉଁଥିରେ ବ୍ୟାପକ ଧନଜୀବନ କ୍ଷତି ଘଟି ଚାଲିଛି, ତାହାହେଲା ରୁଷ-ୟୁକ୍ରେନ ଯୁଦ୍ଧ(ଆରମ୍ଭ ୨୪ ଫେବୃୟାରୀ୨୦୨୨) ଓ ଇସ୍ରାଏଲ୍-ହମାସ୍ ଯୁଦ୍ଧ (ଆରମ୍ଭ ୭ଅକ୍ଟୋବର୨୦୨୩)। କିନ୍ତୁ ଏହି ଯୁଦ୍ଧ ଦୁଇଟି ବନ୍ଦ କରିବା ଦିଗରେ ଟ୍ରମ୍ପଙ୍କ ମଧ୍ୟସ୍ଥତା ଲାଭପ୍ରଦ ହୋଇପାରି ନାହିଁ। କେବଳ ସେ କିଛିଟା ହାକିମାତି କରି ଯଥାକ୍ରମେ ପ୍ରାଥମିକ ଭାବରେ ରୁଷ ରାଷ୍ଟ୍ରପତି ପୁଟିନ୍‌ଙ୍କୁ ତାଙ୍କ ସହିତ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତ୍ୟାନ୍ୟାହୁଙ୍କୁ ହମାସ ପ୍ରତିପକ୍ଷଙ୍କ ସହ ଆଲୋଚନା ଟେବୁଲକୁ ଆଣିଛନ୍ତି। ଆମେରିକାର ମଧ୍ୟସ୍ଥତାରେ ଅକ୍ଟୋବର ପ୍ରଥମ ସପ୍ତାହରେ ଇସ୍ରାଏଲ ଓ ହମାସ୍ ମଧ୍ୟରେ ରାଜିନାମା ହୋଇ ସାମୟିକ ଭାବରେ ଗାଜାର କିଛି ଇଲାକାରୁ ଇସ୍ରାଏଲ ସୈନ୍ୟ ଅପସାରଣ କରିଥିଲା ଏବଂ ତା'ବଦଳରେ ହମାସ୍ କିଛି ମୃତ ଓ ଜୀବିତ ଇସ୍ରାଏଲୀ ନାଗରିକଙ୍କୁ ବନ୍ଧକରୁ ମୁକ୍ତ କରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଉଭୟ ରାଜିନାମାକୁ ଉଲ୍ଲଂଘନ କରିବା ଦ୍ୱାରା ସଂଘର୍ଷ ଜାରି ରହିଛି।

ସେମିତି ଆର୍ମେନିଆ ଓ ଆଜର୍ବାଇଜାନ୍ ମଧ୍ୟରେ, ରୁଆଣ୍ଡା ଓ କଙ୍ଗୋ ମଧ୍ୟରେ ବିବାଦ। ଯଦିଓ ପଡ଼ୋଶୀ ଦେଶ ହିସାବରେ ସେମାନଙ୍କ ମଧ୍ୟରେ ଅନେକ ଦିନ ହେଲା ବିବାଦ ରହି ଆସିଛି, ବର୍ତ୍ତମାନ ସମୟରେ ସେମିତି ପୂର୍ଣ୍ଣଯୁଦ୍ଧ ହୋଇ ଧନଜନ କ୍ଷୟ ଘଟି ନଥିଲା। ହୁଏତ ଟ୍ରମ୍ପ ନିଜ ସପକ୍ଷରେ ନୋବେଲ ଶାନ୍ତି ପୁରସ୍କାର ସୁପାରିସ ପାଇଁ ବାଣିଜ୍ୟରେ ସେହି କ୍ଷୁଦ୍ର ଦେଶମାନଙ୍କୁ ସୁବିଧା ଦେବା ଭିତ୍ତିରେ କିଛି ଗୋଟେ ରାଜିନାମା କରାଇ ନେଇଥିଲେ, ଯାହା କୌଣସି ଦୀର୍ଘମିଆଦୀ ବ୍ୟବସ୍ଥା ନଥିଲା। ଏବେ ସ୍ଥିତି 'ଯଥା ପୂର୍ବଂ ତଥା ପରଂ'। ଚଳିତ ବର୍ଷ ଜୁନ୍ ମାସରେ ସମାପ୍ତ ହୋଇଥିବା ଇରାନ୍-ଇସ୍ରାଏଲ ଯୁଦ୍ଧରେ ଆମେରିକା ଇରାନକୁ ପରମାଣୁ ଶକ୍ତି ବିକଶିତ କରିବାରୁ ବଞ୍ଚିତ କରିବାକୁ ତା'ଉପରେ ଇସ୍ରାଏଲ ସହିତ ମିଶି ବୋମାମାଡ଼ କରି ସଫଳ ହୋଇଥିଲା ଏବଂ ବାରଦିନର ଯୁଦ୍ଧ ପରେ ଏଥିରୁ ବିରତ ରହିଥିଲା। ଏଥିରେ ମଧ୍ୟ ଟ୍ରମ୍ପ ନୋବେଲ ପୁରସ୍କାର ପାଇଁ ଅନୁଗତ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କଠାରୁ ସୁପାରିସ ଆଦାୟ କରିଥିଲେ। ଥାଇଲାଣ୍ଡ ଓ କାମ୍ବୋଡ଼ିଆ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଗୋଟିଏ ସପ୍ତାହର ଯୁଦ୍ଧ ପରେ ଯୁଦ୍ଧ ବିରତି ଘୋଷଣା କରିଥିଲେ, ଯାହା ଅବଶ୍ୟମ୍ଭାବୀ ଥିଲା ମାଲେସିଆର ମଧ୍ୟସ୍ଥତା ଦ୍ୱାରା। କିନ୍ତୁ ଯେହେତୁ ଦୁଇ ଦେଶର ଅର୍ଥନୀତି ଆମେରିକା ସହିତ ବାଣିଜ୍ୟ ଉପରେ ନିର୍ଭରଶୀଳ ତେଣୁ ଟ୍ରମ୍ପ ବାଣିଜ୍ୟ ରାଜିନାମା କରେଇ ସେମାନଙ୍କଠାରୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ପାଇଥିଲେ ସୁପାରିସପତ୍ର।

ଭାରତର 'ଅପରେସନ ସିନ୍ଦୂର' ଥିଲା ପାକିସ୍ତାନରେ ଲୁଚିଥିବା ଆତଙ୍କବାଦୀଙ୍କ ବିପକ୍ଷରେ ଏକ ସଂକ୍ଷିପ୍ତ ବାୟୁସେନା କାର୍ଯ୍ୟାନୁଷ୍ଠାନ। ମେ' ମାସ ୭ ତାରିଖରୁ ମେ ୧୦ ତାରିଖ ମଧ୍ୟରେ ଅନୁଷ୍ଠିତ ଏହି ଅଭିଯାନର ଲକ୍ଷ୍ୟ ପୂରଣ ହେବା ପରେ ପାକିସ୍ତାନର ସାମରିକ କର୍ତ୍ତୃପକ୍ଷଙ୍କ ଅନୁରୋଧକ୍ରମେ ଭାରତୀୟ ସେନା ଦ୍ୱାରା ଯୁଦ୍ଧ ବିରତି କରାଯାଇଥିଲା। ଏହା ଦ୍ୱିପାକ୍ଷିକ ରାଜିନାମା ଥିଲା ଏବଂ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ବ୍ୟକ୍ତିଗତ ଭାବରେ କିଛି ଭୂମିକା ନଥିଲା ବୋଲି ଭାରତ ସରକାରଙ୍କ ଦ୍ୱାରା କୁହାଯାଇଛି। ପାକିସ୍ତାନ ଆମେରିକା ସହିତ ବାଣିଜ୍ୟ ସୁବିଧା ପାଇବା ଲକ୍ଷ୍ୟରେ ଟ୍ରମ୍ପଙ୍କୁ ଯୁଦ୍ଧ ବିରତିର ଶ୍ରେୟ ଦେଇ ତାଙ୍କ ନାମକୁ ନୋବେଲ ଶାନ୍ତି ପୁରସ୍କାର ପାଇଁ ସୁପାରିସ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେଠିକାର ଉପ ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଇସାକ୍‌ଦାର ସ୍ୱୀକାର କରିଥିଲେ ଯେ ଏହା ଦୁଇ ଦେଶର ସାମରିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଥିଲା ଏକ ଦ୍ୱିପାକ୍ଷିକ ବିଷୟ।

ଆଉ ଦୁଇଟି ଅନ୍ତର୍ଜାତୀୟ ଯୁଦ୍ଧ ବନ୍ଦ କରିବାର ଦାବି କରିଥିଲେ ଟ୍ରମ୍ପ। ସେଗୁଡ଼ିକ ହେଲା ଇଜିପ୍ଟ ଓ ଇଉଥୋପିଆ ମଧ୍ୟରେ ନୀଳ ନଦୀର ଜଳ ବଣ୍ଟନ ସମ୍ବନ୍ଧୀୟ ଏବଂ ସର୍ବିଆ ଓ କୋଶୋଭ ମଧ୍ୟରେ ସୀମା ସମ୍ବନ୍ଧୀୟ ବିବାଦ। ପ୍ରକୃତ ପକ୍ଷେ ଏହି ଦେଶମାନଙ୍କ ପରସ୍ପର ମଧ୍ୟରେ ସମସ୍ୟା ଥିଲେ ମଧ୍ୟ ସେମାନେ ଯୁଦ୍ଧ କରିନଥିଲେ। ତେଣୁ ଯୁଦ୍ଧ ବନ୍ଦ କରିବାର ପ୍ରଶ୍ନ ନଥିଲା। ତେଣୁ ଏହିସବୁ ଆଲୋଚନାରୁ ପ୍ରତୀୟମାନ ହେବା କଥା ଟ୍ରମ୍ପଙ୍କ ତଥାକଥିତ ଆଠଟି ଅନ୍ତର୍ଜାତୀୟ ଯୁଦ୍ଧ ବନ୍ଦ କରିଥିବାର ଦାବି କେବଳ ନରୱେ ନୋବେଲ କମିଟି ଉପରେ ଚାପ ପାଇଁ ଉଦ୍ଦିଷ୍ଟ ଥିଲା। ଅନ୍ୟଥା ବିଶ୍ୱରେ ସ୍ଥାୟୀ ଶାନ୍ତି ବାହାଲ ସମ୍ଭାବନା ଅନେକ ଦୂରରେ ଅଟକି ଯାଇଥିଲା। ଅବଶ୍ୟ ବଡ଼ଭାଇ ପଣିଆ ଦେଖାଇ ଅନେକ ଛୋଟଛୋଟ ଦେଶ ସହିତ ଆମେରିକାର ସ୍ୱାର୍ଥ ଅନୁଯାୟୀ ବାଣିଜ୍ୟ ଚୁକ୍ତି କରିବାରେ ସଫଳ ହୋଇପାରିଥିଲେ ଡୋନାଲ୍ଡ ଟ୍ରମ୍ପ।

ଗଣମାଧ୍ୟମରେ ବିଶ୍ୱଶାନ୍ତି ପାଇଁ ଯୁଦ୍ଧ ବନ୍ଦ କରିବାର ଆକର୍ଷକ ଭାଷଣ ଦେଉଥିବା ଡୋନାଲ୍ଡ ଟ୍ରମ୍ପ କାର୍ଯ୍ୟକ୍ଷେତ୍ରରେ ବିପରୀତ କାର୍ଯ୍ୟ କରିବାର ଦୃଷ୍ଟାନ୍ତ ରହିଛି। ସେ ୨୦୧୫ ପ୍ୟାରିସ ଜଳବାୟୁ ବୁଝାମଣାରୁ ଓହରି ଆସିଛନ୍ତି, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଓହରି ଯାଇଛନ୍ତି, ଯୁଦ୍ଧାସ୍ତ୍ର ନିରସ୍ତ୍ରୀକରଣ ପାଇଁ ହୋଇଥିବା ରାଜିନାମାକୁ ଉଲ୍ଲଂଘନ କରିଛନ୍ତି, ଯାହା ବିଶ୍ୱରେ ମାରାତ୍ମକ ଅସ୍ତ୍ରଶସ୍ତ୍ର ବ୍ୟବହାର ପାଇଁ ପଥ ପରିଷ୍କାର କରିଦେଇଛି। ଅଧିକନ୍ତୁ ନାଟୋର ଏକ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ହୋଇ ତା'ର ଭୂମିକାକୁ ପରିହାସ କରୁଥିଲା ବେଳେ ମିଳିତ ଜାତିସଂଘକୁ ନ୍ୟୂନ କରିବା ପାଇଁ ଆର୍ଥିକ ସହାୟତା ମଧ୍ୟ କମାଇ ଦେଇଛନ୍ତି। ସର୍ବୋପରି ବିଶ୍ୱ ବାଣିଜ୍ୟ ବ୍ୟବସ୍ଥାରେ ଟାରିଫ୍ ଯୁଦ୍ଧର ଆହ୍ୱାନ ଦେଇ ଅସ୍ଥିରତା ସୃଷ୍ଟି କରିଛନ୍ତି। ଭାରତ ଭଳି ବିଶ୍ୱର ବୃହତ୍ତମ ଗଣତନ୍ତ୍ର ଓ ଚତୁର୍ଥ ବୃହତ୍ତମ ଅର୍ଥନୈତିକ ଶକ୍ତି ଏବଂ ଆମେରିକାର ଏପର୍ଯ୍ୟନ୍ତ ବନ୍ଧୁଭାବାପନ୍ନ ବିବେଚିତ ହେଉଥିବା ଦେଶ ବିରୋଧରେ କାର୍ଯ୍ୟାନୁଷ୍ଠାନ ତାଙ୍କୁ ବିଶ୍ୱ ରାଜନୀତିରେ ଜଣେ ସ୍ୱେଚ୍ଛାଚାରୀ ଅସ୍ଥିରତା ସୃଷ୍ଟିକାରୀ ବିବାଦୀୟ ବ୍ୟକ୍ତି ଭାବେ ପରିଚିତ କରାଇଛି। ତାଙ୍କ ବ୍ୟକ୍ତିତ୍ୱର ସାମଗ୍ରିକ ଚିତ୍ର ବିଶ୍ୱ ଐକବଦ୍ଧତା ପାଇଁ ଉଦ୍ଦିଷ୍ଟ ନ ହୋଇ ବରଂ ସେଥିରେ ବିଭେଦ ଆଣିଲା ଭଳି ପ୍ରତୀୟମାନ ହେଉଛି।

କଟକ, ମୋ: ୯୪୩୭୩୬୦୯୮୧

## ଭାରତରେ ବାୟୁ ପ୍ରଦୂଷଣ ଜନିତ ମୃତ୍ୟୁ

**ଇଂ ମାୟାଧର ସ୍ୱାଇଁ**

ପୃଥିବୀର ଅନେକ ଦେଶରେ ଅନୁମୋଦିତ ମାତ୍ରାଠାରୁ ବାୟୁ ପ୍ରଦୂଷଣ ଅଧିକ ଥିଲେ ସୁଦ୍ଧା ଭାରତରେ ଏହା ସାଙ୍ଘାତିକ ରୂପ ନେଇଛି। ଦେଶର ରାଜଧାନୀ ଦିଲ୍ଲୀର ବାୟୁ ପ୍ରଦୂଷଣ ଏତେ ପରିମାଣରେ ବୃଦ୍ଧି ପାଇଛି ଯେ ଅନେକ ସମୟରେ ସ୍କୁଲ ଓ କଲେଜ ବନ୍ଦ କରିବାକୁ ପଡୁଛି। ଏହାର ନିୟନ୍ତ୍ରଣ ପାଇଁ ଦିଲ୍ଲୀ ସରକାର ନିକଟରେ କୃତ୍ରିମ ବର୍ଷା କରିବା ପାଇଁ ଚେଷ୍ଟା କରିଥିଲେ। ପୃଥିବୀର ଅତିପ୍ରଦୂଷିତ କୋଡ଼ିଏଟି ସହର ମଧ୍ୟରେ ଭାରତର ପନ୍ଦରଟି ସହର ରହିଛି।

ବାୟୁ ପ୍ରଦୂଷଣ ଯୋଗୁଁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଉଛି। ନିକଟରେ ଲାନସେଟ୍ ସଂସ୍ଥା ପ୍ରକାଶ କରିଥିବା ଏକ ରିପୋର୍ଟରେ ଦର୍ଶାଯାଇଛି ଯେ ବାୟୁ ପ୍ରଦୂଷଣ ଯୋଗୁଁ ସମଗ୍ର ପୃଥିବୀରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ୭୦ ପ୍ରତିଶତ ହେଉଛନ୍ତି ଭାରତର। ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥା ଓ ଲଣ୍ଡନ ବିଶ୍ୱବିଦ୍ୟାଳୟ ମିଳିତ ଭାବେ ପ୍ରସ୍ତୁତ କରିଥିବା ଏହି ରିପୋର୍ଟ ଅନୁଯାୟୀ ମନୁଷ୍ୟକୃତ ବାୟୁ ପ୍ରଦୂଷଣ ଯୋଗୁଁ ଭାରତରେ ପ୍ରତିବର୍ଷ ପ୍ରାୟ ସତର ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି। ଏହି ସଂଖ୍ୟା ହେଉଛି ୨୦୧୦ ମସିହା ତୁଳନାରେ ୩୮ ପ୍ରତିଶତ ଅଧିକ। ତୁଳନାତ୍ମକ ଭାବେ ସମଗ୍ର ପୃଥିବୀରେ ବାୟୁ ପ୍ରଦୂଷଣ ଯୋଗୁଁ ପ୍ରାୟ ୨୫ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥାଏ।



ବାୟୁ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି କୋଇଲା ଓ ପେଟ୍ରୋଲିୟମ ଭଳି ଜୀବାଶ୍ମ ଇନ୍ଧନର ଦହନ। ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ବିଭିନ୍ନ କଳକାରଖାନାରେ କୋଇଲା ବ୍ୟବହାର ଯୋଗୁଁ ଅଧିକ ପରିମାଣରେ ବାୟୁ ପ୍ରଦୂଷଣ ହୋଇଥାଏ। ଯାନବାହନରେ ପେଟ୍ରୋଲ, ଡିଜେଲ ଆଦିର ବ୍ୟବହାରରୁ ବାୟୁମଣ୍ଡଳକୁ ପିଏମ ୨.୫ ସମେତ ଅନ୍ୟ ପ୍ରଦୂଷଣ ନିର୍ଗତ ହୋଇଥାଏ। ରାସ୍ତା ଓ କୋଠାବାଡ଼ି ନିର୍ମାଣ, ଜଙ୍ଗଲ ପୋଡ଼ି, ନଡ଼ା ପୋଡ଼ି ମଧ୍ୟ ବାୟୁପ୍ରଦୂଷଣର ଅନ୍ୟ କାରଣ। ପଞ୍ଜାବ, ହରିଆଣା ଓ ଉତ୍ତର ପ୍ରଦେଶରେ ଫସଲ ଅମଳ ପରେ ଏହାର ଅବଶେଷଗୁଡ଼ିକୁ ଜାଳିଦେବା ଦ୍ୱାରା ଦିଲ୍ଲୀ ସମେତ ଆଖପାଖରେ ପ୍ରଦୂଷଣ ମାତ୍ରା ବଢୁଛି।

ଲାନସେଟ୍ ରିପୋର୍ଟ ଅନୁଯାୟୀ ଭାରତରେ ବାୟୁ ପ୍ରଦୂଷଣ ମୃତ୍ୟୁରେ କୋଇଲା ଓ ତରଳ ଗ୍ୟାସ୍ ଇନ୍ଧନ ୪୪ ପ୍ରତିଶତ ପାଇଁ ଦାୟୀ। ଏଥିଯୋଗୁଁ ବର୍ଷକୁ ୭୫୨୦୦୦ ମୃତ୍ୟୁ ଘଟୁଛି। ଯାନବାହନ ପ୍ରଦୂଷଣ ଯୋଗୁଁ ୨୬୯୦୦ ମୃତ୍ୟୁ ହେଉଛି। ୨୦୨୦-୨୦୨୪ ମସିହା ପର୍ଯ୍ୟନ୍ତ ଜଙ୍ଗଲ ନିଆଁ ପ୍ରଦୂଷଣ ଯୋଗୁଁ ବର୍ଷକୁ ହାରାହାରି ୧୦୨୦୦ ଲୋକଙ୍କ ମୃତ୍ୟୁ ହୋଇଛି। ବାୟୁ ପ୍ରଦୂଷଣ ଯୋଗୁଁ ଶ୍ୱାସକ୍ରିୟା ଜନିତ ଓ ହୃତ୍‌ପିଣ୍ଡ ରୋଗ ହୋଇଥାଏ। ଏହା ଫୁସଫୁସରେ କର୍କଟ ରୋଗ ମଧ୍ୟ ସୃଷ୍ଟି କରିଥାଏ ଏବଂ ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ। ବାୟୁ ପ୍ରଦୂଷଣ ବିଶେଷଭାବେ ଶିଶୁ ଓ ବରିଷ୍ଠ ନାଗରିକମାନଙ୍କ ଅଧିକ କ୍ଷତି କରିଥାଏ। ଏହା ଆଲଜେମିର ଓ ପାର୍କିନସନ ଭଳି ମାନସିକ ରୋଗ ସୃଷ୍ଟି କରିଥାଏ।

ଆମ ଦେଶରେ ସମଗ୍ର ବିଦ୍ୟୁତ୍ ଉତ୍ପାଦନର ୫୦ ପ୍ରତିଶତ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ଆସୁଛି। ତାପଜ ବିଦ୍ୟୁତ୍ ହେଉଛି ଜଳବାୟୁ ପରିବର୍ତ୍ତନର ଅନ୍ୟ ଏକ କାରଣ। ଏଣୁ ଅନ୍ତର୍ଜାତୀୟ ସ୍ତରରେ ଏହାର ପରିମାଣକୁ ହ୍ରାସ କରି ଅକ୍ଷୟ ଶକ୍ତି ଉତ୍ସ ଉପରେ ଗୁରୁତ୍ୱ ଦିଆଯାଇଛି। ଖୁସିର କଥା ଯେ ୨୦୨୫ ମସିହାର ପ୍ରଥମାର୍ଦ୍ଧରେ ସମଗ୍ର ବିଶ୍ୱରେ ଅକ୍ଷୟ ଶକ୍ତିରୁ ଅଧିକ ବିଦ୍ୟୁତ୍ ଉତ୍ପାଦିତ ହୋଇଛି। ଭାରତ ସରକାର ୨୦୩୦ ମସିହା ସୁଦ୍ଧା ଅକ୍ଷୟ ଶକ୍ତିର ପ୍ରତିଷ୍ଠିତ କ୍ଷମତା ୫୦୦ ଗିଗାୱାଟ୍‌ରେ ପହଞ୍ଚାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାର ପରିମାଣ ଯେତେ ଅଧିକ ହେବ ଜଳବାୟୁ ପରିବର୍ତ୍ତନ ହ୍ରାସ ହେବା ସହିତ ବାୟୁ ପ୍ରଦୂଷଣ ମଧ୍ୟ କମ ହୋଇ ପାରିବ।

ବାୟୁ ପ୍ରଦୂଷଣର ଅନ୍ୟତମ ଉତ୍ସ ହେଉଛି ଯାନବାହନ। ଏହାର ନିରାକରଣ ପାଇଁ ବିଦ୍ୟୁତ୍‌ଚାଳିତ ଯାନର ବିକାଶ କରାଯାଇଛି। କିନ୍ତୁ ଅଧିକ ମୂଲ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଅସୁବିଧା ଯୋଗୁଁ ଏହା ଅଧିକ ଲୋକଙ୍କୁ ଆକୃଷ୍ଟ କରିପାରିନାହିଁ। ମାତ୍ର ପ୍ରଯୁକ୍ତି ବିଦ୍ୟାର ବିକାଶ ସହିତ ଏହି ଅସୁବିଧାଗୁଡ଼ିକ କ୍ରମଶଃ ଦୂର ହୋଇପାରିବ। ୨୦୩୦ ମସିହା ପରେ ଭାରତରେ ପେଟ୍ରୋଲ ଓ ଡିଜେଲ ଚାଳିତ ଯାନବାହନର ଉତ୍ପାଦନ ବନ୍ଦ କରିଦେବା ପାଇଁ ସରକାର ନୀତିଗତ ଭାବେ ନିଷ୍ପତ୍ତି ନେଇଛନ୍ତି। ଉଦଜାନ ଇନ୍ଧନ ମଧ୍ୟ ହେଉଛି ଯାନବାହନ ପାଇଁ ଅନ୍ୟ ଏକ ବିକଳ୍ପ ଉତ୍ସ। ଏହାର ବିକାଶ ପାଇଁ ଯୋଜନା ଚାଲିଛି।

ଦେଶର ପ୍ରତ୍ୟେକ ନାଗରିକଙ୍କୁ ଶୁଦ୍ଧ ଜଳ ଶୁଦ୍ଧ ବାୟୁ ଦେବା ହେଉଛି ସରକାରଙ୍କ ନୈତିକ କର୍ତ୍ତବ୍ୟ। ଏବେ ମଧ୍ୟ ଗ୍ରାମାଞ୍ଚଳରେ ଅନେକ ରୋଷେଇ ଘରେ କାଠ ଓ କୋଇଲା ଚୁଲି ବ୍ୟବହୃତ ହେଉଛି ଏବଂ ଏଥିଯୋଗୁଁ ଅନେକ ମହିଳା ଶ୍ୱାସଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗତ କେତେବର୍ଷ ଧରି ସମସ୍ତଙ୍କୁ ଗ୍ୟାସ୍ ଚୁଲା ଦେବାର ପ୍ରୟାସ ଚାଲିଥିଲେ ମଧ୍ୟ ଏହା ଶତ ପ୍ରତିଶତ ସଫଳ ହୋଇପାରିନାହିଁ। ମୋଟାମୋଟି କହିଲେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସରକାରଙ୍କ ଚେଷ୍ଟା ଚାଲିଛି ଏବଂ ବିଚାରାଳୟର ନିର୍ଦ୍ଦେଶ ମଧ୍ୟ ଆସୁଛି। ଲୋକମାନଙ୍କର ସୁସ୍ଥ ଜୀବନଯାପନ ପାଇଁ ଏହାକୁ ତ୍ୱରାନ୍ୱିତ କରାଯିବା ଆବଶ୍ୟକ।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮ ୬୯୩୭୨୪

## 'ଘଟକୁଦେବତା' ଭାବେ ପୂଜା ପାଆନ୍ତି ଘଟୋତ୍କଚ

**ଓଜସ୍ୱିନୀ**

### ବିଚିତ୍ର ବିଶ୍ୱାସ

ପଞ୍ଚପାଣ୍ଡବଙ୍କ ବନବାସ ସମୟରେ ବଳଶାଳୀ ଭୀମଙ୍କର ବିବାହ ଘଟଣାକ୍ରମେ ଅସୁରୁଣୀ ହିଡ଼ିମ୍ବାଙ୍କ ସହିତ ହୋଇଥିଲା। ସେମାନଙ୍କ ଔରସରୁ ଘଟୋତ୍କଚ ନାମକ ଅତ୍ୟନ୍ତ ବଳଶାଳୀ ପୁତ୍ରର ଜନ୍ମ ହେଲା। ଘଟୋତ୍କଚ ବଳବାନ ସହିତ ସମସ୍ତ ତନ୍ତ୍ରମନ୍ତ୍ର ଓ ମାୟାବୀ ଶକ୍ତିର ଅଧିକାରୀ ଥିଲେ। ତାଙ୍କୁ ଶ୍ରୀକୃଷ୍ଣଙ୍କଠାରୁ ଇନ୍ଦ୍ରଜାଲ ବିଦ୍ୟା ସିଦ୍ଧିର ବରଦାନ ମଧ୍ୟ ମିଳିଥିଲା। ତେଣୁ ତାଙ୍କୁ ପରାସ୍ତ କରିବା ଅସମ୍ଭବ ଥିଲା। କାଳାନ୍ତରରେ ଘଟୋତ୍କଚ ଦେବତା ଭାବେ ପୂଜା ପାଇଥିଲେ।

ଭାରତର ଅନେକ ସ୍ଥାନରେ ଘଟୋତ୍କଚଙ୍କ ମନ୍ଦିର ଥିଲେ ମଧ୍ୟ ଉତ୍ତରାଖଣ୍ଡର ଚମ୍ପାବତଠାରେ ଥିବା ଘଟୋତ୍କଚ ମନ୍ଦିର ମୁଖ୍ୟ ବୋଲି କୁହାଯାଏ। ଚମ୍ପାବତଠାରୁ ମାତ୍ର ୨ କିଲୋମିଟର ଦୂର ଚମ୍ପାବତ-ତାମିଲ ମାର୍ଗସ୍ଥିତ ମଲ୍ଲୀଚୌକ୍‌ଠାରେ ଏହି ମନ୍ଦିର ଅବସ୍ଥିତ। ସ୍ଥାନୀୟ ଲୋକମାନେ ଘଟୋତ୍କଚଙ୍କୁ 'ଘଟକୁ ଦେବତା' ଭାବେ ପୂଜା କରି ଆସୁଛନ୍ତି। ତେଣୁ ମନ୍ଦିରଟି 'ଘଟକୁ ମନ୍ଦିର' ଭାବେ ପରିଚିତ। କେତେକ ଐତିହାସିକଙ୍କ ମତାନୁସାରେ ଏହି ମନ୍ଦିର ୧୭ ଶତାବ୍ଦୀରେ ଚନ୍ଦ୍ରବଂଶର ରାଜାଙ୍କ ଦ୍ୱାରା ନିର୍ମାଣ କରାଯାଇଛି। ମହାଭାରତ ଯୁଦ୍ଧରେ କର୍ଣ୍ଣଙ୍କ ଅମୋଘ ଶକ୍ତି ପ୍ରୟୋଗ ଫଳରେ ଘଟୋତ୍କଚଙ୍କ ଶିରଚ୍ଛେଦ ହୋଇଥିଲା। ଘଟୋତ୍କଚଙ୍କ ଶିର ଯେଉଁ ସ୍ଥାନରେ ପଡ଼ିଥିଲା, ସେଠାରେ ଏହି ମନ୍ଦିର ନିର୍ମାଣ ହୋଇଛି ବୋଲି ଜନଶ୍ରୁତି ଅଛି। ମନ୍ଦିର ନିକଟରେ ଗୋଟିଏ ନୌଲା ଅର୍ଥାତ୍ ଛୋଟ କୁଣ୍ଡ ଅଛି, ଯାହା ଭିତରକୁ ପୂଜାରୀ ହାତ ବଢ଼ାଇଲେ କେଶ ଭଳି ଅନୁଭବ ହୋଇଥାଏ। ଏହି କୁଣ୍ଡର ଆଉ ଏକ ଅଲୌକିକତା ହେଉଛି, ଏଥିରେ ଯେତେ ପାଣି ଭର୍ତ୍ତି କଲେ ମଧ୍ୟ ଏହା ପୂର୍ଣ୍ଣ ହୁଏନାହିଁ। କିନ୍ତୁ ବର୍ଷା ହେବାର ପୂର୍ବ ସୂଚନା ଭାବେ ଏହି କୁଣ୍ଡରେ ପାଣି ଆପେ ଆପେ ଭରିଯାଇ ବାହାରକୁ ବୋହି ଚାଲେ। ଏହି ମନ୍ଦିର ନିକଟରେ ମାତା ହିଡ଼ିମ୍ବାଙ୍କ ଏକ ମନ୍ଦିର ମଧ୍ୟ ଅଛି।

ଅନ୍ୟ ଏକ ଲୋକକଥା ରହିଛି ଯେ, ଘଟୋତ୍କଚଙ୍କ ଶିର ଯେଉଁଠି ପଡ଼ିଥିଲା, ସେଠାରେ ଗୋଟିଏ ବିଶାଳ ଜଳାଶୟ ସୃଷ୍ଟି ହୋଇଥିଲା। ଯୁଦ୍ଧ ପରେ ପଞ୍ଚୁପାଣ୍ଡବ ଘଟୋତ୍କଚଙ୍କ ଛିନ୍ନଶିର ସନ୍ଧାନ କରିଥିଲେ ମଧ୍ୟ ସଫଳ ହେଲେ ନାହିଁ। ପରବର୍ତ୍ତି ସମୟରେ ଘଟୋତ୍କଚ ସ୍ୱପ୍ନରେ ଦେଇଥିବା ସୂଚନା ଅନୁଯାୟୀ ଭୀମ ଉକ୍ତ ସ୍ଥାନକୁ ଯାଇଥିଲେ। ସେ ସେଠାରେ ପ୍ରଥମେ ଭଗବତୀ ଅଖିଳତାରିଣୀଙ୍କୁ ସୁମରଣା କରି ଗଦା ଦ୍ୱାରା ଜଳାଶୟର କୂଳକୁ ପ୍ରହାର କଲେ। ଜଳ ନିଷ୍କାସିତ ହେବା ପରେ ଘଟୋତ୍କଚଙ୍କ ଶିରକୁ ଉଦ୍ଧାର କରି ସେଠାରେ ଶ୍ରାଦ୍ଧ କର୍ମ କରିଥିଲେ। ଭୀମ ଯେଉଁଠି ଶ୍ରାଦ୍ଧ କରିଥିଲେ, ସେହି ଯଜ୍ଞକୁଣ୍ଡ, ଦୀପ ଓ ଶ୍ରାଦ୍ଧସ୍ଥାନ ଆଜି ମଧ୍ୟ ସେଠାରେ ପଥରଖଣ୍ଡ ଆକାରରେ ରହିଛି। ଯେଉଁ ଶିଳା ଉପରେ ଭୀମ ଶ୍ରାଦ୍ଧକର୍ମ କରିଥିଲେ, ତାହାକୁ ବର୍ତ୍ତମାନ 'ଧର୍ମଶିଳା' ଭାବେ ପୂଜା କରାଯାଉଛି। ବିଭିନ୍ନ ପର୍ବପର୍ବାଣୀରେ ଏହି ଶିଳା ଉପରେ ସ୍ନାନ କଲେ ଅଶେଷ ପୁଣ୍ୟଫଳ ଲାଭ ହୋଇଥାଏ ବୋଲି ବିଶ୍ୱାସ ଅଛି।

ମନାଲିଠାରେ ହିଡ଼ିମ୍ବା ମନ୍ଦିର ନିକଟରେ ଘଟୋତ୍କଚ ଗୋଟିଏ ବିଶାଳ ବୃକ୍ଷ ରୂପରେ ପୂଜା ପାଉଛନ୍ତି। ତେଣୁ ଏହି ମନ୍ଦିରକୁ 'ଘଟୋତ୍କଚ ବୃକ୍ଷ ମନ୍ଦିର' ବୋଲି କୁହାଯାଉଛି। ଏହି ବିଶାଳ ବୃକ୍ଷ ଅନେକ ରହସ୍ୟରେ ପରିପୂର୍ଣ୍ଣ। ବୃକ୍ଷର ଗଣ୍ଡିରେ ଅଗଣିତ ଶିଙ୍ଘ (ମଇଁଷି ଶିଙ୍ଘ ଭଳି) ଲାଗିରହିଛି। ଏହା କିଭଳି ଓ କାହିଁକି ରହିଛି, ସେ ସମ୍ପର୍କରେ ପ୍ରାୟ ସମସ୍ତେ ଅଜ୍ଞ। ଏହାବ୍ୟତୀତ ବୃକ୍ଷ ଚାରିପଟେ ଲୌହନିର୍ମିତ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ସୁସଜ୍ଜିତ ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ଅଧିବାସୀ କୁହନ୍ତି ଯେ, ଘଟୋତ୍କଚ ଜଣେ ବୀର ହୋଇଥିବାରୁ ଲୋକମାନେ ମାନସିକ ପୂରଣ ପାଇଁ ତାଙ୍କ ପାଖରେ ଅସ୍ତ୍ରଶସ୍ତ୍ର ଭେଟି ଦେଉଥିଲେ। କାଳକ୍ରମେ ଏହା ଏକ ପରମ୍ପରାରେ ପରିଣତ ହୋଇଛି ଏବଂ ଏବେ ମଧ୍ୟ ଅନେକ ଲୋକ ଲୌହନିର୍ମିତ ଧାରୁଆ ଅସ୍ତ୍ରଶସ୍ତ୍ର ଏଠାରେ ଅର୍ପଣ କରୁଛନ୍ତି। ଅନ୍ୟମତରେ ଶତାଧିକ ବର୍ଷ ପୂର୍ବରୁ ଘଟୋତ୍କଚ ମନ୍ଦିରରେ ବଳି ପ୍ରଥାର ପ୍ରଚଳନ ଥିଲା। ଲୋକମାନେ ଘଟୋତ୍କଚଙ୍କୁ ପ୍ରସନ୍ନ କରି ମାନସିକ ପୂରଣ କରିବା ପାଇଁ ପଶୁମାନଙ୍କୁ ବଳି ଦେଉଥିଲେ ଏବଂ ସେଥିରେ ବ୍ୟବହୃତ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ସେଠାରେ ରଖି ଦେଇ ଆସୁଥିଲେ।

ଇଣ୍ଡୋନେସିଆରେ ମଧ୍ୟ ଘଟୋତ୍କଚଙ୍କୁ ଦେବତା ଭାବେ ପୂଜା କରାଯିବା ସହିତ ତାଙ୍କୁ 'ସାତ୍ରିଆ ଓଟୋଟ କାବତ ବାଲୁଙ୍ଗ ୱେସି'ର ଉପନାମ ପ୍ରଦାନ କରାଯାଇଛି। ଏହାର ଅର୍ଥ ହେଉଛି 'ଶକ୍ତ ତାରର ମାଂସପେଶୀ ଓ ଲୁହାର ହାଡ଼ଯୁକ୍ତ ମହାନ ବଳଶାଳୀ ଯୋଦ୍ଧା'। ଜାଭାନିସ୍ ଓ ବାଲିର ଲୋକମାନେ ଘଟୋତ୍କଚଙ୍କୁ ଦେବତା ଭାବେ ପୂଜିବା ସହିତ ବିଭିନ୍ନ ପାରମ୍ପରିକ କଳାକୃତିରେ ମଧ୍ୟ ଘଟୋତ୍କଚଙ୍କୁ ରୂପ ଦେଇଥା'ନ୍ତି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342




ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମାତ୍ରାଧିକ ମୂଲ୍ୟ ବୃଦ୍ଧି

# ରଥଚକ ନେବାକୁ ଶ୍ରଦ୍ଧାଳୁ ଅନାଗ୍ରହୀ

**ପୁଣି ସଂଶୋଧିତ ଏସ୍‌ଓପି ଜାରି କଲା ଶ୍ରୀମନ୍ଦିର ପ୍ରଶାସନ**

ପୁରୀ, ୬।୧୧(ସମିସ): ରଥଚକ ନେବାକୁ ଶ୍ରଦ୍ଧାଳୁ ଅନାଗ୍ରହୀ। ମାତ୍ରାଧିକ ମୂଲ୍ୟବୃଦ୍ଧି ଯୋଗୁଁ ଶ୍ରଦ୍ଧାଳୁ ଏହାକୁ କିଣିବାକ ପଛଘୁଞ୍ଚା ଦେଉଛନ୍ତି। ୨୦୨୩ ମସିହାରେ ଗୋଟିଏ ଚକ (ଯେକୌଣସି ରଥ)ର ଦର ରହିଥିଲା ୫୦ ହଜାର ଟଙ୍କା। ସେହିପରି ପ୍ରଭାଗୁଡ଼ିକର ଦର ଥିଲା ୨୫ହଜାର ଟଙ୍କା। ଅଂଶୁଆରୀ ଓ କୋଣଗୁଜର ଦର ରହିଥିଲା ଗୋଟା ପ୍ରତି ୧୦ ହଜାର ଟଙ୍କା। କିନ୍ତୁ ଏବର୍ଷ ଏହା ଆଶାତୀତ ଭାବେ ବୃଦ୍ଧି ପାଇଛି। ୨୦୨୫ ରଥଯାତ୍ରା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗତ ଜୁନ୍‌ରେ ଜାରି ଏସ୍‌ଓପି ଅନୁଯାୟୀ, ବଡ଼ଠାକୁରଙ୍କ ତାଳଧ୍ୱଜ ରଥର ଚକ ପିଛା ଦାମ୍ ୨ ଲକ୍ଷ ଟଙ୍କା, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଚକ ପିଛା ଦେଢ଼ଲକ୍ଷ ଟଙ୍କା ଓ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଚକ ଦାମ୍ ୩ ଲକ୍ଷ ଟଙ୍କା ରଖାଯାଇଥିଲା। ସେହିପରି ଗୁଜ ଓ ଅଂଶୁଆରୀ ଗୋଟା ପିଛା ଦାମ୍ ୧୫ହଜାର ଟଙ୍କା, ପ୍ରଭା ପିଛା ୨୫ହଜାର ଟଙ୍କା ରହିଥିଲା। ଯଦି କେହି ପ୍ରତ୍ୟେକ ରଥର ଗୋଟିଏ ଲେଖାଏଁ ଚକ ନିଅନ୍ତି, ତେବେ ୬ ଲକ୍ଷ ଟଙ୍କା ଦେବାକୁ ସ୍ଥିର କରାଯାଇଥିଲା। ଏହି ଆବେଦନର ଶେଷ ତାରିଖ ଗତ ସେପ୍ଟେମ୍ବର ୧୫ତାରିଖ ରହିଥିଲା। ହେଲେ ଚକଗୁଡ଼ିକର ଦାମ୍ ଏତେ ଅଧିକ ଥିବାରୁ କିଣିବାକୁ କେହି ଆଗ୍ରହ ଦେଖାଉନାହାନ୍ତି।



ତେଣୁ ପୁଣିଥରେ ସଂଶୋଧିତ ଏସ୍‌ଓପି ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ। ଏଥିରେ ଦର ପ୍ରାୟ ସମାନ ଥିବା ବେଳେ କେବଳ ଆବେଦନର ତାରିଖ ବୃଦ୍ଧି କରାଯାଇ ନଭେମ୍ବର ୧୦ତାରିଖ ରଖାଯାଇଛି। ଆବେଦନର ଶେଷ ତାରିଖ ପର ୧୫ ଦିନ ଭିତରେ ରଥ ଉପକରଣଗୁଡ଼ିକ ଦିଆଯିବା ନେଇ ଏସ୍‌ଓପିରେ ସୂଚନା ଦିଆଯାଇଛି।

ଚକଗୁଡ଼ିକର ମାତ୍ରାଧିକ ଦରକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଭକ୍ତ ଓ ସେବାୟତ। ଏହାଦ୍ୱାରା ଚକଗୁଡ଼ିକ ନେବାକୁ ବିଭିନ୍ନ ଧର୍ମପୀଠ ଅସାମର୍ଥ୍ୟ ପ୍ରକାଶ କରୁଛନ୍ତି। ଏଣୁ, ମୂଲ୍ୟକୁ ନେଇ ପୁନର୍ବାର ବିଚାର କରିବାର ଆବଶ୍ୟକତା ରହିଛି। ମହାପ୍ରଭୁଙ୍କ ମହିମା ଓ ଗରିମାକୁ ନେଇ ଚକ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିବା ବେଳେ ଏହାକୁ ବଜାୟ ରଖିବା ପାଇଁ ସେବାୟତ ମତ ଦେଇଛନ୍ତି। ଶ୍ରୀଜଗନ୍ନାଥଙ୍କ ସହ ଅଙ୍ଗାଙ୍ଗୀ ଜଡ଼ିତ ଧର୍ମସ୍ଥଳୀକୁ ମାଗଣାରେ ପ୍ରଦାନ କରାଯାଉ ବୋଲି ଦାବି ରଖିଛନ୍ତି। ପୁରୀର ଅନେକ ମନ୍ଦିର ରହିଛି, ଯାହା ମହାପ୍ରଭୁଙ୍କ ରୀତିନୀତି ସହ ସମ୍ପୃକ୍ତ। ସେହି ମନ୍ଦିରକୁ ଅଗ୍ରାଧିକାର ଭିତ୍ତିରେ ନିଃଶୁଳ୍କ ଚକ ଯୋଗାଇ ଦିଆଯିବା ଦରକାର। ଫଳରେ ଚକଗୁଡ଼ିକର ପବିତ୍ରତା ରକ୍ଷା ସହିତ ଭକ୍ତମାନେ ଦର୍ଶନ କରିପାରିବେ ବୋଲି ଯୁକ୍ତି ବାଢ଼ିଛନ୍ତି।

# ନବୀନଙ୍କ ନିର୍ବାଚନୀ ସଭା ଭଣ୍ଡୁର କରିବାକୁ ବିଜେପି ଚକ୍ରାନ୍ତ କରୁଛି: ବିଜେଡି

ଭୁବନେଶ୍ୱର, ୬।୧୧(ସମିସ): ଆସନ୍ତାକାଲି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ନୂଆପଡ଼ା ଓ ଖରିଆର ରୋଡ୍‌ରେ ରୋଡ୍ ସୋ' କରିବେ ଏବଂ ଏକ ନିର୍ବାଚନ ସଭାକୁ ସମ୍ବୋଧନ କରିବେ। କିନ୍ତୁ ଏହି ରୋଡ୍ ସୋ' ଓ ନିର୍ବାଚନୀ ସଭାକୁ ଭଣ୍ଡୁର କରିବା ପାଇଁ ବିଜେପି ଚକ୍ରାନ୍ତ କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ସେହିପରି ବିଜେପିର ଆଜି ଆୟୋଜିତ ନିର୍ବାଚନ ସଭାରେ ଖୋଦ୍ ମୁଖ୍ୟମନ୍ତ୍ରୀ ନିର୍ବାଚନ ଆଚରଣ ବିଧିର ଉଲ୍ଲଙ୍ଘନ କରିଛନ୍ତି ବୋଲି ବିଜେଡିର ଏକ ପ୍ରତିନଧି ମଣ୍ଡଳୀ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି।



- ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହେଲା ବିଜେଡି
- ନବୀନଙ୍କ ପ୍ରଚାର ବେଳେ ବିଜେପି କର୍ମୀ ବିଶୃଙ୍ଖଳା କରିବା ନେଇ ଆଶଙ୍କା
- ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି

ରାଜ୍ୟସଭା ସାଂସଦ ତଥା ଦଳର ସାଧାରଣ ସମ୍ପାଦିକା ସୁଲତା ଦେଓ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିଥିଲେ। ଆସନ୍ତା ଶୁକ୍ରବାର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ବାଚନୀ ସଭା ଓ ରୋଡ୍ ସୋ'କୁ ଭଣ୍ଡୁର କରିବା ପାଇଁ ବିଜେପି ନେତା ଓ କର୍ମୀମାନେ ଚକ୍ରାନ୍ତ କରୁଛନ୍ତି। ରୋଡ୍ ସୋ'ରେ ବିଶୃଙ୍ଖଳା କରିବା, ପଥରମାଡ଼ କରିବା ଓ ଉତ୍ତେଜନା ସୃଷ୍ଟି କରିବା ପାଇଁ ଯୋଜନା କରୁଛନ୍ତି ବୋଲି ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ବିଜେଡି ଅଭିଯୋଗ କରିଛି। ଆସନ୍ତାକାଲି ହେବାକୁ ଥିବା ନିର୍ବାଚନୀସଭା ଓ ରୋଡ୍ ସୋ'କୁ ଶୃଙ୍ଖଳିତ ତଥା ନିରାପଦ ଭାବେ ଆୟୋଜନ କରିବା ଏବଂ ବିରୋଧୀ ଦଳ ନେତାଙ୍କ ସୁରକ୍ଷାର ସମସ୍ତ ବ୍ୟବସ୍ଥା କରିବା ପାଇଁ ବିଜେଡି ପ୍ରତିନିଧିଦଳ ଏକ ସ୍ମାରକପତ୍ର ଦେଇ ଅନୁରୋଧ କରିଛନ୍ତି। ଅନ୍ୟପଟେ ଆଜି ଆୟୋଜିତ ବିଜେପିର ବିଭିନ୍ନ ସାଧାରଣସଭା ପାଇଁ ନୂଆପଡ଼ାରେ ଟ୍ରାଫିକ୍ ବିଶୃଙ୍ଖଳା, ବେଆଇନ ଭାବେ ରାସ୍ତା ଅବରୋଧ କରି ବିଜେପି ଖୋଲାଖୋଲି ଭାବେ ନିର୍ବାଚନ ଆଚରଣବିଧିର ଉଲ୍ଲଙ୍ଘନ କରିଛି। ଏହି ସମସ୍ତ ନିର୍ବାଚନ ସଭା ମୁଖ୍ୟମନ୍ତ୍ରୀ ଦ୍ୱାରା ସମ୍ବୋଧିତ ହୋଇଥିବାରୁ ଆଚରଣ ବିଧିର ଉଲ୍ଲଙ୍ଘନକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେଡି କହିଛି। ବିଜେଡିର ଏହି ପ୍ରତିନିଧିମଣ୍ଡଳୀରେ ମିହିର ରାୟ, ଦ୍ୟୁମ୍ନନାଥ ପଣ୍ଡା, ନାରାୟଣ ଜେନା, ସୋଫିଆ ଆଲାମ, ରୀତାଞ୍ଜଳି ପ୍ରଧାନ, ଜ୍ୟୋତ୍ସ୍ନା ପରିଡ଼ା, ପ୍ରଦୀପ ପଣ୍ଡା ପ୍ରମୁଖ ସାମିଲ ଥିଲେ।

## ଉପକୂଳ ଓ ରେଳବାଇ ସୁରକ୍ଷା ଭିତ୍ତିଭୂମିର ଆଧୁନିକୀକରଣ ଯୋଜନା

# ଉପକୂଳ ସୁରକ୍ଷା ପାଇଁ ବ୍ୟୟ ହେବ ୧୪୯.୯୫ କୋଟି

ଭୁବନେଶ୍ୱର,୬।୧୧(ସମିସ): ଉପକୂଳ ସୁରକ୍ଷା ନିମନ୍ତେ ୧୦ଟି ଆଧୁନିକ ଡ୍ରୋନ୍, ୩ଟି ଟ୍ରଲର୍ ଓ ୧୪୦ ଜଣ ସ୍ୱତନ୍ତ୍ର ପୁଲିସ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ଖୁବ ଶୀଘ୍ର ରିୟଲ୍-ଟାଇମ୍ ସର୍ଭେଲାନ୍ସ ପାଇଁ ଏକ ଆଧୁନିକ କମାଣ୍ଡ ଓ କଣ୍ଟ୍ରୋଲ୍ ସେଣ୍ଟର ଗଠନ କରାଯିବ ବୋଲି ପୁଲିସ ଡିଜିପି ଯୋଗେଶ ବାହାଦୂର ଖୁରାନିଆ ସୂଚନା ଦେଇଛନ୍ତି। ଭୁବନେଶ୍ୱର ପୁଲିସ ଭବନଠାରେ ପୁଲିସ ଅଧିକାରୀମାନଙ୍କ ପାଇଁ ଏକ ଦିନିଆ ଦକ୍ଷତା ବୃଦ୍ଧି କର୍ମଶାଳାଯୋଗ ଦେଇ ସେ କହିଛନ୍ତି ଯେ ୩୨ଟି ମାଛ ଧରା ବନ୍ଦର ଓ ଫିଶିଂ ହାର୍ବର୍‌କୁ ସିସିଟିଭି ସିଷ୍ଟମ୍‌ରେ ଆବୃତ କରିବା ପାଇଁ କାମ ଚାଲିଛି। ଏହା ସହିତ ନୂଆ ନୌକା କିଣିବା ପ୍ରକ୍ରିୟା ଆରମ୍ଭ ହୋଇଛି। ରେଳବାଇ ପୁଲିସକୁ ଅଧିକ ଆଧୁନିକୀକରଣ କରିବାକୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଶ୍ରୀ ଖୁରାନିଆ ଅଧିକାରୀମାନଙ୍କୁ ନିଜ ଦକ୍ଷତାକୁ ନିରନ୍ତର ଅପଡେଟ୍ ରଖିବା ସହ ନୂଆ ଚାଲେଞ୍ଜ ସମ୍ପର୍କରେ ସବୁବେଳେ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାର ଏହି ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୧୪୯.୯୫ କୋଟି ଅନୁମୋଦନ କରିଛନ୍ତି ବୋଲି ସେ କହିଛନ୍ତି। ଏହା ସହ ସମସ୍ତ ୧୫ଟି ଜିଆର୍‌ପିଏସ୍‌ରେ ସିସିଟିଭି ମନିଟରିଂ ସେଣ୍ଟର ସ୍ଥାପନ ପାଇଁ ମଧ୍ୟ ଅର୍ଥ ଅନୁମୋଦନ ହୋଇଛି ବୋଲି ଡିଜିପି ସୂଚନା ଦେଇଛନ୍ତି।

- ୧୫ ଜିଆର୍‌ପିଏସ୍‌ରେ ହେବ ସିସିଟିଭି ମନିଟରିଂ ସେଣ୍ଟର
- ଗଠନ ହେବ ଆଧୁନିକ କମାଣ୍ଡ ଓ କଣ୍ଟ୍ରୋଲ୍ ସେଣ୍ଟର

ଭାରତୀୟ କୋଷ୍ଟ ଗାର୍ଡ ଅଧିକାରୀ କମାଣ୍ଡାଣ୍ଟ ରବୀନ୍ଦ୍ର କୁମାର ଯୋଗ ଦେଇ ଅନ୍ତର୍ଜାତୀୟ ଓ ଜାତୀୟ ସମୁଦ୍ର ସୁରକ୍ଷା ଆଇନ ସହିତ ସାମୁଦ୍ରିକ ସୁରକ୍ଷା ସମସ୍ୟା ସଂକ୍ରାନ୍ତରେ ସୂଚନା ଦେଇଥିଲେ। ଗୁଜୁରାଟର ଅବସରପ୍ରାପ୍ତ ଡିଜିପି ଡା. କେଶବ କୁମାର ଅପରାଧ ତଦନ୍ତରେ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ବିଷୟରେ ଆଲୋଚନା କରି ନିଜ ବ୍ୟକ୍ତିଗତ ଜୀବନର ଅଭିଜ୍ଞତା ସମ୍ପର୍କରେ ଆଲୋଚନା କରିଥିଲେ।

ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା ବୃତ୍ତିଗତ ଦକ୍ଷତା, ସମୟୋପଯୁକ୍ତ ପ୍ରସ୍ତୁତି ଓ ଉପକୂଳ ସୁରକ୍ଷା ସୁନିଶ୍ଚିତ କରିବା ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଏହାସହ ରେଳବାଇ ଅପରାଧ ନିୟନ୍ତ୍ରଣ ସମ୍ପର୍କରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଆଇଜିପି ଆର୍‌ପିଏଫ୍ ଅଲୋକ ବୋହରା ବିଭିନ୍ନ ଏଜେନ୍ସିମାନଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଓ ସହଯୋଗର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଏଆଇଜି (ରେଳବାଇ ଓ ଉପକୂଳ ସୁରକ୍ଷା) ସତ୍ୟଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୮୪ତମ ଇଣ୍ଡିଆନ ରୋଡ୍‌ସ କଂଗ୍ରେସ

# ଆଜି ଉଦ୍‌ଘାଟନ କରିବେ ଗଡ଼କରୀ

ଭୁବନେଶ୍ୱର, ୬।୧୧(ସମିସ): ଆସନ୍ତାକାଲି ୮୪ତମ ଇଣ୍ଡିଆନ ରୋଡ କଂଗ୍ରେସ(ଆଇଆରସି)କୁ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ଉଦ୍‌ଘାଟନ କରିବେ। ୨୦୧୫ ପରେ ପୁଣି ଏକ ଦଶନ୍ଧି ବ୍ୟବଧାନରେ ଓଡ଼ିଶା ଆଇଆର୍‌ସି ଆୟୋଜନ କରିବାକୁ ଯାଉଛି। ସଡ଼କ ଭିତ୍ତିଭୂମିକୁ ନେଇଏହି ବୃହତ୍ ସମ୍ମିଳନୀ ବିଶେଷଜ୍ଞ ଓ ଯନ୍ତ୍ରୀଙ୍କ ମଧ୍ୟରେ ଜ୍ଞାନ ଆଦାନପ୍ରଦାନର ସେତୁ ପାଲଟିବ ବୋଲି ଗୁରୁବାର ଜନତା ମଇଦାନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

- ଯୋଗଦେବେ ୩୫୦୦ ପ୍ରତିନିଧି
- ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶାରେ ୭୫ ହଜାର କିମି ରାସ୍ତା ନିର୍ମାଣ ଲକ୍ଷ୍ୟ
- ଷ୍ଟଲ୍‌ରେ ପ୍ରଦର୍ଶିତ ହେବ ସଡ଼କ ନିର୍ମାଣର ଅତ୍ୟାଧୁନିକ ଜ୍ଞାନକୌଶଳ

ଆଇଆ୍‌ସି ସଂପର୍କରେ ବିସ୍ତୃତ ସୂଚନା ଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଆଗାମୀ ୫ ବର୍ଷ ମଧ୍ୟରେ ଓଡ଼ିଶାରେ ୭୫ ହଜାର କିମି ରାସ୍ତା ନିର୍ମାଣ ହେବ। ସମଗ୍ର ଭାରତରେ ସଡ଼କ ଭିତ୍ତିଭୂମିର ବିକାଶ ତଥା ଏ ନେଇ ନୀତି ନିର୍ଦ୍ଧାରଣ କରିବା ନିମନ୍ତେ ଆଇଆର୍‌ସି ଭଳି ଜାତୀୟ ସମ୍ମିଳନୀ ଆୟୋଜନ ହେଉଛି। ଏହି ସମ୍ମିଳନୀ ଇଞ୍ଜିନିୟର, ନୀତି ନିର୍ଦ୍ଧାରକ, ଗବେଷକ, ଶିଳ୍ପ ବୃତ୍ତିଗତ ଏବଂ ଶିକ୍ଷାବିତ୍‌ଙ୍କ ପାଇଁ ଏକ ଅନନ୍ୟ ପ୍ଲାଟଫର୍ମ। ସମ୍ମିଳନୀରେ ହେବାକୁ ଥିବା ଅଧିବେଶନଗୁଡ଼ିକର ବିଷୟବସ୍ତୁ ରହିଛି 'ରାଜରାସ୍ତା ପ୍ରଯୁକ୍ତି ବିଦ୍ୟା ଏବଂ




ନୀତିରେ ପ୍ରମୁଖ ଉନ୍ନତି'। ଆଇଆର୍‌ସି ଦେଶର ସଡକ ଇଞ୍ଜିନିୟର ଏବଂ ଯୋଜନାକାରୀଙ୍କ ପାଇଁ ଏକ ବୃତ୍ତିଗତ ସଂଗଠନ ଭାବେ କାର୍ଯ୍ୟ କରୁଛି। କେନ୍ଦ୍ର ଓ ରାଜ୍ୟ ସ୍ତରରେ ବିଭିନ୍ନ ସରକାରୀ ବିଭାଗ ଏଥିରେ ସମ୍ପୃକ୍ତ ଅଛନ୍ତି। ସମଗ୍ର ଦେଶରେ ସଡ଼କ, ସେତୁ ଏବଂ ସୁଡଙ୍ଗ ନିର୍ମାଣର ଯୋଜନା, ଡିଜାଇନ୍, ପରିଚାଳନା ଓ ରକ୍ଷଣାବେକ୍ଷଣରେ ନୂତନ କୌଶଳକୁ ପ୍ରୋତ୍ସାହିତ କରିବା ଏହି ସଂଗଠନର ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଆଇଆର୍‌ସିର ସଭାପତି ମନୋରଞ୍ଜନ ପରିଡ଼ା, ନିର୍ମାଣ ବିଭାଗ ପ୍ରମୁଖ ସଚିବ ଶ୍ରୀ ସଞ୍ଜୟ କୁମାର ସିଂ (ଆଇଏଏସ୍), ସ୍ଥାନୀୟ ସଂଚାଳକ ଇଂ ମାନସ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆଇଆର୍‌ସିର ଏହି ବାର୍ଷିକ ସମ୍ମିଳନୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ରାଷ୍ଟ୍ରମନ୍ତ୍ରୀ ଅଜୟ ତମ୍‌ତା, ହର୍ଷ ମଲହୋତ୍ରା, ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ମଧ୍ୟପ୍ରଦେଶର ପୂର୍ବ ମନ୍ତ୍ରୀ ରାକେଶ ସିଂହ ଅତିଥି ଭାବେ ଯୋଗଦେଇ ମାର୍ଗଦର୍ଶନ କରିବେ। ଉଦ୍‌ଘାଟନୀ ସମାରୋହ ପରେ ଆଇଆର୍‌ସିର ୨୩୫ତମ କାଉନସିଲ ବୈଠକ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ଆଇଆଇଟି, ଏନ୍‌ଆଇଟି, ଇଂଜିନିୟରିଂ ଛାତ୍ରଛାତ୍ରୀ ଓ ଗବେଷକଙ୍କୁ ନେଇ ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ। ବୈଜ୍ଞାନିକ ଏବଂ ରିସର୍ଚ୍ଚ ଓ ଡେଭଲପମେଣ୍ଟ ସଂଗଠନର ଅଧିକାରୀଙ୍କୁ ନେଇ ଏକ ଅଧିବେଶନ ଅନୁଷ୍ଠିତ ହେବ। ଠିକାଦାର, ପରାମର୍ଶଦାତା ଓ ସ୍ୱେଚ୍ଛାସେବୀଙ୍କୁ ନେଇ ଅନ୍ୟ ଗୋଟିଏ ବୈଷୟିକ ଅଧିବେଶନ ଆୟୋଜିତ ହେବ ବୋଲି ଜଣାପଡ଼ିଛି।


**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**


**AFFIDAVIT**

By virtue of an affidavit sworn before Executive Magistrate, Kujang, dated 06-11-2025 I, **RASHMIREKHA SAHOO,** W/o Ganeswar Sahoo Permanent resident- At- Talapada (Bhaliapatana), Po- Rahama, Ps- Tritol, Dist- Jagatsinghpur, PIN- 754140, State- Odisha declare that I have changed the name of my daughter's from **DIBYANISHA SAHOO** (Old name) to **DIBYA ANISHA SAHOO** (New name), Henceforth, she shall be known as **DIBYA ANISHA SAHOO** for all purposes.

Sd-( **RASHMIREKHA SAHOO**)

**AFFIDAVIT**

I, Golekha Chandra Swain, aged about 65 years, S/o- Late Netrananda Swain, resident of Vill: Sundarkani, PO: Japabhuan, PS: Erasama, Dist: Jagatsinghpur, PIN: 754139, Odisha declared by this affidavit No. 4780, dtd- 01/11/2025 that now onwards I shall be known as **GOLEKHA SWAIN** for all future purposes.

**AFFIDAVIT**

By virtue of an affidavit No.2669 sworn before the Executive Magistrate, Champua on dtd- 06/11/2025. I, **Bhupendra Kumar Mishra,** S/o- Krushna Chandra Mishra, permanent resident of Vill- Bdnpur Sasan, Champua, Po/Ps- Champua, Dist-Keonjhar, Odisha, Pin- 758041. I have changed my minor daughter's name from **Susree Arpita Mishra** (old name) to **Arpita Mishra** (new name). Henceforth, she shall be known as **ARPITA MISHRA** (new name) for all future purposes.

**Bhupendra Kumar Mishra**

**AFFIDAVIT**

By virtue of an affidavit No-2841 sworn before the Executive Magistrate, Sukinda, Jajpur on dt 02/11/2025. I, **Sanjukta Mohanta**, W/o- Sanjay Kumar Mohanta resident of At- Kabata, Po- Lembo, Ps- Sukinda, Dist- Jajpur, Pin- 755018. My son's birth certificate vide No. 4079/2017, issue dtd- 7/12/2017, name has been written **Himanshu Mohanta,** S/o- Sanjaya Mohanta (father) & Sanjukta Mohanta (mother) but in Aadhar card No. 676576991853 name has been written as **Sridhartha Mohanta,** I have declared that Himanshu Mohanta, S/o- Sanjaya Mohanta (father) & Sanjukta Mohanta (mother) and Sridhartha Mohanta, S/o Sanjaya Mohanta is same & one person. He will known as **Himanshu Mohanta** for all future purposes.

**Sanjukta Mohanta**

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dated- 01/11/2025. I, **Susena Nayak,** S/o Kanhu Charan Nayak, permanent resident of At- Sabak Dhanurjaypur, PO- Silitia, PS- Baria, Dist- Keonjhar, Odisha, PIN- 758032 declare that I have changed my daughter's name from **Khiramani Nayak** to **Sunayana Nayak.** Henceforth, she shall be known as **Sunayana Nayak** (new name) for all purposes.

**Susena Nayak**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୭୩ ବର୍ଷରେ...

କିନ୍ତୁ ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଗରିବ ଓ ସଂଖ୍ୟାଲଘୁ ସଂପ୍ରଦାୟ ଭୋଟରଙ୍କ ନାମକୁ କାଟି ଦିଆଯାଇଛି।

ଇତିମଧ୍ୟରେ କେତେକ ବିଜେପି ନେତା ଦୁଇଟି ରାଜ୍ୟରେ ମତଦାନ କରୁଥିବା ନେଇ କଂଗ୍ରେସ ଅଭିଯୋଗ କରିଛି। ଆର୍‌ଏସ୍‌ଏସ୍ ନେତା ତଥା ରାଜ୍ୟସଭା ସାଂସଦ ରାକେଶ ସିହ୍ନାଙ୍କ ବିରୋଧରେ ଏଭଳି ଅଭିଯୋଗ ଆସିଛି। ଗତ ଫେବୃଆରୀରେ ଦିଲ୍ଲୀ ବିଧାନସଭା ପାଇଁ ହୋଇଥିବା ନିର୍ବାଚନରେ ସିହ୍ନା ଭୋଟ୍ ଦେଇଥିବା ବେଳେ ଆଜି ପୁଣି ବିହାର ବିଧାନସଭା ନିର୍ବାଚନରେ ମତଦାନ କରିଛନ୍ତି। ସିହ୍ନା ନିଜେ ସେୟାର କରିଥିବା ଫଟୋକୁ ଆଜି କଂଗ୍ରେସ ଦେଖାଇଛି। କଂଗ୍ରେସ କହିଛି ଯେ ଦିଲ୍ଲୀରେ ମତଦାନ କରିଥିବା ସିହ୍ନା ବିହାରରେ କେମିତି ମତଦାନ କଲେ। କେବଳ ସିହ୍ନା ନୁହେଁ, ବିଜେପିର ଆଉ କେତେକ ନେତା ମଧ୍ୟ ଏଭଳି ମତଦାନ କରିଥିବା କଂଗ୍ରେସ କହିଛି। ଏହା ଭୋଟଚୋରି ନୁହେଁ ତ ଆଉ କ'ଣ ବୋଲି ପ୍ରଶ୍ନ କରିଛି କଂଗ୍ରେସ।

## ବେତନ ଓ ପେନ୍‌ସନରେ...

୨୦୨୫-୨୬ରେ ରାଜ୍ୟଗୁଡ଼ିକ ସେମାନଙ୍କ ରାଜସ୍ୱ ଆୟର ୫୦ ପ୍ରତିଶତ ଅର୍ଥ ଦରମା, ପେନସନ ଏବଂ ସୁଧ ଦେୟ ପାଇଁ ଖର୍ଚ୍ଚ କରିବେ ବୋଲି ଆକଳନ କରାଯାଇଛି। ଆସାମ, ହିମାଚଳ ପ୍ରଦେଶ, କେରଳ, ପଞ୍ଜାବ ଏବଂ ତାମିଲନାଡୁ ଭଳି ରାଜ୍ୟଗୁଡ଼ିକ ପୂର୍ବ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ୬୦ ପ୍ରତିଶତରୁ ଅଧିକ ଅର୍ଥ ଖର୍ଚ୍ଚ କରିବେ ବୋଲି ଆକଳନ କରାଯାଇଛି।

ରିପୋର୍ଟ ଅନୁସାରେ ପୂର୍ବ ଧାର୍ଯ୍ୟ ଲକ୍ଷ୍ୟ ଅନେକ ରାଜ୍ୟକୁ ତୁରନ୍ତ ଖର୍ଚ୍ଚ ପାଇଁ ମଧ୍ୟ ଋଣ ନେବାକୁ ବାଧ୍ୟ କରିଛି। ଏହା ଫଳରେ ମୋଟ ଋଣ ଜିଡିପିର ୨୭.୫ ପ୍ରତିଶତରେ ପହଞ୍ଚିଛି, ଯାହା ସୁପାରିଶ କରାଯାଇଥିବା ୨୦ ପ୍ରତିଶତ ସୀମାଠାରୁ ବହୁତ ଅଧିକ। ଏହା ରାଜ୍ୟଗୁଡିକର ଋଣ ବାବଦ ସୁଧ ପୈଠ ପରିମାଣ ବୃଦ୍ଧି କରିଛି, ଯାହା ଆର୍ଥିକବର୍ଷ ୨୦୨୪ରେ ରାଜସ୍ୱ ପ୍ରାପ୍ତିର ୧୩ ପ୍ରତିଶତ ଥିଲା। ପଞ୍ଚଦଶ ଅର୍ଥ ଆୟୋଗଙ୍କ ସୁପାରିଶ ଯୋଗୁଁ ନିରନ୍ତର ସ୍ଥାନାନ୍ତର ହ୍ରାସ ରାଜ୍ୟଗୁଡ଼ିକର ଖର୍ଚ୍ଚ ସ୍ୱାୟତ୍ତତାକୁ ଆହୁରି ହ୍ରାସ କରିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନିକଟରେ ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି। ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସର ଏକ କର୍ମଶାଳାରେ କେନ୍ଦ୍ରଅର୍ଥମନ୍ତ୍ରୀ ଅନେକ ରାଜ୍ୟ ସେମାନଙ୍କ ଆୟର ପ୍ରାୟ ୭୦ ପ୍ରତିଶତ ଦରମା ଏବଂ ପେନସନରେ ଖର୍ଚ୍ଚ କରୁଛନ୍ତି, କେବଳ ୩୦ ପ୍ରତିଶତ ବିକାଶ ଆବଶ୍ୟକତା ରହୁଥିବା ଉଲ୍ଲେଖ କରି ଏଥିପାଇଁ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ମହିଳାଙ୍କ ପାଇଁ ନିରନ୍ତର ନଗଦ ହସ୍ତାନ୍ତର (ୟୁସିଟି) ଯୋଜନାର ପ୍ରସାର ରାଜ୍ୟର ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଛି। ୨୦୨୩ ମାତ୍ର ୨ଟି ରାଜ୍ୟ ମହିଳାଙ୍କୁ ମାଗଣା ସହାୟତା ଯୋଜନା ପ୍ରଚଳନ କରିଥିବାବେଳେ ଏବେ ଏହା ୧୨ଟି ରାଜ୍ୟରେ ପ୍ରଚଳିତ ହେଉଛି। ଏଥିପାଇଁ ଏହି ରାଜ୍ୟଗୁଡ଼ିକ ଗୋଟିଏ ବର୍ଷରେ ୧.୬୮ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଯାହା ଫଳରେ ରାଜ୍ୟଗୁଡ଼ିକର ରାଜସ୍ୱ ନିଅଣ୍ଟ ବୃଦ୍ଧି କରିଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।

## ଉତ୍ତରାଖଣ୍ଡରେ ରାୟଗଡ଼ା...

ବାନ୍ଧି ନଦୀରେ ଫିଙ୍ଗି ଦେଇଥିଲା। ଅପରପକ୍ଷେ, ପୁଲିସ ସୃଷ୍ଟିଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ରୁଦ୍ରପୁର ମେଡିକାଲକୁ ପଠାଇଛି।

ସୂଚନା ଅନୁଯାୟୀ, ସୃଷ୍ଟି ଉତ୍ତରାଖଣ୍ଡର ଲାଲପୁରସ୍ଥିତ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା କମ୍ପାନୀରେ ୬ ମାସ ହେଲା ଇଣ୍ଟର୍ଣ୍ଣସିପ୍ କରୁଥିଲେ। ସେ ଲାଲପୁରର ଭାରତୀୟମ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ପଛରେ କାମେଶ୍ୱର ସିଂହଙ୍କ ଘରେ ଏକ କୋଠରି ଭଡ଼ା ନେଇ ରହୁଥିଲେ। ମଙ୍ଗଳବାର ଅପରାହ୍ନରୁ ସୃଷ୍ଟିଙ୍କ ଫୋନ ବନ୍ଦ ରହିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ପରିବାରଲୋକ ଯେତେ ଚେଷ୍ଟା କରିଥିଲେ ବି ସୃଷ୍ଟିଙ୍କ ସହ ଯୋଗାଯୋଗ ହୋଇପାରିନଥିଲା। ତେଣୁ ପରେ ବାଧ୍ୟ ହୋଇ ସେ ଭଡ଼ାରେ ରହୁଥିବା ଘରର ମାଲିକ ଓ ତାଙ୍କ ପୁଅ ଅମିତଙ୍କୁ ଯୋଗାଯୋଗ କରିଥିଲେ। କିନ୍ତୁ ସେମାନେ ମଧ୍ୟ କୌଣସି ସନ୍ତୋଷଜନକ ଉତ୍ତର ନ ଦେବାରୁ ପରିବାରଲୋକଙ୍କ ମନକୁ ପାପ ଛୁଇଁଥିଲା। ପରେ ସୃଷ୍ଟିଙ୍କ ସମ୍ପର୍କୀୟ ଭାଇ ଅମୃତ କୁମାର ତାଙ୍କ ବନ୍ଧୁ ସୂରଜ ଏବଂ ମନୀଷଙ୍କ ସହ ଲାଲପୁରଠାରେ ପହଞ୍ଚିଥିଲେ। ସେ ଲାଲପୁର ପୁଲିସ ଷ୍ଟେସନରେ ସୃଷ୍ଟିଙ୍କ ନିଖୋଜ ବିଷୟରେ ରିପୋର୍ଟ କରିଥିଲେ।

ପୁଲିସ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା ନକରି ସେମାନେ କାମେଶ୍ୱର ସିଂହଙ୍କ ଘର ବିପରୀତରେ ଥିବା ପୂର୍ବତନ ଜିଲ୍ଲା ପଞ୍ଚାୟତ ସଦସ୍ୟ ରଞ୍ଜିତ ସିଂହଙ୍କ ଘରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲେ। ଘର ମାଲିକଙ୍କ ପୁଅ ଅମିତ କୁମାରଙ୍କୁ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଦେଖିବାକୁ ପାଇଥିଲେ। ଏନେଇ ସେମାନଙ୍କର ସନ୍ଦେହ ହେବାରୁ ପୁଲିସକୁ କହିଥିଲେ। ପୁଲିସ ଘର ମାଲିକଙ୍କ ପୁଅକୁ ପଚରାଉଚରା କରିବା ପରେ ଏହି ହତ୍ୟାକାଣ୍ଡ ଉପରୁ ପରଦା ଉଠିଥିଲା। ପୁଲିସ ଅମିତଙ୍କୁ ପଚରାଉଚରା ପରେ ସେ ହିଁ ସୃଷ୍ଟିଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ସେ ସୃଷ୍ଟିଙ୍କ ମୃତଦେହକୁ ଏକ ଚାଦରରେ ଗୁଡ଼ାଇ ସେଥିରେ ପଥର ବାନ୍ଧି ବାଡୋର ନଦୀରେ ଫିଙ୍ଗି ଦେଇଥିବା କହିଥିଲେ। ଏହି ସୂଚନା ପାଇବା ପରେ ପୁଲିସ ଆଜି ଅପରାହ୍ଣରେ ନଦୀରୁ ମୃତଦେହ ଉଦ୍ଧାର କରିଛି। ତେବେ ହତ୍ୟାକାଣ୍ଡର କାରଣ ସଂପର୍କରେ ଜଣାପଡ଼ିନାହିଁ।

## ଘାଟି ଚଢୁଚଢୁ...

ବସ୍‌ଟି ଓଡ଼ିଶା ସୀମାନ୍ତ ପାସିପେଣ୍ଡା ଥାନା ଅନ୍ତର୍ଗତ କୋନାୱାଲାସା ଗ୍ରାମ ନିକଟ ସାଲୁର୍ ଘାଟି ଚଢୁଥିବା ବେଳେ ଇଞ୍ଜିନରୁ ଧୂଆଁ ବାହାରୁଥିବା ଚାଳକ ଦେଖିବାକୁ ପାଇଥିଲେ। ତେଣୁ, ସେ ଗାଡ଼ିଟିକୁ ରାସ୍ତାପାର୍ଶ୍ୱରେ ଅଟକାଇ ଯାତ୍ରୀମାନଙ୍କୁ ଓହ୍ଲାଇ ଦେଇଥିଲେ। କିଛି ସମୟ ପରେ ଗାଡ଼ିଟି ହୁତୁହୁତୁ ହୋଇ ଜଳିଥିଲା। ଘାଟି ନିକଟରେ ଏକ ପୁଲିସ ଚେକ୍‌ପୋଷ୍ଟରୁ ଖବର ପାଇ ସାଲୁର ସହରରେ ରହିଥିବା ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲା। କିନ୍ତୁ ସେତେବେଳକୁ ବସ୍‌ଟି ସଂପୂର୍ଣ୍ଣ ଜଳି ଯାଇଥିଲା। ପାସିପେଣ୍ଡା ପୁଲିସ ଏକ ମାମଲା ରୁଜୁ କରି ଅଧିକ ଯାଞ୍ଚ ଚଳାଇଛି।

## ଓଡ଼ିଆ ଝିଅ ହେଲେ...

ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ଆଜି ଝାଡ଼ଖଣ୍ଡ ସରକାରଙ୍କ ପକ୍ଷରୁ ଏସଂପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତାକାଲି ଶୁକ୍ରବାର ସେ ନୂଆ ଦାୟିତ୍ୱ ଗ୍ରହଣ କରିବେ।

ମିଳିଥିବା ସୂଚନା ଅନୁଯାୟୀ ୧୯୯୪ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ତଦାଶା ମିଶ୍ର ଅସ୍ଥାୟୀ ରୂପେ ଏହି ଦାୟିତ୍ୱ ତୁଲାଇବେ। ଏବେ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଥିବା ତଦାଶା ଆସନ୍ତା ଡିସେମ୍ବର ୩୧ ତାରିଖରେ ଅବସର ଗ୍ରହଣ କରିବେ। ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଦାୟିତ୍ୱ ନେବା ପୂର୍ବରୁ ସେ ରେଳବାଇର ଅତିରିକ୍ତ ମହାନିର୍ଦ୍ଦେଶକ ଥିଲେ। ଏହାସହିତ ରାଜ୍ୟ ପୁଲିସ ବିଭାଗରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ମଧ୍ୟ ରହିଥିଲେ। ଓଡ଼ିଶାରେ ଜନ୍ମ ଗ୍ରହଣ କରିଥିବା ତଦାଶା ମିଶ୍ର ୧୯୯୪ରେ ଆଇପିଏସ୍ ବିହାର କ୍ୟାଡର୍‌ରେ ଯୋଗ ଦେଇଥିଲେ। ତେବେ ୨୦୦୦ରେ ବିହାର ବିଭାଜନ ପରେ ତାଙ୍କୁ ଝାଡ଼ଖଣ୍ଡ କ୍ୟାଡର ମିଳିଥିଲା। ତାଙ୍କର ଦୁଇଟି ପିଲା ଅଛନ୍ତି।

# ଆତ୍ମସମର୍ପଣ ପାଇଁ ଜଙ୍ଗଲରେ ୧୨ ଘଣ୍ଟା ଚାଲିଲେ

ମାଲକାନଗିରି, ୬।୧୧(ସମିସ): ଜଙ୍ଗଲରେ ୧୨ଘଣ୍ଟା ଚାଲିଚାଲି ଜଣେ କୁଖ୍ୟାତ ମାଓନେତ୍ରୀ ପୁଲିସ ନିକଟରେ ଆତ୍ମସମର୍ପଣ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବକରକଟ୍ଟା ଅଞ୍ଚଳରେ ଏଭଳି ଏକ ଘଟଣା ଘଟିଛି। ଆତ୍ମସମର୍ପଣ କରିଥିବା ମାଓନେତ୍ରୀଜଣଙ୍କ ହେଲେ, କମଳା ସୋଡି ଓରଫ୍ ତରୁଣା। ତାଙ୍କ ଘର ଛତିଶଗଡ଼ର ସୁକମା ଜିଲ୍ଲାରେ। ସେ ଦୀର୍ଘ ୧୫ବର୍ଷରୁ ଉର୍ଦ୍ଧ୍ୱ ସମୟଧରି ମାଓ ସଙ୍ଗଠନରେ ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରିବା ସହ ବିଭିନ୍ନ ମାଓ ହିଂସାରେ ଜଡ଼ିତ ଥିଲେ। ତାଙ୍କ ମୁଣ୍ଡ ଉପରେ ୧୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ମାଓଗଡ଼ କୁହାଯାଉଥିବା ବାଲାଘାଟ ଜଙ୍ଗଲରେ ପ୍ରାୟ ୧୨ ଘଣ୍ଟା ଚାଲି ଚାଲି ଆସିବା ପରେ ସେ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ବର୍ତ୍ତମାନ ମାଓ ସଙ୍ଗଠନ ନିଜର ନୀତି ଆଦର୍ଶ ହରାଇବାରେ ଲାଗିଛି। ଏହାସହ, ସରକାରଙ୍କ ମାଓ ଦମନ ଅପରେସନ୍ ଏବଂ ପୁନର୍ବାସ ନୀତିରେ ଅନୁପ୍ରାଣିତ ହୋଇ ସେ ଆତ୍ମସମର୍ପଣ କରିଛନ୍ତି ବୋଲି କହିଛନ୍ତି। ସରକାରଙ୍କ ନୀତି ଅନୁଯାୟୀ ତାଙ୍କୁ ୫୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

**କୁଖ୍ୟାତ ମାଓନେତ୍ରୀଙ୍କ ଆତ୍ମସମର୍ପଣ**



# ସିଭିଲ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷାରେ ୨୪୦୫ଜଣ କୃତକାର୍ଯ୍ୟ

କଟକ, ୬।୧୧ (ସମିସ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ୍ ପରୀକ୍ଷା-୨୦୨୪ର ପ୍ରିଲିମିନାରୀ ଲିଖିତ ପରୀକ୍ଷାରେ ମୋଟ ୨୪୦୫ଜଣ କୃତକାର୍ଯ୍ୟ ହେବା ସହ ପରବର୍ତ୍ତୀ ମୁଖ୍ୟ ଲିଖିତ ପରୀକ୍ଷା ପାଇଁ ଉନ୍ନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୭୮୧ଜଣ ମହିଳା ପ୍ରାର୍ଥୀ ରହିଛନ୍ତି। ଏ ସଂକ୍ରାନ୍ତରେ ଓପିଏସ୍‌ସି ୱେବ୍‌ସାଇଟ୍‌ରେ ସବିଶେଷ ତାଲିକା ପ୍ରକାଶ ପାଇଛି। ଗତ ଅକ୍ଟୋବର୍ ୧୨ରେ ପ୍ରିଲିମିନାରୀ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସିଭିଲ୍ ସର୍ଭିସ୍ ମୁଖ୍ୟ ପରୀକ୍ଷା ଆସନ୍ତା ୨୦୨୬ ଜାନୁଆରି ଶେଷ କିମ୍ବା ଫେବୃଆରି ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ ବୋଲି ଓପିଏସ୍‌ସି ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ଓପିଏସ୍‌ସି ପକ୍ଷରୁ ପରବର୍ତ୍ତୀ ସମୟରେ ୱେବସାଇଟ୍‌ରେ ବିଜ୍ଞପ୍ତି ଜାରି କରାଯିବ।

**ତହସିଲ କାର୍ଯ୍ୟାଳୟ, ତିର୍ତ୍ତୋଲ, ଜଗତ୍‌ସିଂହପୁର**

**ବିଜ୍ଞାପନ ସଂଖ୍ୟା: ୪୧୩୭, ତା. ୨୩.୧୦.୨୦୨୫**

F- 84

**ଜମି ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ଜିଲ୍ଲାପାଳ ଓ ଜିଲ୍ଲା ଦଣ୍ଡାଧୀଶକାରୀ ଜଗତସିଂହପୁରଙ୍କ Execution Case No. 01/2016 (arising out of Certificate Case No. 1/2015)ର ଆଦେଶ ମୁତାବକ ସୌଭାଗ୍ୟ ରଂଜନ ନାୟକ, ପି. ନବକୃଷ୍ଣ ନାୟକ ଓ ସଂଜିବ କୁମାର ନାଥ, ପି. ନିତ୍ୟାନନ୍ଦ ନାଥଙ୍କ ଠାରୁ ଦେୟଟ ୧,୦୭,୧୬,୮୧୭.୦୦ ଟଙ୍କା (ଏକ କୋଟି ସାତ ଲକ୍ଷ ଷୋଳ ହଜାର ଆଠଶହ ସତର ଟଙ୍କା) ମାତ୍ର ଆଦାୟ ନିମନ୍ତେ ନିମ୍ନଲିଖିତ ତଫସିଲ ଜମିକୁ ନିଲାମ ନିମନ୍ତେ ଜବତ କରାଯାଇଅଛି।

ଏଣୁ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉକ୍ତ ଜମିକୁ ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତିମାନେ ତା.୧୪.୧୧.୨୦୨୫ ରିଖ ଦିବା ୧୧ ଘଣ୍ଟା ସମୟରେ ତହସିଲ କାର୍ଯ୍ୟାଳୟ ତିର୍ତ୍ତୋଲ ଠାରେ ଉପସ୍ଥିତ ହୋଇ ନିଲାମରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।

| ମୌଜା | ଖାତା ନଂ | ପ୍ଲଟ୍ ନଂ | ରକବା | କିସମ | ପ୍ରଜାଙ୍କ ନାମ |
|---|---|---|---|---|---|
| ଗୋବିନ୍ଦ ମହାନ୍ତି | ୩୮୧ | ୫୧୯ | ୦.୯୭ | ଘରବାରି | ସୌଭାଗ୍ୟ ରଂଜନ ନାୟକ, ପି. ନବକୃଷ୍ଣ ନାୟକ, ଜା: କ୍ଷିତି ବଂଶ ବା:ତେରମାଣପୁର, ସଂଜିବ କୁମାର ନାଥ, ପି. ନିତ୍ୟାନନ୍ଦ ନାଥ, ଜା: ଯୋଗି ବା: କୁଜଙ୍ଗ ଥା- କୁଜଙ୍ଗ |
| | | ୮୯୨ | ୦.୫୦ | ଘରବାରି | |

ସ୍ୱା/- ତହସିଲଦାର, ତିର୍ତ୍ତୋଲ

## ଆଶା ଓ ଅଙ୍ଗନବାଡ଼ି କେନ୍ଦ୍ରରେ ପଞ୍ଜୀକରଣ ଘୋଟାଲା

# ଜିଲ୍ଲା ବାହାରେ କନ୍ୟାଭ୍ରୁଣ ହତ୍ୟା

ନୟାଗଡ଼,୬।୧୧(ସମିସ): ନୟାଗଡ଼ ଜିଲ୍ଲା କନ୍ୟାଭ୍ରୁଣ ହତ୍ୟା ପାଇଁ ସାରା ବିଶ୍ୱରେ ନିନ୍ଦିତ ହେଉଛି। ଦୀର୍ଘବର୍ଷ ଧରି କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଲୋକଙ୍କୁ ସଚେତନ କରାଯାଉଛି। ତଥାପି ଏଥିରେ ସୁଧାର ଆସିବାର ନାଁ ଧରୁନାହିଁ। କନ୍ୟାଭ୍ରୁଣ ହତ୍ୟା ଓ ନାବାଳିକା ବିବାହ ଜିଲ୍ଲା ପାଇଁ ଏକ ବଡ଼ ସାମାଜିକ ସମସ୍ୟା ସୃଷ୍ଟି କରିଛି। ଯାହା ପ୍ରଶାସନ, ରାଜନେତା ଏବଂ ବୁଦ୍ଧିଜୀବୀଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ନୟାଗଡ଼ ଜିଲ୍ଲାରେ ୨୦୦୭ରେ କନ୍ୟାଭ୍ରୁଣ ହତ୍ୟା ଘଟଣା ସାମ୍ନାକୁ ଆସିଥିଲା। ତା' ପରଠାରୁ ଜିଲ୍ଲାରେ ପୁଅଙ୍କ ତୁଳନାରେ ଝିଅ ସଂଖ୍ୟା ଆଶାତୀତ ଭାବେ ହ୍ରାସ ଘଟୁଛି। ୧୯୯୧ ଜନଗଣନା ଅନୁସାରେ ନୟାଗଡ଼ ଜିଲ୍ଲାରେ ୧୦୦୦ ପୁଅରେ ୯୫୦ ଝିଅ ଥିବାବେଳେ ୨୦୦୧ ଜନଗଣନାରେ ୧୦୦୦ ପୁଅରେ ୯୦୪ ଝିଅ ଏବଂ ୨୦୧୧ ଜନଗଣନା ଅନୁସାରେ ୧୦୦୦



ପୁଅରେ ୮୫୫ ଝିଅ ରହିଥିଲେ। ଝିଅ ସଂଖ୍ୟା କମି ଏବେ ପ୍ରତି ହଜାରେ ପୁଅ ଅନୁପାତରେ ୭୯୪ ଝିଅ ରହିଥିବା ଏନ୍‌ଏଫ୍‌ଏସ୍‌ସି ରିପୋର୍ଟ କହୁଛି। ମାତ୍ର ସ୍ୱାସ୍ଥ୍ୟ ବିଭାଗ ସର୍ଭେ ଅନୁସାରେ, ନୟାଗଡ଼ ଜିଲ୍ଲାରେ ପ୍ରତି ୧୦୦ ପୁଅରେ ୮୧୭ ଝିଅ ରହିଛନ୍ତି। ଏଭଳି ସମସ୍ୟାର ମୂଳ କାରଣ ଖୋଜିବା ବେଳକୁ ଅତି ସାଂଘାତିକ କଥା ସାମ୍ନାକୁ ଆସୁଛି।

ନୟାଗଡ଼ ଜିଲ୍ଲାର ଅନେକ ମହିଳା ଜିଲ୍ଲା ବାହାର କ୍ଲିନିକ୍ ଓ ନର୍ସିଂହୋମ୍‌କୁ ଯାଇ ଭ୍ରୁଣହତ୍ୟା କରୁଥିବା ଅଭିଯୋଗ ହେଉଛି। ଯେଉଁ ମା'ମାନେ କନ୍ୟା ସନ୍ତାନ ଚାହୁଁନାହାନ୍ତି, ସେମାନେ ଅଙ୍ଗନବାଡ଼ି କେନ୍ଦ୍ରରେ ମମତା କାର୍ଡ ପାଇଁ ଯୋଗାଯୋଗ କରୁନାହାନ୍ତି। ଭ୍ରୁଣ ଚିହ୍ନଟ ନ ହେବା ପର୍ଯ୍ୟନ୍ତ ସେମାନେ ଗର୍ଭବତୀ ହେବା କଥାକୁ ଲୁଚାଇ ରଖୁଥିବା ଅନେକ ଅଙ୍ଗନବାଡ଼ି କର୍ମୀ କହିଛନ୍ତି। ଏପରିକି ଯେଉଁ ମହିଳା ପଞ୍ଜୀକରଣ ପରେ ଗର୍ଭପାତ କରୁଛନ୍ତି, ସେମାନଙ୍କ ନାମ ମମତା ତାଲିକାରୁ ବାଦ୍ ଦିଆଯାଉଛି। ଯାହା ଉପରେ ସ୍ୱାସ୍ଥ୍ୟ ବିଭାଗ ତଦାରଖ ମଧ୍ୟ କରୁନାହିଁ। ଏହା ବାଦ୍ ଅନେକ ସ୍ଥାନରେ ଆଶା ଓ ଅଙ୍ଗନବାଡ଼ି କେନ୍ଦ୍ରରେ ହିଁ ଜାଣିଶୁଣି ଘୋଟାଲା କରାଯାଉଛି। ବେଆଇନ ଗର୍ଭପାତ କରିଥିବା ମହିଳାଙ୍କ ସମ୍ପର୍କରେ ଅଙ୍ଗନବାଡ଼ି ଓ ଆଶା କର୍ମୀ ରିପୋର୍ଟ କରୁନାହାନ୍ତି।

କୌଣସି କାରଣରୁ ଗର୍ଭପାତ ହୋଇଥିବା ରିପୋର୍ଟ କରୁଥିବାବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଣଦେଖା କରୁଛି। ବେଆଇନ ଗର୍ଭପାତ କରିବାକୁ ଚାହୁଁଥିବା ମହିଳାଙ୍କୁ ଆଶାକର୍ମୀମାନେ ସହଯୋଗ କରୁଛନ୍ତି। ଆଶାକର୍ମୀମାନେ ଦଲାଲଙ୍କ ମାଧ୍ୟମରେ ଅନ୍ୟ ଜିଲ୍ଲା କ୍ଲିନିକ୍ ଓ ନର୍ସିଂହୋମ୍‌କୁ ପଠାଉଥିବା ଅଭିଯୋଗ ହେଉଛି। ଜିଲ୍ଲାର ତଳସ୍ତରରୁ ହିଁ କରାଯାଉଥିବା ଏଭଳି ଘୃଣ୍ୟକାର୍ଯ୍ୟକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଣଦେଖା କରିବା ଏବେ ସାଂଘାତିକ ସାମାଜିକ ସମସ୍ୟା ସୃଷ୍ଟି କରିଛି। ଅନ୍ୟପକ୍ଷେ, ଜିଲ୍ଲା ଭିତରେ ହିଁ ଅନେକ କ୍ଲିନିକ୍‌ରେ ବେଆଇନ ଗର୍ଭପାତ ହେଉଥିବାବେଳେ ସବୁଠାରୁ ଅଧିକ ଗର୍ଭପାତ କଟକ ଜିଲ୍ଲା ନରସିଂହପୁର ଓ ଖୋର୍ଦ୍ଧାରେ କରାଯାଉଥିବା ଅଭିଯୋଗ ହେଉଛି। ଗଣିଆ, ଖଣ୍ଡପଡ଼ା ବ୍ଲକ୍‌ର ବହୁ ବ୍ୟକ୍ତି କଟକ ଜିଲ୍ଲା ନରସିଂହପୁରର କିଛି କ୍ଲିନିକ୍ ଉପରେ ଭରସା କରୁଥିବାବେଳେ ନୟାଗଡ଼, ଭାପୁର, ରଣପୁର ଓ ଅନ୍ୟ ଅଞ୍ଚଳବାସୀ ଖୋର୍ଦ୍ଧାକୁ ନିରାପଦ ଭାବୁଛନ୍ତି। ଅର୍ଥ ରୋଜଗାର ଆଶାରେ ଛୋଟ କ୍ଲିନିକ୍‌ଗୁଡ଼ିକ ବେଆଇନ ଗର୍ଭପାତ କରୁଥିବାବେଳେ ଏହା ଏବେ ନୟାଗଡ଼ ଜିଲ୍ଲା ପାଇଁ ଏକ ବଡ଼ ସାମାଜିକ ସମସ୍ୟା ସୃଷ୍ଟି କରିଛି।

## ■ ତୃତୀୟ ଦିନରେ ସମିତିସଭ୍ୟଙ୍କ ଧାରଣା

# ଧାରଣାସ୍ଥଳରେ ପହଞ୍ଚିଲେ ତହସିଲ୍‌ଦାର




ଗଣିଆ,୬।୧୧(ସମିସ): ଗଣିଆ ପଞ୍ଚାୟତ ଅନ୍ତର୍ଗତ ତେଲିସାହି ୫ନଂ ୱାର୍ଡର ପଛପାଖ ଡ୍ରେନ୍ ନିର୍ମାଣ ନ ହୋଇ ୮୦ ହଜାର ଟଙ୍କା ବିଲ୍ ହୋଇଥିବା ନେଇ ଅଭିଯୋଗ ଆଣିଥିଲେ ସମିତିସଭ୍ୟ ଫକୀର ମୋହନ ଡାକୁଆ। ଏ ସମ୍ପର୍କରେ ସେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ(ସିଡିଓ) ଲଗ୍ନଜିତ୍ ରାଉତ, ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କୁ ଲିଖିତ ଅଭିଯୋଗ କରିଥିଲେ। ୭ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସେ ବ୍ଲକ୍ ସମ୍ମୁଖରେ ଧାରଣା ଦେବେ ବୋଲି ଦର୍ଶାଇଥିଲେ। ଗତ ମଙ୍ଗଳବାରଠାରୁ ସେ ବ୍ଲକ୍ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି। ଯେପର୍ଯ୍ୟନ୍ତ ତାଙ୍କୁ ଉପଯୁକ୍ତ ନ୍ୟାୟ ନ ମିଳିଛି ସେ ଧାରଣାରୁ ଓହରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଗୁରୁବାର ଧାରଣାସ୍ଥଳରେ ତହସିଲ୍‌ଦାର ଐଶ୍ୱର୍ଯ୍ୟା ପୃଷେଠ୍, ବ୍ଲକ୍ ସହକାରୀ ଯନ୍ତ୍ରୀ ମହେଶ ପ୍ରସାଦ ନାୟକ, କନିଷ୍ଠ ଯନ୍ତ୍ରୀ ନେତ୍ର ରଞ୍ଜନ ମିଶ୍ର ପହଞ୍ଚି ସମିତିସଭ୍ୟଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେ ଧାରଣାରୁ ଉଠି ନ ଥିଲେ। ଏ ସମ୍ପର୍କରେ ସିଡିଓ ଲଗ୍ନଜିତ୍ ରାଉତଙ୍କୁ ପଚାରିବାରୁ ଉକ୍ତ ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ତଦନ୍ତ କରି ରିପୋର୍ଟ ପ୍ରଦାନ ନ କରିବା ପର୍ଯ୍ୟନ୍ତ ସମିତିସଭ୍ୟ ଧାରଣାରେ ବସିରହିବେ ବୋଲି ପ୍ରକାଶ କରିଛନ୍ତି।

## ଯାତ୍ରା ଦେଖା ହେଲା ଶେଷଯାତ୍ରା

ଭାପୁର,୬।୧୧(ସମିସ): ଜଣେ ବ୍ୟକ୍ତି କାର୍ତ୍ତିକ ପୂର୍ଣ୍ଣମୀ ଯାତ୍ରା ଦେଖିବାକୁ ଶଶୁର ଘର ଗାଁକୁ ଆସିଥିବାବେଳେ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଥାନା ଶିଖରପୁର ଗ୍ରାମର ଦେବରାଜ ସାହୁ ନିଜ ଶଶୁର ଘର ଫତେଗଡ଼ ଥାନା ବଡ଼ସହରା ଗ୍ରାମକୁ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା ଦେଖିବାକୁ ସପରିବାର ଆସିଥିଲେ। ବୁଧବାର ରାତିରେ ଖାଇସାରିବା ପରେ ମୁଣ୍ଡ ବୁଲେଇ ହୋଇ ଛାତିରେ ଯନ୍ତ୍ରଣା ହେବାରୁ ଭାପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ସମ୍ପର୍କୀୟମାନେ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ବଡ଼ ଭାଇ ଭିକାରୀ ଚରଣ ସାହୁ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଫତେଗଡ଼ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଖଣ୍ଡପଡ଼ା ପଠାଇଥିଲେ।

## ବଡ଼ବାଣପୁର କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା

କଣ୍ଟିଲୋ,୬।୧୧(ସମିସ): ଖଣ୍ଡପଡ଼ା ବ୍ଲକ୍ ବଡ଼ବାଣପୁର ଗ୍ରାମ ବାଲୁଙ୍କେଶ୍ୱର ମହାଦେବ ପୀଠରେ ଅନୁଷ୍ଠିତ କାର୍ତ୍ତିକ ପୂର୍ଣ୍ଣିମା ଯାତ୍ରା ପାଇଁ ବାଣପୁର ଗ୍ରାମରେ ଉତ୍ସବର ମାହୋଲ ସୃଷ୍ଟି ହୋଇଥିଲା। ଦିନବ୍ୟାପୀ ରାମଲୀଳାରେ ଇନ୍ଦ୍ରଜିତ ବଧ ଗୀତିନାଟ୍ୟ ପରିବେଷଣ ହୋଇଥିବାବେଳେ ରାତିରେ ଗ୍ରାମର ବାଲୁଙ୍କେଶ୍ୱର ନାଟ୍ୟ ପରିଷଦ ଆନୁକୂଲ୍ୟରେ ସାମାଜିକ ନାଟକ "କାନ୍ଦୁଛି ଖାଲି ମୁଁ ତୋରି ପାଇଁ" ମଞ୍ଚସ୍ଥ ହୋଇଥିଲା। ଜୟନ୍ତ ଦାସଙ୍କ ନିର୍ଦ୍ଦେଶନାରେ ଗ୍ରାମର କଳାକାର ଦୁର୍ଗା, ବିନାୟକ, ପ୍ରଦ୍ୟୁମ୍ନ, ରତିକାନ୍ତ, ସୁନୀଲ, ସୁବାସ, ଅମର ପ୍ରମୁଖଙ୍କ ଚିତାକର୍ଷକ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିବାରେ ସକ୍ଷମ ହୋଇଥିଲା। ଉତ୍ସବରେ ସମାଜସେବୀ ସୀତା ସ୍ୱାଇଁ ଅତିଥିରୂପେ ଯୋଗଦେଇ ନାଟ୍ୟ ମଞ୍ଚ ଉଦ୍‌ଘାଟନ କରିଥିଲେ।

## ନିର୍ବାଚନ ପରଠାରୁ ନୂଆ ଭତ୍ତା ମଞ୍ଜୁରୀ ନାହିଁ

# ଅପେକ୍ଷାରେ ୧୬ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ

ନୟାଗଡ଼,୬।୧୧(ସମିସ): ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଅପେକ୍ଷାରେ ରହିଥିବା ସମସ୍ତ ହିତାଧିକାରୀଙ୍କୁ ନୂତନ ଭତ୍ତା ମଞ୍ଜୁର ହୋଇଥିଲା। ନିର୍ବାଚନକୁ ଦେଢ଼ ବର୍ଷ ବିତିଥିବାବେଳେ ସରକାର ନୂତନ ଭତ୍ତା ମଞ୍ଜୁର କରିବା ପାଇଁ କୌଣସି ପଦକ୍ଷେପ ନେଇ ନ ଥିବାବେଳେ ନୟାଗଡ଼ ଜିଲ୍ଲାରେ ୧୬ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଭତ୍ତା ପାଇବା ପାଇଁ ଅପେକ୍ଷାରେ ରହିଥିବା ସୂଚନା ମିଳିଛି।

ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀଙ୍କ ସୂଚନା ମୁତାବକ, ଜିଲ୍ଲାରେ ୧୬ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଭତ୍ତା ପାଇଁ ଆବେଦନ କରି ଅପେକ୍ଷାରେ ରହିଛନ୍ତି। ସମାନ ଭାବେ ରାଜ୍ୟ ସରକାର ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ୮୦ ପ୍ରତିଶତ ଦିବ୍ୟାଙ୍ଗଙ୍କ ପାଇଁ ୩୫୦୦ ଟଙ୍କା ଭତ୍ତା ବ୍ୟବସ୍ଥା କରିଛନ୍ତି। ଜିଲ୍ଲାକୁ ଦୁଇଟି ପର୍ଯ୍ୟାୟରେ ମିଳିଥିବା ମଞ୍ଜୁରୀକୁ ବାଦ୍ ଦେଲେ ଆହୁରି ୧୨୦୦ ହିତାଧିକାରୀ ୩୫୦୦ ଭତ୍ତା ପାଇବାକୁ ଯୋଗ୍ୟ ବୋଲି ଜଣାପଡ଼ିଛି। ଜଣେ ମଲେ ଅନ୍ୟ ଜଣଙ୍କ ନାମକୁ ଯୋଡ଼ାଯିବା ନୀତିରେ ସାମାଜିକ ସୁରକ୍ଷା ବିଭାଗ କାର୍ଯ୍ୟ କରୁଛି। ନୟାଗଡ଼ ଜିଲ୍ଲାରେ ଅନେକ ହିତାଧିକାରୀ ଜାଲିଆତି କରି ଭତ୍ତା ପାଉଛନ୍ତି। ମାଳ ମାଳ ନକଲି ଦିବ୍ୟାଙ୍ଗ ହିତାଧିକାରୀ ଭତ୍ତା ପାଉଥିବାବେଳେ ବୟସ ଜାଲିଆତି କରି ମଧ୍ୟ

**■ ମାଳମାଳ ଅଯୋଗ୍ୟ ହିତାଧିକାରୀ**
**■ କନିଷ୍ଠ କିରାଣିଙ୍କ ହେଉନି ବଦଳି**

ଅନେକ ଭେଣ୍ଡିଆ ଭତ୍ତା ପାଉଛନ୍ତି। ନୟାଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ନିଷ୍କ୍ରିୟତା ଏବଂ ବ୍ଲକ୍ ପ୍ରଶାସନର ଆଖିବୁଜା ନୀତି ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଜିଲ୍ଲାରେ ଅଯୋଗ୍ୟ ଭତ୍ତା ହିତାଧିକାରୀଙ୍କୁ ଚିହ୍ନଟ କରିବାକୁ ଦାବି ହେଉଛି। ଅନ୍ୟପକ୍ଷେ, ନୟାଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗରେ ବଦଳି ନିୟମ ଲାଗୁ ହେଉନି। ସରକାରଙ୍କ ନିୟମ ମୁତାବକ ଜଣେ କର୍ମଚାରୀ ଗୋଟିଏ ଜାଗାରେ ୩ ବର୍ଷରୁ ଅଧିକ ସମୟ ରହିପାରିବ ନାହିଁ କିନ୍ତୁ ଏଠି ସମ୍ପୂର୍ଣ୍ଣ ଓଲଟା। ଜିଲ୍ଲା ମୁଖ୍ୟାଳୟ କନିଷ୍ଠ କିରାଣି ରାମକୃଷ୍ଣ ସୁବୁଦ୍ଧି ଓ ଶୁଭଶ୍ରୀ ବରାଡ଼ ଚାକିରି ଆରମ୍ଭରୁ ଦୀର୍ଘ ୭ ବର୍ଷରୁ ଉର୍ଦ୍ଧ୍ୱ ସମୟ ଗୋଟିଏ ଜାଗାରେ ଅଛନ୍ତି। ରାଜଶ୍ରୀ ପଣ୍ଡା ମଧ୍ୟ ୩ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ସେ ଜିଲ୍ଲା ମୁଖ୍ୟାଳୟ ଛାଡୁନାହାନ୍ତି। ଖଣ୍ଡପଡ଼ା ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଅଫିସ କନିଷ୍ଠ ସହାୟକ ସୁନିଲ କୁମାର ନିଶଙ୍କ ଚାକିରି ଆରମ୍ଭରୁ ସେ ଗୋଟିଏ ଜାଗାରେ ଅଛନ୍ତି। ସମସ୍ତ ବ୍ଲକ୍ କନିଷ୍ଠ କିରାଣି ପ୍ରୋଗ୍ରାମ ଆସିଷ୍ଟାଣ୍ଟଙ୍କ ମଧ୍ୟ ବଦଳି ହେଉନି। କିରାଣିଙ୍କ ପ୍ରତି ସାମାଜିକ ସୁରକ୍ଷା ବିଭାଗର ଅନୁକମ୍ପା ଦ୍ୱାରା ଅନିୟମିତତା ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି।

# ବୋଇତ ବନ୍ଦାଣ ପରେ ଜଳ ପାଲଟିଛି ଜହର



ଗଣିଆ,୬।୧୧(ସମିସ): କାର୍ତ୍ତିକ ପୂର୍ଣ୍ଣିମା ତଥା ବୋଇତ ବନ୍ଦାଣ ଉତ୍ସବ ପାଇଁ ଚଳଚଞ୍ଚଳ ହୋଇପଡ଼ିଥିଲା ଗଣିଆ। କଦଳୀ ପଟୁକାଠାରୁ ଆରମ୍ଭ କରି କାଗଜ, ଶୋଲରେ ତିଆରି ଡଙ୍ଗା ତିଆରି କରି ଲୋକେ ନିକଟରେ ଥିବା ପୋଖରୀ, ନଦୀ, ନାଳ, ଗାଡ଼ିଆରେ ଭସାଇଥିଲେ। ଅନେକ ଆନନ୍ଦ ଉଲ୍ଲାସରେ ପର୍ବଟି ପାଳିତ ହେବା ପରେ ପୋଖରୀ ହେଉ ଅବା ନାଳ ସେଠାରେ ପଡ଼ିଥିବା ସେହି ଅଳିଆ ଆବର୍ଜନା ସଫା କରିବାକୁ କେହି ମଧ୍ୟ ଆଗଭର ହେଉ ନ ଥିବା ଲକ୍ଷ୍ୟ କରାଯାଇଛି। ସ୍ୱଚ୍ଛ ଭାରତ ଅଭିଯାନଠାରୁ ଆରମ୍ଭ କରି ସ୍ୱଚ୍ଛତା ପକ୍ଷ ସମସ୍ତେ ପାଳନ କରୁଛନ୍ତି କିନ୍ତୁ ଏହି ପୋଖରୀ ନାଳଗୁଡ଼ିକର ପରିଷ୍କାର ପରିଚ୍ଛନ୍ନ ଉପରେ କେହି ଦୃଷ୍ଟି ଦେଉନାହାନ୍ତି। ଗଣିଆ ବ୍ଲକ୍‌ର ୮ଟି ପଞ୍ଚାୟତରେ ଥିବା ଜଳାଶୟଗୁଡ଼ିକରେ ଏବେ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି। ଜଳାଶୟଗୁଡ଼ିକ ରକ୍ଷଣାବେକ୍ଷଣ ଅଭାବରୁ ଅନାବନା ଗଛଲତାରେ ପରିପୂର୍ଣ୍ଣ ହୋଇଥିବାବେଳେ ଏବେ ପୁଣି ଡଙ୍ଗା ପଡ଼ି ଆହୁରି ଆବର୍ଜନା ସୃଷ୍ଟି କରୁଛି। ଜଳାଶୟଗୁଡ଼ିକରେ କାଗଜ ଡଙ୍ଗା, କଦଳୀ ପଟୁକା ଏବଂ ଶୋଲ ଡଙ୍ଗାଗୁଡ଼ିକ ପଡ଼ିରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଗଣିଆ ବ୍ଲକ୍‌ର ଏଭଳି ଅନେକ ଜଳାଶୟର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ଜଳାଶୟ ସଂସ୍ପର୍ଶରେ ଆସି ଜନସାଧାରଣଙ୍କର ଅନେକ ଚର୍ମରୋଗ ହୋଇଥିବା ଜଣାପଡ଼ିଛି। ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ ବ୍ଲକ୍ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଉପାନ୍ତ ଗାଁ ନେପାଳରେ ଜିଲ୍ଲାପାଳ ବୈଠକ

# ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନକୁ ଗୁରୁତ୍ୱ

ଓଡ଼ଗାଁ,୬।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ବାଣ୍ତପୁର ପଞ୍ଚାୟତ ଉପାନ୍ତ ଗାଁ ନେପାଳକୁ ଗୁରୁବାର ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଚାନକ ଗସ୍ତ ପ୍ରଶାସନିକ ମହଲରେ ଗୁଞ୍ଜରଣ ସୃଷ୍ଟି କରିଛି। ଜିଲ୍ଲାପାଳଙ୍କ ଗସ୍ତ ଖବରପାଇ ଓଡ଼ଗାଁ ବ୍ଲକ୍ ଅଧକ୍ଷ ଲୋକନାଥ ସାହୁଙ୍କ ସହିତ ବିଡିଓ ଜିତେନ୍ଦ୍ର କୁମାର ନାଏକ, ତହସିଲ୍‌ଦାର ଡ. ମାନସ ରଞ୍ଜନ ଭୋଇ, ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଗୀତାଞ୍ଜଳି ସାହୁ, ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ପିଣ୍ଟୁ ପ୍ରଧାନଙ୍କ ସମେତ ଜିଲ୍ଲାର ଅନ୍ୟ ଅଧିକାରୀମାନେ ନେପାଳ ଗ୍ରାମରେ ପହଞ୍ଚିଥିଲେ। ଜିଲ୍ଲାପାଳ ଗ୍ରାମବାସୀଙ୍କ ସହ



ଆଲୋଚନା କରି ବସି ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନକୁ ପ୍ରାଧାନ୍ୟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଜିଲ୍ଲାପାଳ ନିଜେ ପ୍ରତି ପରିବାରକୁ ଭେଟି ଟିକାକରଣ ବିଷୟରେ ପଚାରି ବୁଝିବା ସହିତ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ଖୋଲିବ ନୂତନ ସ୍କୁଲ, ପ୍ରତି ଘରକୁ ମିଳିବ ସୋଲାର ବିଦ୍ୟୁତ୍ ସେବା, ସ୍ୱତନ୍ତ୍ର କ୍ୟାମ୍ପ୍ ମାଧ୍ୟମରେ ସଠିକ୍ ଆଧାର କାର୍ଡ ଭଳି ଅନେକ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇଦେବାକୁ ଆଲୋଚନା ହୋଇଛି।

ଓରିଡ଼ା ସହାୟତାରେ ପ୍ରତି ଘରକୁ ସୋଲାର ବିଦ୍ୟୁତ୍ ସେବା ସହିତ ନୂତନ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ଜିଲ୍ଲାପାଳ ନିଷ୍ପତ୍ତି ନେଇଥିଲେ। ବିଦ୍ୟାଳୟ ନିର୍ମାଣ ପୂର୍ବରୁ ସପ୍ତାହରେ ୩ ଜଣ ଶିକ୍ଷକ ୨ ଦିନ ଲେଖାଏଁ ନେପାଳ ଗାଁରେ ଶିଶୁଙ୍କୁ ପାଠ ପଢ଼ାଇବା ଦାୟିତ୍ୱ ନେବେ। ସମଗ୍ର ଶିକ୍ଷା 'ଉଲ୍ଲାସ' ଯୋଜନା ସହାୟତାରେ ଚିହ୍ନଟ ୫୨ ଜଣ ବୟସ୍କଙ୍କୁ ୫ ଜଣ ସ୍ୱେଚ୍ଛାସେବୀ ଶିକ୍ଷକ ପାଠ ପଢ଼ାଇବେ ବୋଲି ନିଷ୍ପତ୍ତି ନିଆଯାଇଛି। ଗୁରୁବାର ବୟସ୍କଙ୍କୁ ନିଜେ ଜିଲ୍ଲାପାଳ ପୁସ୍ତକ ବଣ୍ଟନ କରିଥିଲେ। ଅଙ୍ଗନବାଡ଼ି କର୍ମୀ ପ୍ରତିଦିନ କେନ୍ଦ୍ରକୁ ଆସିବାକୁ ତାଗିଦ୍ କରିବା ସହିତ କେନ୍ଦ୍ରର ନିର୍ମାଣାଧୀନ ଗୃହ କାର୍ଯ୍ୟ ସାରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଓ ନୂତନ ଆବେଦନ କାରିଗରଙ୍କୁ ଗୁରୁତ୍ୱର ସହିତ ଆବାସ ଯୋଜନା ମାଧ୍ୟମରେ ଗୃହ ଯୋଗାଣ କରିବାକୁ ବିଡିଓଙ୍କୁ କହିଥିଲେ। ଭିନ୍ନକ୍ଷମ ଚିହ୍ନଟ ଓ ସେମାନଙ୍କୁ ଭତ୍ତା ପ୍ରଦାନ ପାଇଁ ଦାୟିତ୍ୱର ସହ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହା ସହିତ ଜୀବନ ଜୀବିକା ପାଇଁ ପ୍ରତି ପରିବାରକୁ ଛେଳି, କୁକୁଡ଼ା ପାଳନ ବ୍ୟବସ୍ଥା କରାଯିବାକୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ନୟାଗଡ଼ ଜିଲ୍ଲାର ଏହି ଉପାନ୍ତ ଗାଁରେ ଜିଲ୍ଲାପାଳ ପହଞ୍ଚି ସୁବିଧା ଅସୁବିଧା ବୁଝିବା ସମାଜକୁ ଭିନ୍ନ ବାର୍ତ୍ତା ଦେଇଛି।

## ପୋଖରୀରେ ବୁଡ଼ି ମହିଳା ମୃତ

ଓଡ଼ଗାଁ,୬।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା କେପେଟି ନିକଟ ବେରୁଆଁବାରୀ ପଞ୍ଚାୟତ ତୋଡ଼ିଗାଡ଼ିଆ ଗ୍ରାମରେ ଗୁରୁବାର ସକାଳେ ପୋଖରୀରେ ବୁଡ଼ି ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ରମା ନାଏକ। ପ୍ରତିଦିନ ପରି ରମା ନାଏକ ଗୁରୁବାର ସକାଳେ ଶୈଚାଦି କାର୍ଯ୍ୟ ନିମନ୍ତେ ଗ୍ରାମ ପୋଖରୀକୁ ଯାଇଥିଲେ। ତେବେ ସେଠାରେ ଶୌଚାଦି କର୍ମ କରିବା ସମୟରେ ଅସାବଧାନତା ବଶତଃ ପୋଖରୀରେ ପଡ଼ି ବୁଡ଼ିଯାଇଥିଲେ। ଘରକୁ ଫେରିବା ବିଳମ୍ବ ଘଟିବାରୁ ଅନେକ ଖୋଜାଖୋଜି କରିବା ପରେ କେଉଁଠି ପାଇ ନ ଥିଲେ। ପରିବାର ଲୋକଙ୍କଠାରୁ ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ରମା ନାଏକଙ୍କୁ ପୋଖରୀରୁ ଉଦ୍ଧାର କରି ଓଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଓଡ଼ଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

# ଅଟୋ-ବାଇକ୍ ଦୁର୍ଘଟଣା; ୮ ଆହତ

ରଣପୁର,୬।୧୧(ସମିସ): ରଣପୁର ଥାନା ରାଜସୁନାଖଳା ନିକଟସ୍ଥ ଦୁଧିଆ ଛକଠାରେ ଗୁରୁବାର ଏକ ସଡ଼କ ଦୁର୍ଘଟଣା ହେଇଥିଲା। ଅଟୋ ସହ ଏକ ବାଇକ୍ ଧକ୍କା ଦେବାରୁ ୪ ଜଣ ସଂକଟପନ୍ନ ଥିବାବେଳେ ୪ ଜଣ ସାମାନ୍ୟ ଆହତ ହେଇଥିବାର ସୂଚନା ମିଳିଛି।

ସୂଚନା ଅନୁସାରେ, ଦଶପଲ୍ଲା ଅଞ୍ଚଳର କିଛି ଯାତ୍ରୀ ଟ୍ରେନ୍ ଯୋଗେ ରାଜସୁନାଖଳା ଷ୍ଟେସନ୍‌ରେ ଓହ୍ଲାଇ କୋଟଗଡ଼ ପାର୍କ ବୁଲିବାକୁ ଯାଉଥିଲେ। ଷ୍ଟେସନଠାରୁ ଏକ ଅଟୋରେ ୧୦ ଜଣ ଯାତ୍ରୀ ବସି ଯାଉଥିବାବେଳେ



ବିପରୀତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ ବାଇକ୍ ଅଟୋକୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକମାନେ ଦୂରକୁ ଛିଟିକି ପଡ଼ିଥିବାବେଳେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଅଟୋରେ ବସିଥିବା ଲୋକଙ୍କ ମଧ୍ୟରୁ ଜଣେ ଗୁରୁତର ଅବସ୍ଥାରେ ଥିବା ଜଣାପଡ଼ିଥିଲା। ୪ ଜଣ ସାମାନ୍ୟ ଆହତ ହେଇଥିବାବେଳେ ବାଇକ୍‌ରେ ଯାଉଥିବା ୩ ଯୁବକ ଗୁରୁତର ହୋଇଛନ୍ତି। ଗୁରୁତର ବାଇକ୍ ଯାତ୍ରୀ ପ୍ରସନ୍ନ ନାୟକ, ରାଜା ନାୟକ ଓ କାଳିଆ ନାୟକ ନିକଟସ୍ଥ ଅଞ୍ଚଳର ବୋଲି ଜଣାପଡ଼ିଥିଲା। ଅଟୋରେ ଯାଉଥିବା ଗୁରୁତରମାନେ ହେଲେ ଦଶପଲ୍ଲାର ମାନସ ପ୍ରଧାନ, ବାସନ୍ତୀ ସୁନ୍ଦରା, ସୁକାନ୍ତି ବାରିକ, ମାଟିଆ ସାହୁ, ଖୁଲଣା ସାହୁ। ଘଟଣାସ୍ଥଳରେ ରାଜସୁନାଖଳା ପୁଲିସ ପହଞ୍ଚି ଆହତମାନଙ୍କୁ ପ୍ରଥମେ ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ଆଶୁ ଚିକିତ୍ସା ପରେ ଗୁରୁତର ହୋଇଥିବା ୪ ଜଣଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଓଡ଼ଗାଁ,୬।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଗୁରୁବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକ୍ ଅଧକ୍ଷ ଲୋକନାଥ ସାହୁ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ଏବିଡିଓ କବିତା କୁମାରୀ ପ୍ରଧାନ ଓ ନୟାଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଅଭିଜ୍ଞ ଡାକ୍ତରଙ୍କୁ ନେଇ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ୩୬ ପଞ୍ଚାୟତରୁ ମୋଟ୍ ୩୭୪ ଜଣ ପଞ୍ଜୀକରଣ କରିଥିଲେ। ଶିବିରରେ ଅସ୍ଥିଶଲ୍ୟ ବିଭାଗ ଡାକ୍ତର ସଞ୍ଜୟ କୁମାର ଦେବଙ୍କ ଦ୍ୱାରା ୧୭୫ ଜଣ ଚିହ୍ନଟ ହୋଇଥିଲାବେଳେ, ଦୃଷ୍ଟିବାଧିତ ବିଭାଗରେ ଡାକ୍ତର ପି.ପି. ସାହୁଙ୍କ ଦ୍ୱାରା ୪୨ ଜଣ ଚିହ୍ନଟ ହୋଇଥିଲେ। ସେହିପରି ଶ୍ରବଣ ଓ ବାକ୍‌ବାଧିତ ବିଭାଗରେ ଡାକ୍ତର ପୀତବାସ ସାହୁ ଏବଂ ଅଡିଓଲୋଜିଷ୍ଟ ଲକ୍ଷ୍ମୀପ୍ରିୟା ମଲ୍ଲିକଙ୍କ ଦ୍ୱାରା ୮୭ ଜଣ ଚିହ୍ନଟ ହୋଇଥିବାବେଳେ ମାନସିକ ଅନଗ୍ରସର, ଡାକ୍ତର ସବିତା କୁମାରୀ ବରାଡ଼ ଏବଂ ସାଇକୋଲୋଜିଷ୍ଟ ତପସ୍ୱିନୀ ଆଚାରୀଙ୍କ ଦ୍ୱାରା ୭୦ଜଣ ଚିହ୍ନଟ ହୋଇଥିଲେ। ଦୂର ଗ୍ରାମରୁ ଆସିଥିବା ବ୍ୟକ୍ତିଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଡାକ୍ତରଙ୍କ ଦ୍ୱାରା ଚିହ୍ନଟବେଳେ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଷ୍ଟୁଡେଣ୍ଟ ପୁଲିସ କ୍ୟାଡେଟ୍‌ମାନେ ସହଯୋଗ କରିଥିଲେ। ସୂଚନା କେନ୍ଦ୍ର ମାଧ୍ୟମରେ ଦିବ୍ୟାଙ୍ଗଙ୍କୁ ସମସ୍ତ ପ୍ରକାରର ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରିଣୀ ରାଜସ୍ୱିନୀ ପ୍ରଧାନ ପରିଚାଳନା କରିଥିବାବେଳେ ରାଜେଶ ନାୟକ, କାର୍ଯ୍ୟକ୍ରମ ସହାୟକ ବିଜୟାନନ୍ଦ ବେହେରା ଓ ନୀଳମାଧବ ମିଶ୍ର ସହଯୋଗ କରିଥିଲେ।

## ଗତବର୍ଷ ଧାନକିଣାରେ ସାଂଘାତିକ କେଳେଙ୍କାରୀ

# ଅନ୍ୟ ଜିଲ୍ଲା ମିଲର୍‌ଙ୍କୁ ସାମିଲ୍ ଦାବି

ନୟାଗଡ଼,୬।୧୧(ସମିସ): ନୟାଗଡ଼ ଜିଲ୍ଲାରେ ଧାନ ଅମଳ ସମୟ ପହଞ୍ଚିଥିବାବେଳେ ଡିସେମ୍ବର ଶେଷ ସପ୍ତାହ କିମ୍ବା ଜାନୁଆରୀରୁ ଧାନକିଣା ଆରମ୍ଭ ହେବ। ଏଥିପାଇଁ ଚାଷୀ ପଞ୍ଜୀକରଣ ଶେଷ ହୋଇଛି। ଚାଷୀମାନେ ଟୋକନକୁ ଅପେକ୍ଷା କରିଥିବା ଜଣାପଡ଼ିଛି। ରାଜ୍ୟ ସରକାର ଧାନ ମୂଲ୍ୟ ବୃଦ୍ଧି କରିଥିବାବେଳେ ନିକଟରେ କେନ୍ଦ୍ର ସରକାର ମଧ୍ୟ ଏମ୍‌ଏସ୍‌ପି ବୃଦ୍ଧି କରିଛନ୍ତି। ଚାଷୀ ଧାନ କ୍ୱିଣ୍ଟାଲ ପିଛା ୩୧୬୯ ଟଙ୍କା ପାଇବେ ବୋଲି ଜଣାପଡ଼ିଛି। ଚଳିତ ବର୍ଷ ୫୭ ହଜାର ୯୭୨ ଚାଷୀ ପଞ୍ଜୀକରଣ କରିଛନ୍ତି। ସାଟେଲାଇଟ୍ ସର୍ଭେ ପରେ କିଛି ଚାଷୀ ବାଦ୍ ପଡ଼ିବା ସମ୍ଭାବନା ରହିଛି। ଏଭଳି ସ୍ଥିତିରେ ଚଳିତ ବର୍ଷ ଜିଲ୍ଲା ମିଲର୍ ସହ ଅନ୍ୟ ଜିଲ୍ଲା ମିଲରଙ୍କୁ ଧାନକିଣାରେ ସାମିଲ୍ କରିବାକୁ ଚାଷୀ ମହଲରେ ଦାବି ହେଉଛି।

ନୟାଗଡ଼ ଜିଲ୍ଲା ମିଲରଙ୍କ ଏକଚାଟିଆ ନୀତିରୁ ଗତବର୍ଷ ଦେଢ଼ ଲକ୍ଷ କ୍ୱିଣ୍ଟାଲ ଧାନ କଟ୍‌ନୀ ଛଟ୍‌ନୀ ଆକାରରେ ଚାଷୀଙ୍କଠାରୁ ଶୋଷଣ କରାଯାଇଥିଲା।




ଗତ ବର୍ଷ ଜିଲ୍ଲାରେ ଧାନ ବିକ୍ରି କରିବା ପାଇଁ ୫୩ ହଜାର ଚାଷୀ ପଞ୍ଜୀକରଣ କରିଥିବାବେଳେ ୫୦ ହଜାର ଚାଷୀ ଧାନ ବିକ୍ରି କରିଥିଲେ। ଜିଲ୍ଲାର ୧୫୩ ସମବାୟ ସମିତି ଜରିଆରେ ଧାନକିଣାରେ ୧୫ ଜଣ ମିଲର ସାମିଲ୍ ହୋଇଥିଲେ। କଟ୍‌ନୀ ଛଟ୍‌ନୀ ହେବ ନାହିଁ ବୋଲି ସରକାର ପ୍ରଥମରୁ ସ୍ଲୋଗାନ ଦେଇ ଆସୁଥିବାବେଳେ ଜିଲ୍ଲାରେ କଟ୍‌ନୀ ଛଟ୍‌ନୀ ନାଁରେ ୧ ଲକ୍ଷ ୪୦ ହଜାର କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ଚାଷୀଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଲୁଟ୍ କରାଯାଇଥିଲା। ଗତବର୍ଷ ଜିଲ୍ଲାରେ ପ୍ରଥମେ ମଣ୍ଡି ଅବ୍ୟବସ୍ଥା ଦେଖାଯାଇଥିଲା। ମିଲରମାନେ ଧାନ କ୍ୱିଣ୍ଟାଲ ପିଛା ୯ କେଜି କାଟିବା ଜିଦ୍‌ରେ ରହିଥିଲେ। ପରେ ପ୍ରଶାସନ, ମିଲର ଓ ସୋସାଇଟି ବୁଝାମଣାରେ କ୍ୱିଣ୍ଟାଲ ପିଛା ୭ କେଜି ୫ ଶହ ଗ୍ରାମ୍ ଧାନ କଟ୍‌ନୀ ଛଟ୍‌ନୀ ହୋଇଥିଲା। ଏହି କଟ୍‌ନୀ ଛଟ୍‌ନୀକୁ ନେଇ ନବ ନିର୍ମାଣ କୃଷକ ସଂଗଠନଠାରୁ ଆରମ୍ଭ କରି ବିଜେପି ନେତାଙ୍କ ପର୍ଯ୍ୟନ୍ତ ସମସ୍ତେ ଅସନ୍ତୋଷବ୍ୟକ୍ତ କରିଥିଲେ। ତଥାପି ମିଲରଙ୍କ ଜିଦ୍ ଆଗରେ ପ୍ରଶାସନ ଓ ସମବାୟ ସମିତି ମୁଣ୍ଡ ନୁଆଁଇବାକୁ ବାଧ ହୋଇଥିଲେ। ଜିଲ୍ଲାରେ ଗତବର୍ଷ ସରକାରୀସ୍ତରରେ ୧୬ ଲକ୍ଷ ୪୫ ହଜାର କ୍ୱିଣ୍ଟାଲ ଧାନକିଣା ହୋଇଥିବାବେଳେ ଏହି ଧାନ ବାବଦକୁ ମିଲରମାନେ କଟ୍‌ନୀ ଛଟ୍‌ନୀ ଆକାରରେ ଦେଢ଼ ଲକ୍ଷ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ବୋହି ନେଇଥିଲେ। ଦେଢ଼ ଲକ୍ଷ କ୍ୱିଣ୍ଟାଲ ଧାନର ମୂଲ୍ୟକୁ ହିସାବକୁ ନେଇ ଏହାର ମୂଲ୍ୟ ୪୬ କୋଟି ୫୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ନୟାଗଡ଼ ଜିଲ୍ଲାରେ ୧୫ ଜଣ ମିଲର ୪୬ କୋଟି ୫୦ ଲକ୍ଷ ଟଙ୍କାର ଧାନ ଚାଷୀଙ୍କଠାରୁ ଶୋଷଣ କରିଥିବାବେଳେ କାହା ଭାଗ କେତେ ବୋଲି ପ୍ରଶ୍ନ ଉଠିଥିଲା। ଜିଲ୍ଲା ଯୋଗାଣ ବିଭାଗ ନିରବତା, ଜିଲ୍ଲା ପ୍ରଶାସନର ଆଖିବୁଜା ନୀତି ଏବଂ ରାଜନୈତିକ ବ୍ୟକ୍ତିତ୍ୱଙ୍କ ମିଲରଙ୍କୁ ଭିତିରିଆ ସମର୍ଥନ ଦ୍ୱାରା ୪୬ କୋଟି ୫୦ ଲକ୍ଷ ଟଙ୍କାର ଧାନକୁ ମିଲରମାନେ ହରିଲୁଟ୍ କରିଥିଲେ। ଚଳିତ ବର୍ଷ ଅନ୍ୟ ଜିଲ୍ଲା ମିଲରଙ୍କୁ ଧାନକିଣାରେ ସାମିଲ୍ କରିବାକୁ ନୟାଗଡ଼ର ବିଜେଡି, ବିଜେପି ଓ କଂଗ୍ରେସ ନେତାମାନେ ଦାବି କରିବା ଆରମ୍ଭ କରିଛନ୍ତି।

# ଓସ୍ତପୁର-କୋଟପଲା ବଜାରରେ ଗୋଷ୍ଠୀସଂଘର୍ଷ

**● ପୁଣି ଫେରିଲା କଟକଣା; ଲାଗିଲା ୧୬୩**

ବେଗୁନିଆ,୬।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ୍ ବାଘମାରୀ ଥାନା ଅନ୍ତର୍ଗତ ଓସ୍ତପୁର-କୋଟପଲ୍ଲା ବଜାରରେ ବୁଧବାର ଉଭୟ ଗ୍ରାମର ଲୋକଙ୍କ ମଧ୍ୟରେ ନାମଫଳକକୁ ନେଇ ଗୋଷ୍ଠୀସଂଘର୍ଷ ଲାଗି ରହିଥିଲା। ଫଳରେ ଦୋକାନଗୁଡ଼ିକୁ ନିଆଁ ଲଗାଇ ଜାଳି ଦେବା ସହ ଟେକାପଥର ଓ ବୋତଲ ମାଡ଼ ଆରମ୍ଭ କରିବାରୁ ବାଙ୍କୀ-ସିମୋର ପୂର୍ତ୍ତ ବିଭାଗ ରାସ୍ତାରେ ଯାତାୟାତ କରୁଥିବା ଯାନବାହନ ଓ ଜନସାଧାରଣ ଚଳାଚଳରେ ବାଧାପ୍ରାପ୍ତ ହୋଇଥିଲା। ପରେ ପ୍ରଶାସନ ପହଞ୍ଚି ଗୋଷ୍ଠୀସଂଘର୍ଷକୁ ଆୟତ୍ତ କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ। ଏହି ଘଟଣାକୁ ଦୃଷ୍ଟିରେ ରଖି ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ଅନୁରୋଧ କ୍ରମେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ଭାରତୀୟ ନ୍ୟାୟ ସଂହିତାର ୧୬୩ ଧାରା ହନୁମାନ ବାଟିକାଠାରୁ ବାରିକ ପୋଖରୀ ପର୍ଯ୍ୟନ୍ତ କଟକଣା ରହିବ ବୋଲି ଲିଖିତ ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଉଭୟ ଗ୍ରାମର ଜନସାଧାରଣ କ୍ଷାନ୍ତ ହୋଇଥିଲେ ମଧ୍ୟ ଅପ୍ରୀତିକର ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏହିଭଳି ପରିସ୍ଥିତିରେ ପୁନର୍ବାର କଟକଣା ଫେରିଥିବାରୁ ବ୍ୟବସାୟୀ ଓ ସାଧାରଣ ଲୋକମାନେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହୋଇଥିବାର ଦେଖିବାକୁ ମିଳିଛି।

## ଆଳୁ ଚାଷ ପାଇଁ ସଚେତନତା କାର୍ଯ୍ୟକ୍ରମ

ବେଗୁନିଆ,୬।୧୧(ସମିସ): ବେଗୁନିଆ ବ୍ଲକ୍ ବଡ଼ବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମର ଶୁଭଶ୍ରୀ କ୍ଲବ୍ ପରିସରରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଆଳୁ ଚାଷ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସହକାରୀ ଉଦ୍ୟାନ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟର ଗ୍ରାମ୍ୟ କୃଷି ସମ୍ପ୍ରସାରଣ କର୍ମଚାରୀ ଆଶିଷ ଦଳବେହେରା ଉପସ୍ଥିତ ରହି ଆଳୁ ବିହନର କିସମ, ଲଗାଇବାର ବିଭିନ୍ନ ପ୍ରଣାଳୀ, ସରକାରୀ ପ୍ରୋତ୍ସାହନ ଓ ରୋଗ ପୋକ ନିବାରଣ ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ଅବଗତ କରିଥିଲେ।

## ଶ୍ରୀକୃଷ୍ଣ ଲୀଳା ଉତ୍ସବ ଉଦ୍‌ଯାପିତ

ବେଗୁନିଆ,୬।୧୧(ସମିସ): ବେଗୁନିଆ ବ୍ଲକ୍ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର ଗ୍ରାମସ୍ଥିତ ଆରାଧ୍ୟ ଦେବତା ବାବା ସୋମନାଥ ଦେବଙ୍କ ପୀଠରେ ଜୟ ଦୁର୍ଗା କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ ପଞ୍ଚୁକ ଅବସରରେ ଚାରି ଦିନ ଧରି ଚାଲିଥିବା ଶ୍ରୀକୃଷ୍ଣ ଲୀଳା ଉତ୍ସବ ଉଦ୍‌ଯାପିତ ହୋଇଛି। ଏଥିରେ କଳାକାର ଡିଙ୍ଗର ପଞ୍ଚାୟତ ଲେହେଙ୍ଗ ଗ୍ରାମର କବି ଗୌର ଚରଣ ଅଧିକାରୀଙ୍କ ରଚିତ 'କୃଷ୍ଣ ଲୀଳା' ଆଧାରିତ ପୌରାଣିକ କାବ୍ୟର ଶ୍ରୀକୃଷ୍ଣ ଜନ୍ମଠାରୁ କାଳୀୟଦଳନ ପର୍ଯ୍ୟନ୍ତ ନାଟକ ପରିବେଷଣ କରିଥିଲେ।

## ସନ୍ତୋଷ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ଯଦୁପୁର ଚାମ୍ପିଅନ

ଖୋର୍ଦ୍ଧା,୬।୧୧(ସମିସ): ସ୍ଥାନୀୟ ପ୍ରାଣନାଥ ମହାବିଦ୍ୟାଳୟ ପଡ଼ିଆରେ ମୁକୁନ୍ଦ ପ୍ରସାଦ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ପ୍ରଥମ ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ମୁକୁନ୍ଦ ପ୍ରସାଦ କ୍ରିକେଟ୍ କ୍ଲବ୍ ଏବଂ ଯଦୁପୁର କ୍ରିକେଟ ଦଳ ମଧ୍ୟରେ ହୋଇଥିଲା। ଯଦୁପୁର ଦଳ ୨୦ ଓଭରରେ ୮ ୱିକେଟ୍ ହରାଇ ୨୨୨ ରନ୍ କରିଥିଲା। ଜବାବରେ ମୁକୁନ୍ଦ ପ୍ରସାଦ ଦଳ ୨୦୨ ରନ୍ କରିବାକୁ ସକ୍ଷମ ହୋଇଥିଲା। ଯଦୁପୁର ଦଳ ୨୨ ରନ୍‌ରେ ଜିତି ଚାମ୍ପିଅନ



ହୋଇଥିଲା। ଯଦୁପୁର ପକ୍ଷରୁ ଏସ୍‌କେ ସଲ୍‌ମାନ ୨୯ ବଲ୍‌ରୁ ୫୦ ରନ୍ ସଂଗ୍ରହ କରିଥିଲେ। ତାଙ୍କୁ ମ୍ୟାନ୍ ଅଫ୍ ଦ ସିରିଜ୍ ଓ ମ୍ୟାନ୍ ଅଫ୍ ମ୍ୟାଚ୍ ଟ୍ରଫି ପ୍ରଦାନ କରାଯାଇଥିଲା। ସୌମ୍ୟରଞ୍ଜନଙ୍କୁ ବେଷ୍ଟ କ୍ୟାଚ୍, ତସିଫ୍ ବେଷ୍ଟ ଫିଲ୍‌ଡର, ନିଖିଲଙ୍କୁ ବେଷ୍ଟ ୱିକେଟ ଟେକର, ବଡ଼ ସିକ୍ସର ପାଇଁ ସୂର୍ଯ୍ୟକାନ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ସଭାପତି ଅଲ୍‌ତାଫ ମହମ୍ମଦ ବିଜୟୀ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ।

# ପଲ୍ଲାତୋଟାପଡ଼ା ସେବା ସମବାୟ ସମିତି ପାଲଟିଛି ଦୁର୍ନୀତିର ଗନ୍ତାଘର

## ସମ୍ପାଦକଙ୍କ ସମ୍ପତ୍ତିର ଭିଜିଲାନ୍ସ ତଦନ୍ତ ଦାବି

ଖୋର୍ଦ୍ଧା,୬।୧୧(ସମିସ): ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ଖୋର୍ଦ୍ଧା ମଣ୍ଡଳ ଅନ୍ତର୍ଗତ ୬ଟି ବ୍ଲକ୍ ମଧ୍ୟରୁ ଖୋର୍ଦ୍ଧା ବ୍ଲକ୍‌ରେ ସର୍ବାଧିକ ଦୁର୍ନୀତି ହୋଇଥିବାର ଅଭିଯୋଗ ହୋଇଛି। ଖୋର୍ଦ୍ଧା ବ୍ଲକ୍‌ର ଅନ୍ୟତମ ଦୁର୍ନୀତିଗ୍ରସ୍ତ ସମବାୟ ସମିତିଭାବେ ଜଣାଶୁଣା ପଲ୍ଲାତୋଟାପଡ଼ା ପ୍ରାଥମିକ କୃଷି ସମବାୟ ସମିତିର ଦୁର୍ନୀତି ବିଷୟରେ ଖୋର୍ଦ୍ଧା ଜିଲ୍ଲା ସମବାୟ ଉପନିବନ୍ଧକ ଓ ସହକାରୀ ନିବନ୍ଧକ ଉଣାଅଧିକେ ଘଟଣାର ସମ୍ପୂର୍ଣ୍ଣ ବିବରଣୀ ଜ୍ଞାତ ଥିଲେ ସୁଦ୍ଧା ନିରବ ରହିବାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଲାଣି। ଗତ ଏପ୍ରିଲ ୧୫ ତାରିଖରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ମାଧ୍ୟମରେ ପଲ୍ଲାତୋଟାପଡ଼ା ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ନିତ୍ୟାନନ୍ଦ ଦାଶଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ଏପର୍ଯ୍ୟନ୍ତ ନ ହେବା ସମବାୟ ବିଭାଗ ଅଧିକାରୀଙ୍କ ପାରିବାପଣିଆକୁ ପଦାରେ ପକାଇଛି। ଉପନିବନ୍ଧକଙ୍କ କାର୍ଯ୍ୟାଳୟର ଡାଏରୀ ନଂ-୧୨୮୫/୧୫.୪.୨୦୨୫ରେ ଆସିଥିବା ଚିଠି ଉପରେ ଏପର୍ଯ୍ୟନ୍ତ ତଦନ୍ତ ରିପୋର୍ଟ ମୁଖ୍ୟମନ୍ତ୍ରୀ କିମ୍ବା ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇ ନ ଥିବା ସୂଚନା ମିଳିଛି। ଏନେଇ ଭିଜିଲାନ୍ସ ତଦନ୍ତ ପାଇଁ ଦାବି ହେଉଛି।

ଅଭିଯୋଗ ଅନୁସାରେ, ସମ୍ପାଦକ ଶ୍ରୀ ଦାଶଙ୍କ ଦ୍ୱାରା ସମିତିରେ ଆର୍ଥିକ ଅନିୟମିତତା, ସମିତିର ସମ୍ପତ୍ତି ଆତ୍ମସାତ୍ ଏବଂ ଚାଷୀମାରଣ ନୀତି ଓ ଚାଷୀ ଶୋଷଣ ଚରିତ୍ର ଯୋଗୁଁ ସମିତି ଗୁରୁତର ଆର୍ଥିକ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ବେନାମୀ ଲୋକଙ୍କ ନାମରେ ସେମାନଙ୍କ ଅଗୋଚରରେ କୃଷିଋଣ ଉଠାଇ କେତେକଙ୍କ ନାଁରେ ପୁରୁଣା ଋଣକୁ ନୂଆ ପୁରୁଣା କରି କୋଟି କୋଟି ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ସେହିଭଳି ନିଜ ସମ୍ପର୍କୀୟ ଓ ସମିତିର ଅନ୍ୟଜଣେ କର୍ମଚାରୀଙ୍କ ସମ୍ପର୍କୀୟଙ୍କ ନାଁରେ ସଞ୍ଚୟ ଖାତା ଖୋଲି ଲକ୍ଷ ଲକ୍ଷ ଟଙ୍କା ବେଆଇନ ଭାବେ ଋଣ ପ୍ରଦାନ କରାଯାଇଛି। ଯେପରିକି ସମ୍ପାଦକ ଶ୍ରୀ ଦାଶଙ୍କ ସମ୍ପର୍କୀୟା ସାଗରିକା, ନିରୁପମା, ପତ୍ନୀ ସନ୍ଧ୍ୟାରାଣୀ ଏବଂ ଝିଅ ରୂପାଲି, ସୋନାଲି ପ୍ରମୁଖ ଅନ୍ତର୍ଭୁକ୍ତ ଅଛନ୍ତି। ସେହିପରି କର୍ମଚାରୀ ଅନିତା ଦାଶଙ୍କ ମାଆ ପ୍ରେମଲତା, ବାପା ସଉରୀଚରଣ, ଭିଣୋଇ ରବିନ୍ଦ୍ର କୁମାର ମାର୍ଥା, ଭଉଣୀ ସୁନିତା ମାର୍ଥା, ସମ୍ପର୍କୀୟ ନିହାର ରଞ୍ଜନ ମାର୍ଥା ପ୍ରମୁଖଙ୍କ ନାଁରେ ବେଆଇନ ଆର୍ଥିକ ନେଣଦେଣ ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ସମସ୍ତ ଆଇନକୁ ପାଦରେ ଦଳି ସମବାୟ ବିଭାଗ ଅଧିକାରୀଙ୍କୁ ମୋଟା ଅଙ୍କର ଆର୍ଥିକ ସୁବିଧା ପ୍ରଦାନ କରି ଝିଅ ରୂପାଲିଙ୍କୁ ସମିତିର କର୍ମଚାରୀ ଭାବେ ନିଯୁକ୍ତି ଦେଇଛନ୍ତି। ସେହିପରି ସମିତିର କୃଷିଋଣରେ ହେର୍‌ଫେର୍, ସମିତିର ସମ୍ପତ୍ତି ଆତ୍ମସାତ୍ ବାବଦ ଆୟରୁ ସେ ନିଜର ଆତ୍ମୀୟଙ୍କ ନାମରେ ଅନେକଗୁଡ଼ିଏ ବ୍ୟାବସାୟିକ ସଂସ୍ଥା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଯେପରି କୁରାଡ଼ମଲ୍ଲର ଶ୍ରୀରାମ ଷ୍ଟୋନ୍ କ୍ରସର ୟୁନିଟ୍ ଏବଂ ପାନବରଜ ଗ୍ରାମରେ ଥିବା ରଘୁନାଥ ଟ୍ରେଡର୍ସ, ଦଧିମାଛଗାଡ଼ିଆ ଛକରେ ଥିବା ରଘୁନାଥ ମୋଟର ପାର୍ଟସ୍ ଏବଂ ଶ୍ରୀରାମ ପେପର ଏଣ୍ଟରପ୍ରାଇଜର୍ସ। ଏସବୁ ଯଦି ଦୁର୍ନୀତି ନିବାରଣ ବିଭାଗ ଯାଞ୍ଚ କରନ୍ତେ ତାଙ୍କର ବାସ୍ତବ କଳାକାରନାମା ପଦାରେ ପଡ଼ନ୍ତା ବୋଲି ପତ୍ରରେ ଦର୍ଶାଯାଇଛି।

ସେହିପରି ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଦର ଶାଖା ପରିଚାଳକ ଅଜୟ କୁମାର ଦାଶ ଏହି ସମିତିର ଋଣ ଓ ଜମା ଟଙ୍କା ଉଠାଣ ଜାଲ୍ ଦସ୍ତଖତରେ ହୋଇଥିବା ଜାଣି ମଧ୍ୟ କୃଷିଋଣ ଲଗାଣ ପରିମାଣ ବୃଦ୍ଧି ପାଇଁ ଆଖିବୁଜି ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏଥିସହିତ ନିତ୍ୟାନନ୍ଦ ସମିତିର ବିଭିନ୍ନ ସଭ୍ୟଙ୍କ ଟିପ ଚିହ୍ନ ନକଲ କରି ଋଣ ଓ ଜମା ଟଙ୍କା ହଡ଼ପ କରିଛନ୍ତି। ଏ ସମସ୍ତ କଥା ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଦର ଶାଖା ପରିଚାଳକ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ଜାଣନ୍ତରେ ହୋଇଥିବା ଅଭିଯୋଗ ହୋଇଛି।

ଅନ୍ୟପକ୍ଷରେ ସମ୍ପାଦକ ଶ୍ରୀ ଦାଶଙ୍କ ଜନ୍ମତାରିଖ ପ୍ରମାଣପତ୍ରରେ ଜାଲିଆତି କରାଯାଇଥିବା ନେଇ ଅଭିଯୋଗରେ ଦର୍ଶାଯାଇଛି। ତାଙ୍କ ବୟସ ୬୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିଲେ ହେଁ ସେ କିଭଳି ଚାକିରିରେ ଅଛନ୍ତି ତାକୁ ନେଇ ଅଭିଯୋଗକାରୀ ପ୍ରଶ୍ନ କରିଛନ୍ତି। ଅତୀତରେ ସମ୍ପାଦକ ଶ୍ରୀ ଦାଶଙ୍କ ବିରୋଧରେ ରୋଜଗାର ତୁଳନାରେ ଅଧିକ ସମ୍ପତ୍ତି ଆହରଣ ସମ୍ପର୍କିତ ଅଭିଯୋଗ ପାଇ ଦୁର୍ନୀତି ନିବାରଣ ବିଭାଗ ତାଙ୍କ ଘର ଓ ସମିତି ଉପରେ ଚଢ଼ଉ କରିଥିବାର ନଜିର ରହିଛି। ସେ କେସ୍ ଏବେ ବି ଚାଲୁ ରହିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ବର୍ତ୍ତମାନ ସମିତିର ପରିଚାଳନା ପରିଷଦରେ ସମ୍ପାଦକ ଶ୍ରୀ ଦାଶ ଓ କର୍ମଚାରୀ ଅନିତା ଦାଶଙ୍କ ସମ୍ପର୍କୀୟମାନେ ରହିଛନ୍ତି। ସମ୍ପାଦକ ଶ୍ରୀ ଦାଶଙ୍କ ପରିବାର ହାତେଇଥିବା କୋଟି କୋଟି ଟଙ୍କା ସମ୍ପତ୍ତିର ଦୁର୍ନୀତି ନିବାରଣ ବିଭାଗ ଯାଞ୍ଚ କରିବାକୁ ଦାବି ହେଉଛି। ସମବାୟ ବିଭାଗର ଅଧିକାରୀ ସେ ସହକାରୀ ନିବନ୍ଧକ ହୁଅନ୍ତୁ କିମ୍ବା ସହକାରୀ ସମୀକ୍ଷା ଅଧିକାରୀ ହୁଅନ୍ତୁ ସମସ୍ତେ ଆର୍ଥିକ ଉପକୃତ ହୋଇ ସମ୍ପାଦକଙ୍କ ଦୁର୍ନୀତିକୁ ଅଣଦେଖା କରିଛନ୍ତି। ତେଣୁ ସମିତିର ସମ୍ପାଦକ ଶ୍ରୀ ଦାଶଙ୍କ ସମସ୍ତ ବେଆଇନ କାରବାରର ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଏଥିରେ ସମ୍ପୃକ୍ତ ବିଭାଗୀୟ ଓ ବ୍ୟାଙ୍କ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଏହିଭଳି ସମାନ ଅଭିଯୋଗ କାଇପଦର, କଁପୁର ଏବଂ ଓରମି ସମବାୟ ସମିତିରେ ହୋଇଥିବାର ମଧ୍ୟ ଜଣାପଡ଼ିଛି।

## ସାଇବର ସୁରକ୍ଷା ସାଇକ୍ଲୋଥନ୍



ଖୋର୍ଦ୍ଧା,୬।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ପୁଲିସ ପକ୍ଷରୁ ସାଇବର ସୁରକ୍ଷା ନେଇ ଏକ ସାଇକ୍ଲୋଥନ(ସାଇକଲ ସଚେତନତା ଯାତ୍ରା) ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଜିଲ୍ଲା ଏସ୍‌ପି ବିବେକାନନ୍ଦ ଶର୍ମା ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏସ୍‌ପି ଅଫିସରୁ ଏହି ସାଇକଲ ଯାତ୍ରା ବାହାରି ଖୋର୍ଦ୍ଧା ଆଦର୍ଶ ଥାନା ଏବଂ ଶିଳ୍ପାଞ୍ଚଳ ଥାନା ଅଞ୍ଚଳ ଯଥା- ନୂଆ ବସ୍‌ଷ୍ଟାଣ୍ଡ, ଟିଏଲ୍‌ସି ରୋଡ୍, ଚଣ୍ଡିତୁଆ ଛକ, ନୟାଗଡ଼ ରୋଡ୍, ଟ୍ରାଫିକ୍ ଛକ, ମାରୱାଡି ପଟି, ମୁକୁନ୍ଦପ୍ରାସଦ, ଜେମାଦେଇ, ସାମନ୍ତରାପୁର, ନବିନାବାଗ ଦେଇ ଏସ୍‌ପି ଅଫିସ୍‌ଠାରେ ସମାପ୍ତ ହୋଇଥିଲା।

ପିଲାମାନେ ହାତରେ ପ୍ଲାକାର୍ଡ ଧରି ସାଇବର ସୁରକ୍ଷା ସଂକ୍ରାନ୍ତରେ ସ୍ଲୋଗାନ ଦେବା ସହ ଲୋକଙ୍କୁ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଅନାଦି ଚରଣ ସେଠୀ, ଶ୍ରୀନିବାସ ମହାନ୍ତି, ଡିଏସ୍‌ପି (ହେଡ୍‌କ୍ୱାର୍ଟର) ଯୁଗଳ କିଶୋର ମଲ୍ଲିକ, ଅନିଲ ମହାନ୍ତି, ସଦର ଡିଏସ୍‌ପି ନିହାର ରଞ୍ଜନ ପ୍ରଧାନ, ସାଇବର ସେଲ ଇନ୍ସପେକ୍ଟର ସୁଚିତ୍ରା ନାୟକ, ଆଦର୍ଶ ଥାନାଧିକାରୀ ସଞ୍ଜୟ ନାୟକ, ଶିଳ୍ପାଞ୍ଚଳ ଥାନାଧିକାରୀ ଉମେଶ ସାହୁଙ୍କ ସମେତ ବହୁ ପୁଲିସ ଅଧିକାରୀ, କର୍ମଚାରୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଏଥିରେ ଅଂଶଗ୍ରହଣ କରି ସାଇବର ସୁରକ୍ଷା ସଚେତନତା ବାର୍ତ୍ତା ଦେଇଥିଲେ।

## ଶ୍ରୀକ୍ଷେତ୍ର ହସ୍ପିଟାଲ ଉଦ୍‌ଘାଟିତ



ନିରାକାରପୁର,୬।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳ ନୂଆ ଜଗନ୍ନାଥ ସଡ଼କ ପାଶ୍ୱର୍ ରାମେଶ୍ୱର ନିକଟରେ ଶ୍ରୀକ୍ଷେତ୍ର ହସ୍ପିଟାଲକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଲୋକଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇବ ବୋଲି ସିନେ କଳାକାର ଶୀତଲ ପାତ୍ର ମତବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ହସ୍ପିଟାଲ ଉଦ୍ୟୋକ୍ତା ଦୀପ୍ତିମୟୀ ସାହୁ, ମାନସ ରଞ୍ଜନ ବେହେରା ଓ କ୍ଷୀରୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ହସ୍ପିଟାଲରେ ସମସ୍ତ ପ୍ରକାର ରୋଗ ଚିକିତ୍ସା ହେବା ସହିତ ସମସ୍ତ ପ୍ରକାର ଆଧୁନିକ ଚିକିତ୍ସା ପ୍ରଣାଳୀ ଦ୍ୱାରା ରୋଗୀ ଚିକିତ୍ସା କରାଯିବ ବୋଲି ସୂଚନା ମିଳିଛି।

## ସେଞ୍ଚୁରିଅନ୍‌ରେ ସାମାଜିକ କାର୍ଯ୍ୟ ସମ୍ମିଳନୀ ଉଦ୍‌ଘାଟିତ

ଜଟଣୀ,୬।୧୧(ସମିସ): ଜଟଣୀସ୍ଥିତ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ପରିସରରେ ୧୩ତମ ସାମାଜିକ କାର୍ଯ୍ୟ ସମ୍ମିଳନୀ (ଆଇଏସ୍‌ଡବ୍ଲୁସି)-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ନ୍ୟାସ୍‌ନାଲ୍ ଆସୋସିଏସନ୍ ଅଫ୍ ପ୍ରଫେସନାଲ ସୋସିଆଲ୍ ୱାର୍କର୍ସ ଇନ୍ ଇଣ୍ଡିଆ (ଏନ୍‌ଏପିଏସ୍‌ଡବ୍ଲୁଆଇ) ଓ ଓଡ଼ିଶା ପ୍ରଫେସନାଲ ସୋସିଆଲ ୱାର୍କର୍ସ ଆସୋସିଏସନ୍ (ଓପିଏସଡବ୍ଲୁଏ)ର ମିଳିତ ଉଦ୍ୟମରେ ଆୟୋଜିତ ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ୫୦୦ ଶିକ୍ଷାବିତ୍, ପ୍ରାୟୋଗିକ ସାମାଜିକ କର୍ମୀ ଓ ନୀତି ନିର୍ଦ୍ଦେଶକ ଯୋଗଦେଇ ଟେକ୍ନୋଲୋଜି, ନବୀନତା ଓ



ସାମାଜିକ ନ୍ୟାୟର ସଂଯୋଗ ଉପରେ ଆଲୋଚନା କରିଥିଲେ। ତିନିଦିନିଆ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ କହିଥିଲେ ଯେ ଓଡ଼ିଶା ଅନ୍ୟ ରାଜ୍ୟ ପାଇଁ ଉଦାହରଣ। ଅନ୍ୟତମ ଅତିଥିଙ୍କ ମଧ୍ୟରେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ମୁକ୍ତିକାନ୍ତ ମିଶ୍ର, ଉପକୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ, ଏନ୍‌ଏପିଏସ୍‌ଡବ୍ଲୁଆଇର ଅଧ୍ୟକ୍ଷ ପ୍ରଫେସର ସଞ୍ଜୟ ଭଟ୍ଟ, ସଚିବ ପ୍ରଫେସର ଅନୁପ ଭାରତୀୟ, ଓପିଏସ୍‌ଡବ୍ଲୁଏର ଅଧ୍ୟକ୍ଷ ଗାୟତ୍ରୀ ପଟ୍ଟନାୟକ, ଆୟୋଜନ ସଚିବ ପ୍ରଦୀପ ସାହୁ, ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଅନିତା ପାତ୍ର, ଆଇଏସ୍‌ଡବ୍ଲୁସିର ସହସଂଯୋଜକ ଅଂଶୁମାନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବାଣପୁର ବଜାରରେ ଅଷ୍ଟପ୍ରହର ନାମଯଜ୍ଞ

ବାଣପୁର,୬।୧୧(ସମିସ): ପବିତ୍ର ଦେବ ଉତ୍ଥାନ ଏକାଦଶୀ ତିଥିରୁ ବାଣପୁର ବଜାରରେ ଅଷ୍ଟପ୍ରହର ନାମଯଜ୍ଞ ଆଡ଼ମ୍ବର ସହ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସ ଅପରାହ୍ଣରେ ସୂର୍ଯ୍ୟପୂଜା ପରେ ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ଶାଳିଆ ନଦୀରୁ ଜଳ ସଂଗ୍ରହ କରି ଅଧିବାସ ସ୍ଥଳରେ ପହଞ୍ଚିଥିଲେ। ଦ୍ୱିତୀୟ ଦିବସ ପ୍ରାତଃକାଳରୁ ଶ୍ରୀଜଗନ୍ନାଥ ଆଶ୍ରମ ଛୋଟରାୟପୁର ଶାସନର ବାବାଜୀ ଶ୍ରୀପରମାନନ୍ଦ ଦାସଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାମଯଜ୍ଞ ଓ ସଂକୀର୍ତ୍ତନ ହେବା ସହ ତୃତୀୟ ଦିବସରେ ନଗରକୀର୍ତ୍ତନ, ନଗରଭିକ୍ଷା ଓ ମଧ୍ୟାହ୍ନରେ ଭକ୍ତମାନେ କଳସ ବିସର୍ଜନ କରି ଯମୁନାସ୍ନାନ କରିଥିଲେ। କର୍ତ୍ତା ରୂପେ ଦେବଦତ୍ତ ପାତ୍ର ଓ ସସ୍ମିତା ପାତ୍ର କାର୍ଯ୍ୟନିର୍ବାହ କରିଥିବାବେଳେ ସୁନୀଲ ଅଗ୍ରୱାଲା, ଗିରିଧାରୀ ପାତ୍ର, କୃଷ୍ଣଚନ୍ଦ୍ର ନାୟକ, ରାକେଶ ଅଗ୍ରୱାଲା, ସଞ୍ଜୟ ପାତ୍ର, ଅଶୋକ ପାତ୍ର, ପ୍ରଶାନ୍ତ ମହାନ୍ତି, ଶିବ ପ୍ରଧାନ ଓ ସାଗର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

## ପତିତପାବନ ଭଜନ ସମାରୋହର ବାର୍ଷିକ ଉତ୍ସବ

ଭୂଷଣ୍ଡପୁର,୬।୧୧(ସମିସ): ଟାଙ୍ଗୀ ବ୍ଲକ୍‌ର ବାଲିପାଟପୁର ଗ୍ରାମ ପଞ୍ଚାୟତର ମରାଳ ମାଳିନୀ ଚିଲିକା ପାଦଦେଶରେ ଅବସ୍ଥିତ ଦୋଳପଡ଼ିଆଠାରେ ଶ୍ରୀଶ୍ରୀ ପତିତପାବନ ଭଜନ ସମାରୋହର ୩୬ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଭଜନ ପୂର୍ବରୁ କମିଟିର ସ୍ଥାୟୀ ସଭାପତି ଗୋଲକ ବିହାରୀ ପଟ୍ଟନାୟକ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଆଇନଜୀବୀ ଅନିଲ ପଟ୍ଟନାୟକ, ମୁଖ୍ୟବକ୍ତା ରବୀନ୍ଦ୍ର ସାମନ୍ତରାୟ, ସମ୍ମାନିତ ଅତିଥି ରୂପେ ବିରଞ୍ଚି ନାରାୟଣ ପ୍ରଧାନ, ସାମ୍ବାଦିକ ରଞ୍ଜନ ସାହୁ, ପ୍ରଦୀପ ପଟ୍ଟନାୟକ ଉପସ୍ଥିତ ଥିବାବେଳେ ସୁରେନ୍ଦ୍ର ସାମନ୍ତରାୟ କଳାକାରଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ରମେଶ ଚନ୍ଦ୍ର ପଲାଇ ଧନ୍ୟବାଦ ଅର୍ପଣ କରିଥିଲେ।




## ମାଣିକାଗୋଡ଼ା ଗୋବିନ୍ଦଜୀଉ ମଠରେ ଭଜନ ସମାରୋହ

ବୋଲଗଡ଼,୬।୧୧(ସମିସ): ପୁଣ୍ୟମାସ କାର୍ତ୍ତିକବ୍ରତ ଅବସରରେ ବୋଲଗଡ଼ ବ୍ଲକ୍ ମାଣିକାଗୋଡ଼ା ଗ୍ରାମସ୍ଥିତ ଗୋବିନ୍ଦଜୀଉ ମଠରେ



ଗୋବିନ୍ଦ ବୈକୁଣ୍ଠ ଚତୁର୍ଦ୍ଦଶୀରେ ବଡ଼ଓଷା ପର୍ବ ଅନୁଷ୍ଠିତ ହୋଇଛି। ଭକ୍ତମାନେ ସକାଳବେଳା ନାମ ସଙ୍କୀର୍ତ୍ତନ କରିଥିଲାବେଳେ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଦିବ୍ୟଜୀବନ ସଙ୍ଘ ସମ୍ପାଦକ ଫକୀର ମୋହନ ସୁବୁଦ୍ଧି, କୋଷାଧ୍ୟକ୍ଷ କୁବେର ସାହୁ, ଶ୍ରୀରାମ ଚରିତ ମାନସ ପରିଚାଳନା କମିଟି ସମ୍ପାଦକ ଶିକ୍ଷାବିତ୍ ଇଂ. କର୍ପୂର ସାହୁ ମଞ୍ଚ ସଞ୍ଚାଳନା କରିଥିଲେ। ଭଜନ ଗାୟକ ଅବଓସୀ ରାଉତ, ଉମେଶ ଚନ୍ଦ୍ର କର, ଅଜୟ ବେହେରା, ଦେବବ୍ରତ ସାହୁ, ନନ୍ଦ କିଶୋର ସାହୁ, ନୀଳମାଧବ ପୃଷ୍ଟି, ପ୍ରତାପ ପଟ୍ଟନାୟକ, ଅଭିମନ୍ୟୁ ମହାପାତ୍ର ଓ କୁନି କଳାକାର ଆଦ୍ୟାଂଶୁ ବେହେରା ଭଜନ ପରିବେଷଣ କରିଥିଲେ। ତବଲା ବାଦକ ବିଭୂତିଭୂଷଣ ମହାପାତ୍ର, ସୁଦର୍ଶନ ସେନାପତି ସଙ୍ଗୀତ ଗାନରେ ସହଯୋଗ କରିଥିଲେ। ଦିବ୍ୟଜୀବନ ସଙ୍ଘର ସଦସ୍ୟ ଉପେନ୍ଦ୍ର ସୁବୁଦ୍ଧି, ଭିକାରୀ ପୃଷ୍ଟି, ଅକ୍ଷୟ ଦଳେଇ, ପ୍ରଫୁଲ୍ଲ ପ୍ରଧାନ, ଗୋଲଖ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ମଠର ପୂଜକ ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲୁଗାଁରେ କାର୍ତ୍ତିକେଶ୍ୱର ପୂଜା



ବାଲୁଗାଁ,୬।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବାଲୁଗାଁ ଏନ୍‌ଏସି ଅଧୀନସ୍ଥ ବିଦ୍ୟାଧରପୁର ସାହିରେ କାର୍ତ୍ତିକେଶ୍ୱର ପୂଜା ଆରମ୍ଭ ହୋଇ ସମାରୋହରେ ୩ଦିନ ବ୍ୟାପୀ ଅନୁଷ୍ଠିତ ହେଉଛି। ପୂଜା ଉତ୍ସବରେ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସହ ସୁସଜ୍ଜିତ ଆଲୋକମାଳାରେ ଗ୍ରାମ ଝଲସି ଉଠିଥିବାବେଳେ ସନ୍ଧ୍ୟା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିବା ଦେଖିବାକୁ ମିଳିଛି। ବାଲୁଗାଁ ଅଞ୍ଚଳର ଅନେକ ସାହି ଓ ଗ୍ରାମର ଶତାଧିକ ଲୋକ ଏହି ପୂଜା ମଣ୍ଡପକୁ ଆସି ଠାକୁରଙ୍କୁ ଦର୍ଶନ କରିବା ସହ ପ୍ରସାଦସେବନ କରି ଆଶୀର୍ବାଦ ଲାଭ କରୁଥିବା ଦେଖିବାକୁ ମିଳିଛି। ସେହିପରି କାଇଁଚପୁର ସାହିରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀଠାରୁ କାର୍ତ୍ତିକେଶ୍ୱର ପୂଜା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ୫ ଦିନ ଧରି ଅନୁଷ୍ଠିତ ଏହି ଉତ୍ସବରେ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବା ସହ ସୁସଜ୍ଜିତ ଆଲୋକମାଳାରେ ଗ୍ରାମ ଝଲସୁଥିବା ଦେଖିବାକୁ ମିଳିଛି।

# ମାଫିଆ ଝାମ୍ପି ନେଉଛନ୍ତି ରାଣୀ ଚିଙ୍ଗୁଡ଼ି; ବିଦେଶକୁ ରପ୍ତାନୀ

ବାଲୁଗାଁ,୬।୧୧(ସମିସ)

ଲବଣାକ୍ତ ହ୍ରଦ ଚିଲିକାର ରାଣୀ ଚିଙ୍ଗୁଡ଼ି ତଥା ବାଗ୍‌ଦା ବହୁ ମୂଲ୍ୟବାନ ଅଟେ। ଏହି ବାଗ୍‌ଦା ରାଣୀ ଚିଙ୍ଗୁଡ଼ି ଉପରେ ବିଦେଶକୁ ରପ୍ତାନି କରୁଥିବା ଚିଙ୍ଗୁଡ଼ି ମାଫିଆମାନଙ୍କର ଲୋଲୁପ ଦୃଷ୍ଟି ପଡ଼ିଛି। ଯାହାଦ୍ୱାରା ଚିଲିକାରୁ ଏହି ମୂଲ୍ୟବାନ ଚିଙ୍ଗୁଡ଼ି ଧରି ବିଦେଶକୁ ରପ୍ତାନି କରି ପ୍ରଚୁର ଅର୍ଥ ଉପାର୍ଜନ କରୁଛନ୍ତି ଚିଙ୍ଗୁଡ଼ି ମାଫିଆ। କିଛି ନ୍ୟସ୍ତସ୍ୱାର୍ଥପର ମତ୍ସ୍ୟଜୀବୀ ମାଫିଆମାନଙ୍କ ସହାୟତାରେ ସିପକୁଦା ମୁହାଁଣରୁ ଆଲିମି ଜାଲ ମାଧ୍ୟମରେ ଯାଆଁଳ ମାଛ ଚିଙ୍ଗୁଡ଼ି ସହ ବାଗ୍‌ଦା ରାଣୀ ଚିଙ୍ଗୁଡ଼ି ଧରୁଛନ୍ତି ଏବଂ ମାଫିଆମାନେ ଏହି ବାଗ୍‌ଦା ରାଣୀ ଚିଙ୍ଗୁଡ଼ିକୁ ରାଜ୍ୟ ବାହାରକୁ



ରପ୍ତାନୀ କରୁଛନ୍ତି। ତେବେ ରାଣୀ ଚିଙ୍ଗୁଡ଼ିକୁ ବହୁ ଦାମ୍‌ରେ ରାଜ୍ୟ ବାହାରକୁ ଚାଲାଣ କରାଯାଉଛି। ରାଣୀ ଚିଙ୍ଗୁଡ଼ି ୫/୬ଟାରେ ଏକ କିଲୋ ହେଉଥିବାବେଳେ ଗୋଟିଏ ରାଣୀ ଚିଙ୍ଗୁଡ଼ିର ମୂଲ୍ୟ ପ୍ରାୟ ୩୦୦ରୁ ୫୦୦ ଟଙ୍କା ରହିଛି।

ଏହି ରାଣୀ ଚିଙ୍ଗୁଡ଼ି ରାଜ୍ୟ ବାହାରକୁ ରପ୍ତାନୀ କରା ନ ଯାଇ ଏଠାରେ ଫାର୍ମ ହାଉସ୍ କରାଯାଇ ରାଣୀ ଚିଙ୍ଗୁଡ଼ି ଯାଆଁଳ ଛାଡ଼ି ଚାଷ କରାଗଲେ ଏଠାକାର ବହୁ ମତ୍ସ୍ୟଚାଷୀ ଉପକୃତ ହେବାକୁ ଏଡ଼ାଇ ହେବ ନାହିଁ। ଏଥିପ୍ରତି ରାଜ୍ୟ ସରକାର ତଥା ମତ୍ସ୍ୟ ପ୍ରଶିକ୍ଷଣ (ଫିସାରୀ) ବିଭାଗ ଓ ଚିଲିକା ଉନ୍ନୟନ ପରିଷଦ ଦୃଷ୍ଟି ଦେବାକୁ ଜନସାଧାରଣରେ ଦୃଢ଼ ଦାବି ହେଉଛି।

## ଚନ୍ଦ୍ରଶେଖରଦେବଙ୍କ ବଡ଼ଓଷା ଯାତ୍ରା ଉଦ୍‌ଯାପିତ

ଖୋର୍ଦ୍ଧା,୬।୧୧(ସମିସ): କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ୧୫ନଂ ୱାର୍ଡ ପଲଟଣ ପଡ଼ିଆସ୍ଥିତ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଦେବଙ୍କ ପୀଠରେ ଚଳିତ ବର୍ଷ ପ୍ରଥମ କରି ୫ ଦିନ ବ୍ୟାପୀ ଚାଲିଥିବା ବଡ଼ଓଷା ଯାତ୍ରା ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧାର ପୂର୍ବତନ ପୌରାଧ୍ୟକ୍ଷା ସଂଯୁକ୍ତା ସାହୁ, ସମ୍ମାନିତ ଅତିଥି ଭାବରେ ୧୫ ନମ୍ବର୍ ୱାର୍ଡର କାଉନ୍‌ସିଲର ପ୍ରବିଣା ଜଗଦେବ ରାୟ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅଭିଷେକ ସିଂସାମନ୍ତ ଓ ସମାଜସେବୀ ସରୋଜ ଦାଶ, ରାଜୀବ ଲୋଚନ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଖୋର୍ଦ୍ଧାର କ୍ରିଏଟିଭ୍ ଡ୍ୟାନ୍ସ ଗ୍ରୁପ୍, ଡିଭାଇନ୍ ଡ୍ୟାନ୍ସ ଗ୍ରୁପ୍, ମନିପାଲ ଡ୍ୟାନ୍ସ ଷ୍ଟୁଡିଓ,



ଶିକ୍ଷା ପ୍ଲେ ସ୍କୁଲ ଗୁରୁଜଙ୍ଗ, କୁନି କଳାକାର ସିନ୍ଧୁଜା ନନ୍ଦ, ସୁଲଗ୍ନା ଶୁଭଦର୍ଶୀ, ଗାୟତ୍ରୀ ଭଞ୍ଜ, ଅରୁପାନନ୍ଦ ସାହୁ, ଲକ୍ଷ୍ମୀପ୍ରିୟା ଭଞ୍ଜ, ଅଂଶୁମାନ ବେହେରା, ଆୟୁଷ ପଟ୍ଟନାୟକ, ଅମ୍ରିତା ଛୋଟରାୟ, ବିଶ୍ୱାମିତ୍ର ଜେନା ଓ ଶେଷରେ ବଙ୍ଗିଦା ହାଇସ୍କୁଲର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ସନ୍ଧ୍ୟାରେ ଚନ୍ଦ୍ରଶେଖର ଦେବଙ୍କ ମନ୍ଦିର ପରିଚାଳନା କମିଟିର ମୁଖ୍ୟ ସନ୍ତୋଷ କୁମାର ପଶ୍ଚିମକବାଟ, ସୁଶାନ୍ତ ସାହୁ, ହୀରାଲାଲ୍ ସାହୁ, ସରୋଜ ଦାଶ, ପ୍ରସନ୍ନ ସାହୁ, ଶୁଭକାନ୍ତ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

ସକାଳ THE SAKALA





**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୨୫ • ପାଉଣ୍ଡ ୧୧୫.୭୮
- ୟୁରୋ ୧୦୧.୫୯ • ୟେନ୍ ୦.୫୭


**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୨,୩୫୦ (ଭୁବନେଶ୍ୱର)
- ରୁପା : ୧,୬୦,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୩୧୧.୦୦
- ନିଫ୍ଟି ୨୫,୫୦୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



**ଆମେରିକା କଟକଣାର ପ୍ରଭାବ**

# ରୁଷରୁ କ୍ରୁଡ୍ ଆମଦାନୀ କମିବ

**ନୂଆଦିଲ୍ଲୀ,୬ା୧୧(ଏଜେନ୍ସି):** ଭାରତ ଏବେ ରୁଷରୁ ଏହାର ଅଶୋଧିତ ତୈଳ ଆମଦାନୀ ହ୍ରାସ କରିବାକୁ ପ୍ରସ୍ତୁତ ହେଉଛି। ସୂଚନାନୁଯାୟୀ , ଆମେରିକା ଦ୍ୱାରା ରୁଷ ଉପରେ ନୂତନ କଟକଣା ଲାଗୁ ପରେ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଆମେରିକା ପୂର୍ବରୁ ରୁଷର ସରକାରୀ ମାଲିକାନା ତେଲ କମ୍ପାନୀ ରୋସ୍‌ନେଫ୍ଟ ଏବଂ ଲୁକ୍ ଅଏଲ୍ ସହିତ ସମସ୍ତ କାରବାରକୁ ନିଷେଧ କରିଥିଲା। ଏହି କଟକଣା ନଭେମ୍ବର ୨୧ତାରିଖରୁ କାର୍ଯ୍ୟକାରୀ ହୋଇଛି। ଫାର୍ମ କେପ୍ଲର ଅନୁଯାୟୀ, ଏହି କଟକଣା ଯୋଗୁଁ ଭାରତର ପ୍ରମୁଖ ତୈଳ ବିଶୋଧନାଗାରଗୁଡିକ ଆଉ ରୁଷରୁ ତେଲ କ୍ରୟ କରିବେନାହିଁ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ରୁଷର ସରକାରୀ ମାଲିକାନା ତେଲ କମ୍ପାନୀ ରୋସ୍‌ନେଫ୍ଟରୁ ତେଲ କିଣିବା ବନ୍ଦ କରିବ। ମାଙ୍ଗାଲୋର ରିଫାଇନାରୀ ଏବଂ ପେଟ୍ରୋକେମିକାଲ୍ସ ଲିମିଟେଡ୍ ମଧ୍ୟ ରୁଷରୁ ତେଲ କ୍ରୟ ହ୍ରାସ କରିବ। ଏହା ବ୍ୟତୀତ, ହିନ୍ଦୁସ୍ତାନ ପେଟ୍ରୋଲିୟମର ସହାୟକ କମ୍ପାନୀ ଏଚ୍‌ପିସିଏଲ୍-ମିତ୍ତଲ ଏନର୍ଜି ଲିମିଟେଡ୍ (ଏଚ୍‌ଏମ୍‌ଇଏଲ୍) ପୂର୍ବରୁ ରୁଷର ତେଲ ଆମଦାନୀ ବନ୍ଦ କରିସାରିଛି। ଏହି ତିନୋଟି କମ୍ପାନୀ ମିଳିତ ଭାବରେ ଭାରତର ରୁଷରୁ ହେଉଥିବା ମୋଟ ଅଶୋଧିତ ଭାରତୀୟ ବିଶୋଧନଗାର ଆମେରିକାର କଟକଣା ପାଳନ କରିବେ ଏବଂ ରୁଷରୁ ସିଧାସଳଖ କ୍ରୟକୁ ହ୍ରାସ କରିବେ କିମ୍ବା ବନ୍ଦ କରିବେ। ଡିସେମ୍ବରରେ ଆମଦାନୀ ତୀବ୍ର ହ୍ରାସ ପାଇବ, ଯାହା ୨୦୨୬ ପ୍ରାରମ୍ଭ



**ରୁଷୀୟ ସରକାରୀ କମ୍ପାନୀଙ୍କଠାରୁ ତେଲ କିଣା ବନ୍ଦ କରିବ ରିଲାଏନ୍ସ**

ତୈଳ ଆମଦାନୀର ୫୦% ରୁ ଅଧିକ ଭାଗ ବହନ କରିଥାନ୍ତି। ତଥାପି, ଅକ୍ଟୋବର ମାସରେ ଦେଶରେ ରୁଷର ଅଶୋଧିତ ତୈଳ ଆମଦାନୀ ୨.୫% ବୃଦ୍ଧି ପାଇଛି।

କେପ୍ଲରର ମୁଖ୍ୟ ଗବେଷଣା ବିଶ୍ଳେଷକ ସୁମିତ ରାଟୋଲିଆ କହିଛନ୍ତି ଯେ ଅଧିକାଂଶ ସୁଦ୍ଧା ଧୀରେ ଧୀରେ ସୁଧାର ଆସିପାରେ। ଆମେରିକୀୟ ଟ୍ରେଜେରୀ କମ୍ପାନୀଗୁଡ଼ିକୁ ରୋସନେଫ୍ଟ ଏବଂ ଲୁକ୍ ଅଏଲ୍ ସହିତ କାରବାର ସମାପ୍ତ କରିବାକୁ ସମୟ ଦେଇଛି। ପାଳନ ନ କଲେ ଜରିମାନା, କଳାତାଲିକାଭୁକ୍ତ କିମ୍ବା ବାଣିଜ୍ୟ କଟକଣା ଲାଗୁ ହୋଇପାରେ। ଆମେରିକୀୟ ସଂସ୍ଥାଗୁଡ଼ିକୁ ବର୍ତ୍ତମାନ ଏହି କମ୍ପାନୀଗୁଡ଼ିକ ସହିତ କୌଣସି ପ୍ରକାରର ବ୍ୟବସାୟ କରିବାରୁ ବାରଣ କରାଯାଇଛି। ଭାରତ ପାଇଁ ରୁଷ ତେଲ ଶସ୍ତା ଥିଲା, କିନ୍ତୁ ବର୍ତ୍ତମାନ ଭାରତୀୟ କମ୍ପାନୀଙ୍କୁ ମଧ୍ୟପ୍ରାଚ୍ୟ କିମ୍ବା ଆମେରିକା ଭଳି ବିକଳ୍ପ ଉତ୍ସରୁ ତେଲ ସଂଗ୍ରହ କରିବାକୁ ପଡିବ, ଯାହା ଅଧିକ ମହଙ୍ଗା। ଭାରତର ମୋଟ ଆମଦାନୀର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ରୁଷ ତେଲ ଥିଲା, ତେଣୁ ବିଶୋଧନ ଖର୍ଚ୍ଚ ବୃଦ୍ଧି ପାଇବ, ଯାହା ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ୨୦୨୨ ମସିହାରେ ରୁଷର ୟୁକ୍ରେନ ଆକ୍ରମଣ ପରେ ରୁଷୀୟ ତେଲ ଶସ୍ତା ହୋଇଗଲା। ଭାରତ ବିଶ୍ୱର ତୃତୀୟ ବୃହତ ତୈଳ ଆମଦାନୀକାରୀ ଦେଶ। ରୁଷୀୟ ତେଲ ଦର କମ୍ ରହୁଥିବାରୁ ଭାରତ ଏହାର ଆବଶ୍ୟକତା ପୂରଣ କରୁଥିଲା। ତଥାପି, ପ୍ରତିବନ୍ଧକ ଏବେ ଭାରତକୁ ରୁଷୀୟ ତେଲ କ୍ରୟ ହ୍ରାସ କରିବାକୁ ବାଧ୍ୟ କରିପାରେ। ଭାରତ ସରକାରଙ୍କ ତଥ୍ୟ ଦର୍ଶାଉଛି ଯେ ଦେଶ ୨୦୨୨ ମସିହାରୁ ପ୍ରାୟ ୧୪୦ ବିଲିୟନ ଡଲାର ମୂଲ୍ୟର ରିଆତି ମୂଲ୍ୟର ରୁଷୀୟ ତେଲ କିଣିଛି। ରିଲାଏନ୍ସ ଏବଂ ଅନ୍ୟାନ୍ୟ କମ୍ପାନୀଗୁଡ଼ିକ ଏହି ତେଲକୁ ପେଟ୍ରୋଲ ଏବଂ ଡିଜେଲରେ ପ୍ରକ୍ରିୟାକରଣ କରି ଘରୋଇ ଏବଂ ଆନ୍ତର୍ଜାତୀୟ ବଜାରରେ ବିକ୍ରି କରିଛନ୍ତି।

ଟ୍ରମ୍ପ କହିଛନ୍ତି, ଭାରତ ରୁଷୀୟ ତେଲ କିଣିବା ବନ୍ଦ କରିବ। ବୁଧବାର, ହ୍ୱାଇଟ୍ ହାଉସରେ ସାମ୍ବାଦିକମାନଙ୍କୁ ସୂଚନାଦେଇ ଟ୍ରମ୍ପ୍ ୫ମ ଥର ପାଇଁ କହିଛନ୍ତି, ତେଲ କ୍ରୟ ଏପରି ଏକ ଜିନିଷ ଯାହାକୁ ତୁରନ୍ତ ବନ୍ଦ କରାଯାଇପାରିବନାହିଁ, କିନ୍ତୁ ସେମାନେ ବର୍ଷ ଶେଷ ସୁଦ୍ଧା ଏହାକୁ ଶୂନ୍ୟକୁ ହ୍ରାସ କରିବେ। ସେ ଏ ବିଷୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କଥା ହୋଇଛି। ଅଗଷ୍ଟ ପୂର୍ବରୁ, ଟ୍ରମ୍ପ୍ ରୁଷରୁ ତେଲ କିଣିବା ପାଇଁ ଭାରତ ଉପରେ ଅତିରିକ୍ତ ୨୫% ଶୁଳ୍କ ଲାଗୁ କରିଥିଲେ। ୨୭ ଅଗଷ୍ଟରୁ ଭାରତ ମୋଟ ୫୦ ଶୁଳ୍କ ଲାଗୁ ହୋଇଛି। ଏଥିରେ ରୁଷରୁ ତେଲ କିଣିବା ପାଇଁ ୨୫% ପାରସ୍ପରିକ ଶୁଳ୍କ ଏବଂ ୨୫% ଜରିମାନା ଅନ୍ତର୍ଭୁକ୍ତ।

# ପାନ୍-ଆଧାର ଲିଙ୍କ୍‌ର ଶେଷ ଅବଧି ଡିସେମ୍ବର ୩୧ ତାରିଖ

**ନୂଆଦିଲ୍ଲୀ,୬ା୧୧(ଏଜେନ୍ସି):** ଯଦି ଆପଣ ଏ ପର୍ଯ୍ୟନ୍ତ ଆପଣଙ୍କର ପାନ୍ କାର୍ଡକୁ ଆଧାର ସହିତ ଲିଙ୍କ୍ କରିନାହାଁନ୍ତି, ତେବେ ବିଳମ୍ବ କରନ୍ତୁ ନାହିଁ। ଡିସେମ୍ବର ୩୧ ସୁଦ୍ଧା ଏପରି କରିବାରେ ବିଫଳ ହେଲେ, ୨୦୨୬ ଜାନୁଆରୀ ପହିଲାରୁ ଆପଣଙ୍କର ପାନ୍ କାର୍ଡ ନିଷ୍କ୍ରିୟ ହୋଇଯିବ। ଏମିତିକି ପାନ୍ କାର୍ଡକୁ ଆଧାର ସହିତ ଲିଙ୍କ୍ କରାଯାଇ ନ ଥିଲେ ଆପଣ ଆୟକର ରିଟର୍ଣ୍ଣ (ଆଇଟିଆର୍) ଫାଇଲ୍ କରିପାରିବେ ନାହିଁ ଏବଂ ରିଫଣ୍ଡ ମଧ୍ୟ ପାଇପାରିବେ ନାହିଁ।

ଏମିତିକି ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦରମା ଆସିବା ଏବଂ କିମ୍ବା ଏସ୍‌ଆଇପି ଆର୍ଥିକ ଉତ୍ପାଦରେ ନିବେଶରେ ମଧ୍ୟ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଯେଉଁମାନେ ୨୦୨୪ ଅକ୍ଟୋବର ପହିଲା ପୂର୍ବରୁ ସେମାନଙ୍କର ଆଧାର ପଞ୍ଜିକରଣ ଆଇଡି ବ୍ୟବହାର କରି ସେମାନଙ୍କର ପାନ୍ ପାଇଥିଲେ, ସେମାନଙ୍କୁ ଚଳିତବର୍ଷ ଡିସେମ୍ବର ୩୧ ସୁଦ୍ଧା ଏହାକୁ ଲିଙ୍କ୍ କରିବାକୁ ପଡିବ। ନିୟମ ଅନୁଯାୟୀ, ଯଦି ଆପଣଙ୍କର ପାନ୍ ନିଷ୍କ୍ରିୟ ହୋଇଯାଏ ଏବଂ ଆପଣ ଏହାକୁ ବ୍ୟାଙ୍କ କାରବାର କିମ୍ବା ଅନ୍ୟ କୌଣସି ସ୍ଥାନରେ ବ୍ୟବହାର କରନ୍ତି, ତେବେ ଏହା ବିବେଚନା କରାଯିବ ଯେ ଆପଣ ଆଇନ ଅନୁଯାୟୀ ପାନ୍ ପ୍ରଦାନ କରିନାହାଁନ୍ତି। ଏପରି କ୍ଷେତ୍ରରେ, ଆପଣଙ୍କୁ ଆୟକର ଆଇନର ଧାରା ୨୭୨ବି ଅନୁଯାୟୀ ୧୦,୦୦୦ ଟଙ୍କା ଜରିମାନା ଦେବାକୁ ପଡିପାରେ। ଆଇନର ଧାରା ୧୩୯ଏ ଅନୁଯାୟୀ ପଚରାଗଲେ ପାନ୍‌ଦେଖାଇବା ବାଧ୍ୟତାମୂଳକ। ଆୟକର ଆଇନ ୧୯୬୧ ଅନୁଯାୟୀ, କିଛି ଲୋକଙ୍କୁ ପାନ୍ ସହିତ ଆଧାର ଲିଙ୍କ୍ କରିବାରୁ ମୁକ୍ତ କରାଯାଇଛି। ଏହି ବର୍ଗରେ ଆସାମ, ଜମ୍ମୁ ଏବଂ କାଶ୍ମୀର ଏବଂ ମେଘାଳୟର ଲୋକ, ଅଣ-ନିବାସୀ, ୮୦ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ବୟସର ଲୋକ ଏବଂ ବିଦେଶୀ ନାଗରିକ ଅନ୍ତର୍ଭୁକ୍ତ।

# ବାଲିଯାତ୍ରାରେ ଫ୍ରିଡମ୍ ଷ୍ଟଲ୍ ଉଦ୍‌ଘାଟିତ



**କଟକ, ୬ା୧୧ :** ଖାଇବା ତେଲ ବ୍ରାଣ୍ଡ 'ଫ୍ରିଡମ୍'ର ଷ୍ଟଲ୍ କଟକ ବାଲିଯାତ୍ରାରେ ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ ବାରବାଟୀ କଟକ ବିଧାୟିକା ସୋଫିଆ ଫିରଦୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କଟକ ମହାନଗର ନିଗମ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୃପେନ୍ଦ୍ର ଶତପଥୀ, ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମିତା ବେହେରା ଏବଂ ଖାଦ୍ୟ ସ୍ୱାସ୍ଥ୍ୟ ନିରୀକ୍ଷକ ଭଗବାନ ଲେଙ୍କା ପ୍ରମୁଖ ଯୋଗଦେଇ ଫ୍ରିଡମ୍ ଷ୍ଟଲ୍‌କୁ ଉଦଘାଟନ କରିଥିଲେ। ଏହି ଅବସରରେ କମ୍ପାନୀ ପକ୍ଷରୁ ଅଫର ହିଁ ଅଫର୍ ପ୍ରଦାନ କରାଯାଉଛି। ଗ୍ରାହକ ୫ ଲିଟର ସନ୍‌ଫ୍ଲାୱାର ତେଲ କିଣିଲେ ଗୋଟିଏ ବାଲ୍‌ଟି ମାଗଣା ମିଳୁଥିବାବେଳେ ରାଇସ ବ୍ରାନ୍ ୫ ଲିଟର ତେଲ କିଣିଲେ ଗୋଟିଏ ବାଲ୍‌ଟି ସମ୍ପୂର୍ଣ୍ଣ ଭାବେ ମାଗଣାରେ ଯୋଗାଇ ଦିଆଯାଉଛି। ଏଥିସହିତ ସନଫ୍ଲାୱାର୍ ୨ ଲିଟର ଏବଂ ସୋରିଷ ତେଲ ୧ ଲିଟର କମ୍ବୋ ଅଫର ସହ ଆକର୍ଷଣୀୟ ମୂଲ୍ୟରେ ଯୋଗାଇ ଦିଆଯାଉଥିବାବେଳେ, ୫ ଲିଟର କଚିଘନି ସୋରିଷ ତେଲ ବକେଟ୍ ଜାରରେ ମଧ୍ୟ ଆକର୍ଷଣୀୟ ଅଫରରେ ଗୃହିଣୀଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିବା ଫ୍ରିଡମ୍ ଓଡ଼ିଶା ହେଡ ଅମୀୟ କୁମାର ଧଳ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରକାଶ କୁମାର ପାତ୍ର, ପ୍ରମୋଦ କୁମାର ଖିଲାର, ଅମିତ୍ କୁମାର ମହାନ୍ତି, ଆଶିଷ ଦାସ, ସମୀର କୁମାର ଜେନା, ଶରତ ପଟ୍ଟନାୟକ, ଜିବନେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ଫ୍ରିଡମ୍‌ର ଆକର୍ଷଣୀୟ ଅଫରରେ ଗୃହିଣୀଙ୍କ ଗହଳି**

# ସୌର ବିକାଶ ୩୭୦୦ କୋଟିର ପୁନଃଚକ୍ରଣ ବଜାର ସୃଷ୍ଟି କରିପାରିବ: ସିଇଇଡବ୍ଲ୍ୟୁ

**ନୂଆଦିଲ୍ଲୀ, ୬ା୧୧(ଏଜେନ୍ସି):** ଦେଶରେ ପରିତ୍ୟକ୍ତ ସୌର ପ୍ୟାନେଲରୁ ସାମଗ୍ରୀ ପୁନରୁଦ୍ଧାର ଏବଂ ପୁନଃବ୍ୟବହାର ଜରିଆରେ ୨୦୪୭ ସୁଦ୍ଧା ୩୭୦୦ କୋଟି ଟଙ୍କାର ବଜାର ସୁଯୋଗ ସୃଷ୍ଟି କରାଯାଇପାରୀବ। ଶକ୍ତି, ପରିବେଶ ଏବଂ ଜଳ ପରିଷଦ (ସିଇଇଡବ୍ଲ୍ୟୁ) ଦ୍ୱାରା ଆଜି ପ୍ରକାଶିତ ନୂତନ ସ୍ୱାଧୀନ ଅଧ୍ୟୟନରେ ଏହା କୁହାଯାଇଛି। ଅଧ୍ୟୟନଗୁଡ଼ିକରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ଯଦି ଏହି ସମ୍ଭାବନାକୁ ବାସ୍ତବରେ ପରିଣତ କରାଯାଏ ତେବେ ସୌର ଅପଚୟରୁ ସିଲିକନ୍, ତମ୍ବା, ଆଲୁମିନିୟମ୍ ଏବଂ ରୂପା ଭଳି ମୂଲ୍ୟବାନ ସାମଗ୍ରୀ ପୁନରୁଦ୍ଧାର ୨୦୪୭ ମସିହାରେ କ୍ଷେତ୍ରର ଉତ୍ପାଦନ ଇନପୁଟ୍‌ର ୩୮ ପ୍ରତିଶତ ପୂରଣ କରିପାରିବ ଏବଂ ପୁନଃଚକ୍ରିତ ସମ୍ବଳଗୁଡ଼ିକୁ ପୁନଃସ୍ଥାପିତ ସହିତ ବଦଳାଇ୩୭ ନିୟୁତ ଟନ୍ କାର୍ବନ ନିର୍ଗମନକୁ ଏଡାଇ ପାରିବ। ଭାରତର ସୌର ମଡ୍ୟୁଲ୍ ପୁନଃଚକ୍ରଣ ବଜାର ବର୍ତ୍ତମାନ ଏକ ବହୁତ ନବଜାତ ପର୍ଯ୍ୟାୟରେ ରହିଛି, କେବଳ କିଛି ବାଣିଜ୍ୟିକ ପୁନଃଚକ୍ରଣକାରୀ କାର୍ଯ୍ୟ କରୁଛନ୍ତି। ଯୁଗ୍ମ ସିଇଇଡବ୍ଲ୍ୟୁ ଅଧ୍ୟୟନ ଏକ ଘରୋଇ ସୌର ପୁନଃଚକ୍ରଣ ଇକୋସିଷ୍ଟମ ନିର୍ମାଣ ପାଇଁ ଭାରତର ପ୍ରଥମ ବ୍ୟାପକ ବ୍ଲୁପ୍ରିଣ୍ଟ ପ୍ରଦାନ କରୁଛି, ଯାହା ସ୍ୱଚ୍ଛ ଶକ୍ତି ଏବଂ ଉତ୍ପାଦନ ଆତ୍ମନିର୍ଭରଶୀଳତା ଉଭୟକୁ ସମର୍ଥନ କରେ। ୨୦୪୭ ସୁଦ୍ଧା ଭାରତର ସ୍ଥାପିତ ସୌର କ୍ଷମତା ୧୧ ନିୟୁତ ଟନ୍‌ରୁ ଅଧିକ ସୌର ଅପଚୟ ଉତ୍ପାଦନ କରିପାରିବ, ମୁଖ୍ୟତଃ ସ୍ଫଟିକ-ସିଲିକନ୍ ମଡ୍ୟୁଲ୍‌ରୁ। ଏହାକୁ ପରିଚାଳନା କରିବା ପାଇଁ ସାରା ଦେଶରେ ପ୍ରାୟ ୩୦୦ ପୁନଃଚକ୍ରଣ ପ୍ଲାଣ୍ଟ ଏବଂ ୪୨୦୦ କୋଟି ନିବେଶ ଆବଶ୍ୟକ ହେବ ବୋଲି ଅଧ୍ୟୟନରେ ଆକଳନ କରାଯାଉଛି।

# ୮.୯୬% କାର୍ବନ ତୀବ୍ରତା କମାଇଲା ବେଦାନ୍ତ ଆଲୁମିନିୟମ

**ଭୁବନେଶ୍ୱର, ୬ା୧୧(ସମିସ):** ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଆର୍ଥିକବର୍ଷ ୨୫ ପାଇଁ ଏହାର ସ୍ଥାୟୀ ବିକାଶ ରିପୋର୍ଟ ପ୍ରକାଶ ସହିତ ଏକ ସ୍ଥାୟୀତ୍ୱ ନେତା ଭାବରେ ଏହାର ସ୍ଥିତିକୁ ପୁନଃନିର୍ଦ୍ଦିଷ୍ଟ କରିଛି। ରିପୋର୍ଟ ଟି ଡିକାର୍ବୋନାଇଜେସନ, ନବୀକରଣୀୟ ଶକ୍ତି ଗ୍ରହଣ ଏବଂ ବୃତାକାର ଅର୍ଥନୀତି ଅଭ୍ୟାସରେ କମ୍ପାନୀର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ପ୍ରଦର୍ଶନ କରେ ଯାହା ଭାରତର ନେଟ୍ ଶୂନ୍ୟ ୨୦୭୦ ଦୃଷ୍ଟିକୋଣ ସହିତ ଏହାର ସମନ୍ୱୟକୁ ଗୁରୁତ୍ୱ ଦିଏ ଏବଂ ଏକ ଅଧିକ ସ୍ଥାୟୀ ଶିଳ୍ପ ଭବିଷ୍ୟତ ଗଠନରେ ଏହାର ଭୂମିକାକୁ ଗୁରୁତ୍ୱ ଦିଏ। ବେଦାନ୍ତ ଆଲୁମିନିୟମ ଏହାର କାର୍ଯ୍ୟର ପ୍ରତ୍ୟେକ ଦିଗରେ ସ୍ଥାୟୀତ୍ୱକୁ ସାମିଲ କରୁଛି ଯାହା ସ୍ମେଲଟରଗୁଡ଼ିକୁ ଡିକାର୍ବୋନାଇଜେସନ୍ କରିବା ଏବଂ ରିଫାଇନିଂ ପ୍ରକ୍ରିୟା ଠାରୁ ଆରମ୍ଭ କରି ସମ୍ପ୍ରଦାୟକୁ ସଶକ୍ତ କରିବା ଏବଂ ଇକୋସିଷ୍ଟମକୁ ପୁନରୁଦ୍ଧାର କରିବା ପର୍ଯ୍ୟନ୍ତ କାର୍ଯ୍ୟ କରୁଛି। ରିପୋର୍ଟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ଯେ କମ୍ପାନୀର ଦର୍ଶନ, ରେସପନ୍ସିବଲ୍ ଟୁଡେ, ସଷ୍ଟେନେବଲ୍ ଅଲୱେଜ୍, ଭାରତର ଆଲୁମିନିୟମ୍ ମୂଲ୍ୟ ଶୃଙ୍ଖଳରେ ଏକ ଆଦର୍ଶ ପରିବର୍ତ୍ତନ ଆଣିଛି। ଓଡ଼ିଶା ଏବଂ ଛତିଶଗଡ଼ରେ ବିଶ୍ୱସ୍ତରୀୟ ସୁବିଧା ସହିତ, ବେଦାନ୍ତ ଆଲୁମିନିୟମ ଆର୍ଥିକବର୍ଷ ୨୫ ରେ ପରିବେଶଗତ ଅଣ-ପାଳନ ପାଇଁ ଶୂନ୍ୟ ସହନଶୀଳତା ବଜାୟ ରଖି ଭାରତର ମୋଟ ଉତ୍ପାଦନର ଅଧାରୁ ଅଧିକ ୨.୪୨ ନିୟୁତ ଟନ୍ ଆଲୁମିନିୟମ ଉତ୍ପାଦନ କରିଥିବା ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି।




# ବିଓବି ପକ୍ଷରୁ ବରୋଦା ଅନୁଭୂତି କାର୍ଯ୍ୟକ୍ରମ




**ଭୁବନେଶ୍ୱର,୬ା୧୧(ସମିସ):** ବ୍ୟାଙ୍କ ଅଫ୍ ବରୋଦା (ବିଓବି) ପକ୍ଷରୁ ବରୋଦା ଅନୁଭୂତି କାର୍ଯ୍ୟକ୍ରମ ଅଧୀନରେ ଭୁବନେଶ୍ୱର ସ୍ଥିତ ସ୍ୱସ୍ତି ପ୍ରିମିୟମ୍‌ରେ ୨୦୨୫ ନଭେମ୍ବର ୩ ଓ ୪ ତାରିଖରେ ଆନ୍ତଃ-ଜୋନ୍ ଚେସ୍ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ କର୍ପୋରେଟ୍ କାର୍ଯ୍ୟାଳୟ , ମୁଖ୍ୟ କାର୍ଯ୍ୟାଳୟ ଓ ସାରା ଭାରତରେ ଥିବା ୨୫ଟି ଜୋନ୍‌କୁ ପ୍ରତିନିଧିତ୍ୱ କରୁଥିବା ୧୫୦ରୁ ଅଧିକ କର୍ମଚାରୀ ଅଂଶଗ୍ରହଣ କରିଥିଲେ। କର୍ମଚାରୀ କଲ୍ୟାଣକୁ ଉତ୍ସାହିତ କରିବା ଏବଂ ଚେସ୍ ଭଳି ଏକ ବୌଦ୍ଧିକ କ୍ରୀଡ଼ା ଜରିଆରେ ବନ୍ଧୁତାକୁ ସୁଦୃଢ଼ କରିବା ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବ୍ୟାଙ୍କ ଭୁବନେଶ୍ୱର ଜୋନ୍‌ର ମହାପ୍ରବନ୍ଧକ ଓ ଜୋନାଲ୍ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟଙ୍କ ସମେତ ଉପ ମହାପ୍ରବନ୍ଧକ (ବ୍ୟବସାୟ ବିକାଶ) ଶିବ ପଦ ନାୟକ ଓ ଉପ ମହାପ୍ରବନ୍ଧକ (କମ୍ପ୍ଲାଏନ୍ସ ଆଣ୍ଡ ଆସ୍ୟୁରାନ୍ସ) ଭି ଏମ୍ ଏନ୍ ଏସ୍ ସାଇବାବୁ ଯୋଗଦେଇଥିଲେ। ଏଥିରେ ବ୍ୟାଙ୍କ ଅଫ୍ ବରୋଦାର ଭୁବନେଶ୍ୱର ଜୋନ୍‌ର ମହାପ୍ରବନ୍ଧକ ଓ ଜୋନାଲ୍ ମୁଖ୍ୟ ସ୍ୱପ୍ନା ବନ୍ଦୋପାଧ୍ୟାୟ କହିଛନ୍ତି ଯେ, ବ୍ୟାଙ୍କ୍ ଅଫ୍ ବରୋଦା ବିଶ୍ୱାସ କରେ କି କର୍ମଚାରୀଙ୍କ କଲ୍ୟାଣ ଯୋଜନା ସେମାନଙ୍କ ପେସାଦାର ସଫଳତାରେ ସହାୟତା କରିଥାଏ।

# ଡିଜିଟାଲ ପଦ୍ଧତିରେ ପେନ୍‌ସନ୍‌ଭୋଗୀ ପାଇବେ ଜୀବନ ପ୍ରମାଣପତ୍ର

**ନୂଆଦିଲ୍ଲୀ,୬ା୧୧(ଏଜେନ୍ସି):** କେନ୍ଦ୍ର କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ ମନ୍ତ୍ରଣାଳୟ ଅଧିନସ୍ଥ ପେନସନ ଓ ପେନସନଭୋଗୀ କଲ୍ୟାଣ ବିଭାଗ (ଡିଓପିପିଡବ୍ଲ୍ୟୁ), ଦେଶବ୍ୟାପୀ ଡିଜିଟାଲ ଜୀବନ ପ୍ରମାଣପତ୍ର (ଡିଏଲସି) ଅଭିଯାନ ୪.୦ ଆରମ୍ଭ କରିଛି। ଏହି ଅଭିଯାନ ଚଳିତମାସ ୧ରୁ ୩୦ ପର୍ଯ୍ୟନ୍ତ ଚାଲିବ। ପେନସନଭୋଗୀଙ୍କ ଡିଜିଟାଲ ସଶକ୍ତୀକରଣ ଲାଗି ସରକାରଙ୍କ ଦୃଷ୍ଟିକୋଣ ଅନୁସାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି ଅଭିଯାନ ଦେଶର ୨,୦୦୦ ସହର ଓ ଟାଉନରେ ଆୟୋଜନ ହେଉଛି। ତେବେ ଏହି ଅଭିଯାନ ଜରିଆରେ ଏକାଧିକ ଡିଜିଟାଲ ପଦ୍ଧତି ମାଧ୍ୟମରେ ଜୀବନ ପ୍ରମାଣପତ୍ର ଦେବାକୁ ପେନସନଭୋଗୀଙ୍କୁ ସୁବିଧା ପ୍ରଦାନ କରାଯାଇଛି। ପେନସନଭୋଗୀଙ୍କ ପାଇଁ ସହଜ ଜୀବନଯାପନକୁ ପ୍ରୋତ୍ସାହିତ କରିବା ପାଇଁ, ବିଭାଗ ୨୦୨୧ ମସିହାରେ ଆରମ୍ଭ ହୋଇଥିବା ଆଧାର-ଭିତ୍ତିକ ମୁଖ ସତ୍ୟାପନ ପ୍ରଯୁକ୍ତିବିଦ୍ୟା (ଫେସ୍ ଅଥେଣ୍ଟିକେସନ୍ ଟେକ୍ନୋଲୋଜି)ର ବ୍ୟବହାରକୁ ପ୍ରୋତ୍ସାହିତ କରିଚାଲିଛି, ଯାହା ଦ୍ୱାରା ପେନସନଭୋଗୀମାନେ ଘରେ ବସି ସ୍ମାର୍ଟଫୋନ୍ ବ୍ୟବହାର କରି ସେମାନଙ୍କର ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ। ଇଣ୍ଡିଆ ପୋଷ୍ଟ ପେମେଣ୍ଟସ୍ ବ୍ୟାଙ୍କ ଅତି ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମ ପେନସନଭୋଗୀମାନଙ୍କୁ ସେମାନଙ୍କ ଘରକୁ ଯାଇ ଡିଏଲସି ସେବା ପ୍ରଦାନ କରିଥିଲା। ସେହିପରି ବ୍ୟାଙ୍କ, ପେନସନଭୋଗୀ ସଂଘ ଏବଂ କ୍ଷେତ୍ର କାର୍ଯ୍ୟାଳୟଗୁଡ଼ିକ ସଚେତନତା ଶିବିର ଆୟୋଜନ କରିଥିଲେ ଏବଂ ସେସବୁ ସ୍ଥାନରେ ସହାୟତା ପ୍ରଦାନ କରିଥିଲେ।



# ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲର ଯୁବ ଉଦ୍ଭାବକ ଦୃଷ୍ଟିହୀନଙ୍କ ପାଇଁ ଏଆଇ ସମାଧାନ





**ଭୁବନେଶ୍ୱର, ୬ା୧୧(ସମିସ):** ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡ଼ର ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲର ଦୁଇ ଯୁବ ଉଦ୍ଭାବକ - ଲୋକେଶ ଲାଲ ମାଝୀ ଏବଂ ଅମୟ ପ୍ରସାଦ ମହାକୁଡ, ଉଭୟ ଏକାଦଶ ଶ୍ରେଣୀର ଛାତ୍ରଙ୍କ ଉଲ୍ଲେଖନୀୟ ସଫଳତାକୁ ଗର୍ବର ସହିତ ପାଳନ କରୁଛି। ଛାତ୍ରମାନେ ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପ୍ରତିଷ୍ଠିତ ଏଟିଏଲ୍ ସ୍ପାର୍କ ଟ୍ୟାଙ୍କ - ଫ୍ୟୁଚର୍ ମେକର୍ ଆଇଡିଆଥନ୍ ରେ ପ୍ରଥମ ପୁରସ୍କାର ଜିତି କଳାହାଣ୍ଡି ପାଇଁ ଅତ୍ୟନ୍ତ ଗର୍ବ ଆଣିଛନ୍ତି। ସାରା ଓଡ଼ିଶାର ସ୍କୁଲରୁ ୧୦୮ଟି ଅଭିନବ ପ୍ରକଳ୍ପ ସହ ପ୍ରତିଯୋଗିତା କରି, ତାଙ୍କର ପ୍ରୋଜେକ୍ଟ ଏହାର ମୌଳିକତା, ଉଦ୍ଦେଶ୍ୟ ଏବଂ ବାସ୍ତବ-ବିଶ୍ୱ ପ୍ରଭାବ ସହିତ ବିଚାରକମାନଙ୍କୁ ପ୍ରଭାବିତ କରିଥିଲା, ସେମାନଙ୍କୁ ଶ୍ରେଷ୍ଠ ୧୫ ଫାଇନାଲିଷ୍ଟଙ୍କ ମଧ୍ୟରେ ସ୍ଥାନ ଦେଇଥିଲା ଏବଂ ଶେଷରେ ଚାମ୍ପିଅନ ଉପାଧି ହାସଲ କରିଥିଲା। ଏହି ଯୁଗଳଙ୍କୁ ଚାମ୍ପିଅନ ଟ୍ରଫି ସହିତ ୧୫,୦୦୦ ଟଙ୍କାର ନଗଦ ପୁରସ୍କାର ମିଳିଥିଲା, ଯାହା ସ୍କୁଲ ଏବଂ ବେଦାନ୍ତ ଆଲୁମିନିୟମ ବ୍ୟବସାୟ ପାଇଁ ଏକ ଗର୍ବର ମୁହୂର୍ତ୍ତ ଥିଲା।

# ମେକ୍ ମାଇଁ ଟ୍ରିପ୍ ର ଟ୍ରାଭେଲ୍ କା ମହୁରତ

**ନୂଆଦିଲ୍ଲୀ,୬ା୧୧ :** ମେକ ମାଇଁ ଟ୍ରିପର ପ୍ରଥମ 'ଟ୍ରାଭେଲ୍ କା ମହୁରତ (ଅକ୍ଟୋବର ୨୯ - ନଭେମ୍ବର ୩)ର ପ୍ରଥମ ଛଅ ଦିନର ପ୍ରାରମ୍ଭିକ ଧାରା ଦର୍ଶାଉଛି ଯେ ଅଧିକ ଲୋକ ପୂର୍ବରୁ ସେମାନଙ୍କର ଯାତ୍ରା ଯୋଜନା କରୁଛନ୍ତି, ନୂତନ ଗନ୍ତବ୍ୟସ୍ଥଳ ଅନୁସନ୍ଧାନ କରୁଛନ୍ତି ଏବଂ ପ୍ରିମିୟମ୍ ରହଣିକୁ ବାଛିଛନ୍ତି। ସମାନ ସମୟରେ, ଯାତ୍ରୀମାନେ ଭଲ ଡିଲ୍ ଏବଂ ଅଫର ଖୋଜୁଛନ୍ତି। ବର୍ଷ ଶେଷ ବିମାନ ପାଇଁ ପ୍ରାରମ୍ଭିକ ବୁକିଂ ଗତ ବର୍ଷ ତୁଳନାରେ ଦୁଇଗୁଣ ହୋଇଛି। ପ୍ରିମିୟମ୍ ହୋଟେଲ ଏବଂ ରହଣି ବିକଳ୍ପର ଏକ ବ୍ୟାପକ ପରିସର ଏହି ଋତୁର ମୁଖ୍ୟ ଆକର୍ଷଣ ମଧ୍ୟରେ ରହିଛି। ଘରୋଇ କ୍ଷେତ୍ରରେ, ଛଅ ଦିନର ଅବଧି ମଧ୍ୟରେ ଯାତ୍ରୀମାନେ ସାରା ଭାରତରେ ବିମାନ ବୁକ୍ କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ, ଅନ୍ତର୍ଜାତୀୟ ବିମାନ ବୁକିଂ ୧୧୫ଟି ଦେଶର ୩୬୨ଟି ବିମାନବନ୍ଦରରେ ବ୍ୟାପିଥିଲା, ଯାହା ୧୧୩ଟି ଏୟାରଲାଇନ୍ସ ଦ୍ୱାରା ସେବା ଯୋଗାଇ ଦିଆଯାଇଥିଲା।

# "ଭାରତୀୟ ଉଦ୍ୟୋଗ ଉପରେ ନିୟାମକ ଅନୁପାଳନ ବୋଝ ଅଧିକ"

## ନିୟମାବଳୀ 'ନବସୃଜନ ଓ ରୋଜଗାର ସୃଜନରେ ବାଧା ନ ଆଣୁ'

**ନୂଆଦିଲ୍ଲୀ,୬ା୧୧(ଏଜେନ୍ସି):** ଭାରତର ପୂର୍ବତନ ଜି-୨୦ ଶେରପା ଅମିତାଭ କାନ୍ତ ଗୁରୁବାର ଭାରତୀୟ ଉଦ୍ୟୋଗ ଉପରେ ପଡୁଥିବା ନିୟାମକ ଅନୁପାଳନ ଜନିତ ବୋଝ କଥା ଉଠାଇଛନ୍ତି। ଦେଶରେ ଏଭଳି ସମାଜବାଦୀ ମାନସିକତା ଏବେ ବି ଜାରି ରହିଥିବା ସେ ଦୁଃଖର ସହ କହିଛନ୍ତି। ଏକ୍ସଲେନ୍ସ ଏନେବଲର୍ସ କାର୍ଯ୍ୟକ୍ରମରେ ଭାଷଣ ଦେଇ ଅମିତାଭ କାନ୍ତ କହିଛନ୍ତି, ଭାରତର ନିୟାମକ ବାତାବରଣ ଅନୁପାଳନର ଅଧିକ ବୋଝ ପକାଉଛି। ବ୍ରିଟିଶ ରାଜ୍ ଅନେକ ଦିଗରେ ଲାଇସେନ୍ସ ରାଜର ରୂପ ନେଇଛି ଏବଂ ଆମର ସମାଜବାଦୀ ମାନସିକତା ଏବେ ବି ବଜାୟ ଅଛି।

ସେ କହିଛନ୍ତି ଯେ ଭାରତର ଉଦ୍ୟୋଗଗୁଡ଼ିକୁ ଅତ୍ୟଧିକ ନିୟନ୍ତ୍ରଣ ଏବଂ ଅନୁପାଳନ ବୋଝରୁ ମୁକ୍ତ କରାଯିବା ଆବଶ୍ୟକ। ପୂର୍ବତନ ବ୍ୟୁରୋକ୍ରାଟ୍ ୬ ବର୍ଷ ପାଇଁ ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ସେ କହିଛନ୍ତି ଯେ ନିୟମାବଳୀକୁ "ନିରପେକ୍ଷ ନିୟନ୍ତ୍ରଣ ପାଇଁ ଖଣ୍ଡା ଭାବରେ ନୁହେଁ, ବିଶ୍ୱାସ ଏବଂ ସ୍ୱଚ୍ଛତାର ଢାଲ ଭାବରେ ପୁନଃଆକାର ଦେବା ଆବଶ୍ୟକ। ନିୟମାବଳୀ ଏପରି ପ୍ରସ୍ତୁତ କରାଯିବା ଦରକାର ଯାହା, ନବସୃଜନ ଓ ରୋଜଗାର ସୃଜନରେ ବାଧା ପହଞ୍ଚାଉ ନ ଥିବ, ବରଂ ଏପରି ଭୂମିକା ଗ୍ରହଣ କରିବା ଦରକାର ଯାହା ବିକାଶକୁ ପ୍ରୋତ୍ସାହିତ କରିବ। ସେ ଚେତାବନୀ ଦେଇ କହିଛନ୍ତି ଯେ ବିକଶିତ ଭାରତ ଅଭିଯାନ ଅଧିନରେ ୩୦ ଟ୍ରିଲିୟନ



ଆମେରିକୀୟ ଡଲାରର ଜିଡିପି ଲକ୍ଷ୍ୟ ଜଟିଳ ନିୟମାବଳୀ ସହ ହାସଲ କରାଯାଇପାରିବ ନାହିଁ। ଅମିତାଭ କାନ୍ତ କହିଛନ୍ତି, ସରକାର ଓ ନିୟମାବଳୀର ଭୂମିକାକୁ ନିୟନ୍ତ୍ରିତରୁ ସକ୍ଷମକୁ ପରିବର୍ତ୍ତନ କରିବାକୁ ପଡ଼ିବ। ସେ ଏକ ପ୍ରଭାବ ମୂଲ୍ୟାଙ୍କନକୁ ସଂସ୍ଥାଗତ କରିବାର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ଗୋଟିଏ ନିୟାମକ ଭିତରେ ଶକ୍ତିଗୁଡ଼ିକୁ କେନ୍ଦ୍ରିତ କରିବା ଉପରେ ସେ ଆପତ୍ତି ଉଠାଇଛନ୍ତି। ସେ କହିଛନ୍ତି, ଭାରତୀୟ ନିୟାମକ ସଂସ୍ଥାମାନଙ୍କୁ ନିୟମ ପ୍ରଣୟନ, ପ୍ରବର୍ତ୍ତନ ଏବଂ ବିଚାର ପାଇଁ ତିନୋଟି ସ୍ୱତନ୍ତ୍ର ପର୍ଯ୍ୟାୟ ପାଇଁ ପୁନର୍ଗଠିତ କରାଯିବା ଉଚିତ। ଯେଉଁଠାରେ ଏହା ସମ୍ଭବ ନୁହେଁ, ସେଠାରେ ସ୍ୱାଧୀନ ଟ୍ରିବ୍ୟୁନାଲଗୁଡ଼ିକ ହସ୍ତକ୍ଷେପ କରିବା ଉଚିତ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଦୂରସ୍ଥାନକୁ ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଐତିହ୍ୟ

- ୧୮୫୮ - ସ୍ୱାଧୀନତା ସଂଗ୍ରାମୀ ବିପିନ୍ ଚନ୍ଦ୍ର ପାଲ୍‌ଙ୍କ ଜନ୍ମ।
- ୧୮୭୫- ବଙ୍କିମ୍ ଚନ୍ଦ୍ର ଚଟ୍ଟୋପାଧ୍ୟାୟ 'ବନ୍ଦେ ମାତରମ୍' ଗୀତର ରଚନା କଲେ।
- ୧୯୬୮ - ତତ୍କାଳୀନ ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା।
- ୧୯୮୨- ତୁର୍କୀରେ ସମ୍ବିଧାନ ଲାଗୁ କରାଗଲା।
- ୨୦୦୨- ଇରାନ୍ ଆମେରିକୀୟ ଉତ୍ପାଦର ବିଜ୍ଞାପନ ଉପରେ କଟକଣା ଲଗାଇଲା।
- ୨୦୧୨- ଗୁଏଟ୍‌ମାଲାରେ ଭୂମିକମ୍ପ ଯୋଗୁ ୫୨ ଜଣଙ୍କ ମୃତ୍ୟୁ।



## ୨୦୨୬ରେ 'କିଙ୍ଗ୍'

ବଲିଉଡ୍ ବାଦଶାହ ଶାହାରୁଖ ଖାନ ନିକଟରେ ତାଙ୍କର ୬୦ ତମ ଜନ୍ମଦିନ ପାଳନ କରିଛନ୍ତି। ଶାହାରୁଖ୍‌ଙ୍କ ଜନ୍ମଦିନ (ନଭେମ୍ବର ୨) ଅବସରରେ ତାଙ୍କର ଆଗାମୀ ଫିଲ୍ମ 'କିଙ୍ଗ୍'ର ଟିଜର୍ ଆସିଛି। ଏଥିରେ ଫିଲ୍ମର ନାମ ସହ ରିଲିଜ୍ ଡେଟ୍ ମଧ୍ୟ ଘୋଷଣା କରାଯାଇଛି। ଟିଜର୍‌ରେ ଶାହାରୁଖ୍ ଧଳା କେଶ, କାନରେ କାନଫୁଲ ପିନ୍ଧିଥିବାର ଦେଖାଯାଇଛନ୍ତି। ଏଥିରେ ଶାହାରୁଖ୍‌ଙ୍କ ଆକ୍ସନ ସିନ୍‌ଗୁଡ଼ିକ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି। ଏହାସହ ଫିଲ୍ମର ନାମ 'କିଙ୍ଗ୍' ହେବ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ୨୦୨୬ରେ ପରଦାକୁ ଆସିବ। ଫିଲ୍ମର ବଜେଟ୍ ରହିଛି ୨୦୦ କୋଟି। ଏଥିରେ ଶାହାରୁଖ୍‌ଙ୍କ ସହ ଦୀପିକା ପାଦୁ୍ୟକୋନ୍, ଅଭିଷେକ ବଚ୍ଚନ, ଅନୀଲ କପୁର, ଜ୍ୟାକି ସ୍ରଫ୍ ପ୍ରମୁଖ ନଜର ଆସିବେ। 'କିଙ୍ଗ୍'ରେ ଶାହାରୁଖ୍‌ଙ୍କ ଝିଅ ସୁହାନା ଖାନ୍ ମଧ୍ୟ ଦେଖାଯିବେ।

## ଶରୀର ପାଇଁ ଭଲ ବିନା ତେଲର ଖାଦ୍ୟ



ଅତ୍ୟଧିକ ତେଲ ଖାଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ହେଲେ ବିନା ତେଲରେ ରୋଷେଇ କରିବା ଅସମ୍ଭବ, ଏକଥା ସମସ୍ତେ ଜାଣନ୍ତି। ଅବଶ୍ୟ ଆଜିକାଲି ବିନା ତେଲରେ କେତେକ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ସେହିପରି ଖାଦ୍ୟ ପ୍ରସ୍ତୁତି ଲାଗି କେଉଁ ତେଲ ଉତ୍ତମ, ତା'କୁ ନେଇ ବି ଦ୍ୱନ୍ଦ୍ୱ ଲାଗି ରହେ। ବିଶେଷକରି ସୋରିଷ ତେଲ ଓ ଅଲିଭ୍ ତେଲ ବ୍ୟବହାର କରିବାକୁ ନେଇ ଲୋକେ ଶଙ୍କାରେ ରହନ୍ତି। ହେଲେ ଭାରତୀୟଙ୍କ ମଧ୍ୟରେ ସୋରିଷ ତେଲ ଖୁବ୍ ଲୋକପ୍ରିୟ। ଭାରତୀୟ ବ୍ୟଞ୍ଜନଗୁଡ଼ିକରେ ସୋରିଷ ତେଲର ଅଧିକ ବ୍ୟବହାର କରାଯାଏ। ଅନେକ ଗବେଷଣାନୁସାରେ, ହାଲକାଫୁଲକା ବ୍ୟଞ୍ଜନରେ ଅଲିଭ୍ ତେଲ ବ୍ୟବହାର କରିବା ଭଲ। ଅନ୍ୟପକ୍ଷରେ ଏନେଇ ଡାକ୍ତରଙ୍କ କହିବା କଥା, ଏମିତି କୌଣସି ତେଲ ନାହିଁ, ଯାହା ଶରୀର ପାଇଁ ସମ୍ପୂର୍ଣ୍ଣ ଭାବେ ସୁରକ୍ଷିତ। ତେଣୁ ଖାଦ୍ୟରେ ଯେତେସମ୍ଭବ କମ୍ ମାତ୍ରାରେ ତେଲ ବ୍ୟବହାର କରିବା ଉଚିତ। ତେବେ ଓଜନ କମ୍ କରିବାକୁ ଚାହୁଁଥିବା ଲୋକେ ନିଜ ଡାଏଟ୍‌ରେ ତେଲ କମ୍ କରିବା ଦରକାର। ଲଗାତାର ଦୁଇ ସପ୍ତାହ ପର୍ଯ୍ୟନ୍ତ ଖାଦ୍ୟରୁ ତେଲ ବାଦ୍ ଦେବା ଦ୍ୱାରା ଏହାଦ୍ୱାରା ଅନେକ ଫାଇଦା ମିଳିଥାଏ। ବିନା ତେଲର ଖାଦ୍ୟ ପ୍ରାଚନକ୍ରିୟା ପାଇଁ ଭଲ ହୋଇଥାଏ। ବିନା ତେଲରେ ଖାଦ୍ୟ ଖାଇବା ଦ୍ୱାରା ପେଟ ଫୁଲା ଓ ହଜମ ଜନିତ ସମସ୍ୟାର ଆଶଙ୍କା କମ୍ ଥାଏ। ତେଲରେ ବହୁତ ଅଧିକ କ୍ୟାଲୋରି ଥାଏ। ତେଣୁ ଏହାକୁ ଖାଦ୍ୟରେ ବ୍ୟବହାର ନ କରିବା ଦ୍ୱାରା ଶରୀରରେ କ୍ୟାଲୋରି ପରିମାଣ ହ୍ରାସ ପାଏ। ତେଲରେ ଚର୍ବି ଓ କ୍ୟାଲୋରି ଥାଏ। ତେଣୁ ବିନା ତେଲରେ ଖାଦ୍ୟ ପ୍ରସ୍ତୁତି କରିବା ଦ୍ୱାରା ଓଜନ କମ୍ କରିବାରେ ଏହା ସାହାଯ୍ୟ କରେ। ବିନା ତେଲରେ ରୋଷେଇ କରିବା ଦ୍ୱାରା ସାଚ୍ୟୁରେଟେଡ୍ ଫ୍ୟାଟ୍ ଏବଂ ଟ୍ରାନ୍ସ ଫ୍ୟାଟ୍ କମ୍ ହୁଏ। ଏହାଦ୍ୱାରା ଶରୀରରେ ଏଲ୍‌ଡିଏଲ୍(ଖରାପ) କୋଲେଷ୍ଟ୍ରଲ ସ୍ତର ହ୍ରାସ ପାଏ, ହୃଦ୍ ରୋଗ ଆଶଙ୍କା କମ୍ ହୁଏ। ଅନ୍ୟପଟେ ବିନା ତେଲରେ ବି ଆଜିକାଲି ଅନେକ ସ୍ୱାଦିଷ୍ଟ ରାନ୍ଧଣା ପ୍ରସ୍ତୁତ କରାଯାଉଛି। ଇଡ୍‌ଲି, ଢୋକଲା, ସୁପ୍, ଓଟ୍ସ, ଉପମା, ଦଲିଆ, ସାଲାଡ ମଧ୍ୟ ତିଆରି କରାଯାଇପାରିବ। ଅନ୍ୟପକ୍ଷରେ ଜଣେ ତେଲ ବଦଳରେ ଘିଅ ବ୍ୟବହାର କରିପାରିବେ। ଏଥିରେ ଅନେକ ପୋଷକତତ୍ତ୍ୱ ଥାଏ।

## ବିନା ଦୋକାନୀରେ ଚାଲେ ଦୋକାନ



ବିଶ୍ୱର ପ୍ରତ୍ୟେକ ସହର ନିଜସ୍ୱ ସ୍ୱତନ୍ତ୍ରତା ତଥା ଭିନ୍ନତା ପାଇଁ ଜଣାଯାଏ। ଏଭଳି ଏକ ସହର ହେଉଛି ନାଗାଲାଣ୍ଡର ଫୁଟ୍‌ସେରୋ। ଏହି ସହରରେ ଥିବା ଥିବା ଦୋକାନଗୁଡ଼ିକରେ ଦୋକାନୀ ବସନ୍ତିନି। ଦୋକାନରେ ଜିନିଷ ଭର୍ତ୍ତି ହୋଇଥିଲେ ସୁଦ୍ଧା ଏହାକୁ ବିକ୍ରି କରିବା ପାଇଁ ଦୋକାନୀ ନ ଥାନ୍ତି। ଦୋକାନରେ ଥିବା ପ୍ରତ୍ୟେକ ଜିନିଷ ଉପରେ ଏହାର ମୂଲ୍ୟ ଲେଖାଯାଇଥାଏ। ସେହି ଅନୁଯାୟୀ, ଲୋକେ ନିଜ ଆବଶ୍ୟକ ଜିନିଷ କିଣି ଦୋକାନରେ ଟଙ୍କା ରଖି ଦେଇ ଯାଆନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଦୋକାନରେ ଥିବା କ୍ୟାସ୍ ବକ୍ସରୁ ଚୋରି ମଧ୍ୟ ହୁଏନାହିଁ। ଏଠାକାର ଦୋକାନୀମାନଙ୍କର ଲୋକଙ୍କ ଉପରେ ଥିବା ବିଶ୍ୱାସ ଓ ଗ୍ରାହକଙ୍କ ସଚ୍ଚୋଟପଣିଆ ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଏଠାରେ ୨୦ ଟି ଦୋକାନ ଅଛି। ବିଶେଷ କରି ମହିଳା ଚାଷୀମାନେ ଏହି ଦୋକାନ ଚଳାଇଥାନ୍ତି। ଦୋକାନଗୁଡ଼ିକରେ ଫଳ, ପନିପରିବା, ଆଚାର, ଜାମ୍ ଓ ଜୁସ୍ ବିକ୍ରି ହୋଇଥାଏ। ସକାଳୁ ନେଇ ସଞ୍ଜ ଯାଏ ଏହି ଦୋକାନ ସବୁ ଖୋଲା ରହିଥାଏ। ଏହାର ମାଲିକମାନେ କ୍ଷେତରୁ ଘରକୁ ଫେରିଲାବେଳେ ଦୋକାନରୁ ଟଙ୍କା ନେଇ ଯାଆନ୍ତି। ଦୋକାନ ମଧ୍ୟରେ ସିସିଟିଭି କ୍ୟାମେରା ଲାଗି ନାହିଁ କି ଏହାକୁ ସୁରକ୍ଷାକର୍ମୀମାନେ ମଧ୍ୟ ଜଗନ୍ତି ନାହିଁ। ସ୍ଥାନୀୟ ଅଞ୍ଚଳର ଜଣେ ସମାଜସେବୀ ଅଙ୍ଗ ବେଖାଟାଲୁଙ୍କ କହିବାନୁଯାୟୀ, ଏହି ଦୋକାନଗୁଡ଼ିକ ୧୫ ବର୍ଷ ପୂର୍ବରୁ ଖୋଲାଯାଇଛି। ଦୋକାନରୁ ନାଗା ଓ ଅଣନାଗା ଶ୍ରେଣୀର ଲୋକମାନେ ଜିନିଷ କିଣାବିକା କରିଥାନ୍ତି। ଲୋକମାନେ ଜିନିଷ ନେଇ ଦୋକାନରେ ଥିବା ବାକ୍ସରେ ଟଙ୍କା ରଖି ଦିଅନ୍ତି। ସେହିପରି କେହି କେହି ୟୁପିଆଇ ପେମେଣ୍ଟ ମଧ୍ୟ କରିଥାନ୍ତି। ଏଠାକାର ମହିଳା ଚାଷୀମାନେ ଦୋକାନରୁ ନିତିଦିନ ପାଖାପାଖି ୨୦୦୦ ଟଙ୍କା ଆୟ କରନ୍ତି। ଅବଶ୍ୟ ବେଳେ ବେଳେ ଲୋକ ଟଙ୍କା ନ ଦେଇ ମଧ୍ୟ ଜିନିଷ ନେଇଯାଆନ୍ତି। ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଏଭଳି ଦୋକାନ ଦେଖି ଆଚମ୍ବିତ ହୋଇଥାନ୍ତି।

## ସୁନା ଷ୍ଟ୍ରରେ ପିଅନ୍ତି ଚା'

ଥଣ୍ଡାପାନୀୟ କିମ୍ବା ପଇଡ଼ ପିଇବା ସମୟରେ ଅନେକ ଲୋକ ଷ୍ଟ୍ର ବ୍ୟବହାର କରନ୍ତି। ଷ୍ଟ୍ର ମୁଖ୍ୟତଃ ପ୍ଲାଷ୍ଟିକ୍ କିମ୍ବା କାଗଜରୁ ତିଆରି ହୋଇଥାଏ। ହେଲେ ଚୀନ୍, ଝେଜିୟାଙ୍ଗ ପ୍ରଦେଶର ଶୌଉ ନାମକ ବ୍ୟକ୍ତି କେବଳ ଚା ପିଇବା ପାଇଁ ଭାରତୀୟ ମୁଦ୍ରାରେ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏକ ସୁନାର ଷ୍ଟ୍ର ତିଆରି କରିଛନ୍ତି। ବିନା ଷ୍ଟ୍ରରେ ଚା' ପିଇବାକୁ ତାଙ୍କୁ ଭଲ ଲାଗୁ ନ ଥିବାରୁ ବରାଦ ଦେଇ ସେ ୧୦୦ ଗ୍ରାମ୍ ସୁନାରେ ଏହି ଷ୍ଟ୍ରଟିକୁ ତିଆରି କରିଥିଲେ। ଦିନେ ସେ ଇଲେକ୍ଟ୍ରିକ୍ ବାଇକ୍‌ରେ ଘରକୁ ଯାଉଥିବାବେଳେ ଭୁଲବଶତଃ ଷ୍ଟ୍ରଟି ତାଙ୍କ ପ୍ୟାଣ୍ଟ ପକେଟ୍‌ରୁ ଖସି ଯାଇଥିଲା। ଘଣ୍ଟାଏ ଖୋଜିବା ପରେ ବି ଷ୍ଟ୍ରଟି ମିଳି ନ ଥିଲା। ଏହାପରେ ସେ ପୁଲିସ୍‌ର ସହାୟତା ନେଇଥିଲେ। ଦୁଇଜଣ ପୁଲିସ୍ ଅଧିକାରୀ ବହୁତ ଖୋଜାଖୋଜି ପରେ ସୁନା ଷ୍ଟ୍ରଟିକୁ ଏକ ମ୍ୟାନ୍‌ହୋଲରୁ ୧୦୦ ମିଟର ଦୂରରେ ଫୁଟପାଥ ନିକଟରେ ପାଇଥିଲେ। ସୁନା ନିର୍ମିତ ଷ୍ଟ୍ରଟିକୁ ପାଇବା ପରେ ଶୌଉ ବହୁତ ଖୁସି ହୋଇଯାଇଥିଲେ। ଅବଶ୍ୟ ଏହା ଏବେ ଚେପା ହୋଇ ଯାଇଥିବାରୁ ଏହାକୁ ତରଳାଇ ପୁଣିଥରେ ଏକ ନୂଆ ଷ୍ଟ୍ର ତିଆରି ପାଇଁ ସେ ଚିନ୍ତା କରିଛନ୍ତି। ଭବିଷ୍ୟତରେ ଏହାକୁ ଆଉ ପ୍ୟାଣ୍ଟ ପକେଟ୍‌ରେ ନେଇ କୌଣସି ସ୍ଥାନକୁ ଯାତ୍ରା କରିବେ ନାହିଁ ବୋଲି ମଧ୍ୟ ସେ କହିଛନ୍ତି। ଶୌଉଙ୍କ ପାଖରେ ସୁନା ସହ ଏକ ରୂପାର ଷ୍ଟ୍ର ମଧ୍ୟ ରହିଛି।



## ସଞ୍ଜୀବନୀ

'ସକାଳ'ର ସ୍ୱାସ୍ଥ୍ୟ

## ଯନ୍ତ୍ରଣା ଲାଘବ କରେ ଫିଜିଓଥେରାପି




**ମାନସିକ ଏବଂ ଶାରୀରିକ ସୁସ୍ଥତା ଦିଗରେ ବ୍ୟବହାର ହେଉଥିବା ଚିକିତ୍ସାକୁ ଫିଜିଓଥେରାପି କୁହାଯାଏ। ଫିଜିଓଥେରାପି ଦ୍ୱାରା ଅନେକ ରୋଗର ଯନ୍ତ୍ରଣା ଦୂର ହୁଏ। ତେଣୁ କିଛି ନିର୍ଦ୍ଦିଷ୍ଟ ରୋଗ ପାଇଁ ଫିଜିଓଥେରାପିର ସାହାଯ୍ୟ ନେଇ ପାରିବେ।**

**ସ୍ପଣ୍ଡିଲାଇଟିସ୍:** ଆଜିକାଲି ଭୁଲ୍ ଶୈଳୀରେ ବସିବା ଓ ବ୍ୟାୟାମ ନ କରିବା ଯୋଗୁଁ ମେରୁଦଣ୍ଡ ଯନ୍ତ୍ରଣା ହେଉଛି। ଅଣ୍ଟାରୁ ନେଇ ମୁଣ୍ଡପଛ ପର୍ଯ୍ୟନ୍ତ ରହିଥିବା ମେରୁଦଣ୍ଡ ହାଡ଼ର ହେଉଥିବା ଯନ୍ତ୍ରଣାକୁ ସ୍ପଣ୍ଡିଲାଇଟ୍‌ସ କୁହାଯାଏ। ଏଥିପାଇଁ ଫିଜିଓ ଥେରାପି ନେଲେ ଯନ୍ତ୍ରଣାରୁ ଉପଶମ ମିଳିଥାଏ। ସେହିପରି ମେରୁଦଣ୍ଡ ଯନ୍ତ୍ରଣା, ଆଣ୍ଠୁଗଣ୍ଠିବାତ, ସନ୍ଧିବାତ, କାନ୍ଧଖଞ୍ଜା ଯନ୍ତ୍ରଣା, ଅଷ୍ଟିଓଆର୍ଥ୍ରାଇଟିସ୍ ଆଦି ହେଲେ ଫିଜିଓ ଥେରାପି ଦ୍ୱାରା ଯନ୍ତ୍ରଣାରୁ ଆରାମ ମିଳିପାରେ। ଗାଉଟ୍, ଅଣ୍ଟାବ୍ୟଥା, ବ୍ରେନ୍‌ଷ୍ଟ୍ରୋକ୍, ସ୍ପୋର୍ଟସ ଇଞ୍ଜୁରି, ଲିଗାମେଣ୍ଟ ଇଞ୍ଜୁରି ଆଦି ପାଇଁ ଫିଜିଓଥେରାପିର ମୁଖ୍ୟ ଭୂମିକା ରହିଛି।

**ଶ୍ୱାସକ୍ରିୟା ଜନିତ ସମସ୍ୟା:** ଆଜ୍‌ମା, ସିଓପିଡି, ବ୍ରୋଙ୍କାଇଟିସ୍ ଆଦି ଶ୍ୱାସଜନିତ ସମସ୍ୟାରୁ ଉପଶମ ପାଇବାକୁ ଫିଜିଓଥେରାପିର ସାହାଯ୍ୟ ନେଇପାରିବେ।

**ମାଇଗ୍ରେନ ବା ମୁଣ୍ଡବିନ୍ଧା:** ଲଗାତାର ମୁଣ୍ଡ ବିନ୍ଧି ବେକରୁ କାନ୍ଧପର୍ଯ୍ୟନ୍ତ ଯନ୍ତ୍ରଣା ହୁଏ। ତେବେ ଫିଜିଓଥେରାପି ଦ୍ୱାରା ଯନ୍ତ୍ରଣାରୁ ଆରାମ ମିଳିପାରେ। ତେବେ ରୋଗୀର ବୟସ ଏବଂ ଯନ୍ତ୍ରଣାର ତୀବ୍ରତା ଅନୁସାରେ ଫିଜିଓଥେରାପି କରାଯାଏ। ଏହା ସରଳ ବ୍ୟାୟାମ ସହିତ ସମାନ ନୁହେଁ, ତେଣୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେଇ କରିବା ଆବଶ୍ୟକ।

## ମଳାଶୟ କର୍କଟ



**ଖରାପ ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ଖାଦ୍ୟପେୟ, ବଂଶାନୁଗତ, ଶାରୀରିକ ନିଷ୍କ୍ରିୟତା ଆଦି ଯୋଗୁଁ ଏବେ ବହୁ ଲୋକ କର୍କଟର ଶିକାର ହେଉଛନ୍ତି। ତନ୍ମଧ୍ୟରୁ ମଳାଶୟ ତଥା ରେକ୍ଟମରେ ହେଉଥିବା କର୍କଟକୁ ମଳାଶୟ କର୍କଟ କୁହାଯାଏ। ଏହି କର୍କଟରେ ମଳାଶୟରୁ ରକ୍ତ ବାହରିଥାଏ। ତେଣୁ ଏହାର ଲକ୍ଷଣକୁ ଚିହ୍ନଟ କରି ଚିକିତ୍ସା ଯୋଗାଇଲେ ପୀଡ଼ିତ ସ୍ୱାଭାବିକ ଜୀବନ ଅତିବାହିତ କରି ପାରିବେ।**

ମଳାଶୟ କର୍କଟ ହେଲେ ଶରୀରରେ ଭିନ୍ନ ଭିନ୍ନ ଲକ୍ଷଣ ଦେଖାଯାଏ। ମଳାଶୟରୁ ରକ୍ତ ପଡ଼ିବା ସହ ଯନ୍ତ୍ରଣା ଅନୁଭୂତ ହୋଇଥାଏ। ମଳତ୍ୟାଗରେ ସମସ୍ୟା ଓ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଯାଏ। ପତଳା ଝାଡ଼ା ହୋଇ ଥକ୍କାପଣ ଲାଗିବା, ଦୁର୍ବଳ ଅନୁଭବ, ତଳିପେଟ ଯନ୍ତ୍ରଣା ଆଦି ହୁଏ। ଅଚାନକ ଓଜନ କମିବା ଲକ୍ଷଣ ଦେଖାଯାଏ। ପ୍ରାଥମିକ ପର୍ଯ୍ୟାୟରୁ ଏହାକୁ ଅଣଦେଖା କଲେ, ମଳାଶୟରୁ କର୍କଟ ଶରୀରର ଅନ୍ୟ ଅଙ୍ଗକୁ ବ୍ୟାପିପାରେ। ତେଣୁ ଉପରୋକ୍ତ ଲକ୍ଷଣ ଦେଖିଲେ ବିଳମ୍ବ ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ରେକ୍ଟମ ୧୨ରୁ ୧୫ ସେମି ଲମ୍ବା। ଏହା ତିନିଟି ଭାଗରେ ବିଭକ୍ତ। ତେଣୁ କର୍କଟ ହୋଇଥିବା ସ୍ଥାନର ଚିହ୍ନଟ ପାଇଁ ଡିଜିଟାଲ ରେକ୍ଟାଲ ପରୀକ୍ଷା (ଡିଆର୍‌ଇ) ସହିତ ଶାରୀରିକ ପରୀକ୍ଷଣ କରାଯାଏ। କୋଲୋନୋସ୍କୋପି, ବାୟୋପ୍ସି, ସିଟି ସ୍କାନ୍, ଏମ୍‌ଆର୍‌ଆଇ, ପିଇଟି ସିଟି, ଅଲଟ୍ରାସାଉଣ୍ଡ ଆଦି ପରୀକ୍ଷା କରାଯାଏ। ତେବେ କର୍କଟର ସ୍ଥିତି ଉପରେ ସର୍ଜରୀ ନିର୍ଭରଶୀଳ। ଏବେ ରୋବୋଟିକ୍ ସର୍ଜରୀ ମଧ୍ୟ ହୋଇପାରୁଛି। ସନ୍ତୁଳିତ ଖାଦ୍ୟ ସେବନ ସହିତ ନିୟମିତ ବ୍ୟାୟାମ ଜରୁରି। ଓଜନ ନିୟନ୍ତ୍ରଣରେ ରଖିବା ଆବଶ୍ୟକ ରହିଛି।

## ମଧୁମେହ ପାଇଁ ରାମବାଣ ବଥୁଆ



**ବଥୁଆ ଶାଗ କେବଳ ସ୍ୱାଦରେ ସୀମିତ ନୁହେଁ, ଏହା ସଞ୍ଜୀବନୀ ସଦୃଶ। ଏହା ଭିଟାମିନ୍- ବି୧, ବି୨, ବି୫ ଏବଂ ଭିଟାମିନ୍-ସିରେ ଭରପୂର। ଏଥିରେ କ୍ୟାଲ୍‌ସିୟମ, ଲୌହସାର, ମ୍ୟାଗ୍ନେସିୟମ୍ ଆଦି ରହିଛି। ଦୈନିକ ବଥୁଆ ଖାଇବା ଦ୍ୱାରା ଏହା ରକ୍ତକୁ ସଫା କରି ନାନା ରୋଗ ଦୂର କରେ।**

ବଥୁଆ ସେବନ ଦ୍ୱାରା ଚକ୍ତଚାପ ନିୟନ୍ତ୍ରଣରେ ରହିଥାଏ। ଏହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ। ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାରେ ବଥୁଆର ମୁଖ୍ୟ ଭୂମିକା ରହିଛି।

**ମଧୁମେହ ପାଇଁ ବରଦାନ:** ବଥୁଆ ମଧୁମେହ ପାଇଁ ପ୍ରାକୃତିକ ଔଷଧ ରୂପେ କାମ କରେ। ରକ୍ତରେ ଇନସୁଲିନ୍‌ସ୍ତରକୁ ସନ୍ତୁଳିତ ରଖେ। ଚିକିତ୍ସକଙ୍କ ପରାମର୍ଶରେ ଏହାକୁ ବ୍ୟବହାର କଲେ ରକ୍ତଚାପ ସନ୍ତୁଳିତ ହୋଇଥାଏ। ତେଣୁ ଗିଲପତ୍ର, ଭୃର୍ସୁଙ୍ଗପତ୍ର, ବଥୁଆ, ଗୁଡ୍ମାରୀ, ଜାମୁକୋଳି ମଞ୍ଜି ୧୦ ଗ୍ରାମ୍‌କୁ ୨୦୦ ମିଲି ପାଣିରେ ସିଝାଇ ୫୦ ମିଲି ଅବଶେଷ ରଖି ସକାଳ ସନ୍ଧ୍ୟାରେ ଦୁଇବେଳା ସେବନ କଲେ ଏହା ହିତକର ହୋଇଥାଏ।

**ଓଜନ ନିୟନ୍ତ୍ରଣକାରୀ:** ବଥୁଆରେ ଥିବା ଫାଇବର ପେଟକୁ ଦୀର୍ଘ ସମୟ ପୂରିଲା ରଖିବାରେ ସାହାଯ୍ୟ କରେ। ଏହା ଶରୀରର ଖରାପ କୋଲେଷ୍ଟ୍ରଲ୍‌କୁ କମ୍ କରି ହୃଦ୍‌ସ୍ୱାସ୍ଥ୍ୟ ଠିକ୍ ରଖିବାରେ ସାହାଯ୍ୟ କରେ। ତ୍ୱଚା ଏବଂ କେଶର ଚମକ ବୃଦ୍ଧି ପାଏ। ଯଦି ଚାହିଁବେ, ବଥୁଆରୁ ତିଆରି ପରଟା ଏବଂ ଶାଗ ଖାଇପାରିବେ। ଏହା ଶୀତଋତୁରେ ଶରୀରକୁ ଶକ୍ତି ଦେଇଥାଏ। ବଥୁଆ ରସ ୧୦ ମିଲିକୁ ମହୁ ସହିତ ମିଶାଇ ଦିନକୁ ଦୁଇଥର ସେବନ କରିପାରିବେ।

## ହୃଦ୍‌ଘାତ ପୂର୍ବର ସୂଚନା ଦେବ ଏଆଇ



ହୃଦ୍‌ଘାତ ଏପରି ଏକ ସ୍ଥିତି ଯେଉଁଥିରେ ପ୍ରତିଟି ସେକେଣ୍ଡ ମୂଲ୍ୟବାନ୍। ହୃଦ୍‌ରୋଗର ସାମାନ୍ୟ ଲକ୍ଷଣ ଦେଖିବା ମାତ୍ରେ, ତୁରନ୍ତ ଡାକ୍ତରୀ ସହାୟତାରେ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଏ। ହେଲେ ଏବେ ଏଆଇ ଭବିଷ୍ୟତରେ ଜଣେ ହୃଦ୍‌ଘାତର ଶିକାର ହେବ କି ନାହିଁ କହିପାରିବ। ଏନେଇ ନେଦରଲ୍ୟାଣ୍ଡ, ରେଡ୍‌ବୋର୍ଡ ବିଶ୍ୱବିଦ୍ୟାଳୟ ମେଡିକାଲ ସେଣ୍ଟରର ବୈଜ୍ଞାନିକମାନେ ନୂତନ ଏଆଇ କୌଶଳ ବିକଶିତ କରିଛନ୍ତି। ଏହି କୌଶଳ ରୋଗୀର ରକ୍ତ ନଳୀରେ ଅନ୍ତଃଆବରଣର ଦୁର୍ବଳତାକୁ ଚିହ୍ନଟ କରି ହୃଦ୍‌ଘାତ ଆଶଙ୍କା ସମ୍ବନ୍ଧରେ ଭବିଷ୍ୟବାଣୀ କରିପାରିବ। ଏନେଇ ବୈଜ୍ଞାନିକମାନେ କିଛି ଜଣଙ୍କ କ୍ଷେତ୍ରରେ ପରୀକ୍ଷା କରିଥିଲେ। ଏଥିପାଇଁ ରକ୍ତନଳୀରେ କ୍ଷୁଦ୍ର କ୍ୟାମେରାକୁ ପ୍ରୟୋଗ କରାଯାଏ। କ୍ୟାମେରାଟି ଧମନୀ ପଥରୁ ଅନେକ ଫଟୋ ନେଇ ଏଆଇକୁ ପଠାଇଥାଏ। ଏଆଇ ଫଟୋକୁ ସଠିକ୍ ଭାବେ ବିଶ୍ଳେଷଣ କରି ଧମନୀର କେଉଁ ଅଂଶ କମ୍‌ଜୋର ରହିଛି ଏବଂ ଭବିଷ୍ୟତରେ ହୃଦ୍‌ଘାତର ଆଶଙ୍କା କେଉଁଠି ସୃଷ୍ଟି ହେବ ତାହା ଜଣାଇଥାଏ। ଏନେଇ ଗବେଷକ କୁହନ୍ତି, ଏଆଇ ଦ୍ୱାରା ରୋଗର ପ୍ରାରମ୍ଭିକ ଅବସ୍ଥାରୁ ଚିହ୍ନଟ ହୋଇପାରିଲେ, ଡାକ୍ତରଙ୍କ ପରାମର୍ଶ କ୍ରମେ ସଠିକ୍ ସମୟ ମଧ୍ୟରେ ଚିକିତ୍ସା ଯୋଗାଇ ଦିଆଯାଇପାରିବ। ଆବଶ୍ୟକସ୍ଥଳେ ଷ୍ଟେଣ୍ଟ ଲଗାଇ ସମ୍ଭାବିତ ହୃଦ୍‌ଘାତ ପୂର୍ବର ସୂଚନା ମିଳିପାରିବ। ଏହାଦ୍ୱାରା ଅନେକଙ୍କ ଜୀବନ ବଞ୍ଚି ପାରିବ।

ସକାଳ
THE SAKALA
www.sakalaepaper.com

# ଭାରତକୁ ଜିତାଇଲେ ସ୍ପିନର୍

## ଚତୁର୍ଥ ଟି-୨୦ରେ ଅକ୍ଷର ପଟେଲ୍ ଶ୍ରେଷ୍ଠ ଖେଳାଳି




**ଗୋଲ୍ଡକୋଷ୍ଟ,୬।୧୧(ଏଜେନ୍ସି):** ସ୍ପିନରଙ୍କ କଞ୍ଜୁସ ବୋଲିଂ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ଚତୁର୍ଥ ଟି-୨୦ରେ ଭାରତ ୪୮ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି । ବ୍ୟାଟିଂ ଲାଗି କଷ୍ଟକର ହେଉଥିବା ଏହି ପିଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୬୭ ରନ୍ କରିଥିଲା । ଜବାବରେ ଭାରତୀୟ ସ୍ପିନରଙ୍କୁ ଉଚିତ ମୁକାବିଲା କରି ନପାରି ଅଷ୍ଟ୍ରେଲିଆ ୧୮.୨ ଓଭରରେ ୧୧୯ ରନ୍ କରି ଅଲଆଉଟ ହୋଇଯାଇଥିଲା । ଏହି ମ୍ୟାଚରେ ବିଜୟୀ ଦଳ ପକ୍ଷରୁ ୪ ଓଭର ବୋଲିଂ କରି ୨୦ ରନ୍‌ରେ ୨ ୱିକେଟ ଓ ବ୍ୟାଟିଂରେ ୧୧ ବଲ୍‌ରୁ ଅପରାଜିତ ୨୧ ରନ୍ କରିଥିବା ବାମହାତୀ ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ଏହି ବିଜୟ ପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଭ୍ରମଣକାରୀ ଭାରତ ୨-୧ରେ ଆଗୁଆ ରହିଛି । ସିରିଜ୍‌ର ୫ମ ତଥା ଶେଷ ମୁକାବିଲା ଶନିବାର ବ୍ରିସ୍‌ବେନ୍‌ରେ ଖେଳାଯିବ । ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ଷାଯୋଗୁ ବାତିଲ ହେବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଓ ତୃତୀୟ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଥିଲା । ଆଜିର ବିଜୟ ପରେ ଭାରତ ୨୦୦୮ ପରେ ଅଷ୍ଟ୍ରେଲିଆରେ ଦ୍ୱିପାକ୍ଷିକ ଟି-୨୦ ସିରିଜ୍ ହାରିବ ନାହିଁ ବୋଲି ସ୍ପଷ୍ଟ କରିଛି । ଏହି ସମୟ ମଧ୍ୟରେ ଖେଳାଯାଇଥିବା ୪ଟି ସିରିଜ୍ ମଧ୍ୟରୁ ୨ଟି ଡ୍ର ରହିଥିଲାବେଳେ ଅନ୍ୟ ୨ଟିରେ ଭାରତ ବିଜୟୀ ହୋଇଥିଲା । ଏଠାରେ ମଧ୍ୟ ଅଷ୍ଟ୍ରେଲିଆ ଘରୋଇ ମାଟିରେ ଦ୍ୱିତୀୟ ସର୍ବନିମ୍ନ ଟି-୨୦ ସ୍କୋର କରିଛି । ଦଳର ସର୍ବନିମ୍ନ ଟି-୨୦ ସ୍କୋର ହେଉଛି ୧୧୧ । ୨୦୨୨ ନ୍ୟୁଜିଲାଣ୍ଡ ବିପକ୍ଷ ସିଡନୀ ମ୍ୟାଚ୍‌ରେ ଏହା ହୋଇଥିଲା । ଅଷ୍ଟ୍ରେଲିଆରେ ଅଷ୍ଟ୍ରେଲିଆ ବିପକ୍ଷରେ ଡିଫେଣ୍ଡ କରିବାରେ ମଧ୍ୟ ଏହା ଦ୍ୱିତୀୟ ସର୍ବନିମ୍ନ । ପୂର୍ବର ଭାରତ ୨୦୨୦ କାନବେରାରେ ଖେଳାଯାଇଥିବା ମ୍ୟାଚ୍‌ରେ ୧୬୨ ରନ୍ ସ୍କୋରକୁ ଡିଫେଣ୍ଡ କରିଥିଲା । ଏହି ସବୁ ସଫଳତା ଲାଗି ଭାରତ ୨୦୦୮ରୁ ଅଷ୍ଟ୍ରେଲିଆରେ ଟି-୨୦ ସିରିଜ୍‌ରେ ଅପରାଜେୟ ରହିଛି ।

କାରାରା ଓଭାଲରେ ପ୍ରଥମକରି ଏକ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳାଯାଉଥିଲାବେଳେ ବ୍ୟାଟିଂ ଲାଗି ପିଚ୍ ଆଦୌ ସହଜ ନ ଥିଲା । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଅନଇଭିନ ବାଉନ୍ସ ଓ ଟର୍ଣ୍ଣର ମୁକାବିଲା କରିବାରେ ସଫଳ ହୋଇ ନ ଥିଲା । ଯାହା ଫଳରେ ବଡ ବଡ ସଟ୍ ଦେଖିବାକୁ ମିଳିଥିଲେ ମଧ୍ୟ ଦଳ କ୍ରମାଗତ ୱିକେଟ ହରାଇ ୧୬୭ ରନ୍‌ରେ ସୀମିତ ରହିଥିଲା । ଦଳ ପକ୍ଷରୁ ପ୍ରଥମ ୪ଜଣ ବ୍ୟାଟର ଭଲ ଆରମ୍ଭ ପାଇଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ରୂପାନ୍ତରିତ କରି ପାରି ନ ଥିଲେ । ସେମାନଙ୍କ ମଧ୍ୟରେ ଓପନର ଶୁବମନ ଗିଲ ୩୯ ବଲ୍‌ରେ ସର୍ବାଧିକ ୪୬, ଅଭିଷେକ ଶର୍ମା ୨୧ ବଲ୍‌ରୁ ୨୮ ରନ୍ ଉଠାଇଥିଲେ । ପରବର୍ତ୍ତୀ ଦୁଇ ବ୍ୟାଟର ଶିବମ ଦୁବେ ୨୨ ଓ ସୂର୍ଯ୍ୟକୁମାର ଯାଦବ ୨୦ ରନ୍ କରିଥିଲେ । ଅନ୍ୟ କୌଣସି ବ୍ୟାଟର ବେଶି ସମୟ ତିଷ୍ଠି ନ ଥିଲେ । ତିଳକ ବର୍ମା ୫, ଜିତେଶ ଶର୍ମା ୩, ୱାଶିଂଟନ ସୁନ୍ଦର ୧୨ ରନ୍ କରିଥିଲେ । ଅକ୍ଷର ପଟେଲ ୨୧ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ । ଅଷ୍ଟ୍ରେଲିଆର ଫାଷ୍ଟ ବୋଲର ନାଥାନ ଏଲିସ ଓ ଲେଗ୍ ସ୍ପିନର ଆଦାମ ଜାମ୍ପା ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ ।

ଜବାବରେ ୧୬୮ ରନ୍‌ର ଟାର୍ଗେଟକୁ ପିଛା କରି ଅଷ୍ଟ୍ରେଲିଆର ଦୁଇ ଓପନର ମିଚେଲ ମାର୍ଶ (୨୪ବଲ୍‌ରେ ୩୦) ଓ ମାଥ୍ୟୁ ସର୍ଟ (୧୯ବଲ୍‌ରେ ୨୫) ଭଲ ଆରମ୍ଭ କରିଥିଲେ । ସର୍ଟଙ୍କୁ ୩୭ ରନ୍ ସ୍କୋରରେ ଆଉଟ କରି ଶିବମ ଦୁବେ ବ୍ରେକ୍ ଥ୍ରୁ ଦେଇଥିଲେ । ଏହି ସମୟରେ ଭାରତୀୟ ସ୍ପିନର ମିଡ୍‌ଲ ଓଭରରେ ଟାଇଟ ବୋଲିଂ କରି ଅଷ୍ଟ୍ରେଲିଆକୁ ଅଟକାଇଥିଲେ । ଏମାନେ ମିଳିତଭାବେ ୯.୨ ଓଭର ବୋଲିଂ କରି ୪୯ ରନ୍ ବିନିମୟରେ ୬ଜଣ ଖେଳାଳିଙ୍କୁ ଆଉଟ କରିଥିଲେ । ତୃତୀୟ ସ୍ପିନର ଭାବେ ବୋଲିଂ କରିଥିବା ୱାଶିଂଟନ ସୁନ୍ଦର ୧.୨ ଓଭରରେ ୩ ରନ୍ ଦେଇ ସର୍ବାଧିକ ୩ଜଣ, ଅକ୍ଷର ପଟେଲ ୨୦ ରନ୍‌ରେ ୨ଜଣ ଓ ବରୁଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଗ୍ଲେନ୍ ମ୍ୟାକ୍ସୱେଲଙ୍କ ୱିକେଟ ଅକ୍ତିଆର କରିଥିଲେ । ପେସ୍ ବୋଲରଙ୍କ ମଧ୍ୟରେ ସବୁଠାରୁ ମନ୍ଥର ବୋଲିଂ କରୁଥିବା ଶିବମ ଦୁବେ ମଧ୍ୟ ପିଚ୍‌ରୁ ଫାଇଦା ଉଠାଇ ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ । ଅନ୍ୟ ୩ଜଣ ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ । ଏହାର ଅର୍ଥ ଭାରତ ପକ୍ଷରୁ ବୋଲିଂ କରିଥିବା ୬ଜଣ ବୋଲରଙ୍କୁ ୱିକେଟ ମିଳିଥିଲା । ଅନ୍ୟ ଅଷ୍ଟ୍ରେଲୀୟ ବ୍ୟାଟରଙ୍କ ମଧ୍ୟରେ ଜୋଶ ଇଂଲିଶ ୧୨, ଟିମ୍ ଡେଭିଡ୍ ୧୪, ଜୋଶ ଫିଲିପି ୧୦, ମାର୍କସ ଷ୍ଟୋଇନିସ ୧୭ ରନ୍ କରିଥିଲେ । ଏଠାରେ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳି ବୋଲିଂ କରି ନ ଥିବା ମ୍ୟାକ୍ସୱେଲ ମାତ୍ର ୪ଟି ବଲ୍ ଖେଳି ୨ ରନ୍ କରିପାରିଥିଲେ । ଦଳ ଶେଷ ୬ଟି ୱିକେଟ ମାତ୍ର ୨୧ ରନ୍‌ରେ ହରାଇଥିଲା ।



## ରାଷ୍ଟ୍ରପତିଙ୍କୁ ଭେଟିଲେ ବିଶ୍ୱ ଚାମ୍ପିଅନ ଖେଳାଳି


**ନୂଆଦିଲ୍ଲୀ,୬।୧୧(ଏଜେନ୍ସି):** ଦକ୍ଷିଣ ଆଫ୍ରିକାକୁ ହରାଇ ଦିନିକିଆ ମହିଳା ବିଶ୍ୱକପ୍ କ୍ରିକେଟରେ ଚାମ୍ପିଅନ ହୋଇଥିବା ଭାରତର ଖେଳାଳିମାନେ ଆଜି ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ଆଶୀର୍ବାଦ ନେଇଛନ୍ତି । ମହିଳା ଖେଳାଳିଙ୍କ ଏହି ଚମତ୍କାର ପ୍ରଦର୍ଶନକୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବେଶ ପ୍ରଶଂସା କରିଛନ୍ତି । ଏଭଳି ଖେଳ ମାଧ୍ୟମରେ ଦେଶର ଗୌରବ ବଢ଼ାଇଥିବାରୁ ସମସ୍ତ ଖେଳାଳିଙ୍କୁ ସେ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ୍ ସମସ୍ତ ଖେଳାଳିମାନଙ୍କର ସ୍ୱାକ୍ଷର ଥିବା ଏକ ଜର୍ସି ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲେ । ବିଶ୍ୱକପ୍ ଟ୍ରଫିକୁ ମଧ୍ୟ ରାଷ୍ଟ୍ରପତିଙ୍କୁ କରକମଳରେ ପ୍ରଦାନ କରାଯାଇଥିଲା । ଖେଳାଳିମାନେ ଯେପରି ସାହସ, ଏକତା ଓ ଏକାଗ୍ରତା ଦେଖାଇ ଟାଇଟଲ ବିଜୟୀ ହୋଇଛନ୍ତି ତାହା ଭାରତର ଯୁବ ପିଢ଼ିକୁ ଅନୁପ୍ରାଣୀତ କରିବ ବୋଲି ଦ୍ରୌପଦୀ ମୁର୍ମୁ କହିଥିଲେ ।

## ଚେସ୍‌ଷ୍ଟ୍ରଫ୍ ପକ୍ଷରୁ ଓଡ଼ିଶାରେ ବୃହତ ଚେସ୍ ପ୍ରତିଯୋଗିତା

**ଭୁବନେଶ୍ୱର,୬।୧୧(ସମିସ):** ରାପିଡ୍ ଓ ବ୍ଲିଜ୍ ଫର୍ମାଟରେ ଏକ ବୃହତ୍ ଚେସ୍ ପ୍ରତିଯୋଗିତା ଓଡ଼ିଶାରେ ଆୟୋଜିତ ହେବାକୁ ଯାଉଛି । ଏହି ପ୍ରତିଯୋଗିତା ନଭେମ୍ବର ୮ ଓ ୯ ତାରିଖ ଦୁଇଦିନ ଧରି ରାଜଧାନୀ ୟୁନିଟ୍-୩'ରେ ଥିବା ଓଏଏସ୍ ଭବନରେ ଅନୁଷ୍ଠିତ ହେବ । ଏଥିରେ ମୋଟ ପୁରସ୍କାର ରାଶି ରହିଛ ରେକର୍ଡ ୧ ଲକ୍ଷ ୭୫୦୦୦ ଟଙ୍କା । ଏହା ମଧ୍ୟରୁ ରାପିଡ୍ ଚାମ୍ପିଅନଙ୍କୁ ଟ୍ରଫି ସହ ନଗଦ ୨୧,୦୦୦ ଟଙ୍କା ଓ ବ୍ଲିଜ୍ ଚାମ୍ପିଅନଙ୍କୁ ଟ୍ରଫି ସହ ୭,୫୦୦ ଟଙ୍କା ପ୍ରଦାନ କରାଯିବ । ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଆଇଏମ୍ ତଥା ଡାକ୍ତର ଅନ୍ୱେଷ ଉପାଧ୍ୟାୟ ଓ ସମ୍ବିତ ପଣ୍ଡାଙ୍କ ସମେତ ଏକାଧିକ ଶୀର୍ଷ ଖେଳାଳି ସ୍ୱୀକୃତି ପ୍ରଦାନ କରିଛନ୍ତି । ଇଣ୍ଟରନ୍ୟାସନାଲ ଆର୍ବିଟର ନିହାରରଞ୍ଜନ ସାସମଲ ଓ ତାଙ୍କ ଟିମ୍ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ । ଏଥିରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ଖେଳାଳିମାନେ ନଭେମ୍ବର ୭ ବା ଶୁକ୍ରବାର ସୁଦ୍ଧା ଚିଫ୍ ଆର୍ବିଟର ନିହାର ସାସ୍‌ମଲଙ୍କୁ ଫୋନ ନଂ ୯୯୩୭୦-୦୭୯୪୫ କିମ୍ବା ଆୟୋଜକ ଚେସ୍‌ଷ୍ଟ୍ରଫ ଏକାଡେମୀ ନିର୍ଦ୍ଦେଶକ ସ୍ୱଙ୍ଗଶୁ ସତ୍ୟକାମଙ୍କୁ ଫୋନ୍ ନଂ ୮୨୪୯୬-୧୭୮୯୩ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

### ମହିଳା ପ୍ରିମିୟର ଲିଗ୍ ନିଲାମ

## ଲୌରା, ଦୀପ୍ତିଙ୍କୁ ଛାଡ଼ିଲା ଜ୍ୟାଣ୍ଟ୍ସ




**ଅହମ୍ମଦାବାଦ୍, ୬।୧୧ (ଏଜେନ୍ସି):** ମହିଳା ପ୍ରିମିୟର ଲିଗ୍‌ର ମେଗା ନିଲାମ ପୂର୍ବରୁ ଫ୍ରାଞ୍ଚାଇଜ୍‌ଗୁଡିକ କେଉଁର୍ ଖେଳାଳିଙ୍କୁ ରଖିବେ ଓ କାହାକୁ ଛାଡିବେ ତାହା ଘୋଷଣା କରିଛନ୍ତି । ସର୍ବଶେଷ ଟିମ୍ ଗୁଜରାଟ ଜ୍ୟାଣ୍ଟ୍ସ ଦିନିକିଆ ବିଶ୍ୱକପ୍ ରନର୍ସଅପ୍ ଦଳ ଦକ୍ଷିଣ ଆଫ୍ରିକାର ଅଧିନାୟକ ଲୌରା ୱଲଭାର୍ଟଙ୍କୁ ଛାଡ଼ିଦେଇଛି । ସେହିପରି ଦିନିକିଆ ବିଶ୍ୱକପ୍‌ର ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଦୀପ୍ତି ଶର୍ମାଙ୍କୁ ମଧ୍ୟ ତାଙ୍କ ଟିମ୍ ଛାଡିଦେଇଛି ।

ରିଟେନ ହୋଇଥିବା ଖେଳାଳିଙ୍କ ମଧ୍ୟରେ ମୁମ୍ବଇ ଇଣ୍ଡିଆନ୍ସ ନାଟ-ସିଭର ବ୍ରଣ୍ଟ, ହରମନପ୍ରୀତ୍ କୌର, ହ୍ୟାଲି ମାଥ୍ୟୁସ, ଅମନଜ୍ୟୋତ କୌର ଓ ଜି କାମିନି ରହିଛନ୍ତି । ଆରସିବି ସ୍ମୃତି ମନ୍ଧାନା, ରିଚା ଘୋଷ, ଏଲିସେ ପେରୀ, ଶ୍ରେୟଙ୍କା ପାଟିଲ, ଗୁଜରାଟ ଜାଏଣ୍ଟସ ଆସ୍‌ଲେ ଗାର୍ଡନର ଓ ବେଥ ମୁନୀ ଓ ୟୁପି ୱାରିୟର୍ଜ ଶ୍ୱେତା ସେରାୱତଙ୍କୁ ରିଟେନ କରିଛି । ସେହିପରି ଦିଲ୍ଲୀ କ୍ୟାପିଟାଲ୍ସ ଜେମିମା ରୋଡ୍ରିଗ୍ୱେଜ୍, ଶେଫାଳି ବର୍ମା, ଆନାବେଲ ସଦରଲାଣ୍ଡ, ମାରିଜାନ କାପ୍ ଓ ନିକି ପ୍ରସାଦଙ୍କୁ ନିଲାମି ପ୍ରକ୍ରିୟାର ବାଦ୍ ଦେଇଛି । ନଭେମ୍ବର ଶେଷ ସପ୍ତାହରେ ମହିଳା ପ୍ରିମିୟର ଲିଗ୍‌ର ମହାନିଲାମ ହେବ ।

## ଆଜିଠୁ ରାଜ୍ୟ ଥ୍ରୋବଲ୍ ଚାମ୍ପିଅନସିପ୍



**ଭୁବନେଶ୍ୱର,୬।୧୧(ସମିସ):** ଓଡ଼ିଶା ଥ୍ରୋବଲ ଆସୋସିଏସନ ଏବଂ ସୋଆ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୩୩ତମ ରାଜ୍ୟ ଥ୍ରୋବଲ ଚାମ୍ପିଅନସିପ୍ ଆସନ୍ତାକାଲିଠାରୁ କ୍ୟାମ୍ପସ-୨ରେ ଥିବା ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହେବ । ଏଥିରେ ପୁରୁଷ ବିଭାଗରେ ୨୨ଟି ଓ ମହିଳା ବିଭାଗରେ ୨୦ଟି ଦଳ ଅଂଶଗ୍ରହଣ କରିବେ ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଥ୍ରୋବଲ ଆସୋସିଏସନ ସମ୍ପାଦକ ଜିତେନ୍ଦ୍ରନାଥ ଦାଶ ଜଣାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସୋଆ କ୍ରୀଡ଼ା ଅଧିକାରୀ ସୁନିତା ବର୍ମା, ଯୁଗ୍ମ ସମ୍ପାଦକ ଯଶୋବନ୍ତ ପରମଗୁରୁ, ଟେକ୍ନିକାଲ ଅଫିସିଆଲ ଦୀପ୍ତିରଞ୍ଜନ ସାମନ୍ତରାୟ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତା ଲିଗ୍ କମ୍ ନକ୍‌ଆଉଟ ଭିତ୍ତିରେ ଖେଳାଯିବ । ଅଂଶଗ୍ରହଣକାରୀ ଦଳଗୁଡିକୁ ୪ଟି ଗ୍ରୁପ୍‌ରେ ଭାଗକରାଯିବ । ଗ୍ରୁପ୍ ପର୍ଯ୍ୟାୟରେ ରାଉଣ୍ଡରବିନ ଲିଗ୍ ଭିତ୍ତିରେ ଖେଳାଯିବ । ପ୍ରତ୍ୟେକ ଗ୍ରୁପ୍‌ରୁ ୨ ଶ୍ରେଷ୍ଠ ଦଳ କ୍ୱାର୍ଟରଫାଇନାଲକୁ ଯିବେ । କ୍ୱାର୍ଟରଫାଇନାଲରୁ ନକ୍‌ଆଉଟ ପର୍ଯ୍ୟାୟ ଆରମ୍ଭ ହେବ । ଏହି ଟୁର୍ଣ୍ଣାମେଣ୍ଟରୁ ଶ୍ରେଷ୍ଠ ୨୫ଜଣ ଲେଖାଏଁ ଖେଳାଳି ଚୟନ କରାଯିବ । ଏମାନଙ୍କୁ ଏକ ଶିବିରରେ ପ୍ରଶିକ୍ଷଣ ଦେବା ପରେ କେରଳରେ ଡିସେମ୍ବର ମାସ ଖେଳାଯିବାକୁ ଥିବା ଜାତୀୟ ଥ୍ରୋବଲ ଚାମ୍ପିଅନସିପ୍ ଲାଗି ଖେଳାଳି ଚୟନ କରାଯିବ ।

### ଚାପ୍‌ମ୍ୟାନଙ୍କ ବିସ୍ଫୋରକ ଅର୍ଦ୍ଧଶତକ

## ଦ୍ୱିତୀୟ ଟି-୨୦ ସିରିଜ୍ ଜିତିଲା ନ୍ୟୁଜିଲାଣ୍ଡ

**ଅକ୍‌ଲାଣ୍ଡ, ୬।୧୧ (ଏଜେନ୍ସି):** ମାର୍କ ଚାପମ୍ୟାନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ନ୍ୟୁଜିଲାଣ୍ଡ ମାତ୍ର ୩ ରନ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ହରାଇଛି । ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ୧-୧ ବରାବର ସ୍ଥିତିରେ ରହିଛି । ଇଡେନ ପାର୍କରେ ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଚାପ୍‌ମ୍ୟାନ୍ ୧୯ ବଲ୍‌ରୁ ଅର୍ଦ୍ଧଶତକ ଓ ୨୮ଟି ବଲ୍‌ରୁ ୬ ଚୌକା ଓ ୭ ଛକା ସହ ୭୮ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୦୭ ରନ୍ କରିଥିଲା । ଜବାବରେ ରୋଭମ୍ୟାନ୍ ପାୱେଲ, ରୋମାରିଓ ସେଫର୍ଡ ଓ ମାଥ୍ୟୁ ଫୋର୍ଡେଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ୱେଷ୍ଟଇଣ୍ଡିଜ୍ ୮ ୱିକେଟରେ ୨୦୪ ରନ୍ କରି ମାତ୍ର ୩ ରନ୍‌ରେ ହାରିଯାଇଥିଲା । ୨୦୮ ରନ୍‌ର ଟାର୍ଗେଟକୁ ପିଛା କରି ୱେଷ୍ଟଇଣ୍ଡିଜ୍ ୧୩ ଓଭର ସୁଦ୍ଧା ୯୩ ରନ୍‌ରେ ୬ ୱିକେଟ ହରାଇ ପରାଜୟର ସମ୍ମୁଖୀନ ହୋଇଥିଲା । କିନ୍ତୁ ୭ମ ୱିକେଟରେ ପାୱେଲ ଓ ସେଫର୍ଡ ୨୪ ବଲ୍‌ରୁ ୬୨ ଓ ୮ମ ୱିକେଟରେ ପାୱେଲ ଓ ଫୋର୍ଡ ୧୮ ବଲ୍‌ରୁ ୪୭ ରନ୍ ଉଠାଇଥିଲେ ମଧ୍ୟ ଦଳ ଟାର୍ଗେଟରେ ପହଞ୍ଚିପାରି ନ ଥିଲା । ୮ମ ଖେଳାଳିଭାବେ ଆଉଟ ହୋଇଥିବା ପାୱେଲ ୧୬ ବଲ୍‌ରୁ ୧ଚୌକା ଓ ୬ଛକା ସହ ସର୍ବାଧିକ ୪୫, ୭ମ ଖେଳାଳି ଭାବେ ଆଉଟ ହୋଇଥିବା ସେଫର୍ଡ ୧୬ ବଲ୍‌ରୁ ୧ଚୌକା ଓ ୪ଛକା ସହ ୩୪ ଏବଂ ଫୋର୍ଡେ ୧୩ବଲ୍‌ରୁ ଅପରାଜିତ ୨୯ ରନ୍ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ । ବିଜୟୀ ଦଳର ମିଚେଲ ସାଣ୍ଟନର ଓ ଇସ୍ ସୋଧି ୩ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ । ଚାପମ୍ୟାନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି ।



### ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ

## ଜୁରେଲ-୧୩୨*, ଭାରତ ୨୫୫

**ବେଙ୍ଗାଲୁରୁ,୬।୧୧(ଏଜେନ୍ସି):** ୱିକେଟରକ୍ଷକ ବ୍ୟାଟର ଧ୍ରୁବ ଜୁରେଲଙ୍କ ଅପରାଜିତ ଶତକ ସହାୟତାରେ ଏଠାରେ ଦକ୍ଷିଣ ଆଫ୍ରିକା-ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ ବ୍ୟାଟିଂ ବିପର୍ଯ୍ୟୟରୁ ରକ୍ଷା ପାଇ ଏକ ସମ୍ମାନଜନକ ସ୍କୋର ସଂଗ୍ରହ କରିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଏକଦା ୧୨୬ ରନ୍‌ରେ ୭ ୱିକେଟ ହରାଇ ବିପଦରେ ପଡ଼ିଥିଲା । କିନ୍ତୁ ଜୁରେଲ ୧୩୨ ରନ୍ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିବା ଫଳରେ ଭାରତ ପ୍ରଥମ ଇନିଂସରେ ୨୫୫ ରନ୍ କରିଅଲଆଉଟ ହୋଇଯାଇଥିଲା । ଜୁରେଲଙ୍କୁ ଉପଯୁକ୍ତ ସହାୟତା ଦେଇଥିବା କୁଲଦୀପ ଯାଦବ ୮୮ ବଲ୍‌ରେ ୨୦ ଓ ମହମ୍ମଦ୍ ସିରାଜ ୩୧ ବଲ୍‌ରୁ ୧୫ ରନ୍ ଉଠାଇଥିଲେ । ୮ମ ୱିକେଟରେ ଜୁରେଲ ଓ କୁଲଦୀପ ୧୭୩ ବଲ୍‌ରୁ ୭୯ ଏବଂ ୮ମ ୱିକେଟରେ ଜୁରେଲ ଓ ସିରାଜ ୫୫ ବଲ୍‌ରୁ ୩୪ ରନ୍ ଉଠାଇ ଦଳର ସମ୍ମାନ ରକ୍ଷା କରିଥିଲେ । ଶେଷଯାଏ ଆଉଟ ହୋଇ ନ ଥିବା ଜୁରେଲ ୧୭୫ ବଲ୍ ଖେଳି ୧୨ ଚୌକା ଓ ୪ ଛକା ସହ ୧୩୨ ରନ୍ କରିଥିଲେ । ଭାରତର ପ୍ରଥମ ୫ଜଣ ବ୍ୟାଟରଙ୍କ ମଧ୍ୟରୁ ଦୁଇ ଓପନର ଲୋକେଶ ରାହୁଲ ୧୦ ଓ ଅଭିମନ୍ୟୁ ଈଶ୍ୱରନ ଖାତା ଖୋଲି ପାରି ନ ଥିଲେ । ପରବର୍ତ୍ତୀ ୩ଜଣ ବ୍ୟାଟର ସାଇ ସୁଦର୍ଶନ ୧୭, ଦେବଦତ୍ତ ପଡ଼ିକାଲ ୫ ଓ ଅଧିନାୟକ ଋଷଭ ପନ୍ତ୍ ୨୪ ରନ୍ କରିବାକୁ ସମର୍ଥ ହୋଇଥିଲେ । ଏମାନଙ୍କ ପରେ ହର୍ଷ ଦୁବେ ୧୪ ଓ ଆକାଶଦୀପ ୦ରେ ଆଉଟ ହେବାରୁ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ।

ଦକ୍ଷିଣ ଆଫ୍ରିକା ପକ୍ଷରୁ ୨୪ ବର୍ଷୀୟ ବାମହାତୀ ଫାଷ୍ଟ ବୋଲର ତିଆନ ଭାନ୍ ଭୁରେନ ସର୍ବାଧିକ ୪ଟି ୱିକେଟ ପାଇଥିଲେ । ଅନ୍ୟତମ ଫାଷ୍ଟ ବୋଲର ସେପୋ ମୋରେକିଙ୍କୁ ୨ଟି, ଅଫ୍ ସ୍ପିନର ପ୍ରେନେଲାନ୍ ସୁବ୍ରାୟେନ୍‌ଙ୍କୁ ୨ଟି ୱିକେଟ ମିଳିଥିଲା । ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପୂର୍ବରୁ ଖେଳାଯାଇଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ ବିଜୟୀ ହୋଇଥିଲା । ଦୁଇ ଦେଶ ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଇଡେନ ଗାର୍ଡେନ୍ସରେ ନଭେମ୍ବର ୧୪ରୁ ଆରମ୍ଭ ହେବ ।

### ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬

## ଅହମ୍ମଦାବାଦ କିମ୍ବା ଶ୍ରୀଲଙ୍କାରେ ଫାଇନାଲ

**ଦୁବାଇ,୬।୧୧(ଏଜେନ୍ସି):** ଭାରତର ଛୋଟିଆ ସେଣ୍ଟରରେ ମହିଳା ବିଶ୍ୱକପ୍ କ୍ରିକେଟର ସଫଳ ଆୟୋଜନ ପରେ ଆସନ୍ତାବର୍ଷ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ପୁରୁଷ ଟି-୨୦ ବିଶ୍ୱକପ୍‌କୁ ଟପ୍ ସେଣ୍ଟରେ ଆୟୋଜନ କରିବାକୁ ଆଇସିସି ସ୍ଥିର କରିଛି । ଏଠାରେ ଅନୁଷ୍ଠିତ ଆଇସିସି ବୈଠକରେ ଏହା ଏକପ୍ରକାର ସ୍ଥିର ହୋଇଛି, କେବଳ ଔପଚାରିକ ଘୋଷଣାକୁ ବାକି ରହିଛି । ଟି-୨୦ ବିଶ୍ୱକପ୍‌କୁ ଭାରତ ଓ ଶ୍ରୀଲଙ୍କା ମିଳିତଭାବେ ଆୟୋଜନ କରିବେ । ପୂର୍ବ ରାଜିନାମା ଅନୁଯାୟୀ ପାକିସ୍ତାନ ତାହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ । ସେହିପରି ପାକିସ୍ତାନ କିମ୍ବା ଶ୍ରୀଲଙ୍କା ସେମିଫାଇନାଲକୁ ଗଲେ କଲମ୍ବୋରେ ଏହି ମ୍ୟାଚ୍ ଖେଳାଯିବ । ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଅହମ୍ମଦାବାଦ୍‌ରେ ଖେଳାଯିବାକୁ ସ୍ଥିର ହୋଇଛି । କିନ୍ତୁ ପାକିସ୍ତାନ ଯଦି ଫାଇନାଲକୁ ଯାଏ, ତେବେ ଏହି ମ୍ୟାଚ୍‌ଟି ଶ୍ରୀଲଙ୍କାର ରାଜଧାନୀ କଲମ୍ବୋରେ ଖେଳାଯିବ ବୋଲି ଆଇସିସି ଟୁର୍ ଆଣ୍ଡ ଫିକ୍ସଚର କମିଟି ପକ୍ଷରୁ ଖେଳସୂଚୀ ପ୍ରସ୍ତୁତ କରାଯାଇଛି । ଭାରତର ଟପ୍ ଭେନ୍ୟୁ ଯଥା ଅହମ୍ମଦାବାଦ୍, ମୁମ୍ବଇ,




ଦିଲ୍ଲୀ, କୋଲକାତା ଓ ଚେନ୍ନଇରେ ଖେଳାଯିବ । ନିକଟରେ ଶେଷ ହୋଇଥିବା ୫୦ ଓଭର ବିଶିଷ୍ଟ ମହିଳା ବିଶ୍ୱକପ୍ ଇନ୍ଦୋର, ବିଶାଖାପାଟଣା, ଗୌହାଟି, ନଭି ମୁମ୍ବଇରେ ଖେଳାଯାଇଥିଲା । ସେହିପରି ଭାରତକୁ ଆସି ନ ଥିବାରୁ ପାକିସ୍ତାନ ତାହାର ମ୍ୟାଚ୍ ଗୁଡିକ ଶ୍ରୀଲଙ୍କାର କଲମ୍ବୋରେ ଖେଳିଥିଲା । ଟି-୨୦ ବିଶ୍ୱକପ୍ ଲାଗି ଶ୍ରୀଲଙ୍କାରେ ୨ କିମ୍ବା ୩ଟି ଭେନ୍ୟୁ ଚିହ୍ନଟ କରାଯାଇଛି । ବେଙ୍ଗାଲୁରୁ ଏହି ତାଲିକାରୁ ବାଦ୍ ପଡ଼ିଥିବା ଜଣାଯାଇଛି । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ବିଜୟ ଉତ୍ସବ ପାଳନବେଳେ ହୋଇଥିବା ଦଳାଚକଟା ଯୋଗୁଁ ଏହି ଷ୍ଟାଡିୟମ୍‌କୁ ଏବେ ବନ୍ଦ ରଖାଯାଇଛି । ଏପରିକି ଆଇପିଏଲ୍ ମ୍ୟାଚ୍ ମଧ୍ୟ ଆୟୋଜନ କରିବାକୁ ଅନୁମତି ମିଳିବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି । ମହିଳା ବିଶ୍ୱକପ୍ ଲାଗି ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌କୁ ଭେନ୍ୟୁ ଚୟନ କରାଯାଇଥିଲା । କିନ୍ତୁ ସରକାର ସେଠାରେ ମ୍ୟାଚ୍ ଆୟୋଜନ କରିବାକୁ ଅନୁମତି ନ ଦେବାରୁ ଚିନ୍ନାସ୍ୱାମୀରେ ଖେଳାଯିବାକୁ ଥିବା ମ୍ୟାଚ୍ ଗୁଡିକୁ ନଭି ମୁମ୍ବାଇକୁ ସ୍ଥାନାନ୍ତରିତ କରାଯାଇଥିଲା ।

ଏଥର ୨୦୨୬ ଟି-୨୦ ବିଶ୍ୱକପ୍‌ରେ ୨୦ଟି ଦଳ ଅଂଶଗ୍ରହଣ କରିବେ । ଏହି ଦଳଗୁଡିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି । ପ୍ରତ୍ୟେକ ଗ୍ରୁପ୍‌ରେ ୫ଟି ଲେଖାଏଁ ଦଳ ଖେଳିବେ ଓ ଗ୍ରୁପ୍‌ରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳ ସୁପର-୮'କୁ ଉନ୍ନୀତ ହେବେ । ସୁପର-୮'ରେ ଦଳଗୁଡିକୁ ଦୁଇଟି ଗ୍ରୁପରେ ଭାଗ କରାଯିବ । ଏଥିରେ ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ । ଆସନ୍ତାବର୍ଷ ଫେବୃଆରୀରେ ଏହି ବିଶ୍ୱକପ୍ ଖେଳାଯିବ । ଏଠାରେ ଦେଖିବାର କଥା ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଉଛନ୍ତି କି ନା । ଏହା ଯଦି ହୁଏ, ତେବେ ପାକିସ୍ତାନ ସହ ଖେଳିବାକୁ ଭାରତ ଶ୍ରୀଲଙ୍କା ଯିବ ।



ଥାଇଲାଣ୍ଡରେ ଆୟୋଜିତ ବିଶ୍ୱ ଜୁ-ଜିତ୍‌ସୁ ଚାମ୍ପିଅନ୍‌ସିପ୍‌ରେ ରୌପ୍ୟ ପଦକ ଜିତିଥିବା ଓଡ଼ିଶାର ଅନୁପମା ସ୍ୱାଇଁ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS